

ବାପାଙ୍କ ଜନ୍ମତିଥିରେ ଭାବପ୍ରବଣ ହେଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିବାହ କରିବେ ବିଶାଲ-ଧନଶିକା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୧ Vol. 22 No-51 22 MAY 2025 THURSDAY, BHUBANESWAR ଗୁରୁବାର, ୨୨ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



GROWTH DEEPLY ROOTED | FALCON AGRIFRIZ FOODS

# A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

## Rooted in Gujarat, Ready for the World.
















FALCON AGRIFRIZ FOODS (A PART OF FALCON GROUP)

**FALCON AGRIFRIZ FOODS PVT. LTD.**

Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India

Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India

Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India

E-mail: info@falconagrifriz.com | Website: www.just-crave.com




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇ ଠାରେ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ପାଳନ ଅବସରରେ ଏକ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଲ୍ଲୀର ବିଦ୍ୟାର୍ଥୀମାନେ ଏକତ୍ରିତ ହୋଇ ହାତରେ ତ୍ରିରଙ୍ଗା ଧରି ଭାରତ ମାତା କ ଜୟ, ସ୍ୱାଧୀନ ଭାରତ କି ଜୟର ନାରା ଦେଇଥିଲେ । ବିଶ୍ୱରୁ ଆତଙ୍କବାଦକୁ ମୂଳପୋଛ କରିବା ପାଇଁ ଗ୍ରାମବାସୀମାନେ ସଂକଳ୍ପ ନେଇଥିଲେ । ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା' ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ ଆତଙ୍କବାଦ ଦେଶର ଏକତା ଏବଂ ଶାନ୍ତି ପାଇଁ ବଡ଼ ବିପଦ । ଆତଙ୍କବାଦ କାର୍ଯ୍ୟକଳାପରୁ ଯୁବବର୍ଗ ଦୂରେଇ ରହିବା ଆବଶ୍ୟକ । ମାନବ ଜୀବନ ଓ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କ ବିରୋଧରେ ଏକଜୁଟ୍ ହୋଇ ସେମାନଙ୍କ ସହ ସଂଗ୍ରାମ କରିବା ପାଇଁ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ରାଜେଶ କୁମାର ମିଶ୍ର ଏବଂ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

### 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ସମ୍ପର୍କରେ ସମୀକ୍ଷା

# '୧୭ ଦେଶୀୟ ଭାଷାରେ ପିଲାଙ୍କୁ ଶିକ୍ଷାଦାନ ହେଉଛି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ସମ୍ପର୍କରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ରାଜ୍ୟର ୧୫ଟି ଜିଲ୍ଲାର ୧୦,୬୨୯ଟି ଅଙ୍ଗନବାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହି ସବୁ ଭାଷା ଗୁଡିକ ହେଲା ଦେଶୀଆ, ଭୂମିଜ, ବିଂଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଶାନ୍ ଏବଂ ଜୁଆଙ୍ଗ। ସୂଚନାଯୋଗ୍ୟ ଯେ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ ରେ ମଧ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଫାଉଣ୍ଡେସନ୍ ଷ୍ଟେଜ୍‌ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନ କଲେ ତାର ଆତ୍ମ ବିଶ୍ୱାସ ବଢିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତାର ଆଗ୍ରହ ବଢିବା ସହିତ ସହଜ ମଧ ହେବ। ପିଲାମାନଙ୍କୁ ତାଙ୍କ ନିଜ ପରିବେଶରେ ସେ ଦେଖୁଥିବା ବସ୍ତୁ, ପ୍ରାଣୀ, କିମ୍ବା ବ୍ୟବହୃତ ସାମଗ୍ରୀ ସମ୍ପର୍କିତ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚିତ୍ର ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ୨୦୧୪ରୁ ଏହା ଆରମ୍ଭ ହୋଇଛି, କିନ୍ତୁ ଏହାକୁ ଅଧିକ ଫଳପ୍ରଦ କରିବା ପାଇଁ ଅଧିକ ମାନବ ସମ୍ବଳ ସୃଷ୍ଟି ସହିତ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ କୁମାର ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗର ସମୀକ୍ଷା ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ଓ ଗଣଶିକ୍ଷା ତଥା ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱରର ୟୁନିଟ୍-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସର ଏସଆଇଡିଆର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ଓ ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା ଓ ଭାସ୍କର ରଇତ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ/କର୍ମଚାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ବିଭାଗର ବିଭିନ୍ନ ଯୋଜନା/କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ପେନସନ ମଞ୍ଜୁରିର ସ୍ଥିତି, ଚାଲୁରହିଥିବା କାର୍ଯ୍ୟ/ପ୍ରକଳ୍ପ, ଆଇନଗତ ପ୍ରସଙ୍ଗ ଇତ୍ୟାଦି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ ଏବଂ ସେଗୁଡିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ଶେଷରେ ବିଭାଗର ନିର୍ଦ୍ଦେଶିକା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ସମସ୍ତ ଜିଲ୍ଲା ସଦର ମହକୁମାରେ ରକ୍ତଦାନ ଶିବିର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ। ସେହିଭଳି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଆଲୋକ ଦାସଙ୍କ ସଭାପତିତ୍ୱରେ ପୁରୀଠାରେ ହୋଇଥିବା ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ଶିବିରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରମେଶ ଜେନା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ୟାସିର ନୱାଜ, ମନୋଜ ଜେନା, ସନ୍ତୋଷ ଜେନା, ପ୍ରକାଶ ମିଶ୍ର, ଅଜୟ ସାହୁ, ସୁଦିପ ସାମଲ, ବଳରାମ ନନ୍ଦ, ସତ୍ୟଜିତ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ମନୋଜ ରାଉତ, ମିହିର ଆଚାର୍ଯ୍ୟ, ଶିଳ୍ପିଶ୍ରୀ ହରିଚନ୍ଦନ, ସସ୍ମିତା ପଣ୍ଡା, ଲିପିକା ପାତ୍ର, କାର୍ତ୍ତିକେଶ୍ୱର କାଣ୍ଡି, ସ୍ପନ୍ଦନ ସ୍ୱାଇଁ, ସୁରଜ ରାଉତ, ସାଗର ପଟ୍ଟନାୟକ, ପବିତ୍ର ସେଠୀ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ଖ୍ରୀଷ୍ଟ କଲେଜର ଯୁକ୍ତ୨ ପରୀକ୍ଷାରେ ସଫଳତା



କଟକ(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟ କଲେଜର +୨ ବାଣିଜ୍ୟର ଛାତ୍ରଛାତ୍ରୀ ୯୩.୪୬ % ପ୍ରତିଶତ ସଫଳତା ଲାଭ କରିଛନ୍ତି । ୧୯୯ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୯, ଦ୍ୱିତୀୟ ଶ୍ରେଣୀରେ ୭୧ ଓ ତୃତୀୟ ଶ୍ରେଣୀରେ ୩୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜର ଛାତ୍ରୀ ରାଧା ସାହା ସର୍ବୋଚ୍ଚ ୫୨୧ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନର ଛାତ୍ରଛାତ୍ରୀ ୭୯.୨୭ % ପ୍ରତିଶତ ସଫଳତା ଲାଭ କରିଛନ୍ତି । ୧୯୩ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦, ଦ୍ୱିତୀୟ ଶ୍ରେଣୀରେ ୮୭ ଓ ତୃତୀୟ ଶ୍ରେଣୀରେ ୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜର ଛାତ୍ରୀ ସ୍ୱାତୀ ନିବେଦିତା ସାହୁ ସର୍ବୋଚ୍ଚ ୫୦୩ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କଳାର ଛାତ୍ରଛାତ୍ରୀ ୮୪.୧୭ % ପ୍ରତିଶତ ସଫଳତା ଲାଭ କରିଛନ୍ତି । ୨୭୮ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୬, ଦ୍ୱିତୀୟ ଶ୍ରେଣୀରେ ୪୪ ଓ ତୃତୀୟ ଶ୍ରେଣୀରେ ୧୦୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜର ଛାତ୍ରୀ ନିହାରୀକା ସାହୁ ୫୩୨ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କଲେଜ ପରିଚାଳନା ସମିତିର କର୍ମକର୍ତ୍ତା ଓ ଅଧକ୍ଷା ମଧୁମିତା ପାତ୍ର ଉତ୍ତୀର୍ଣ୍ଣ ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି ।

## ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ସମସ୍ତ +୨ ପରୀକ୍ଷାର ଫଳାଫଳ ଆଜି ପ୍ରକାଶିତ ହୋଇଅଛି। ସାରା ରାଜ୍ୟରେ ବିଜ୍ଞାନ ବିଷୟରେ ୮୭.୫% ଫଳାଫଳ ହୋଇଥିବା ବେଳେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ହୋଇ ବିଦ୍ୟାଳୟର ଅତିତର ଗୌରବ ବଜାୟ ରଖିଛି। ଉକ୍ତ ବିଦ୍ୟାଳୟର ମୋଟ ୨୪୬ ଛାତ୍ରଛାତ୍ରୀ +୨ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇ ୨୪୫ ଜଣ ସଫଳତାର ସହ ଉତ୍ତିର୍ଣ୍ଣ ହୋଇଛନ୍ତି। ୨୪୬ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୮ (୯୨%)ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ବେଳେ ୧୯ (୭.୭୨%) ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଛନ୍ତି। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ଜଣ ପିଲା ୯୦% ଉପରେ ରଖିଥିବା ବେଳେ ୪୮ଜଣ ଛାତ୍ରଛାତ୍ରୀ ୫୦୦ ଉପରେ ନମ୍ବର ରଖିଛନ୍ତି ଏବଂ ୬୪ ଜଣ ପିଲା ୮୦% ଉପରେ ମଧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଅନୁଷ୍ଠାନର ଛାତ୍ରୀ ସସ୍ମିତା ମାଝୀ ସର୍ବୋଚ୍ଚ ନମ୍ବର ୫୬୬ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ମାନ ବଜାୟ ରଖିବାରେ ସହାୟକ ହୋଇଛି। ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟତ୍ରୀମାନଙ୍କର ନିରବଚ୍ଛିନ୍ନ କଠିନ ପରିଶ୍ରମ, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟଙ୍କ ଉନ୍ନତମାନର ତତ୍ୱାବଧାନ ଏବଂ ସମସ୍ତ କର୍ମଚାରୀମାନଙ୍କର ପ୍ରଚେଷ୍ଟା ବଳରେ ଏବର୍ଷର ଶତପ୍ରତିଶତ ଫଳାଫଳ ଅନୁଷ୍ଠାନର ଗୌରବ ବଜାୟ ରଖିବାରେ ସଫଳ ହୋଇଛି। ଅନୁଷ୍ଠାନର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବା ସହିତ ଶୁଭେଚ୍ଛା ଜଣାଇ ଉତ୍ତିର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରିଛନ୍ତି।

## 'ଏନର୍ଜାଇଜ ଇଣ୍ଡିଆ' କ୍ୟାମ୍ପେନର ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡାବର୍‌ର ଏକ ଅଗ୍ରଣୀ ଇନଷ୍ଟାଂଟ ଏନର୍ଜି ଡ୍ରିଙ୍କ ଡାବର ଗ୍ଲୁକୋଜ ପକ୍ଷରୁ 'ଏନର୍ଜାଇଜ ଇଣ୍ଡିଆ' ମେଗା କ୍ୟାମ୍ପେନର ଶୁଭାରମ୍ଭ ଘୋଷଣା କରାଯାଇଛି। ଯୁବ କ୍ରୀଡା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭାରତର ପ୍ରମୁଖ ସ୍ପୋର୍ଟସ ଏକାଡେମିଗୁଡିକରେ ଯୁବ କ୍ରୀଡାବିତମାନଙ୍କୁ ଶକ୍ତି ଓ ସାମର୍ଥ୍ୟର ମହତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଏହି କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହି କ୍ୟାମ୍ପେନର ଅଂଶ ଭାବେ ଡାବର ଗ୍ଲୁକୋଜ ଭୁବନେଶ୍ୱରସ୍ଥିତ ଭାରତ ଭୂଷଣ କ୍ରିକେଟ ଏକାଡେମୀଠାରେ ଶକ୍ତି ଓ ସାମର୍ଥ୍ୟ ପରିଚାଳନା ପ୍ରସଙ୍ଗ ଉପରେ ଏକ ସ୍ୱତନ୍ତ୍ର ସଚେତନତା ଅଧିବେଶନର ଆୟୋଜନ କରିଥିଲା ଯେଉଁଥିରେ ଏହି କ୍ଷେତ୍ରର ପ୍ରତିଷ୍ଠିତ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଏହି ଅଧିବେଶନ କ୍ରୀଡାବିତମାନଙ୍କୁ ନିଜର ପ୍ରଦର୍ଶନ ଉନ୍ନତ କରିବା। ଏବଂ ନିଜର ପୂର୍ଣ୍ଣ କ୍ଷମତାକୁ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ମୂଲ୍ୟବାନ ତଥ୍ୟ ଓ ରଣନୀତି ପ୍ରଦାନ କରିଥିଲା। ଡାବର ପକ୍ଷରୁ ଏହି ଏକାଡେମୀର ଶୀର୍ଷ କ୍ରୀଡାବିତମାନଙ୍କୁ ସମ୍ମାନିତ ମଧ କରାଯାଇଥିଲା। ଏସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର କର୍ପୋରେଟ କମ୍ୟୁନିକେଶନ ବିଭାଗର ମ୍ୟାନେଜର ଦିନେଶ କୁମାର କହିଛନ୍ତି, ଆମେ ଯୁବ କ୍ରୀଡାବିତଙ୍କ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟର ମହତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ନିଜର କ୍ରୀଡା କ୍ଷେତ୍ରରେ ସଫଳ ହେବା ପାଇଁ ଆବଶ୍ୟକ ଶକ୍ତି ପ୍ରଦାନ କରିବା ପାଇଁ 'ଏନର୍ଜାଇଜ ଇଣ୍ଡିଆ' କ୍ୟାମ୍ପେନର ଲଞ୍ଚ କରି ଉତ୍ସାହିତ ଅଛୁ। ଏକ ବ୍ରାଣ୍ଡ ଭାବେ ଡାବର ଗ୍ଲୁକୋଜ କ୍ରୀଡାବିତ, କ୍ରୀଡା ଉତ୍ସାହୀ ଓ ଏକ ସକ୍ରିୟ ଜୀବନଶୈଳୀକୁ ଆପଣାଉଥିବା ଲୋକଙ୍କ ପାଇଁ ଏକ ଉପଯୁକ୍ତ ଉତ୍ପାଦ ଅଟେ। ଏହି ଉତ୍ପାଦକୁ ତତ୍କାଳ ଶକ୍ତି ବୃଦ୍ଧି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି ଯାହାକି ଶାରୀରିକ ଗତିବିଧିରେ ନିୟୋଜିତ ବ୍ୟକ୍ତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ।

### ସତ୍ୟସାଇ ମାଇନ୍ସ ଆଣ୍ଡ ମିନେରାଲ ମାଲିକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଠକେଇ ମାମଲରେ ସତ୍ୟସାଇ ମାଇନ୍ସ ଆଣ୍ଡ ମିନେରାଲ ମାଲିକ ଗିରଫ। ସତ୍ୟସାଇ ମାଲିକ ମାଇନ୍ସ ଆଣ୍ଡ ମିନେରାଲ ମାଲିକ ନିରଞ୍ଜନ ମଲ୍ଲିକ। ୨୦୧୨ ମସିହାରେ ରାୟପୁର ଶିଟା ଇସ୍ପାତରୁ ଦେଢକୋଟି ଟଙ୍କା ଋଣ ନେଇଥିଲେ । ପରବର୍ତ୍ତି ସମୟରେ ଏହା ତିନିକୋଟି ୫୦ ଲକ୍ଷ ସୁଦ୍ଧ ସହ ମିଶି ହୋଇଥିଲା। ଟଙ୍କା ନେବା ସମୟରେ ନିରଞ୍ଜନ ଦେଇଥିବା ଚାରୋଟି ଚେକ ବାଉନ୍ସ ହୋଇଥିଲା। ଏ ସମ୍ପର୍କରେ କୋର୍ଟରେ ଏତଲା ହୋଇଥିଲା । କୋର୍ଟର ୱାରେଣ୍ଟ ବଳରେ ନିରଞ୍ଜନକୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ ।

### ପୂର୍ବତନ ବିଧାୟକଙ୍କ କାର୍ ଦୁର୍ଘଟଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରମୁଣ୍ଡା ଓଭର ବ୍ରିଜ ଉପରେ ପୂର୍ବତନ ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକଙ୍କ କାର ଦୁର୍ଘଟଣା ଗ୍ରସ୍ତ । ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି ପୂର୍ବତନ ବିଧାୟକ। ଡ୍ରାଇଭରର ଆଖି ଲାଗିଯିବାରୁ ଓଭର ବ୍ରିଜ ଡିଭାଇଡରରେ ପିଟି ହେଲା କାର । ଦୁର୍ଘଟଣା ହେତୁ ଟ୍ରାଫିକ ଜାମ ଦେଖାଦେଇଥିଲା । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଟ୍ରାଫିକ କ୍ଲିୟର କରିଥିବା ସୂଚନା ମିଳିଛି।

## ୨୩ରୁ ୬୨ତମ ଏନ୍‌ସିଏମ୍‌ଏସି-୨୦୨୫ ସମ୍ମିଳନୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆସନ୍ତା ୨୩ତାରିଖରୁ ୨୫ତାରିଖ ପର୍ଯ୍ୟନ୍ତ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ପକ୍ଷରୁ ୬୨ତମ ନେସ୍‌ନାଲ୍ କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟସ ସମ୍ମିଳନୀ (ଏନ୍‌ସିଏମ୍‌ଏସି)-୨୦୨୫ ଆୟୋଜିତ ହେବ। ଏହି ସମ୍ମିଳନୀ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ ହେବ। ଏଥିରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ବହୁ ଶିଳ୍ପ ଉଦ୍ୟୋଗି ଏଥିବରେ ଅଂଶ ଗ୍ରହଣ କରିବେ। ତେବେ ଏହି ସମ୍ମିଳନୀରେ ଅତିଥିଭାବେ ଯୋଗ ଦେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ହର୍ଷ ମାଲୋହୋତ୍ରା, ସାଂସଦ ସୁଜିତ କୁମାର, ଡ. ରବିନାରାୟଣ ବେହେରା, ବିଭୁପ୍ରସାଦ ତରାଇ, ଇରେଡା ଲିମିଟେଡ୍‌ର ସିଏମ୍‌ଡି ସିଏମ୍‌ଏ ପ୍ରଦୀପ କୁମାର ଦାସ, ସିଏମ୍‌ଏ ଅମିତାମ ମୁଖାର୍ଜୀ ପ୍ରମୁଖ ସହମତି ପ୍ରକାଶ କରିଛନ୍ତି ବୋଲି ଆଇସିଏମ୍‌ଏଆଇର ସଭାପତି ସିଏମ୍‌ଏ ବିଭୁତି ଭୂଷଣ ନାୟକ ସୂଚନା ଦେଇଛନ୍ତି।

### ନିଧି କମ୍ପାନୀ ଠକେଇ ମାମଲାରେ ମା-ଝିଅ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୨୩ କୋଟି ଟଙ୍କା ନିଧି କମ୍ପାନୀ ଠକେଇ ମାମଲାରେ ଦୁଇ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ସମ୍ପର୍କରେ ମା-ଝିଅ ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି। ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ନିଧି କମ୍ପାନୀର ମୁଖ୍ୟ ତୁଷାର ଭଞ୍ଜ ଗତ ବର୍ଷ ଗିରଫ ହୋଇଥିଲେ। ତୁଷାରଙ୍କ ପତ୍ନୀ ଦୀପିକା ଭଞ୍ଜ ଓ ଝିଅ ତନ୍ଦ୍ରା ଭଞ୍ଜଙ୍କୁ କୋଲକାତାରୁ ଗିରଫ କରାଯାଇଛି। ନିଧି କମ୍ପାନୀ ଓଡ଼ିଶା ସମେତ ପାଂଚଟି ରାଜ୍ୟ ର ୩୪ ହଜାର ହିତାଧିକାରୀ ଥିଲେ। ଓଡ଼ିଶାରୁ ୧୦ ହଜାର ରରୁ ଅଧିକ ହିତାଧିକାରୀ ଅଛନ୍ତି। ୧୨୩ କୋଟି ଟଙ୍କା ପୁରା ଠକେଇ ହୋଇଥିବା ବେଳେ ଓଡ଼ିଶାରୁ ପ୍ରାୟ ୫୦ କୋଟି ଟଙ୍କା ଠକେଇ ହୋଇଛି।

## ଜୁଲାଇ ୧୫ରୁ ଆରମ୍ଭ ହେବ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୁଲାଇ ୧୫ ରୁ ଆରମ୍ଭ ହେବ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା । ଦଶହରା ପୂର୍ବରୁ ସରିବ କ୍ୟାମ୍ପସ ନିର୍ବାଚନ । ସେଥିପାଇଁ ଆଗୁଆ ଆବେଦନ ହୋଇଛି । ଗତକାଲି ସୁଦ୍ଧା ୯୮ ହଜାର ଛାତ୍ର ଛାତ୍ରୀ ଆବେଦନ କରିଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ସେ କହିଛନ୍ତି ଯେ, ୧୬ ଏପ୍ରିଲରୁ ଆରମ୍ଭ ହୋଇଥିଲା ଯୁକ୍ତ ୩ ଆବେଦନ । ବିଜ୍ଞପ୍ତି ରେ ସ୍ପଷ୍ଟ ହୋଇଥିଲା ଯେ ପର୍ଯ୍ୟନ୍ତ ଯୁକ୍ତ୨ ରେଜଲ୍ଟ ବାହାରି ନାହିଁ ସେ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ। ପ୍ରଥମ ଥର ପାଇଁ ରେଜଲ୍ଟ ବାହାରିବା ପୂର୍ବରୁ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି। କାରଣ ଗତବର୍ଷ ଡିସେମ୍ବର ହୋଇଯାଇଥିଲା ଆଡ଼ମିଶନ ପ୍ରକ୍ରିୟା ଶେଷ କରିବାକୁ। ଏଣୁ ଏଥର ଶୀଘ୍ର ନାମଲେଖା କରି ଜୁନରେ ସିଟ୍ ଆଲୋକେସନ ସହ ଜୁଲାଇ ୧୫ ରୁ ପାଠପଢ଼ା ବା କ୍ଲାସ୍ ଆରମ୍ଭ ହେବ। ତେଣୁ ଏଥର ଶୀଘ୍ର ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ଯେଉଁଥିରେ କୌଣସି ଅସ୍ୱାଭାବିକତା ନାହିଁ। କଲେଜ୍ ଇଲେକସନ୍ ପାଇଁ ଚିନ୍ତା କରୁଛି ଉଚ୍ଚଶିକ୍ଷା ବିଭାଗ। ଏଣୁ ସଠିକ୍ ସମୟରେ ସବୁ ଶେଷ କରିବାକୁ ହେଲେ ପ୍ରକ୍ରିୟାକୁ ତ୍ୱରିତ କରିବାକୁ ହେବ। ଯେଉଁମାନେ ଜାଣିନାହାନ୍ତି ପ୍ରକ୍ରିୟା ସେଇମାନେ ଅଯଥା ଆଲିଗେସନ କରୁଛନ୍ତି ବୋଲି ସେ କହିଛନ୍ତି ।

## ଚଳିତ ବର୍ଷ ହେବ କଲେଜ ନିର୍ବାଚନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଲେଜ ଇଲେକ୍ସନ୍ ନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବଡ଼ ବୟାନ । ସରକାର ଚିନ୍ତା କରୁଛନ୍ତି କଲେଜ ଇଲେକ୍ସନ୍ କରିବା ପାଇଁ । କଲେଜ ଇଲେକ୍ସନ୍ ପାଇଁ ଦୁର୍ଗାପୂଜା ପୂର୍ବ ପାଠ୍ୟକ୍ରମ ସାରିବାକୁ ପଡ଼ିବ । ଏନେଇ ମୁଖ୍ୟମନ୍ତ୍ରୀ ମଧ ପୂର୍ବରୁ କହିସାରିଛନ୍ତି । କଲେଜ ଇଲେକ୍ସନ୍ ପାଇଁ ଆମର ବି ଆଗ୍ରହ ଅଛି।

## ଓବିସି ବର୍ଗଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇଲା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଏସଇବିସି/ଓବିସି ବର୍ଗ ପାଇଁ ୨୭% ସଂରକ୍ଷଣ ଓ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫% ସଂରକ୍ଷଣ ଦାବିରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ବିଶାଳ ଜନଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର କର୍ମୀଙ୍କ ଉପସ୍ଥିତିରେ ଦଳର ବରିଷ୍ଠ ନେତାମାନେ ଏହି ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦଳର ଏହି ଦାବି ସମ୍ବନ୍ଧରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଧାୟକ ତଥା ବିଜେଡି ଓବିସି ସେଲ୍ର ଆବାହକ ଡ଼ ଅରୁଣ କୁମାର ସାହୁ, ଦଳର ଏସ୍‌ଟି ସେଲ୍ ଆବାହକ ମଙ୍ଗଳା କିସାନ ଓ ଦଳର ଏସସି ସେଲର ଆବାହକ ମହେଶ ସାହୁଙ୍କ ଆବାହକତ୍ୱରେ ଆଜିର ଏହି ଜନଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଳ ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକ ପତ୍ରରେ ନିକଟରେ ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଇଥିବା ୧୧.୨୫ ପ୍ରତିଶତ ସଂରକ୍ଷଣ ଏକ ପ୍ରବଂଚନା ବୋଲି କୁହାଯାଇଛି । ବିଶେଷକରି ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗ ପାଇଁ କୌଣସି ସଂରକ୍ଷଣ ପ୍ରଦାନ କରାଯାଇ ନଥିବାକୁ ଦଳ ତରଫରୁ ନାପସନ୍ଦ କରାଯାଇଛି । ଯେଉଁ ଉଚ୍ଚଶିକ୍ଷା କ୍ଷେତ୍ରରେ, ଅଧିକାଂଶ ଆସନ ଗୁଡିକ ଖାଲି ପଡୁଛି, ସେ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯିବା ଓବିସି ବର୍ଗ ପାଇଁ ଏକ ପ୍ରତାରଣା ଛଡା ଆଉ କିଛି ନୁହେଁ । ତେଣୁ ତୁରନ୍ତ ରାଜ୍ୟର ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡ଼ିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରାଯାଇଛି । ଓବିସି, ଏସ୍‌ସି ଓ ଏସ୍‌ଟି ବର୍ଗର ଏହି ଦାବି ପୂରଣ ହେବା ପର୍ଯ୍ୟନ୍ତ ବିଜେଡି ପଲ୍ଲୀ ଠାରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ ଜାରି ରଖିବ ।

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

# ମାତୃତ୍ୱ ଛୁଟି ଉପରେ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ, ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ଥିଲା । ଏବେ ସେହି ଦ୍ୱନ୍ଦ୍ୱ ଦୂର ହୋଇଛି। ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ ସମୟରେ ୧୮୦ ଦିନର ଛୁଟି କେଉଁ ପରିସ୍ଥିତିରେ କିପରି ନେବେ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହା ଦ୍ୱାରା ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ କ୍ଷେତ୍ରରେ ଛୁଟି ପାଇବାରେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇଛି। ଏହା ସହିତ ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ସେବାରେ ଯୋଗ ଦେବା ପରେ ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ ଦ୍ୱନ୍ଦ୍ୱ ଥିଲା । ସେ ସମସ୍ୟା ମଧ ଦୂର ହୋଇପାରିଛି। ଏହା ସହିତ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। ନୂତନ ନିଷ୍ପତ୍ତି ଅନୁଯାୟୀ ସମ୍ଭାବ୍ୟ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅ ମାସ ମଧ୍ୟରେ, ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ । କିନ୍ତୁ, ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥିଲେ, ସେ ସରକାରୀ ସେବାରେ ଯୋଗ ଦେବା ପରେ, ତାଙ୍କର ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ । ତେଣୁ ଏହି କ୍ଷେତ୍ରରେ ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ । ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦବୀରେ ଯୋଗଦାନ ରିପୋର୍ଟ ( ହାର୍ଡ କିମ୍ବା ସଫ୍ଟ କପି) ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗ ଦେଲେ ବୋଲି ଧରାଯିବ। ସେ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ । ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅମୃତ ଷ୍ଟେସନର ଉଦ୍‌ଘାଟନ କରିବେ ମୋଦୀ | ୬

'ହେରା ଫେରୀ ୩'ରୁ ବିଦାୟ ନେଲେ ବାବୁ ରାଓ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୧ | Vol. 22 No-51 | 22 MAY 2025 THURSDAY, BHUBANESWAR | ଗୁରୁବାର, ୨୨ ମଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆଉଜଣେ ପାକିସ୍ତାନୀଙ୍କୁ ଭାରତଛାଡ଼ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୧।୫: ନୂଆଦିଲ୍ଲୀସ୍ଥିତ ପାକିସ୍ତାନୀ ହାଇକମିଶନରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଫିସିଆଲ କ୍ୱାର୍ଟର ବାହାରକୁ ଯାଇ ସେ କାର୍ଯ୍ୟ କରିଥିବାରୁ ତାଙ୍କୁ ଅବାଞ୍ଛିତ ଘୋଷଣା କରାଯାଇଛି। ଏ ନେଇ ପୂର୍ବରୁ ପାକ୍ ହାଇକମିଶନରଙ୍କ ମୁଖ୍ୟଙ୍କୁ ଚେତାବନୀ ଦିଆଯାଇଥିଲା।

### ଇଣ୍ଡିଗୋ ବିମାନର ଜରୁରି ଅବତରଣ

ଶ୍ରୀନଗର, ୨୧।୫: ନୂଆଦିଲ୍ଲୀରୁ ୨୨୭ ଯାତ୍ରୀଙ୍କୁ ନେଇ ଶ୍ରୀନଗର ଅଭିମୁଖେ ଯାଉଥିବା ଇଣ୍ଡିଗୋର ଏକ ବିମାନ ଶ୍ରୀନଗର ବିମାନବନ୍ଦରରେ ଜରୁରି ଅବତରଣ କରିଛି। ମଝି ଆକାଶରେ ପ୍ରବଳ କୁଆପଥର ମାଡ଼ ହେବାରୁ ବିମାନଟି କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ପାଇଲଟ ଜରୁରି ଅବତରଣ କରିବାକୁ ବାଧ୍ୟ ହୋଇଥିଲେ। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ଦିଆଯାଇଛି।


### ଆକାଶସୀମା କଟକଣା ଅବଧି ବୃଦ୍ଧି କଲା ପାକିସ୍ତାନ

ଇସଲାମାବାଦ, ୨୧।୫: ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ବିବାଦ ତୀବ୍ର ହୋଇଛି। ତେବେ ଅସ୍ତ୍ରବିରତି ଘୋଷଣା ଭିତରେ ପାକିସ୍ତାନ ସରକାର ଆକାଶସୀମା କଟକଣା ଅବଧି ବୃଦ୍ଧି କରିଛନ୍ତି। ଭାରତ ପାଇଁ ଆକାଶସୀମା କଟକଣା ଜାରି ରହିବ ବୋଲି ପାକିସ୍ତାନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁରୂପ ଭାବେ ଭାରତ ମଧ୍ୟ ପାକିସ୍ତାନର କୌଣସି ବିମାନ ଭାରତ ଆକାଶମାର୍ଗ ଦେଇ ଯାଇପାରିବ ନାହିଁ ବୋଲି ପୂର୍ବରୁ ଘୋଷଣା କରାଯାଇଛି।

ସେନ୍‌ସେକ୍ସ: ୮୧,୫୯୬.୬୩
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୧।୫।୨୦୨୫ ର ମତାମତ**

ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣାକୁ ରୋକିବା ସମ୍ଭବ କି?




**ଆଜିର ପ୍ରସଙ୍ଗ**

୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦ ବିଲୋପ ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଜ୍ୟୋତି ମାଲହୋତ୍ରା ଗୁମର ଖୋଲୁଛି
ଘାଣ୍ଟୁଛି ତଦନ୍ତ ସଂସ୍ଥା
ଗୁପ୍ତ ତଥ୍ୟ ଦେଇ ଶତ୍ରୁରାଷ୍ଟ୍ରେ ସେହି
ଭୋଗୁଛି କେତେ ହୀନସ୍ତା
ଦେଶ ପରେ ରଖ ଆସ୍ଥା
ମୋ ମାଆ ମାଟି ମୋ ପାଇଁ ସୁନ୍ଦର
ପାଲଟନି କେବେ ଶସ୍ତା...।

## ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶିତ

# ଛାତ୍ରୀଙ୍କ ବାଜିମାତ୍





**ମୋଟ ପାସ୍ ହାର ୮୨.୭୭%**

**ପରୀକ୍ଷା ଦେଇଥିଲେ ୩,୮୨,୭୨୯ ଛାତ୍ରଛାତ୍ରୀ**

**ମୋଟ ୩,୧୬,୭୮୭ ଛାତ୍ରଛାତ୍ରୀ କୃତକାର୍ଯ୍ୟ**

**୧,୪୨,୫୧୨ ଛାତ୍ର, ୧,୭୪,୨୫୧ ଛାତ୍ରୀ ଉତ୍ତୀର୍ଣ୍ଣ**

**କଳାରେ ୮୦.୫୧%, ବିଜ୍ଞାନରେ ୮୭.୪୯%, ବାଣିଜ୍ୟରେ ୮୩.୨% ଓ ଧନ୍ଦାମୂଳକ ଶିକ୍ଷାରେ ୬୦% କୃତକାର୍ଯ୍ୟ**

ଭୁବନେଶ୍ୱର, ୨୧।୫(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଯୁକ୍ତଦୁଇ ପରୀକ୍ଷାଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇଛି। ଏକ ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଫଳାଫଳ ପ୍ରକାଶ ପାଇଛି। ମୋଟ ୩ଲକ୍ଷ ୮୨ହଜାର ୭୨୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩,୧୬,୭୮୭ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତେବେ ଛାତ୍ରମାନଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜିମାତ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ରହିଥିବାବେଳେ ଛାତ୍ରୀଙ୍କ ପାସ୍ ହାର ରହିଛି ୮୭.୨୪ ପ୍ରତିଶତ। ମୋଟ ୧,୪୨,୫୧୨ଜଣ ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୧,୭୪,୨୫୧ଜଣ ଛାତ୍ରୀ ପାସ୍ କରିଛନ୍ତି। କଳାରେ ୮୦.୫୧% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିଜ୍ଞାନରେ ୮୭.୪୯% ଓ ବାଣିଜ୍ୟରେ ୮୩.୨% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ୬୦ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ସୂଚନା ଦିଆଯାଇଛି। ବୁଧବାର ଅପରାହ୍ନ ୪ଟାରେ ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ଶାଳିନୀ ପଣ୍ଡିତ, ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଓ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ାଙ୍କ ଉପସ୍ଥିତିରେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା ପରୀକ୍ଷାଫଳ ଘୋଷଣାର ଏକଘଣ୍ଟା ପରେ ସାମ୍ସ ଇସ୍ପେସ୍‌ରୁ ସେମାନଙ୍କ କଲେଜର ଟାବ୍ୟୁଲେସନ ରେଜିଷ୍ଟର ପାଇପାରିବେ। ଏହି ପରୀକ୍ଷାରେ ୧,୦୯,୦୫୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୭୬,୮୧୫ ଏବଂ ତୃତୀୟ ଶ୍ରେଣୀରେ ୧,୪୩,୩୩୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରୀକ୍ଷା ଗତ ଫେବୃଆରୀ ୧୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ରେ ଶେଷ ହୋଇଥିଲା। ସେହିପରି ପରୀକ୍ଷା ଖାତାଦେଖା ଚଳିତମାସ ୧ ତାରିଖରେ ଶେଷ ହୋଇଥିଲା। ତେବେ ପରୀକ୍ଷାଫଳ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଗଣଶିକ୍ଷାମନ୍ତ୍ରୀ ପୂର୍ବରୁ ସୂଚନା ଦେଇଥିଲେ। କଳାରେ ବରଗଡ଼ ଜିଲ୍ଲା ୮୭.୬୦ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣହାର ଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩ ପ୍ରତିଶତ ରହିଛନ୍ତି। ବିଜ୍ଞାନରେ ନୟାଗଡ଼ ଜିଲ୍ଲା ୯୭.୫୮ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ରଖିଥିବାବେଳେ ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୭୧.୮୫ ପ୍ରତିଶତ ରହିଛି। ସେହିପରି ବାଣିଜ୍ୟରେ ନୟାଗଡ଼ ଜିଲ୍ଲାରେ ଉତ୍ତୀର୍ଣ୍ଣ ସଂଖ୍ୟା ସର୍ବାଧିକ ରହିଥିବା ସୂଚନା ମିଳିଛି।

**କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଯୁକ୍ତଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ପରୀକ୍ଷାଫଳ ନିର୍ବିଶେଷରେ ସମସ୍ତେ ସକାରାତ୍ମକ ଓ ଦୃଢ଼ ମନୋବଳ ସହ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ଆପେକ୍ଷିତ ଫଳ ପାଇନଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଉଛି ଯେ ଏହା ଜୀବନର ଶେଷ ପରୀକ୍ଷା ନୁହେଁ। ଆଗାମୀ ଦିନରେ ଆମକୁ ଆହୁରି ଅନେକ ପରୀକ୍ଷା ଦେବାକୁ ପଡ଼ିବ। ଜୀବନର ପରୀକ୍ଷାରେ ସଫଳତା ହିଁ ପ୍ରକୃତ ସଫଳତା। ଆତ୍ମବିଶ୍ୱାସର ସହ ଉଦ୍ୟମ କରନ୍ତୁ। ପିତାମାତା ଓ ଦେଶର ଯଶ ରଖନ୍ତୁ। ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

## ସୁରକ୍ଷାକର୍ମୀଙ୍କ ବଡ଼ଧରଣର ଏନ୍‌କାଉଣ୍ଟର

# ୨୭ ମାଓବାଦୀ ନିହତ



- **ଦେଢକୋଟି ଇନାମ ଥିବା ବାସଭରାଜ ନିହତ**
- **ସୁରକ୍ଷାକର୍ମୀଙ୍କୁ ପ୍ରଶଂସା କଲେ ଶାହ**
- **୨୦୨୬ ସୁଦ୍ଧା ନିପାତ ହେବେ ନକ୍ସଲ: ମୋଦୀ**

ମାଲକାନଗିରି/ରାୟପୁର/ନୂଆଦିଲ୍ଲୀ, ୨୧।୫(ବ୍ୟୁରୋ): ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ନକ୍ସଲବାଦ ଲୋପ ନେଇ ବହୁ ପୂର୍ବରୁ ଘୋଷଣା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହି କ୍ରମରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ତେବେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳି ବିନିମୟ ଘଟିଛି। ଏଥିରେ ୨୭ଜଣ ମାଓବାଦୀ ମୃତ୍ୟୁବରଣ କରିଥିବାବେଳେ ଜଣେ ଯବାନ ସହିଦ ହୋଇଛନ୍ତି। ଏନେଇ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଆଡ୍ଡା ଜମାଇଥିବା ଗୁଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାକର୍ମୀ ବୁଧବାର ସକାଳେ ଚଢ଼ାଉ କରିଥିଲେ। ପୁରା ମାଓ କ୍ୟାମ୍ପକୁ ଆମ୍ବୁସ ଲଗାଇ ପ୍ରଥମେ ଘେରି ଯାଇଥିଲେ। ଏହାପରେ ଗୁଳିମାଡ଼ ଚାଲିଥିଲା। ଏଥିରେ • ପୃଷ୍ଠା ୫ ଦେଖନ୍ତୁ

## ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଭତ୍ତା ବୃଦ୍ଧି

### ଜୁନରୁ ମାସିକ ପାଇବେ ୩୫୦୦ ଟଙ୍କା



ଭୁବନେଶ୍ୱର, ୨୧।୫(ଭାସ୍କର ନ୍ୟୁଜ): ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଭତ୍ତା ବଢ଼ାଇଲେ ରାଜ୍ୟ ସରକାର। ଏହାଦ୍ୱାରା ରାଜ୍ୟର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତ ବା ତା'ଠାରୁ ଅଧିକ ଦିବ୍ୟାଙ୍ଗ ଏଣିକି ମାସକୁ ୩୫୦୦ ଟଙ୍କା ଭତ୍ତା ପାଇବେ। ହିତାଧିକାରୀଙ୍କୁ ଜୁନ୍ ମାସରୁ ମିଳିବ ଏହି ଭତ୍ତା। ଏନେଇ ସମସ୍ତ ଡିଏସଏସଓଏସଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟଯେ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଭତ୍ତା ବଢ଼ାଇଛନ୍ତି ରାଜ୍ୟ ସରକାର। ରାଜ୍ୟର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତ ବା ତା'ଠାରୁ ଅଧିକ • ପୃଷ୍ଠା ୫ ଦେଖନ୍ତୁ

## ତ୍ରିସ୍ତରୀୟ ପଞ୍ଚାୟତ ଉପନିର୍ବାଚନ

# ସକାଳେ ଘୋଷଣା, ସନ୍ଧ୍ୟାରେ ସ୍ଥଗିତ

**ମୌସୁମୀ ସଅଳ ଆସୁଥିବାରୁ ସ୍ଥଗିତ**

**ସୂଚନା ଦେଲେ ରାଜ୍ୟ ନିର୍ବାଚନ କମିଶନ**

**ମୌସୁମୀ ପରେ ପୁନଃ ତାରିଖ ଘୋଷଣା**

ଭୁବନେଶ୍ୱର, ୨୧।୫(ଭାସ୍କର ନ୍ୟୁଜ): ବୁଧବାର ସକାଳେ ତ୍ରିସ୍ତରୀୟ ପଞ୍ଚାୟତ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରାଗଲା। କିନ୍ତୁ ସନ୍ଧ୍ୟାରେ ରାଜ୍ୟ ନିର୍ବାଚନ କମିଶନ ଏହି ନିର୍ବାଚନ ସ୍ଥଗିତ ରହିବା ନେଇ ଘୋଷଣା କଲେ। ସଅଳ ମୌସୁମୀ ଆସୁଥିବାରୁ ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ ରଖାଗଲା ବୋଲି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ସନ୍ତୋଷ କୁମାର ଦାସ। ଏହି ଉପନିର୍ବାଚନ ଆସନ୍ତା ଜୁନ୍ ୨୩ ତାରିଖରେ ହେବା ନେଇ ଘୋଷଣା କରାଯାଇଥିଲା। ରାଜ୍ୟର ୨୦ଟି ଜିଲ୍ଲାର ଖାଲି ପଡ଼ିଥିବା ୧୧୩୧ଟି ପଦ ପାଇଁ ଏହି ନିର୍ବାଚନ ହୋଇଥାନ୍ତା। ଏଥିମଧ୍ୟରେ ୧୦୪୩ଟି ୱାର୍ଡ ସଭ୍ୟ ପଦବୀ ରହିଥିବାବେଳେ ୪୩ଟି ସରପଞ୍ଚ, ୪୦ଟି ସମିତି ସଭ୍ୟ ଓ ୫ଟି ଜିଲ୍ଲା ପରିଷଦ ଆସନ ପାଇଁ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥାନ୍ତା। ତେବେ ମୌସୁମୀ ପରେ ପରବର୍ତ୍ତୀ ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି କମିଶନଙ୍କ ସଚିବ କହିଛନ୍ତି। ତେବେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଯଦି ଜୁନ୍ ୨୩ରେ ଏହି ନିର୍ବାଚନ ହୋଇଥାନ୍ତା, ତେବେ ଏଥିପାଇଁ ମଇ ୨୬, ୨୮, ୨୯, ୩୦ ଓ ୩୧ ତାରିଖ ନାମାଙ୍କନ ଦାଖଲ ପାଇଁ ଧାର୍ଯ୍ୟ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯାଇଥାନ୍ତା। ଜୁନ୍ ୨ରେ ନାମାଙ୍କନ ଯାଞ୍ଚ ଓ ୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇଥାନ୍ତା। ଜୁନ୍ ୨୪ ତାରିଖରେ ବ୍ଲକ ଅଫିସରେ ଭୋଟ ଗଣତି କରାଯାଇଥାନ୍ତା। କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ଆଗ୍ରହୀ ପ୍ରାର୍ଥୀ ଓ ଅଧିକାରୀମାନଙ୍କ ପକ୍ଷରୁ ମୌସୁମୀ ସମୟରେ ଏହି ନିର୍ବାଚନ ନ କରିବା ପାଇଁ କମିଶନଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଫଳରେ ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା କୁହାଯାଉଛି।

## ଜେରାବେଳେ ସତ ଉଗାଳିଲେ ଜ୍ୟୋତି

# ଆଇଏସ୍‌ଆଇ ଅଧିକାରୀଙ୍କୁ ବିବାହ ଯୋଜନା କରିଥିଲେ



ହିସାର/ନୂଆଦିଲ୍ଲୀ, ୨୧।୫: ଜ୍ୟୋତି ମାଲହୋତ୍ରା...। ଏହି ସୁନ୍ଦର ନାମ ଓ ସୁନ୍ଦରୀଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା। ଜ୍ୟୋତିଙ୍କ କାରନାମା କାହାଣୀ କେଉଁଠୁ ଆରମ୍ଭ ଓ କେଉଁଠି ଶେଷ ତା'ର ଖିଅ ଖୋଜି ଥକିଗଲେଣି ତଦନ୍ତକାରୀ ଏଜେନ୍ସି। ପ୍ରେମରେ ପଡ଼ି ଦେଶସହ ପ୍ରତାରଣା କରିଥିଲେ ନା ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ନିଜକୁ ପାକିସ୍ତାନ ପାଖରେ ଜଳାଞ୍ଜଳି ଦେଇଥିଲେ ତାକୁ ନେଇ ଏବେ ଚାଲିଛି ଖୋଳତାଡ଼। ଜ୍ୟୋତିଙ୍କୁ ପଚରାଉଚୁରା ସମୟରେ ଗୋଟିଏ ପରେ ଗୋଟିଏ ସାଂଘାତିକ ତଥ୍ୟ ସାମ୍ନାକୁ ଆସୁଛି। ଜେରାବେଳେ ଜ୍ୟୋତି ଯାହା ସ୍ୱୀକାର କରୁଛନ୍ତି ତାହା ସମସ୍ତଙ୍କୁ ମଧ୍ୟ ତାଜୁବ କରି ଦେଉଛି। ପହଲଗାମ ଆକ୍ରମଣ ପୂର୍ବରୁ ଜ୍ୟୋତିଙ୍କର ପାକିସ୍ତାନୀ ଅଧିକାରୀଙ୍କ ସହ ସଂପର୍କ ଥିବା ସେ ସ୍ପଷ୍ଟ କରିଛନ୍ତି। ଜ୍ୟୋତି କହିଛନ୍ତି, ସେ ପ୍ରଥମେ ୨୦୨୩ ମସିହାରେ ପାକିସ୍ତାନ ଯାତ୍ରା କରିବା ପାଇଁ ଭିସା ନିମନ୍ତେ ହାଇକମିଶନକୁ ଯାଇଥିବା ସମୟରେ ଦାନିସ ଓରଫ ଏହସର ଦାର୍‌ଙ୍କ ସହ ଯୋଗାଯୋଗରେ ଆସିଥିଲେ। ସେବେଠାରୁ • ପୃଷ୍ଠା ୫ ଦେଖନ୍ତୁ


## ସ୍ମୃତିରେ




ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)

imfa

**ଅଭୁଲା ସ୍ମୃତି ସହ**
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିଟିଶା, ଅନିରୁଦ୍ଧ, କାମେରନ୍
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

Tel: +91 674 2611000 | Email: memoriam@imfa.in

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



## ବୁଡିଗଲା ଗୋଡ଼ ତଳକୁ ତଳକୁ

# ବିପନ୍ନ ସ୍ଥିତିରେ ପାକ୍ ଅର୍ଥନୀତି

ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ପାକ୍-ଭାରତ ସୀମାରେ ଉତ୍ତେଜନା ଚରମ ସୀମାରେ ପହଞ୍ଚି ଥିଲା ଏବଂ ଦୁଇଦେଶ ମଧ୍ୟରେ ତିନିଦିନ ଧରି ଜୋରସୋର ଅଘୋଷିତ ଯୁଦ୍ଧ ଚାଲିଥିଲା। ଆମ ଦେଶର ବୀର ଯବାନମାନେ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଏବଂ ପାକିସ୍ତାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଆତଙ୍କବାଦୀଙ୍କ ମୂଳ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାରେ ସକ୍ଷମ ହୋଇଥିଲେ। ଶେଷରେ ପରାଜୟର ସ୍ୱାଦ ଚାଖିବା ପରେ ପାକିସ୍ତାନ ନିଜ ଆଡୁ ଅସ୍ତ୍ରବିରତି ଲାଗି ଆକୁଳ ଅନୁରୋଧ କରିଥିଲା ଓ ଭାରତ ତାକୁ ଗ୍ରହଣ କରିବାରୁ ଏବେ ଯୁଦ୍ଧ ବନ୍ଦ ରହିଛି। ଏହାରି ଭିତରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ ପ୍ରଚଣ୍ଡ ଆର୍ଥିକ ପ୍ରହାର କରାଯିବା ସଙ୍ଗେ ସଙ୍ଗେ ସବୁପ୍ରକାର ବାଣିଜ୍ୟ କାରବାରକୁ ବନ୍ଦ କରାଯାଇଛି। ଏହି ଶତ୍ରୁ ଦେଶରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସବୁପ୍ରକାର ଆମଦାନି ଓ ରପ୍ତାନି ଉପରେ ରୋକ୍ ଲଗାଯାଇଛି। ଭାରତର ଏତାଦୃଶ କଟକଣା ଯୋଗୁଁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନର ରାଜକୋଷ ଏବେ ଶୂନ୍ୟ ହେବାକୁ ବସିଥିବା ବେଳେ ଦେଶ ଋଣ ଭାରରେ ବୁଡ଼ି ଯାଇଛି। ଅର୍ଥନୀତି ବିଶାରଦଙ୍କ ଆକଳନ ଅନୁଯାୟୀ ଭାରତ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ଫଳରେ ଋଣରେ ବୁଡ଼ିଥିବା ପାକ୍ ଅର୍ଥନୀତି ଅଳ୍ପଦିନ ମଧ୍ୟରେ ରସାତଳଗାମୀ ହୋଇଯିବ। ଦେଶରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହେବା ସହିତ ଋଣଭାର ଆହୁରି ଅଧିକ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ପାକିସ୍ତାନ ଉପରେ ମୋଟ୍ ୨୧.୬ଲକ୍ଷ କୋଟି ଟଙ୍କାର ଋଣଭାର ରହିଛି। ଅର୍ଥାତ୍ ଗୋଟିଏ ଶିଶୁ ଜନ୍ମ ହେବା ବେଳେ ତା' ମୁଣ୍ଡ ଉପରେ ୮୬.୫ ହଜାର ଟଙ୍କାର ଋଣବୋଝ ରହୁଛି। ଦେଶର ସ୍ଥିତି ଏଭଳି ହେଲାଣି ଯେ ଜଣେ ନାଗରିକ ତେଲ କିଣିବା ବେଳେ ବା ଗ୍ୟାସ୍ ବିଲ୍ ପଇଠ କରିବା ପାଇଁ ମଧ୍ୟ ଋଣ କରିବାକୁ ପଡୁଛି। ଏବେ ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ କିଛି ଅର୍ଥ ଋଣ କରିଛି। ଗତ ୨୦୨୪ ମସିହା ଜୁନ୍ ସୁଦ୍ଧା ପାକିସ୍ତାନ ଉପରେ ୨୫.୬ ବିଲିୟନ୍ ଡଲାର୍ ବା ୨୧.୬ ଲକ୍ଷ କୋଟି ଟଙ୍କାର ଋଣବୋଝ ରହିଥିଲା, ଯାହା ଦେଶର ଜି.ଡି.ପି ର ୬୭ ପ୍ରତିଶତ। ବିଶ୍ୱର ଅନେକ ଦେଶ, ବିଶ୍ୱବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଏହିସବୁ ଋଣ ଅଣାଯାଇଥିଲା। ଏବେ ପାକିସ୍ତାନ ପାଖରେ ମାତ୍ର ୧.୩ ଲକ୍ଷ କୋଟିର ବିଦେଶୀ ମୁଦ୍ରା ଭଣ୍ଡାର ରହିଛି। ଗତବର୍ଷ ଡିସେମ୍ବର ସୁଦ୍ଧା ଚୀନ୍ ଭାରତର ଶତ୍ରୁ ପାକିସ୍ତାନକୁ ୨୮.୭ ବିଲିୟନ୍ ଡଲାର୍ ଅର୍ଥାତ୍ ୨.୪୨ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦେଇଥିବାର ଜଣାପଡିଛି। ଏଭଳି ଶୋଚନୀୟ ଆର୍ଥିକ ସ୍ଥିତି ସତ୍ତ୍ୱେ ଏହି ପଡ଼ୋଶୀ ଦେଶ ଭାରତକୁ ପ୍ରତିଦିନ ନାଲିଆଖି ଦେଖାଇ ଧମକ ଦେବାକୁ ପଛାଉନାହିଁ। ଏପରିକି ଭାରତ ବିରୋଧରେ ଆଣବିକ ଅସ୍ତ୍ର ପ୍ରୟୋଗ କରାଯିବ ବୋଲି ଅନେକ ପାକ୍ ମନ୍ତ୍ରୀ ଓ ରାଜନେତା ଖୋଲାଖୋଲି ପ୍ରକାଶ କରିଥିଲେ। ବିଶେଷ କରି ସିନ୍ଧୁନଦୀ ଜଳ ବନ୍ଦ କରିବାକୁ ଭାରତର ଘୋଷଣା ପରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଭାରତକୁ ବୋମା ମାଡ଼ରେ ଉଡ଼ାଇ ଦିଆଯିବ ବୋଲି ମନ୍ତବ୍ୟ ଦେଇଥିବା ବେଳେ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲ୍‌ୱାଲ୍ ଭୁଟ୍ଟୋ ରକ୍ତନଦୀ ବହିବ ବୋଲି ଧମକ ଦେଇଥିଲେ। ମାତ୍ର ଆର୍ଥିକ ଦିଗରୁ କାଙ୍ଗାଳ ହୋଇଥିବା ଗୋଟିଏ ଦେଶର ଏଭଳି ଆସ୍ଫାଳନ ଯେ ସମ୍ପୂର୍ଣ୍ଣ ମୂଲ୍ୟହୀନ, ତାହା ନିକଟରେ ଶେଷ ହୋଇଥିବା ଅପରେସନ ସିନ୍ଦୁର' ଅଭିଯାନରୁ ପ୍ରମାଣିତ ହୋଇସାରିଛି। ଓଡ଼ିଆରେ ଏକ ରୁଢ଼ି ଅଛି "ବୁଡିଗଲା ଗୋଡ଼ ତଳକୁ ତଳକୁ", ଯାହା ପାକିସ୍ତାନ କ୍ଷେତ୍ରରେ ଏବେ ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ବୋଲି ମନେ ହେଉଛି।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ସହ-ଅସ୍ତିତ୍ୱର ବିବିଧତା ହିଁ ଭାରତର ବିଶେଷତା



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଅପାର ବୈଭବ, ଅବିଶ୍ୱସନୀୟ ଉପଲବ୍ଧି, ଯାହା ବିଶ୍ୱର ଅନ୍ୟ କେଉଁଠି ନାହିଁ ତାହା ଭାରତରେ ରହିଛି। ଯେଉଁ କାମ କେହି କରିପାରିବେ ନାହିଁ ସେହି କାମ ଭାରତୀୟ କରିପାରିବେ। ଏକଥା ମିଛ ନୁହେଁ, ଭାରତର ସମ୍ପର୍କରେ ଆସିଥିବା ବିଦେଶୀ ଦାର୍ଶନିକମାନେ ଏକଥା କହିଛନ୍ତି। ଭାରତର ଭୌଗୋଳିକ ସଂରଚନା ଏମିତି ଯେ ବିଶ୍ୱରେ ଯେଉଁଠି ବି ଯାହାକିଛି ହେଉଛି ତାହା ଭାରତରେ ମଧ୍ୟ ହୋଇପାରିବ। କାରଣ ଆଣ୍ଟାର୍କଟିକା ଠାରୁ ନେଇ ଭୂମଧ୍ୟ ରେଖା ପର୍ଯ୍ୟନ୍ତର ଜଳବାୟୁ ଏବଂ ଭୂ-ଭୌତିକୀ ଯାହା ଅନ୍ୟତ୍ର ରହିଛି ତାହା ଭାରତରେ ଅନେକ ସ୍ଥାନରେ ଦେଖିବାକୁ ମିଳେ। ବିଶାଳ, ସମୁଦ୍ରତଟ, ବିସ୍ତୃତ ଜଙ୍ଗଲ, ହିମାଚ୍ଛାଦିତ ପର୍ବତ-ଶୃଙ୍ଖଳା, ମରୁସ୍ଥଳ, ପଠା, ନଦୀ, ଜଳାଶୟ, ଯଦି ସବୁ କିଛି କେଉଁ ଦେଶରେ ରହିଛି ସେହି ଦେଶ ହେଉଛି ଭାରତ ଏବଂ ଏହାର କାରଣ ହେଉଛି ବିଶ୍ୱର ଅଧିକାଂଶ ଜୀବ ପ୍ରଜାତି ଭାରତରେ ଉପଲବ୍ଧ। ଏପରିକି ଯେଉଁ ପ୍ରଜାତି ନାହାଁନ୍ତି ସେମାନଙ୍କ ନିର୍ବାହ ଭାରତରେ ମଧ୍ୟ ସମ୍ଭବ। ପ୍ରକୃତି ଭାରତ ପ୍ରତି ଅତ୍ୟଧିକ ଦୟା ପ୍ରଦର୍ଶନ କରିଛି ଯାହାକୁ ଦେଖି ବିଶ୍ୱର ଅନେକ ଦେଶ ଈର୍ଷାନ୍ୱିତ। ସୁନା, ରୂପା, ତମ୍ବା, ଲୁହା, ଜିଙ୍କ, ହୀରା, ନୀଳା, ମୋତି ଯେଉଁସବୁକୁ ପ୍ରାଚୀନ କାଳରେ ମୂଲ୍ୟବାନ ବୋଲି କୁହାଯାଉଥିଲା ସେ ସବୁ ମଧ୍ୟ ଭାରତରେ ରହିଛି। ଅନେକ ବିଦେଶୀ ଦାର୍ଶନିକ ଐତିହାସିକ ଭାରତକୁ ନେଇ ହୃଦୟଗ୍ରାହୀ ଚିତ୍ରଣ କରିଛନ୍ତି। କିନ୍ତୁ ଆମ ଦେଶର ନେତୃତ୍ୱ ଏକଥା ବୁଝିପାରୁନାହାଁନ୍ତି। କେମିତି ବିଶ୍ୱର ସବୁ ମାନବ ପ୍ରଜାତିର ନମୁନା ଭାରତରେ ଏକତ୍ରିତ ହୋଇଛି ଏ କଥାକୁ ଯେତେ ବୁଝିବାକୁ ଉଦ୍ୟମ କଲେ ବି ବୁଝିହେଉ ନାହିଁ। ଭାରତୀୟ ସମାଜକୁ ବୁଝିବା ମଧ୍ୟ ସହଜ ନୁହେଁ। ଅସଂଖ୍ୟ ମାନବ ସମୁଦାୟର ଜିନ୍ ମଧ୍ୟ ପରିସ୍ଥିତି ଅନୁସାରେ ଏଠାକୁ ଆସିଛି ଓ ଏଠାରେ କାୟା ବିସ୍ତାର କରିଛି। କିଛି ମଧ୍ୟ ଅନ୍ୟ ଆଡକୁ ଚାଲିଯାଇଛନ୍ତି। ଏତେ ସମୁଦାୟ ରହିଥିବା କାରଣରୁ ପ୍ରାକ୍ କାଳରୁ ଭାରତ ମଧ୍ୟ ଅଧିକ ଜନସଂଖ୍ୟା ବିଶିଷ୍ଟ କ୍ଷେତ୍ର ଭାବେ ପରିଚିତ। ଯେଉଁମାନେ ଏଠାକୁ ଆସିଛନ୍ତି ସେମାନେ ନିଜର କୌଶଳ ଏବଂ ଜୀବିକା ସାଧନକୁ ସାଥିରେ ଆଣିଛନ୍ତି। ପରସ୍ପର ଭିନ୍ନତା ସତ୍ତ୍ୱେ କୌଶଳର ଆଦାନ ପ୍ରଦାନ ହେଉଥିଲା ଏବଂ ପରସ୍ପର ମଧ୍ୟରେ ଭାଷା, ସଂସ୍କୃତି ଏବଂ ଖାଦ୍ୟ ପାନୀୟକୁ ନେଇ ବିବାଦ ନଥିଲା। କିନ୍ତୁ ନିଜର ପରିଚୟକୁ ଜାହିର କରିବାର ଚିନ୍ତା ଥିଲେ ମଧ୍ୟ କେହି କାହାର ବ୍ୟକ୍ତିଗତ ମାମଲାରେ ହସ୍ତକ୍ଷେପ କରୁନଥିଲେ।

ଆର୍ଥୀକ ଏବଂ ସାମାଜିକ ଗତିବିଧି କାରଣରୁ ବୃହତର ସାମାଜିକ ସଂରଚନାର ନିର୍ମାଣ କ୍ରମରେ ବଡ଼ ଭୂଭାଗରେ ପାରସ୍ପରିକ ବିଲୟ ପରେ ମଧ୍ୟ ସମସ୍ତଙ୍କୁ ନିଜ ନିଜର ରୀତିନୀତି ପାଇଁ ସ୍ୱାଧୀନତା ମିଳିଥିଲା। ଏହି କାରଣରୁ ପୁରୁଣା ପରିଚୟ ହଜି ଯାଉଥିଲେ ବି ସମସ୍ତେ ମିଳିମିଶି ରହୁଥିଲେ ଓ ପରସ୍ପର ବିରୋଧୀ ମୂଲ୍ୟ ଏବଂ ମାନ୍ୟତାକୁ ମଧ୍ୟ ସ୍ୱୀକାର କରିନେଇଥିଲେ। ବିବାହ ଠାରୁ ଆରମ୍ଭ କରି ଅନ୍ତ୍ୟେଷ୍ଟିର ଅନେକ ରୂପ ଶାସ୍ତ୍ରୀୟ ଏବଂ ସାମାଜିକ ସ୍ୱୀକୃତି କାରଣରୁ ପ୍ରଚଳିତ ରହିଛି। ଏକଥା ଭିନ୍ନ ଯେ ସମୁଦାୟମାନେ ସେମାନଙ୍କ ସଂସ୍କୃତି ଓ ସାମାଜିକ ଚଳଣିକୁ ଅନ୍ୟମାନଙ୍କ ଠାରୁ ଅଧିକ ଭଲ ବୋଲି କହିଥାନ୍ତି। ବିବାହର ଆଠ ରୀତି ବାବଦରେ ଶାସ୍ତ୍ରୀୟ ବିଧାନ ରହିଛି ପରନ୍ତୁ ଅନ୍ତ୍ୟେଷ୍ଟି ବାବଦରେ ସାହିତ୍ୟ ଏବଂ ଲୋକ ଚଳଣି ହିଁ ଆମର ମାର୍ଗଦର୍ଶକ ଅଟେ। ଜଳପ୍ରବାହ, ଅଗ୍ନିଦାହ, ଅର୍ଘଦାହ, ସମାଧି ଭଳି ପ୍ରଥା ରହିଛି। କେତେକ ପ୍ରଥା ବର୍ତ୍ତମାନ ବି ଚାଲିଛି। ଅନେକ ପ୍ରଥା ସମ୍ପର୍କରେ ଲିଖିତ ତଥ୍ୟ ନାହିଁ କିନ୍ତୁ ସେସବୁ ଚାଲିଛି। ଏସବୁ ପରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିକାଶ ଏହି ମହାସଙ୍ଗମ କାରଣରୁ ସମ୍ଭବ ହୋଇ ପାରିଥିଲା ତାହା ହେଉଛି ଜୀବିକାର କୃତ୍ରିମ ଉପାୟ। ପ୍ରଥମେ କୃଷି ତା ପରେ ବିଭିନ୍ନ ବାଗବଗିଚା ଏବଂ ପଶୁପାଳନ ଜୀବିକାର୍ଜନର ପ୍ରମୁଖ ବ୍ୟବସ୍ଥା ଥିଲା। ପରବର୍ତ୍ତୀ ସମୟରେ ଏଥିରେ ଢ଼େର ବିକାଶ ଘଟିଛି।

ହିଂସ୍ର, ବିଷାକ୍ତ ଏବଂ ବିଶାଳ ଜୀବ ଯେଉଁମାନଙ୍କୁ ପ୍ରଶିକ୍ଷଣ ଦେବା କଷ୍ଟକର ଏବଂ ପାଳନ ଅନୁପଯୋଗୀ ସେମାନଙ୍କୁ ଛାଡି ଅନ୍ୟ ସମସ୍ତ ଜୀବଙ୍କୁ ପାଳନ କରାଗଲା। କେତେକ ଜୀବଙ୍କୁ ମନୋରଞ୍ଜନର ସାଧନ ଭାବେ ବ୍ୟବହାର କରାଗଲା। ଏଥିରେ ଭାରତୀୟ ବିଚିତ୍ରତାର ଏକ ନୂଆ ପକ୍ଷ ଯୋଡିହୋଇ ଯାଇଥିଲା। ଯାହା ଅବିଶ୍ୱସନୀୟ ଥିଲା। ଏହା ଭାରତର ପରିଚୟ ସହ ମଧ୍ୟ ଯୋଡି ହୋଇଯାଇଥିଲା, ଭାରତରେ କେଳା (ସାପ ଖେଳାଉଥିବା ଲୋକେ) ଏବଂ ମାଙ୍କଡକୁ ନଚାଇ ଜୀବିକାର୍ଜନ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଦୁନିଆର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଉଛି ବିଶ୍ୱ ସମୁଦାୟ ଭାରତକୁ ଭୂଭାଗର ସ୍ୱର୍ଗ- ହିନ୍ଦୁସ୍ଥାନ ଭାବିବାକୁ ଲାଗିଛି। ଯେଉଁମାନେ ଅନ୍ୟ ଭୂଭାଗରୁ ଏଠାକୁ ଆସିଥିଲେ ଓ ବସବାସ କଲେ ସେମାନେ ଏଠାକାର ସମୁଦାୟଙ୍କ ସହ ମିଶି ଏହାକୁ ସ୍ୱର୍ଗଠାରୁ ଶ୍ରେଷ୍ଠ ସ୍ୱର୍ଗାଦପି ଗରୀୟସୀ ମାନୁଥିଲେ ଓ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରି ରହିଲେ। ବିବିଧତା ମଧ୍ୟରେ ଏକତା ଥିଲା ଭାରତର ସୌନ୍ଦର୍ଯ୍ୟ ଯାହା ଏବେବି ରହିଛି।

ହଜାର ବର୍ଷ ପୂର୍ବର ଦୁନିଆ କଥା ଯଦି କହିବା ତେବେ ଭାରତ ବାହାର ଜଗତ ପାଇଁ ଏକ ଆଶ୍ଚର୍ଯ୍ୟଲୋକ ବା ଭୂଭାଗ ଥିଲା। ପ୍ରକୃତି ଏହି ଭାରତ ଭୂଭାଗକୁ ଅନେକ କିଛି ଦେଇଛି ଯାହା ଅନ୍ୟ ଭୂଭାଗରେ ନାହିଁ। ଅନେକ ପ୍ରଜାତିର ଜୀବଜନ୍ତୁ, ସରୀସୃପ, କସ୍ତୁରୀମୃଗଠାରୁ ନୀଳଗାଇ ଏବଂ ହରିଣର ବିଭିନ୍ନ ପ୍ରଜାତି ଭାରତରେ ଅଛନ୍ତି। ଜଙ୍ଗଲରେ ଅନେକ ପ୍ରକାର ଫଳ, ମୂଳ ରହିଛି। ଅନେକ ପ୍ରକାରର ବନସ୍ପତି ମଧ୍ୟ ରହିଛି। ଏହା ହେଉଛି ବିବିଧତା ଯାହା ବିଶ୍ୱର ଅନ୍ୟ କୌଣସି ଠାରେ ଦେଖିବାକୁ ମିଳେନାହିଁ। ଏଠି ସହ ଅସ୍ତିତ୍ୱର ବିବିଧତା ରହିଛି ଯାହା ଏକ ପ୍ରମୁଖ ବିଶେଷତା।

# ଶ୍ରୀଜଗନ୍ନାଥଙ୍କ ଭୋଗ ସାମଗ୍ରୀ



**ଡାକ୍ତର ସମ୍ରାଟ କର**
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ଆମ ମାନଙ୍କର ନିତିଦିନିଆ ଜୀବନ ନିର୍ବାହ ହୋଇଥାଏ ଖାଦ୍ୟ ବା ଅନ୍ନକୁ ନେଇ। ବିନା ଖାଦ୍ୟରେ ଜଣଙ୍କ ଜୀବନ ଅତିବାହିତ ହେବା ଅତ୍ୟନ୍ତ ମୁସ୍କିଲ ହୋଇପଡ଼ିଥାଏ। ଖାଦ୍ୟକୁ ଖାଦ୍ୟ ପ୍ରାଣ କୁହାଯାଏ। ଠିକ୍ ସେହିପରି ମହାପ୍ରଭୁଙ୍କ ନିତିଦିନିଆ ଦିନ ଚର୍ଯ୍ୟାରେ ଖାଦ୍ୟ ବା ଭୋଗର ବିଶେଷ ଗୁରୁତ୍ୱ ରହିଛି ଏବଂ ସବୁଠାରୁ ବଡ଼ କଥା ହେଲା ମହାପ୍ରଭୁଙ୍କ ପ୍ରତ୍ୟୁଷ ଅର୍ଥାତ୍ ଶଯ୍ୟା ତ୍ୟାଗ ସମୟରୁ ରାତିରେ ବିଶ୍ରାମ ଯିବା ପର୍ଯ୍ୟନ୍ତ ସେ ଷାଠିଏ ପଉଟି ବ୍ୟଞ୍ଜନ ବା ପ୍ରସାଦ ଗ୍ରହଣ କରିଥାନ୍ତି।

ବିଷ୍ଣୁ ଉପାସକ ମାଳବାଧିପତି ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଶ୍ରୀମନ୍ଦିର ନିର୍ମାଣ କରି ସେଥିରେ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା କଲେ, ସେତେବେଳେ ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ବର ମାଗିବା ନିମନ୍ତେ କହିଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ନିଜର ବା ନିଜ ପରିବାରର ଯଶ, ଖ୍ୟାତି, ଧନସମ୍ପତ୍ତି ବା ପ୍ରତିପତ୍ତି ପାଇଁ ମହାପ୍ରଭୁଙ୍କୁ ବର ନମାଗି ବିନମ୍ରତାର ସହ କହିଥିଲେ - 'ସବୁ ହୋଇ ତିନିଘଡ଼ି ଶୟନ କରିବ। ଭୁଞ୍ଜୁ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ। ଦିନକ ଯାକର ଭୋଗ ଭୁଞ୍ଜୁଥିବ ରହି। ଏହି ବର ମୋତେ ଦେବ ତ୍ରିଲୋକ୍ୟ ଗୋସାଇଁ।'

ହେ ମହାପ୍ରଭୁ ତ୍ରୈଲୋକ୍ୟ ଗୋସାଇଁ! ତୁମେ ଦିନ ଭିତରେ ମାତ୍ର ତିନି ଘଡ଼ି ଶୟନ କରିବ। ତୁମେ ଖାଉ ଖାଉ ହାତ ଆଦୌ ଶୁଖିବ ନାହିଁ। ଅର୍ଥାତ୍ ତୁମର ସଦାସର୍ବଦା ଗୋଟିକ ପରେ ଗୋଟିଏ ଭୋଗ ଲାଗି ରହିଥିବ। ଏହି ବର ମୋତେ ଦେବ। ଯାହାର ସ୍ମାରକୀ ରୂପେ ଏବେ ମଧ୍ୟ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଗୋପାଳବଲ୍ଲଭ ଭୋଗ, ତିନିଧୂପ, ଭଅଣ୍ଡ, ବଡ଼ସିଂହାର ଭୋଗ ପ୍ରଭୃତି ଲାଗି ରହୁଛି। ପରିମାଣ ଦୃଷ୍ଟିରୁ ମହାପ୍ରଭୁଙ୍କ ଭୋଗକୁ ଷାଠିଏ ପଉଟି ଭୋଗ ବା କେତେକ ଛପନ ପ୍ରକାର ଭୋଗ ବୋଲି କହିଥାନ୍ତି। ସେହି ଅନୁସାରେ ମହାପ୍ରଭୁଙ୍କୁ ଷାଠିଏ ପଉଟି ବା ଛପନ ପଉଟି ଭୋଗଖିଆ ଭାବରେ କେତେକ ସମ୍ବୋଧନ ମଧ୍ୟ କରିଥିବାର ଜଣାଯାଏ।

ଶ୍ରୀମନ୍ଦିରର ପ୍ରଚଳିତ ଭୋଗସାମଗ୍ରୀ ମଧ୍ୟରୁ ଅରୁଆ, କୁଡୁଭା, ଗୁଡ଼, ଘି ବା ଘିଉ, ଚାଉଳ, ନୁଣ ବା ଲୋଣ, ବିରି ବା ବ୍ରୀହୀ ପ୍ରଭୃତି ଶବ୍ଦର ବ୍ୟବହାର ବିଭିନ୍ନ ଅଭିଲେଖରେ ପରିଦୃଷ୍ଟ ହୋଇଥାଏ। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମସ୍ଥ ଶ୍ରୀକୂର୍ମେଶ୍ୱର ମନ୍ଦିରର ତିରୁଚୁତ୍ତୁ ମଣ୍ଡପର ଗୋଟିଏ ସ୍ତମ୍ଭରେ ଖୋଦିତ ଶିଳାଲେଖରେ ୧୪ଶ ଧାଡ଼ିରେ ଘି (ଘିଅ) ଓ ସଂହାଚଳସ୍ଥ ଲକ୍ଷ୍ମୀନୃସିଂହମନ୍ଦିରର ଗୋଟିଏ ସ୍ତମ୍ଭରେ ଗଜପତି ପୁରୁଷୋତ୍ତମ ଦେବଙ୍କ ୨ୟ ଅଙ୍କ ମାନ ମାସ ଶୁକ୍ଳ ୧୫ଦିନ ରବିବାରରେ ଖୋଦିତ ହୋଇଥିବା ଶିଳାଲେଖରେ ୪ର୍ଥ ଧାଡ଼ିରେ 'ଗୁଡ଼', ଘିଉ ଓ ୪ର୍ଥ ଓ ୫ମ ଧାଡ଼ିରେ 'ଚାଉଳ' ଏବଂ ସମସ୍ତ ୩ ଶ୍ରାହୀ ମିଥୁନ ଶୁକ୍ଳ ୧୩ ଶୁକ୍ରବାରରେ ଘିଅ ଶବ୍ଦ ଦେଖିବାକୁ ମିଳିଥାଏ। ପ୍ରଥମ ଘିଉ ଶବ୍ଦି ଭୋଗ ନିମିତ୍ତ ପ୍ରୟୋଗ ହେବା ବେଳେ ଦ୍ୱିତୀୟଟି ପ୍ରଦୀପ ପ୍ରଜ୍ୱଳନ ପାଇଁ ବ୍ୟବହୃତ ହୋଇଛି। ପୁରୀ ଶ୍ରୀମନ୍ଦିରରେ 'ଘି' ଶବ୍ଦଟି ଘିଅ ଅର୍ଥରେ ପ୍ରଯୁକ୍ତ। ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ଭୋଗ ଦ୍ରବ୍ୟ ମଧ୍ୟରେ ଥିବା ଏକ ପ୍ରକାର ପିଠା 'ଘି ନାଡ଼ି'ରେ ମଧ୍ୟ ଘିଅ ଅର୍ଥରେ 'ଘି' ଶବ୍ଦ ବ୍ୟବହାର ହୋଇଥିବା ପରିଲକ୍ଷିତ ହୋଇଥାଏ। ଏହା ବ୍ୟତୀତ ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ଜୟବିଜୟ ଦ୍ୱାରର ବାମପାର୍ଶ୍ୱରେ ଗଜପତି କପିଳେନ୍ଦ୍ର ଦେବଙ୍କ ୪ର୍ଥ ଅଙ୍କ ଶ୍ରାହୀ ଧନୁମାସ ଅମାବାସ୍ୟା ଶନିବାରରେ ଖୋଦିତ ହୋଇଥିବା ଶିଳାଖେରେ 'ଲୋଣ', ପୁରୁଷୋତ୍ତମ ଦେବଙ୍କ ୨ୟ ଅଙ୍କରେ ଖୋଦିତ ହୋଇଥିବା ଶିଳାଲେଖର ୪ର୍ଥ ଧାଡ଼ିରେ 'ନୂଣ (ଲୁଣ)' ଶବ୍ଦ ଦେଖିବାକୁ ମିଳିଥାଏ। କପିଳେନ୍ଦ୍ର ଦେବଙ୍କ ଶିଳାଲେଖରେ ଲୁଣ ଉପରୁ କର ଛାଡ଼ ହେବାବେଳେ ପୁରୁଷୋତ୍ତମ ଦେବଙ୍କ ଶିଳାଲେଖରେ ଏହାକୁ ଭୋଗସାମଗ୍ରୀ ମଧ୍ୟରେ ଗ୍ରହଣ କରାଯାଇଛି। ସେହିପରି ଗଜପତି କପିଳେଶ୍ୱରଦେବଙ୍କ ୨୫ ଅଙ୍କରେ ସିଂହାଚଳର ଲକ୍ଷ୍ମୀନୃସିଂହ ମନ୍ଦିର ଉତ୍କୀର୍ଣ୍ଣ ହୋଇଥିବା ଶିଳାଲେଖର ୭ମ ଧାଡ଼ିରେ ପଣା ଶବ୍ଦଟି ପୁରୁଷୋତ୍ତମ ଦେବଙ୍କ ୯ମ ଅଙ୍କରେ ସିଂହାଚଳର ଲକ୍ଷ୍ମୀନୃସିଂହ ମନ୍ଦିରରେ ଖୋଦିତ ଶିଳାଲେଖର ୭ମ ଓ ୧୩ଶ ଧାନିରେ, ଗୋବିନ୍ଦ ଦେବଙ୍କ ୫ମ ଅଙ୍କରେ ଖୋଦିତ ଶିଳାଲେଖର ୮ମ ଧାଡ଼ିରେ ଦହି ଶବ୍ଦଟି ଓ ସେହି ୮ମ ଧାଡ଼ିରେ ନିତ୍ୟାନି ଶବ୍ଦଟି ପରିଦୃଷ୍ଟ ହୋଇଥାଏ। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ପ୍ରଚଳିତ ଭୋଗ ଭିତରୁ ଅନେକ ବର୍ତ୍ତମାନ ନିତିଦିନିଆ ମଣୋହୀରେ ଆଉ ପୂର୍ବପରି ସାମିଲ ହୋଇନାହିଁ। ତେବେ ମହାପ୍ରଭୁଙ୍କ ଭୋଗ ଟିକିଏ ପାଇବା ପାଇଁ ଭକ୍ତଜନ ଅତ୍ୟନ୍ତ ବ୍ୟାକୁଳିତ ହୋଇଥାନ୍ତି। ଏହାକୁ ନିର୍ମାଲ୍ୟ ବା ମହାପ୍ରଭୁଙ୍କ କୃପା ଆଶୀର୍ବାଦ ଭାବେ ସମସ୍ତେ ଗ୍ରହଣ କରିଥାନ୍ତି।

# ପୂଜ୍ୟପୂଜାରେ ବ୍ୟତିକ୍ରମ



**ହିମାଂଶୁ ଶେଖର ଆଚାର୍ଯ୍ୟ**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ସମ୍ପ୍ରତି ମହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏଥିପାଇଁ ସରକାରଙ୍କ ଠୁ ଆରମ୍ଭକରି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ବଦାନ୍ୟତାର ହାତ ବଢାଇଛନ୍ତି। ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର। ମାତ୍ର ଏବେ କେତେକସ୍ଥଳରେ ପତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏହି ବଦନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖିବା ଶୋଭନୀୟ ନୁହେଁ। ସ୍କନ୍ଦ ପୁରାଣରେ କୁହାଯାଇଛି - ଅପୂଜ୍ୟା ଯତ୍ର ପୂଜ୍ୟନ୍ତେ, ପୂଜନୀୟ ନ ପୂଜ୍ୟତେ, ତ୍ରୀଣିତତ୍ର ଭବିଷ୍ୟନ୍ତି, ଦୁର୍ଭିକ୍ଷଂ, ମରଣଂ, ଭୟମ୍। ସେହିପରି ଗଙ୍ଗାଧର ମେହେର କହିଛନ୍ତି - "ଘେନ ପୂଜ୍ୟପୂଜା ବ୍ୟତିକ୍ରମ ଫଳ ଯା'ଠାରେ ରଖିଛୁ ଲୟ ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେ ହେଁ ଆପଣାର ପରିଚୟ।"

ଉଲ୍ଲେଖଯୋଗ୍ୟ ଯେ, ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭା ଥିଲେ ତା'ର ଉନ୍ମେଷ ଘଟିବ। ମାତ୍ର ପ୍ରତିଭାର ବିକାଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା। ସେଇଥି ପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ। କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ -ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି। ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ। ଯେମିତି ହେଉ ପଛେ, ମାନପତ୍ରଟିଏ ମିଳୁ। ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସକ, କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର, ସାମ୍ବାଦିକ, ଶିକ୍ଷକ, କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି। ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟି ହେବା ବି ଭଲ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବା ପାଇଁ ସଂଗଠନଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ। ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି। ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି। ଆଜିକାଲି ସମାଜରେ ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ଶସ୍ତା ହୋଇଯାଇଥିବାରୁ ଅନେକ ଅଯୋଗ୍ୟ ସଂସ୍ଥା ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପରି ମୂଲ୍ୟବାନ ପଦାର୍ଥର ମୂଲ୍ୟ ନଷ୍ଟ କରୁଛନ୍ତି।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର। ତା'ହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ। ତା' ନହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ। ଇଏ ତ ଗଲା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ। ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି। ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି। ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ। ସେହିପରି ସଂଗଠନ ଗୁଡିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର। ଅନୁଷ୍ଠାନ ଗୁଡିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି। ଗାଁ କନିଆଁ ସିଙ୍ଘାଣୀ ନାକି - ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲି ପରି। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବା ପାଇଁ ଯିବା ପୂର୍ବରୁ ତା'ର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର। ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ।

ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ। ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର। ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ।ଏବେ ପୁଣି ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି।ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେଇ ଏକା ବ୍ୟବସ୍ଥା। ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ। ବିଚରା ଶିକ୍ଷକଟିଏ ବୋଲି ସିନା! ସେ ପୁଣି ମଣିଷ ତିଆରି କରେ, ଦେଶର ଭବିଷ୍ୟତମାନଙ୍କୁ ଗଢେ। ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ?

ସବୁଠୁ ବଳି ପଡିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା। ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି। ଫଳକ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୁଏନି, ତାହା ଠାରୁ ଅଧିକ ଖର୍ଚ୍ଚ ହୁଏ ଏଥିପାଇଁ ଆୟୋଜିତ ହେଉଥିବା ସଭା ପାଇଁ। ଯୁଆଡେ ଗଲେ ସିଆଡେ ନାମ ଫଳକ। ସେଥିରେ ପୁଣି କାହା ନାମ ରହିବ ନ ରହିବ ସେଥିପାଇଁ ରାଜନୀତି ଛକାପଞ୍ଝା। ଦିନ ଥିଲା ନାମ ଫଳକଟି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଫଳକଟି କାହା ଦ୍ୱାରା ଉଦ୍‌ଘାଟିତ ହୋଇଛି ଲୋକେ ତାକୁ ଆଗ୍ରହର ସହ ପଢୁଥିଲେ ଓ ଦେଖୁଥିଲେ। କିନ୍ତୁ ଅତି ପରିଚୟେ ଗୌରବ ନଷ୍ଟ ଅବସ୍ଥା ଆଜି ପରିଲକ୍ଷିତ ହେଉଛି ନାମ ଫଳକ କ୍ଷେତ୍ରରେ। ଯାହା ହୋଇଗଲା - ହୋଇଗଲା। ଅନ୍ତତଃ ଏଣିକି ଟିକେ ଆମ ଭିତରେ ସଚେତନତା ଆସୁ, ତାହା ନହେଲେ ଦିନ ଆସିବ ଚାରିଆଡ଼େ ଖାଲି ଉଦ୍‌ଘାଟନ ଫଳକ ଥିବ। ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବଞ୍ଚିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଖାଲି ସେତିକି ନୁହେଁ ଗାନ୍ଧି, ଉତ୍କଳମଣି, ଉତ୍କଳ ଗୌରବ ଉପାଧିରେ ଭୂଷିତ ଦେବା ପାଇଁ ଉପାଧିଧାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଏପରି ଘଟଣା ପରିଲକ୍ଷିତ ହେଉଛି। ଏହା ଭିତରେ ଅନେକ ଗାନ୍ଧି, ଉତ୍କଳମଣି ଓ ଉତ୍କଳ ଗୌରବ ସୃଷ୍ଟି କରି ସାରିଲୁଣି। ଏପରି କରିବା ଦ୍ୱାରା ଆମେ ସେହି ମହାପୁରୁଷମାନଙ୍କର ଅବମାନନା କରୁନାହେଁ ତ ?

ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା। ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର। କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ। ଯାହାକି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ। ଏଇଠି ମନେପଡ଼େ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା। ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟି କର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି-'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନରୁହନ୍ତୁ'। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ।

# ଦାରୁଦିଅଁଙ୍କ ବନକଲାଗି



**ପ୍ରେମାନନ୍ଦ ପାଣିଗ୍ରାହୀ**
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ବର୍ଷକ ବାର ମାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ଶାସ୍ତ୍ର ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ସେଥିରେ ଦ୍ୱାଦଶ ଯାତ୍ରା ଅନ୍ୟତମ। ଚନ୍ଦନ ଯାତ୍ରା, ସ୍ନାନ ଯାତ୍ରା, ରଥଯାତ୍ରା, ହରିଶୟନ, ଦକ୍ଷିଣାୟନ, ପାର୍ଶ୍ୱ ପରିବର୍ତ୍ତନ, ହରି ଉତ୍ଥାପନ, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ ପୂର୍ଣ୍ଣିମା, ମକର ସଂକ୍ରାନ୍ତି, ଦୋଳ ଉତ୍ସବ, ଦମନକଲାଗି ନୀତି ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ଅନ୍ତର୍ଭୁକ୍ତ। ଦ୍ୱାଦଶ ଯାତ୍ରା ମଧ୍ୟରୁ ପ୍ରଧାନ ଯାତ୍ରା ରଥଯାତ୍ରା। କଳାବଦନକୁ ଦେଖିବା ପାଇଁ ଭକ୍ତ ଆସନ୍ତି। କାଳିଆ ସାଆନ୍ତଙ୍କ ଶ୍ରୀମୁଖ ଶୋଭାର ମୋହ କାହିଁ କେତେ ଦୂରରୁ ଅସଂଖ୍ୟ ଭକ୍ତଙ୍କୁ ବଡଦାଣ୍ଡକୁ ଟାଣି ଆଣେ। ଠାକୁରଙ୍କୁ ଦର୍ଶନ କଲେ ଭକ୍ତଙ୍କ ମନ କୁଣ୍ଢେମୋଟ ହୋଇଯାଏ।

ଶ୍ରୀଜଗନ୍ନାଥଙ୍କ ନୀତିକ୍ରାନ୍ତିରେ ଏକ ବିଶେଷତ୍ୱ ଏବଂ ସ୍ୱକୀୟତା ରହିଛି। ଏହି କାରଣରୁ ଜଗନ୍ନାଥ ସଂସ୍କୃତି ବିଶ୍ୱରେ ଅନନ୍ୟ। ଜଗନ୍ନାଥ ସୁନ୍ଦରତାର ପ୍ରତୀକ। ସବୁବେଳେ,ସବୁ ରୂପରେ,ସବୁ ବେଶରେ ଝଟକୁଥାନ୍ତି ଶ୍ରୀଜିଉ। ପାଟବସ୍ତ୍ରରୁ ତୁଳସୀ,ଦୟଣା ସଭିଏଁ ଧନ୍ୟ ହୋଇଯାନ୍ତି ତାଙ୍କ ଅଙ୍ଗସଜ୍ଜାରେ ଲାଗି ହୋଇଥିବାରୁ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଇଥାଏ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ବୁଧବାର ବନକଲାଗି ଓ ରବିବାର ଅଧର ପୋଛା ନୀତି ଅନୁଷ୍ଠିତ ହୁଏ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ନୀତି ସମୟରେ ଅନ୍ୟ ସେବାୟତଙ୍କ ପ୍ରବେଶ ବନ୍ଦ ରହିଥାଏ। ମହାପ୍ରଭୁଙ୍କ ଶ୍ରୀମୁଖ ମଣ୍ଡନ ସମୟରେ ଅନ୍ୟ କେହି ସେଠାକୁ ଯିବେ ନାହିଁ କି ଦେଖି ପାରିବେ ନାହିଁ। ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୁଏ। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡଗଲାଗି ଏବଂ ପହୁଡ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଏ। ତିନିରୁ ଚାରି ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିଥାଏ। ବନକଲାଗି ପରେ ଝଲସି ଉଠେ କାଳିଆ ସାଆନ୍ତଙ୍କ ଶ୍ରୀମୁଖ।

ବନକ ଲାଗି ପାଇଁ ଆବଶ୍ୟକୀୟ ଉପକରଣ ମନ୍ଦିର ପ୍ରଶାସନ ପକ୍ଷରୁ ଦତ୍ତ ମହାପାତ୍ର ସେବକଙ୍କୁ ଦିଆଯାଇଥାଏ। ବନକଲାଗି ଦତ୍ତ ମହାପାତ୍ରଙ୍କ ଗୋଷ୍ଠୀଗତ ସେବା। ଏହି ନୀତିରେ ପାଳିଆ ପୂଜାପଣ୍ଡା, ପାଳିଆ ଖୁଣ୍ଟିଆ, ଗରାବଡୁ, ପାଳିଆ ପୁଷ୍ପାଳକ, ଚାଙ୍ଗଡ ମେକାପ, ମୁଦୁଲି ଆଦି ସେବକଙ୍କ ଭୂମିକା ରହିଥାଏ। ଶ୍ରୀବାମଦେବ ସଂହିତା ପୁସ୍ତକରେ ଉଲ୍ଲେଖ ରହିଛି ଯେ ବୁଧବାସରେ ଶୁକ୍ଳ, କୃଷ୍ଣ ଓ ପୀତ ବର୍ଣ୍ଣରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ, ଚକ୍ରରାଜ ଶ୍ରୀ ସୁଦର୍ଶନଙ୍କ ଶ୍ରୀମୁଖ ସିଂହାର ଅନୁଷ୍ଠିତ ହେବ। ଯଦି ସମୟ ଅଭାବରୁ ଏହି କାର୍ଯ୍ୟ ବୁଧବାର ଦିନ ହୋଇନପାରେ ଗୁରୁବାସରେ କରିବାକୁ କୁହାଯାଇଛି। ୨୦୧୮ ମସିହାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ସ୍ଥିର କରାଯାଇଥିଲା ଯେ ଗୁରୁବାର ଶ୍ରୀଜୀଉଙ୍କ ନକ୍ଷତ୍ର ବନ୍ଦାପନା,ଏକାନ୍ତ ନୀତି ଏବଂ ମହାଲକ୍ଷ୍ମୀ ଗାଧୂଆ ଆଦି କେତେକ ବିଶେଷ ନୀତି ଥିବାରୁ ମାସରେ ଚାରିଥର ପ୍ରତ୍ୟେକ ବୁଧବାରରେ ଶ୍ରୀଜୀଉଙ୍କ ବନକଲାଗି ଅନୁଷ୍ଠିତ ହେବ।

ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଉଥିବାରୁ ଦତ୍ତ ମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥାନ୍ତି। ରତ୍ନ ସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢା ହୁଏ ତା'ର ଗରମ ବାଷ୍ପ ଯୋଗୁଁ ଶ୍ରୀଜୀଉଙ୍କ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କର୍ପୂର, କେଶର, କସ୍ତୁରୀ, ହରିତାଳ, ହେଙ୍ଗୁଳ, କଇଁଥ ଅଠା, ଶଙ୍ଖ, କଳା ତେଲକୁ କନକ ଘରେ ବାଟି ଶ୍ରୀବିଗ୍ରହଙ୍କ କନକ ପ୍ରସ୍ତୁତ କରାଯାଏ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରନ୍ତି। କନକଲାଗି ପରେ ମଳିନ ପଡିଯାଇଥିବା ଦାରୁ ବିଗ୍ରହଙ୍କ ଶ୍ରୀମୁଖ ପୁଣି ଚମକି ଉଠେ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରହେ ଏବଂ ରଙ୍ଗ ଦୀର୍ଘ ସ୍ଥାୟୀ ହୋଇଥାଏ। ବନକ ଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୁଏ। ଆଷାଢ ମାସର ନେତ୍ର ଉତ୍ସବ ସମୟରେ, ହେରାପଞ୍ଚମୀ ପୂର୍ବଦିନ ଗୁଣ୍ଡିଚା ଘରେ ଓ ନିଳାଦ୍ରୀ ବିଜେ ପରେ ରତ୍ନ ସିଂହାସନରେ ବନକଲାଗି ହେବାର ବିଧି ରହିଛି।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର



ଚିକିଟି/ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜରଡା ଥାନା ଅନ୍ତର୍ଗତ ଥରିକାଡ, ଜରଡା ନାଇକ ସାହି, ସାମନ୍ତରାପୁର, କନ୍ଧକିଳିପୁର ଆଦି ଗ୍ରାମରେ ଚଢ଼ଉ କରାଯାଇ ଜରଡା ନାଇକ ସାହିର ବିଜୟ ନାଇକ, ଦିଲ୍ଲିପ ନାଇକ, କନ୍ଧକିଳିପୁରର ଦ୍ରୌପଦୀ ଦଳେଇ ଓ ଥରିକାଡ଼ ଗ୍ରାମର ଉଇବାରି ଶବରମାନଙ୍କ ଠାରୁ ମୋଟ ୧୪୮ ଲିଟର ଅପମିଶ୍ରିତ ଦେଶୀ ଚୋରା ରନ୍ଧାମଦ ଜବତ କରାଯାଇ ସେମାନଙ୍କୁ ଘଟଣାସ୍ଥଳରେ ଗିରଫ କରାଯାଇ ମାନ୍ୟବର ପାତ୍ରପୁର ଜେଏମ୍ଏଫ୍‌ସିଙ୍କ କୋର୍ଟରେ ଫରୱାର୍ଡ କରାଗଲା, ଓ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର କାରାଗାରକୁ ପଠାଗଲା। ଏହି ଚଢ଼ାଉରେ ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ଏଏସଆଇ ଆର. ଲକ୍ଷ୍ମୀ ରେଡ୍ଡୀ, ବସନ୍ତ କୁମାର ମଲ୍ଲିକ, ଅବକାରୀ କର୍ମଚାରୀ ସାହେବ ଶବର, ହର ପ୍ରସାଦ ରେଡ୍ଡୀ, ବଳରାମ ପାତ୍ର, ପ୍ରଫୁଲ୍ଲ କୁମାର ବେହେରା, ଅଂଶୁମାନ ପରିଡ଼ା ଏବଂ ଗୋଲକୁଡା ଅବକାରୀ କର୍ମଚାରୀ ଏ.କ୍ରାନ୍ତି ରାଓ, ରିଙ୍କୁନ ପ୍ରଧାନ, ସୁଚିତା ଡୁଙ୍ଗ ଡୁଙ୍ଗ ପ୍ରମୁଖ ସାମିଲ ଥିଲେ।



# କୋରେଇ ପୋଲିସ ନିରବ କାହିଁକି ?

## କୋରେଇରୁ ବାଂଲାଦେଶୀଙ୍କୁ ତଡ଼ାହେବ କେବେ ?

କୋରେଇ, (ଭାସ୍କର ନ୍ୟୁଜ୍): ରାଜ୍ୟରୁ ବାଂଲାଦେଶୀ ରୋହିଙ୍ଗାମାନଙ୍କୁ ତୁରନ୍ତ ଚିହ୍ନଟ ସହ ଗିରଫ କରିବାକୁ ଆଇନ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବି ଯାଜପୁର ପୋଲିସ ଚୁପ୍ ମାରି ବସିଛି। ଏପ୍ରିଲ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମରେ ସନ୍ତ୍ରାସବାଦୀ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଯାହା ସାରା ଦେଶକୁ ସ୍ତବ୍ଧ କରିଥିଲା। ଏହା ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଥିଲା। କେନ୍ଦ୍ର ସରକାର ଭାରତରେ ଥିବା ପାକିସ୍ତାନ ନାଗରିକଙ୍କୁ ତୁରନ୍ତ ଦେଶ ଛାଡି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନକୁ ଏହାର ଦାୟିତ୍ୱ ଦିଆଯାଇଛି। ଯାଜପୁର ଜିଲ୍ଲାର କୋରେଇ ତଥା ବ୍ୟାସନଗର ପୌରାଞ୍ଚଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ହଜାର ହଜାର ବାଂଲାଦେଶୀ ରହିଥିବା ଜଣାପଡ଼ିଛି। ଦିନକୁଦିନ ଏମାନଙ୍କ ସଂଖ୍ୟା ବୃଦ୍ଧିପାଉଛି। ଗାଁ ଗହଳିରେ ମଧ୍ୟ ଏମାନଙ୍କ ସଂଖ୍ୟା କମ ନୁହେଁ। ବିଶେଷ କରି କୋରେଇର ପାଣିକୋଇଲି, ସାଦକପୁର ପଞ୍ଚାୟତ ସୋପିଆଡି, ଧନେଶ୍ୱର ପଞ୍ଚାୟତର ଖାଁବାଗ, ଜହ୍ନା ପଞ୍ଚାୟତର ନୂତନ କରି ଗଢି ଉଠିଥିବା ରୟାଲ ଗାର୍ଡେନ, ପାଣିକୋଇଲ, ଗୋଲେଇପୁର ପଞ୍ଚାୟତର ଶଙ୍କରୁ, ତାରକୋଟ ପଞ୍ଚାୟତର ପାଟୁଳିଆ ସାହି, କୋଡବନ୍ଦି ପଞ୍ଚାୟତର ଗରଡ଼ି ଭଳି ପ୍ରମୁଖ ସ୍ଥାନରେ ଏମାନଙ୍କ ବାସସ୍ଥାନ ପାଲଟିଛି। ଏମାନେ ମିଛ ପରିଚୟପତ୍ର ବାସିନ୍ଦା ଭାବେ କେତେକ ପଶ୍ଚିମବଙ୍ଗର ଆଧାରକାର୍ଡ଼ ବନାଇ ଏଠାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାଣି ପାଇପ କାମ, କୋଠାଘର ନିର୍ମାଣ, ବିଭିନ୍ନ ସାମଗ୍ରୀର ଫେରି କରିବା, ରଙ୍ଗ କାମ, ଇଲେକ୍ଟ୍ରି କାମ, ମୋବାଇଲ କାମ ଠାରୁ ଗୁହର ବିଭିନ୍ନ କାର୍ଯ୍ୟ ତଥା ନିର୍ମାଣ କାମ ଓ ଖାଦ୍ୟ ଉପକରଣ ବିକ୍ରିରେ ଏମାନେ ନିୟୋଜିତ ଥିବା ଦେଖିବାକୁ ମିଳୁଛି। ଏପରିକି କମ ବର୍ଷର ପିଲାମାନେ ବିଭିନ୍ନ କାର୍ଯ୍ୟରେ ମଧ୍ୟ ନିୟୋଜିତ ଅଛନ୍ତି। ବାଂଲାଦେଶୀ ଯୁବତୀମାନେ ମଧ୍ୟ ରାଜ୍ୟର ବିଭିନ୍ନ ସହରରେ ସେକ୍ସ କାରବାରରେ ସମ୍ପୃକ୍ତ ଥିବା ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଚଢ଼ଉ ସମୟରେ ଦେଖିବାକୁ ମିଳିଥାଏ। ଏହା ବ୍ୟତୀତ ବିଭିନ୍ନ ମାଦକଦ୍ରବ୍ୟ ମଧ୍ୟ ବାଂଲାଦେଶରୁ ଓଡ଼ିଶା ତଥା ଅନ୍ୟାନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଜାଣିବାକୁ ମିଳୁଛି। ଯାହା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରିବା ସହ ସେମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ଖାଲି ଏତିକି ନୁହେଁ ଅନେକ ସମୟରେ ଏମାନେ ଚୋରି ରାହାଜାନି ଭଳି ଅପରାଧ ଘଟାଇ ପୋଲିସ୍ ହାତରେ ଧରା ପଡ଼ିଥିବା ନଜିର ରହିଛି। ଏସବୁକୁ ଜାଣି ମଧ୍ୟ କୋରେଇ, ପାଣିକୋଇଲି ଓ ଯାଜପୁର ରୋଡ ପୋଲିସ ଆଖି ବୁଜି ବସିଥିବା ଆଲୋଚନା ହେଉଛି। ପୋଲିସ କେବଳ ଚୋରା ବାଲି ଗାଡ଼ି ଚୋରା ମୋରମ ଗାଡ଼ିରୁ ଚାନ୍ଦା ଆଦାୟରେ ବ୍ୟସ୍ତ ଥିବାବେଳେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ଖୋଦ୍ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ହୋଇଥିବା ବେଳେ ଜଣେ ଦକ୍ଷ ଯୁବ ଏସପି ଯାକ୍ଷପ୍ରତାପ ଶ୍ରିମଲ୍ ତୁରନ୍ତ ରୋହିଂଗା ବାଂଲାଦେଶୀମାନଙ୍କୁ ଚିହ୍ନଟ କରି ଗିରଫ କରିବା ଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନଦୀବନ୍ଧ ନିର୍ମାଣ ବେଳେ ଜୁନିୟର ମାଇନିଂ ଅଫିସରଙ୍କ ଦାଦାଗିରି



ଧାମନଗର, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକରେ ବିଭିନ୍ନ ସରକାରୀ, ଗୋଚର, ଅନାବାଦୀ ସ୍ଥାନରେ ବେଆଇନି ଭାବେ ମାଟିମାଫିଆମାନେ ଦୈନିକ ସହସହ ଟ୍ରିପ ମାଟି ଚୋରାଚାଲାଣ ହେଉଛି। ବୈତରଣୀ, କୋଚିଲା ଆଦି ନଦୀରେ ବେଆଇନ ଘାଟକରି ବାଲି ମାଫିଆମାନେ ବାଲି ଚୋରାଚାଲାଣ କରିଛନ୍ତି। ମାତ୍ର ସେମାନଙ୍କୁ ମାଇନିଂ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ବେଳେ ସରକାରୀ କାର୍ଯ୍ୟକୁ ଉକ୍ତ ବିଭାଗ ବିରୋଧ କରୁଥିବାରୁ ଏ ନେଇ ସ୍ଥାନୀୟ ଲୋକଙ୍କ ବିରୋଧରେ ମାଇନିଂ ବିଭାଗର ଅଧିକାରି ଜାଗା ଛାଡି ପଳାଇଥିଲେ। ଘଟଣାରୁ ପ୍ରକାଶ ଯେ ଧାମନଗର ଜଳସେଚନ ବିଭାଗ ଅଧିନସ୍ତ ପଧାନି ପଂଚାୟତର ସଇଲୋ ଠାରେ କୋଚିଲା ବନ୍ଧ ଦୁଇଶହ ମିଟର ଧସିଥିଲା। ଏ ନେଇ ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ୩୦ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେଠୀ ମାଟି ପକାଯିବା ପରେ ପଥର ପଡ଼ିବା ପରେ ପୁଣି ସେଠାରେ ବନ୍ଧ ଧସିଥିଲା। ଏ ନେଇ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଶରତ ଘଡାଇ, ଧାମନଗର ଏସଡିଓ କିଶୋର କୁମାର ଦାସ ଓ ଅନ୍ୟ ଅଧିକାରି ଘଟଣା ସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ସ୍ଥାନରେ ବନ୍ଧଟେ ଟ୍ରାକ୍ଟର ମାଧ୍ୟମରେ ମାଟି ପଡୁଥିବା ବେଳେ ନୂଆକରି ଚାକିରିରେ ଯୋଗ ଦେଇଥିବା ଭଦ୍ରକ ମାଇନିଂ ଅଫିସର ଜୁନିୟର ମାଇନିଂ ଅଫିସର ଘଟଣା ସ୍ଥଳରେ ପହଞ୍ଚି କାମ ବନ୍ଦ କରି ଟଙ୍କା ମାଗିଥିଲେ ପ୍ରଥମେ ରୟାଲ୍ଟି ଦିଅ ତାପରେ କାମ କରିବ। ଭୟରେ ଟ୍ରାକ୍ଟର ବାଲା ପଳାଇଥିଲେ। ଏନେଇ ଜଳସେଚନ ବିଭାଗ ଅଧିକାରୀ କିଶୋର ଦାସ ଓ ଉକ୍ତ ଅଧିକାରୀଙ୍କ ସହ ମଧ୍ୟ ଯୁକ୍ତିତର୍କ ହୋଇଥିଲା। ଟେଣ୍ଡର ବେଳେ ଠିକାଦାର ଜଳସେଚନ ବିଭାଗ ସହ ଏଗ୍ରିମେଣ୍ଟ ବେଳେ ରୟାଲଟି ବାବଦରେ ତହସିଲକୁ ଟଙ୍କା ଡିପୋଜିଟି କରାଯାଇଥାଏ ବୋଲି ଦାସ କହିବାବେଳେ ନୂଆକରି କାର୍ଯ୍ୟରେ ଯୋଗ ଦେଇଥିବା ଜୁନିୟର ମାଇନିଂ ଅଫିସର ଦାସଙ୍କୁ ନାଲି ଆଖି ଦେଖାଇଥିଲେ ଓ କାମ ବନ୍ଦ କରିବା ପାଇଁ କହିଥିଲେ। ସ୍ଥାନୀୟ ଲୋକମାନେ ଉତ୍ତେଜିତ ହୋଇ ଉକ୍ତ ମାଇନିଂ ଅଫିସରଙ୍କୁ ଘେରାଉ କରିଥିଲେ। ତେବେ ସ୍ଥାନୀୟ ଉତ୍ତେଜିତ ଲୋକଙ୍କୁ ଜଳସେଚନ ବିଭାଗ ଅଧିକାରୀ ବୁଝାସୁଝା କରିଥିଲେ। ଜଳସେଚନ ବିଭାଗକୁ ଚିଠି କରିବା ପରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ନିଆଯିବ କିନ୍ତୁ ସରକାରଙ୍କ ନିର୍ଦ୍ଦେଶ ମତେ ନଦୀବନ୍ଧ କାର୍ଯ୍ୟ କରାଯିବ ବୋଲି ଦାସ କହିବା ପରେ ସ୍ଥାନୀୟ ଲୋକମାନେ ମାଇଂନି ଅଫିସରଙ୍କୁ ଛାଡିଥିଲେ। ତେବେ କୋଚିଲା ନଦୀବନ୍ଧ ନିର୍ମାଣ ତୁରନ୍ତ ସାରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ।

## ଶୌଚବେଳେ ପାଣିରେ ପଡ଼ି ଯୁବକ ମୃତ

ଭାପୁର, (ଭାସ୍କର ନ୍ୟୁଜ୍): ଫତେଗଡ ଥାନା ଶାସନ ପଞ୍ଚାୟତ ଅନ୍ତର୍ଗତ ଟିକିରିପଡା ଗ୍ରାମର ଭରତଚନ୍ଦ୍ର ଗୋଛିଙ୍କ ସାନପୁଅ ଦୁର୍ଗାମାଧବ ଗୋଛି (ଲିଟୁନା -୨୨) ବୁଧବାର ସକାଳୁ ନିକଟସ୍ଥ ନାଳକୁ ଶୌଚ ହେବାପାଇଁ ଯାଇଥିଲେ। ଶୌଚ ସମୟରେ ଅସାବଧାନ ବଶତଃ ପାଣି ଭିତରେ ପଡ଼ିଯାଇଥିଲେ। ପାଣି ଭିତରୁ ସ୍ଥାନୀୟ ଜନସାଧାରଣ ଓ ପରିବାର ପକ୍ଷରୁ ଉଦ୍ଧାର କରି ନିକଟସ୍ଥ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରି ଭାପୁର ଆଉଟ୍ ପୋଷ୍ଟକୁ ଜଣାଇଥିଲେ। ପୋଲିସ ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡ଼ା ପଠାଇଥିବା ଥାନା ସୂତ୍ରରୁ ପ୍ରକାଶ।

## ଓଟିଇଟି ଶିକ୍ଷା ନୀତିକୁ ବିରୋଧ କଲା ଭାପୁର ଶିକ୍ଷକ ସଂଘ

ଭାପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଓଟିଇଟି ଶିକ୍ଷାନୀତିକୁ ବିରୋଧ କରି ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ, ରାଜ୍ୟ ସରକାର ଗତ ୨୦୧୧ ମସିହା ପରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପାଇଁ ଓଟିଇଟି ଶିକ୍ଷା ନୀତି ପ୍ରଣୟନ କରିଥିଲେ କିନ୍ତୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପତ୍ର ସଂଖ୍ୟା ୧୨୬୩୭/ ୮-୫-୨୦୨୫ ରେ ଉଲ୍ଲେଖ କରିଛନ୍ତି ଯେ ଗତ ତା ୧୧-୨-୨୦୧୧ ରିଖ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ପଦୋନ୍ନତି ପାଇଁ ଓଟିଇଟି ଶିକ୍ଷାନୀତି ପରୀକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ନୀତି ବିରୁଦ୍ଧରେ ସମଗ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ବିଜ୍ଞପ୍ତିକୁ ଯଥାଶୀଘ୍ର ରାଜ୍ୟସରକାର ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶିକ୍ଷକ ନେତା ନିରଞ୍ଜନ ଦଳବେହେରା କହିଛନ୍ତି। ସୋମବାର ଦିନ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥଙ୍କୁ ଏହି ଦାବି ପତ୍ର ପ୍ରଦାନ ସମୟରେ ପ୍ରସନ୍ନ କୁମାର ଲେଙ୍କା, ସୁରେଶ କୁମାର ମହାରଣା, ପ୍ରଭାତି ମହାପାତ୍ର, ସଂଯୁକ୍ତା ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରଫୁଲ୍ଲ କୁମାର ନନ୍ଦ, ପଞ୍ଚାନନ ମହାପାତ୍ର, କେଳୁ ଚରଣ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଭାରତର ପୂର୍ବତନ ପ୍ରଧାନମନ୍ତ୍ରି ଭରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସହିଦ ଦିବସ ଓ ପହଲଗ୍ରାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଥିବା ପର୍ଯ୍ୟଟକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯୁବ କଂଗ୍ରେସ ପକ୍ଷରୁ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ବଡଚଣା ସ୍ଥିତ ବିଦ୍ୟା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନଗୃହ ଆମଘର ପିଲାମାନଙ୍କୁ ଫଳ ବଣ୍ଟନ କରଯାଇଥିଲା। ଯାଜପୁର ଜିଲ୍ଲା ଯୁବ କଂଗ୍ରେସର ପ୍ରାକ୍ତନ ସାଧାରଣ ସମ୍ପାଦକ ଚର୍ଚ୍ଚିତ ମାହାଲାଙ୍କ ନେତୃତ୍ୱରେ ବଡଚଣା ଯୁବ କଂଗ୍ରେସର ପୂର୍ବତନ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ଆବାସ ଜେନା, ସତ୍ୟଜିତ ସେଠୀ, ଚିକୁ ଦାସ, ସନକ ନାୟକ, ହରପ୍ରସାଦ ବିଶ୍ୱାଳ, ଉଦିତ ପ୍ରଧାନ, ଦିଗମ୍ବର ପ୍ରମୁଖ ଉପସ୍ଥିତ ରହି ଫଳବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ଏଟିଏମ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହେଲଥ୍ ଏଟିଏମ୍‌ର ଶୁଭ ଉଦ୍‌ଘାଟନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ। ବିଜେପି ସରକାର ଗଠନ ହେବା ୧୧ମାସ ହୋଇଥିବା ବେଳେ ନିମାପଡା ନିର୍ବାଚନମଣ୍ଡଳୀରେ ୮ଶହ କୋଟି ଟଙ୍କା ଅନୁଦାନ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି। ଆଗକୁ ଆହୁରି ବିକାଶ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଏଟିଏମ୍ ଉଦ୍‌ଘାଟିତ ହୋଇଥିବା ବେଳେ ଏହି ମେସିନ୍ ଦ୍ୱାରା ଜରୁରୀକାଳୀନ ଭାବେ ବିଭିନ୍ନ ରୋଗର ରିପୋର୍ଟ ମିଳିପାରିବ। ଉକ୍ତ ମେସିନ୍ ଦ୍ୱାରା ରୋଗୀମାନଙ୍କ ପର୍ସନାଲ ପ୍ରୋଫାଇଲ ତିଆରି କରିହେବ। ଏହାକୁ ଏକ ଆପ୍ ମାଧ୍ୟମରେ ନିଜ ମୋବାଇଲ ଦ୍ୱାରା ପରିଚାଳନା କରିହେବ। ରୋଗ ସମ୍ପର୍କିୟ ସମସ୍ତ ତଥ୍ୟ ଏଠାରେ ବହୁଦିନ ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିପାରିବ। ଏହି ଅଧୁନିକକରଣ ମେସିନ୍‌ରୁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଉଥିବା ବେଳେ ଭାରତବର୍ଷରେ ଦ୍ୱିତୀୟ ସ୍ୱୟମ୍ ହେଲଥ୍ ଏଟିଏମ୍ ଉଦ୍‌ଘାଟନ କରାଯାଇଛି। ଓଡ଼ିଶାରେ ଏହା ପ୍ରଥମ ବୋଲି ଜଣାପଡିଛି। ଉକ୍ତ ଅଞ୍ଚଳର ଜନସାଧାରଣ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଆହୁରି ବିକାଶ ଜାରି ରଖିବା ପାଇଁ ପ୍ରୋତ୍ସାହନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଚନ୍ଦ୍ରଭାନୁ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡ. ସୁବ୍ରତ ମହାପାତ୍ର, ଡ. ଆଶୁତୋଶ ଜେନା, ଡ. ସୋନାଲି ତ୍ରିପାଠୀ,ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, ଗାୟତ୍ରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମୁମ୍ବାଇ ଷ୍ଟାଇଲରେ ନିମାପଡା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ ୨ ଗୁରୁତର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ କଂଟାପାରି ନିକଟରେ ବାଇକ୍ -ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଜଣେ ମୃତ୍ୟୁବରଣ କରିଥିଲା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ କଂଟାପାରି ନିକଟରେ ଚିତ୍ରୋତ୍ପଳା ନଦୀବନ୍ଧ ରାସ୍ତା ଉପରେ ନେମାଳ ଥାନା ପାଳଦା ଗ୍ରାମର ବିଜୟ ସାମଲ(୫୫) ଓ ତାଙ୍କର ସାନ ଭାଇ ନାରାୟଣ ସାମଲ(୪୬) ଏକ ବାଇକରେ ଆସୁଥିଲା ବେଳେ ବିପରିତ୍ତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଧକ୍କାରେ ବାଇକ ପଛରେ ବସିଥିବା ନାରାୟଣ ଓ ବିଜୟ ଏବଂ ଅନ୍ୟ ଏକ ବାଇକ ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲା ବେଳେ ଅନ୍ୟ ୨ଜଣ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏସମ୍ପର୍କରେ ତାଙ୍କ ପରିବାର ତରଫରୁ ନେମାଳ ଥାନାରେ ଏକ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତି କରି ନେମାଳ ଥାନାରେ ଏକ ମାମଲା ରୁଜୁ ହୋଇଥିବାର ଆଇଆଇସି ସୁଶିଲ କୁମାର ନାୟକ ପ୍ରକାଶ କରିଛନ୍ତି। ତେବେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ୨ଟିକୁ ଜବତ କରିଛନ୍ତି।



## ଘର ଭିତରୁ ମୃତଦେହ ଉଦ୍ଧାର, ସନ୍ଦେହୀ ପ୍ରେମିକ ନେଲା ପ୍ରେମିକାର ଜୀବନ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସଦର ଥାନା ଅନ୍ତର୍ଗତ ଦାମଦରପୁର ଗାଁ’ରେ ଏକ ଭଡାଘର ମଧ୍ୟରୁ ଜଣେ ଯୁବତୀଙ୍କ ମୃତଦେହ ମିଳିଥିବା ଘଟଣାର ରହସ୍ୟର ପର୍ଦ୍ଦାଫାସ ହୋଇଛି। ପୁଲିସ ତଦନ୍ତରେ ଏହି ମାମଲାରେ ପ୍ରେମ, ଇର୍ଷା ଓ ପ୍ରାଣହାନିର ଜଟିଳ ଘଟଣା ସାମ୍ନାକୁ ଆସିଛି। ମୃତକ ୨୫ ବର୍ଷୀୟ ସମ୍ପାରୀ ସିଂହ, ଲେଲେ ସିଂହଙ୍କ ସ୍ତ୍ରୀ କେନ୍ଦୁଡିହା ଗ୍ରାମ ତଥି ବାରିପଦା ସଦର ଥାନା ଅଞ୍ଚଳର ବାସିନ୍ଦା ଥିଲେ। ମୃତକଙ୍କ ଜ୍ଞାତି ସମ୍ପର୍କୀୟ ବଡ଼ ଭଉଣୀ ଚାନ୍ଦମଣି ମୁଣ୍ଡା ନାମକ ଯୁବତୀ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ ଯେ, ତାଙ୍କ ଭଉଣୀଙ୍କୁ ଦୁଇଜଣ ଯୁବକ ବିହାରୀ ନାଏକ (ଭୁୟନ୍ ଆଫ ବାଙ୍କିସୋଲ) ଓ କାଳା ସିଂହ (ବାସ୍ତମା ସିଂହଙ୍କ ପୁତ୍ର, କଳାଡମସାହି, ବାରିପଦା) ମିଶି ହତ୍ୟା କରିଛନ୍ତି। ତଦନ୍ତ ସମୟରେ ପୁଲିସ କାଳାସିଂହଙ୍କୁ ଗିରଫ କରି ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଏକ ଭଙ୍ଗା ପଥର ଓ ଗଛର ଏକ ଟୁକୁଡ଼ା ଜବତ କରିଛି। ଅଭିଯୁକ୍ତ କାଳା ସିଂହ ସ୍ୱୀକାର କରିଛନ୍ତି ଯେ ସେମାନେ ମୃତକ ସମ୍ପାରୀଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖୁଥିଲେ, କିନ୍ତୁ ତାଙ୍କ ସହ ଅନ୍ୟ ଜଣେ ଯୁବକ ବିହାରୀ ନାଏକ ମଧ୍ୟ ସମ୍ପର୍କ ରଖୁଥିବା ତଥ୍ୟ ଜାଣି ଇର୍ଷାରେ ଘରେ ଥିବା ସମୟରେ ମୁଣ୍ଡରେ ଛେଚିଦେଇ ପ୍ରହାର କରି ତାଙ୍କୁ ହତ୍ୟା କରିଥିଲେ। ଅଭିଯୁକ୍ତ କାଳା ସିଂହଙ୍କୁ ମଧ୍ୟରାତିରେ ଗିରଫ କରି ବାରିପଦା ସଦର ଥାନା ଦ୍ୱାରା ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା ଧାରା ୧୦୩(କ)/୩(୫) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଏ ନେଇ ବାରିପଦା ସଦର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଏସ୍.ପି ଦୀପକ ଗୋଛାୟତ ଗଣମାଧ୍ୟମକୁ ତଥ୍ୟ ପ୍ରଦାନ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା ଓ ବାରିପଦାର ଭାରପ୍ରାପ୍ତ ଏସ୍‌ଡିପିଓ ମମତା ସାହୁ ଉପସ୍ଥିତ ରହିଥିଲେ।

## ୧୧୦ ଲିଟର ଦେଶୀ ମଦ ଜବତ, ୨ ମହିଳା କୋର୍ଟ ଚାଲାଣ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି, ଅର୍ଥ ଉପାର୍ଜନର ସୁବିଧା ଉପାୟ ହେଉଥିବାରୁ ଏବଂ ଏହାକୁ ସେବନ କରି ବିଭିନ୍ନ ସ୍ଥାନରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବାରୁ କରଞ୍ଜିଆ ଅବକାରୀ ବିଭାଗ ଚଳଚଞ୍ଚଳ ହୋଇ ଏହାକୁ ପ୍ରତିହତ କରିବାକୁ ଉଦ୍ୟମ ଜୋରଦାର କରିଛି। ପ୍ରାୟ ପ୍ରତ୍ୟେକ ଦିନ ଦେଶୀ ବିଦେଶୀ ମଦ ସହ ପୋଚ ମଧ୍ୟ ଜବତ୍ ହେଉଛି। ମଙ୍ଗଳବାର ଦିନ ମଧ୍ୟ କରଞ୍ଜିଆ ଅବକାରୀ ଥାନା ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡିଙ୍କ ନିର୍ଦ୍ଦେଶ ମତେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକଙ୍କ ନେତୃତ୍ୱରେ ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଳ ପିଥନାଥ ମୁର୍ମୁ, ଅଂଶୁମାନ ପରିଡ଼ା ଓ ଆଲୋକ ସୁତାରଙ୍କ ସହଯୋଗରେ ସିଙ୍ଗଡ଼ା ଓ ଉଆଁରାପଶି ଓ ଦରି ଗାଁରୁ ୬୫ ଲିଟର ମହୁଲି ମଦ ଜବତ୍ କରି ୩ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ବୁଧବାର ସକାଳୁ ସିଙ୍ଗଡ଼ା ଛକଠାରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି ଏବଂ ଦୁଇଜଣ ମହିଳା ହେମାମାଳିନୀ ନାଏକ ଓ ଦମୟନ୍ତୀ ସାମାଡଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନଙ୍କ ବିରୋଧରେ ଅବକାରୀ ରେଞ୍ଜରେ କେଶ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ରଶ୍ମି ରଞ୍ଜନ ନାୟକ। ସେହିପରି କରଞ୍ଜିଆ ଥାନା ସବ୍ ଇନ୍ସପେକ୍ଟର ବଳରାମ ମହାରଣାଙ୍କ ସହଯୋଗରେ ଓ ଅବକାରୀ ବିଭାଗ ମିଳିତ ଚଢ଼ାଉରେ ଗୋଟିଏ ଟିଭିଏସ ସ୍କୁଟି ସହ ୭୦ ଲିଟର ଦେଶୀ ମଦ ଜବତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ୨ ଶିକାରୀ ଗିରଫ, ଗୁଳି, ବନ୍ଧୁକ ସହ ବିସ୍ଫୋରକ ଜବତ

ବାରିପଦା, (ଭାସ୍କର ନ୍ୟୁଜ୍): ଶିମିଳିପାଳ ବଫର୍ ଅଞ୍ଚଳରେ ଥିବା ଏଆଇ କ୍ୟାମେରା ଦ୍ୱାରା ମିଳିଥିବା ସତର୍କ ସୂଚନା ଉପରେ କାର୍ଯ୍ୟାନୁଷ୍ଠାନ ଫଳରେ ପେଟ୍ରୋଲିଂ ଟିମ୍ ୨ଜଣ ଶିକାରିଙ୍କୁ ଗିରଫ କରିଛନ୍ତି। ଗିରଫ ହୋଇଥିବା ଶିକାରିଙ୍କ ନିକଟରୁ ଗୋଟିଏ ହାତତିଆରି ବନ୍ଧୁକ ଓ ଗୁଳି ଏବଂ କିଛି ବିସ୍ଫୋରକ ଉପକରଣ ଜବତ କରାଯାଇଛି। ଏହି ଘଟଣାରେ ଡୁକୁରା ବନ୍ୟଜନ୍ତୁ ରେଞ୍ଜ ଅଧିନରେ ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଦୁଇ ଶିକାରିଙ୍କୁ ବରିପଦା ସ୍ଥିତ ନ୍ୟାୟାଳୟରେ



ଉପସ୍ଥାପନ କରାଯାଇ ନ୍ୟାୟିକ ହିରାସତକୁ ପଠାଯାଇଛି। ବର୍ତ୍ତମାନ ଘଟଣା ସମ୍ପର୍କରେ ଆଗାମୀ ତଦନ୍ତ ଚାଲିଛି। ଅଭିଯୁକ୍ତ ଦୁଇ ଶିକାରୀ ମାନେ ହେଲେ(୧) ଗୋପାଳ ସୋରେନ (ବନମାଳୀ), ପିତା: ସ୍ୱର୍ଗତ ଗୌରହରି ସୋରେନ, ଗ୍ରାମ- ହାତିକୁଟ(୨)ମଣ୍ଡଳ ସିଂ, ପିତା:ବୈଧର ସିଂ ଗ୍ରାମ-ହାତୀକୁଟ ଉଭୟ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ଅଟନ୍ତି।

## ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟାରୁ ପରଦା ହଟିବ କେବେ ?

ଯୋଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ରେଭେନ୍ସାପୁର(କ) ଗ୍ରାମର ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟା ଘଟଣା ଆଜକୁ ଦୁଇମାସ ବିତି ଯାଇଛି। ଚମ୍ପୁଆ ଥାନାରେ ଅଙ୍ଗନୱାଡି ୱର୍କର ୟୁନିଅନ୍ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରେ କୌଣସି ଅଗ୍ରଗତି ନହେବାରୁ ସଂଘ ୨୦/୫ରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ, ଜିଲ୍ଲାପାଳ ୩ ଦିନ ମଧ୍ୟରେ ବିଚାରକୁ ନିଆଯିବ ବୋଲି ପ୍ରତିଶୃତିଦେଇଥଲେ ହେଲେ ଏପର୍ଯ୍ୟନ୍ତ କିଛି ହୋଇନାହିଁ। ଚମ୍ପୁଆ ଥାନାରେ କହିଲେ ସୁଇସାଇଡ ନୋଟ୍ ପରୀକ୍ଷ ହେବାକୁ ଯାଇଛି ସେହି ରିପୋର୍ଟ ଆସିଲେ ଆମେ ପରବର୍ତ୍ତୀ କାମ କରିବୁ ହେଲେ ଏହିରିପୋର୍ଟ ଆସିବାର କିଛି ନିର୍ଦ୍ଧିଷ୍ଟ ସମୟ ସୀମା ନାହିଁ, ମାସ କରେ ଆସିପାରେ ୬ ମାସରେ ଆସିପାରେ, ୬ବର୍ଷ ବି ଲାଗି ପାରେ ବୋଲି ଅଭିଯୋଗ କାରି ଅଙ୍ଗନୱାଡି କର୍ମୀ ସମୁହ ଗଣ ମାଧ୍ୟମରେ ଜଣାଇଛନ୍ତି। ମୃତକ ଅଙ୍ଗନୱାଡ଼ି କର୍ମୀ ମାଣିକ ବାରିକ୍ ସୁଇସାଇଡ୍ ନୋଟ୍‌ରେ ଯେଉଁମାନଙ୍କର ନାମ ଲେଖିଛନ୍ତି ସେମାନଙ୍କୁ ପୋଲିସ ତଦନ୍ତ ପରିସର ଭୁକ୍ତ କଲାକି ? ଯଦି କଲା ତେବେ ଆବେଦନକାରୀ କିଛି ଜାଣିପାରିଲେ ନାହିଁ କେମିତି, ଯଦି ତଦନ୍ତ ପରିସରକୁ ନ ଆସିଛନ୍ତି ତେବେ କାହା ଚାପରେ ପୋଲିସ ପ୍ରଶାସନ ନୀରବ ରହୁଛି ତାହା ମଧ୍ୟ ସଂନ୍ଦେହ ଘେରରେ ବୋଲି ଅଭିଯୋଗ କାରୀ କହିଛନ୍ତି। ତେବେ ଏହାର ତଦନ୍ତ ହୋଇ ସ୍ୱର୍ଗତ ଆତ୍ମାକୁ ନ୍ୟାୟ ମିଳିବ ନା ଯଥା ପୂର୍ବ ତଥା ପର ଅବସ୍ଥାରେ ରହିଯିବ ଦେଖିବାକୁ ବାକି ରହିଲା।

## ଆରକ୍ଷୀ କର୍ମଚାରୀଙ୍କ ବାସଗୃହ ଉଦ୍‌ଘାଟନ ସହ ନୂତନ ଗୃହ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର


ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପରିସରରେ ୪‘ଏଫ’ ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ଉଦ୍‌ଘାଟନ ଓ ୬‘ଇ ‘ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣର ଶୁଭଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ଉପ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କରାଯାଇଛି। ଖବର ମୁତାବକ ବୁଧବାର ଅପରାହ୍ଣରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପରିସରରେ ଓଡିଶା ରାଜ୍ୟ ପୁଲିସ ଗୃହ ଏବଂ କଲ୍ୟାଣନିଗମ ନିର୍ମାଣକାରୀ ସଂସ୍ଥା ଦ୍ୱାରା ୪‘ଏଫ’ ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ର ଶୁଭଉଦ୍‌ଘାଟନ ଓ ୬ ‘ଇ’ ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣ ପାଇଁ ଶୁଭଭିତ୍ତିପ୍ରସ୍ତରକୁ ଅତିଥି ଭାବେ ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦ୍‌ଘାଟନ କରିଛନ୍ତି। ଅସ୍ତରଙ୍ଗ ନୂତନ ଥାନା ପରିସରରେ ୨୦୨୩ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ୨୦୨୩ - ୨୪ ମସିହାରେ ଓପିଏଚଡ଼ବ୍ଲୁସି ପକ୍ଷରୁ ୧କୋଟି



୩୮ଲକ୍ଷ ୪୦ହଜାର ଟଙ୍କା ମଞ୍ଜୁରରେ ୪ହଜାର ୪ଶହ ୩୨ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ୪‘ଏଫ’ ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣ ହେବା ପରେ ଉଦ୍‌ଘାଟନ ହୋଇଛି। ସେହିପରି ୨୦୨୫ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ୨୦୨୫-୨୬ ମସିହାରେ ଓପିଏଚଡ଼ବ୍ଲୁ ସି ପକ୍ଷରୁ ୨କୋଟି ୫୨ଲକ୍ଷ ୭ ହଜାର ଟଙ୍କା ଅନୁଦାନ ଅର୍ଥରାଶିରେ ୭ ହଜାର ୭ଶହ ୭୯ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ୬ ‘ଇ’ ପ୍ରକାର ଆରକ୍ଷୀ କର୍ମଚାରୀ ବାସଗୃହ ନିର୍ମାଣ ପାଇଁ ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ, ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନା ନିରୀକ୍ଷକ ରାଜେଶ ବଳିୟାରସିଂ, ନୂଆଗଡ ସାମୁଦ୍ରିକ ଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲଗାତାର ସର୍ବାଧିକ ୯୦% ନମ୍ବର ରଖି ପଶ୍ଚିମ ଓଡ଼ିଶାରେ ଯୁବୋଦୟର ବିରଳ କୀର୍ତ୍ତିମାନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତ ୨ ପରୀକ୍ଷାରେ ଏଥର ଯୁବୋଦୟ ଛାତ୍ରଛାତ୍ରୀ ମାନେ ଅନନ୍ୟ ସଫଳତା ହାସଲ କରିଛନ୍ତି। ପଶ୍ଚିମ ଓଡ଼ିଶାରେ ଲଗାତାର ସବୁବର୍ଷ ସର୍ବାଧିକ ୯୦%ରୁ ଉର୍ଦ୍ଧ୍ୱ ମାର୍କ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ରଖିଥିବା ବେଳେ, ଏଥର ବିଗତ ବର୍ଷମାନଙ୍କର ସମସ୍ତ ଖ୍ୟାତି ଠାରୁ ଦୁଇପାଦ ଆଗକୁ ବଢ଼ି ୬୪ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ରଖି ପଶ୍ଚିମ ଓଡ଼ିଶାରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୫୭୭ ନମ୍ବର ସହିତ ବରପାଲିର ତିଲକ ହୋତା, ୫୭୦ ମାର୍କ ସହ ସୋହେଲାର ନୈନା ବାରିକ, ୫୬୯ ମାର୍କ ସହ ସୁନ୍ଦରଗଡ଼ର ଆୟୁଷ ପଟେଲ ଏବଂ ୫୬୯ ମାର୍କ ସହ ବରପାଲିର ପ୍ରତ୍ୟୁଷ ଦାଶ ଟପ୍ପର ହୋଇଛନ୍ତି। ଏହି ଅନୁଷ୍ଠାନର ସମୁଦାୟ ୫୦୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୭୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ପଶ୍ଚିମ ଓଡ଼ିଶାରେ ଆଉ ଏକ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ସେହିପରି ୧୬୫ ଜଣ ଛାତ୍ରଛାତ୍ରୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର କ୍ଲବ୍‌ରେ ନିଜକୁ ସାମିଲ କରିପାରିଛନ୍ତି। ସେହିପରି ଯୁବୋଦୟର ଗତ ଜେଇଇ ଓ ନିଟ୍ ପରୀକ୍ଷାରେ ମଧ୍ୟ ଅପୂର୍ବ ସଫଳତା ପ୍ରାପ୍ତ କରିଛନ୍ତି। ଇଣ୍ଟିଗ୍ରେଟେଡ୍ ଶିକ୍ଷାଦାନ ପଦ୍ଧତି ଦ୍ୱାରା ପ୍ରାୟ ୨୫ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷର ମେଡ଼ିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ କୃତକାର୍ଯ୍ୟ ହୋଇ ବୋର୍ଡ଼ ପରୀକ୍ଷା ସହ ପ୍ରଥମଥରରେ ହିଁ ଏମ୍ସ ତଥା ଅନ୍ୟାନ୍ୟ ସରକାରୀ ମେଡ଼ିକାଲ କଲେଜରେ ନାମ ଲେଖାଇବା ପାଇଁ ଆଶାୟୀ ଅଛନ୍ତି। ସେହିପରି ଗତ ଜେଇଇ ପରୀକ୍ଷାରେ ୫୬ଜଣ ଛାତ୍ରଛାତ୍ରୀ ପ୍ରଥମଥର ପରୀକ୍ଷା ଦେଇ ୯୦ ପର୍ସେଣ୍ଟାଇଲ୍‌ରୁ ଅଧିକ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ବିଭିନ୍ନ ପ୍ରତିଷ୍ଠିତ ଆଇଇଟି ଏବଂ ଏନ୍‌ଆଇଟି ମାନଙ୍କରେ ଅଧ୍ୟୟନ କରିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଇଣ୍ଟିଗ୍ରେଟେଡ୍ ପଦ୍ଧତି ମାଧ୍ୟମରେ ସମଗ୍ର ଓଡ଼ିଶାରେ ଯୁବୋଦୟର ଛାତ୍ରଛାତ୍ରୀମାନେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନମାନଙ୍କ ପଛରେ ପକାଇ ବାଜିମାତ କରିଛନ୍ତି। ଏହି ଅନୁଷ୍ଠାନର ନିର୍ଦ୍ଦେଶକ ଅମ୍ବରିଶ ଦାଶ ଛାତ୍ରଛାତ୍ରୀମାନଙ୍କର ଏହି ପ୍ରକାର ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ତଥା ପଶ୍ଚିମ ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥିବାରୁ ଅନୁଷ୍ଠାନର ସମସ୍ତ ଶିକ୍ଷକମଣ୍ଡଳୀ ଏବଂ କର୍ମଚାରୀମାନଙ୍କର ଅବଦାନ ପାଇଁ ଏହା ସମ୍ଭବ ହୋଇଥିବା କଥା କହିଛନ୍ତି।



## ବଢିଚାଲିଛି ନିଶା ବେପାର, ବଢୁଛି ଆତଙ୍କ

ନିମାପଡା, (ଭାସ୍କର ନ୍ୟୁଜ): ନିମାପଡା ଅଂଚଳରେ ନିଶା କାରବାର ବଢିଚାଲିଥିବା ବେଳେ ଦିନରାତି ନିଶାଡିଙ୍କ ଆଡ୍ଡା ବଢୁଛି । ନିଶାଡିଭାବେ ନିମାପଡା ହାଟ ଛକ, ବଡବଜାର, ଜୟଶ୍ରୀ ଛକ, ପେଟାଘାଇ ରାସ୍ତାରେ ଆତଙ୍କ ସୃଷ୍ଟି କରୁଛନ୍ତି। ଯାହାକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡିଛନ୍ତି। ବାରମ୍ବାର ଅବକାରୀ ବିଭାଗ ନିକଟରେ ଦାବି ହେଉଥିଲେ ମଧ୍ୟ ବିଭାଗ ଅଭିଯୋଗ ଉପରେ ଦୃଷ୍ଟି ଦେଉନଥିବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ନିମାପଡା ଅଂଚଳରେ ଧଳାଜହର ବ୍ୟବସାୟ ବେଳକୁ ବେଳ ବଢିଚାଲିଥିବା ବେଳେ ନିଶା ବେପାରୀଙ୍କ ଉପରେ ଲଗାମ ଲାଗିପାରୁନାହିଁ। ପାଟପୁର ଠାରୁ କୁଶଭଦ୍ରା ନଦୀବନ୍ଧ ତ୍ରୀନାଥମାର୍ଗ ଡେଣୁଅଁ ପର୍ଯ୍ୟନ୍ତ ବେଧଡକରେ ଚାଲିଛି ନିଶା କାରବାର। ଏହି ରାସ୍ତା ଦେଇ ରାତ୍ରରେ କୌଣସି ବ୍ୟକ୍ତି ଯାତାୟତ କଲେ ନିଶା ବେପାରୀ ଓ ନିଶାଖୋରମାନେ ମୋବାଇଲ ଟର୍ଚ୍ଚ ମୁହଁକୁ ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଯାହାଦ୍ୱାରା ନଦୀବନ୍ଧ ରାସ୍ତା ଦେଇ ଲୋକମାନେ ଯାତାୟତ କରିବାକୁ ନିରାପଦ ମଣୁନାହାଁନ୍ତି। ଅରିଷଣ୍ଟ ପଂଚାୟତ ବେଦବସ୍ତ ତୋଟା ନିକଟରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିଶା କାରବାର ହେଉଥିବା ବେଳେ ନିଶାଡିମାନେ ଆତଙ୍କସୃଷ୍ଟି କରୁଛନ୍ତି। ବାମଦେଇପୁର ଠାରୁ ପାଟପୁର ପର୍ଯ୍ୟନ୍ତ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଠାକୁ ଠା ନିଶା ବେପାରୀମାନେ ବସିରହି ଗାଳିଗୁଲଜ କରୁଛନ୍ତି। ଡେଣୁଅଁ ଛକ କାରଗିଲ ଛକରେ ମଧ୍ୟ ବିକ୍ରି ହେଉଛି ଧଳାଜହର। ପାଟପୁର ବାମନାଳ ରାସ୍ତା ଘଣ୍ଟିଗ୍ରାମ ଛକ ପୋଲ ଉପରେ ଆତଙ୍କ ରଚୁଛନ୍ତି ଧଳାଜହର ବ୍ୟବସାୟୀ ଓ ନିଶାଖୋର । ବାରମ୍ବାର ଅବକାରୀ ବିଭାଗ ନିକଟରେ ଲୋକମାନେ ଗୁହାରୀ କେଲ ମଧ୍ୟ ଅବକାରୀ ବିଭାଗ କର୍ଣ୍ଣପାତ ନକରିବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଥାନା ପରିସରରେ ଏକ ମାସ ପୂର୍ବରୁ ଏକ ନୂତନ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ବଲାଙ୍ଗୀର ସହରରୁ ଗୋଟିଏ ମୃଦଙ୍ଗ ମଗେଇ ହନୁମାନ ମନ୍ଦିରରେ ଦାନ କରିଛନ୍ତି। ଯାହାକୁ ଡା ଶାନ୍ତି ସୌରୂପ ପଟ୍ଟନାୟକ ବଲାଙ୍ଗୀରରୁ ମୃଦଙ୍ଗ ଆଣି ବିଡିଓ ଶ୍ରୀ ପାଣିଗ୍ରାହୀଙ୍କ ହସ୍ତଗତ କରିଥିଲେ। ଆଜି ବିଡିଓ ଶ୍ରୀ ପାଣିଗ୍ରାହୀ ନିଜେ ମୃଦଙ୍ଗ ଧରି ତେନ୍ତୁଳିଖୁଣ୍ଟି ହନୁମାନ ମନ୍ଦିରରେ ପହଂଚି ଭଗବାନ ହନୁମାନଙ୍କୁ ଦର୍ଶନ କରିବା ସହ ଭକ୍ତ ମାନଙ୍କ ସହ ଭଜନ ସଂକୀର୍ତ୍ତନ କରି ଭଗବାନଙ୍କ ନିକଟରେ ସମର୍ପଣ କରିଛନ୍ତି। ବିଡିଓଙ୍କ ଏଭଳି ଆଧାତ୍ମିକ ଭାବନାକୁ ମନ୍ଦିର କମିଟିର ସମସ୍ତ ସଦସ୍ୟ ସାଧୁବାଦ ଜଣେଇଛନ୍ତି। ମନ୍ଦିର ପୂଜକ ରମାକାନ୍ତ ସାବତଙ୍କ ସମେତ ଧରଣୀଧର ସିଂହ, ବାରିଜ ପଟ୍ଟନାୟକ, ଭିକିବାବୁ ପାତ୍ର, ଲିଙ୍ଗରାଜ ଭଞ୍ଜ, ଚିନୁ ପାଣିଗ୍ରାହୀ, ତ୍ରିପତି ବେହେରା, ଟୁନାବାବୁ ଷଡ଼ଙ୍ଗି,ବାବୁନା ସାବତ ପ୍ରମୁଖ ଭଜନ ସଂକୀର୍ତ୍ତନରେ ସାମିଲ ହୋଇଥିଲେ।

## ହ୍ରାସ ପାଉଛି ସତୀଗୁଡା ଡ୍ୟାମର ଜଳସ୍ତର
# ଉତ୍କଟ ପାନୀୟ ଜଳସଙ୍କଟ ସମ୍ଭାବନା



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ସତୀଗୁଡା ଡ୍ୟାମ ଜଳପତ୍ତନ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଫଳରେ ଆଗାମୀ ଦିନଗୁଡ଼ିକରେ ପାନୀୟ ଜଳ ଯୋଗାଣ ଧୀରେ ଧୀରେ ବାଧାପ୍ରାପ୍ତ ହେବାର ସମ୍ଭାବନାକୁ ଏଡାଇ ହେବ ନାହିଁ। ଜନସ୍ୱାସ୍ଥ୍ୟ ଦ୍ୱାରା ମାଲକାନଗିରି ପୌରାଞ୍ଚଳକୁ ଦୈନିକ ପାନୀୟ ଜଳ ୬.୫ଏମଏଲଡି ବା (୬୫ଲକ୍ଷ ଲିଟର) ଯୋଗାଇ ଦିଆ ଯାଉଥିବା ବେଳେ ଏହି ଜଳ ସତୀଗୁଡା ଡ୍ୟାମରୁ ସଂଗ୍ରହ କରାଯାଇଥାଏ। ପ୍ରକାଶ ଥାଉ କି ଦଣ୍ଡକାରଣ୍ୟ ପ୍ରକଳ୍ପ ଦ୍ୱାରା ମାଲକାନଗିରି ସଦର ମହକୁମା ଠାରୁ ୫ କିମି ଦୂରରେ ସତୀଗୁଡା ଡ୍ୟାମଟି ୧୯୬୫ ମସିହାରେ ନିର୍ମାଣ କରାଯାଇଥିଲା। ଆଜକୁ ଦୀର୍ଘ ୬୦ ବର୍ଷ ହେଲା ସତୀଗୁଡା ବନ୍ଧର ନିର୍ମାଣ ପୂର୍ଣ୍ଣ ହୋଇଥିଲା ବେଳେ କେବେ ମଧ୍ୟ ପଙ୍କୋଦ୍ଧାର କାର୍ଯ୍ୟ କରାଯାଇ ନାହିଁ। ବର୍ଷା ଦିନେ ମାଟି ଧୋଇ ହୋଇ ବନ୍ଧର ବାମ ଓ ପୂର୍ବ ପାର୍ଶ୍ୱଟି ପୋତି ହୋଇ ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେବେ ହେଲେ ମାଟି ଖନନ କରାଯାଇ ନାହିଁ। ଏହା ବ୍ୟତିତ ସତୀଗୁଡା ଡ୍ୟାମର କ୍ଷେତ୍ରଫଳ ପ୍ରତି ବର୍ଷ ସଂକୁଚିତ ହେବାରେ ଲାଗିଛି। ଏହାର ଶଯ୍ୟାରୁ ମାଟି ଏବଂ ପଙ୍କୋଦ୍ଧାର ନହେବା ଯୋଗୁଁ ଜଳ ଧାରଣ କ୍ଷମତା ପୂର୍ବାପେକ୍ଷା ଦ୍ରୁତ ଗତିରେ ହ୍ରାସ ପାଇଛି। ମାଲକାନଗିରି ପୌରାଞ୍ଚଳକୁ ପାନୀୟ ଜଳ ଯୋଗାଣ ବ୍ୟତୀତ ଏହି ଡ୍ୟାମରୁ ଖରିଫ ଋତୁରେ ୯୦୬୫ ହେକ୍ଟର ଜମିକୁ ଜଳ ଏବଂ ରବି ଋତୁରେ ୪୫୩୫ ହେକ୍ଟର ଜଳ କୃଷି କ୍ଷେତ୍ରକୁ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସତୀଗୁଡା ଡ୍ୟାମରେ ଜଳ ସଙ୍କଟ ଦେଖା ଦେଇଥିଲେ ବେଳେ କୃଷି କ୍ଷେତ୍ରକୁ ଜଳ ଯୋଗାଣ କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ ପ୍ରତିବର୍ଷ ଗ୍ରୀଷ୍ମ ଋତୁର ଉତ୍କଟ ପାନୀୟ ଜଳ ସଙ୍କଟ ଦେଖା ଦେଇଥାଏ। ବର୍ତ୍ତମାନ ମାଲକାନଗିରି ପୌରାଞ୍ଚଳରେ ପ୍ରାୟ ୫୦ ହଜାର ଲୋକସଂଖ୍ୟା ରହିଥିବା ବେଳେ ପ୍ରତି ଦିନ ୬୫ ଲକ୍ଷ ଲିଟର ପାନୀୟ ଜଳ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଛି । ଆଗକୁ ଉତ୍କଟ ପାନୀୟ ଜଳ ସଙ୍କଟ ଦେଖା ଦେବାର ଯଥେଷ୍ଟ ସମ୍ଭାବନା ଥିବାରୁ କିପରି ଏହି ସମସ୍ୟାର ସମାଧାନ ହେବ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମାଲକାନଗିରି ପୌରପରିଷଦରେ ୧୯ ଗୋଟି ୱାର୍ଡ ରହିଥିବା ବେଳେ ସବୁ ୱାର୍ଡରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ପଡ଼ିଥାଏ। ପୂର୍ବରୁ ସତୀଗଡା ଡ୍ୟାମର ମରାମତି ଏବଂ ମାଟି ଓ ପଙ୍କୋଦ୍ଧାର ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସତୀଗୁଡା ଡ୍ୟାମର ପୁନରୁଦ୍ଧାର ହୋଇପାରି ନଥିଲା। ମାଲକାନଗିରି ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ରାମ ଚନ୍ଦ୍ର ପ୍ରଧାନ ଉତ୍କଟ ପାନୀୟ ଜଳ ସଙ୍କଟ ସଂପର୍କରେ କହିଛନ୍ତି ଯେ ଯଦି ଗ୍ରୀଷ୍ମ ଋତୁରେ ସତୀଗୁଡା ଜଳସେଚନ ବିଭାଗ କୃଷି କ୍ଷେତ୍ରକୁ ଜଳସେଚନ କରିବାକୁ କୌଣସି ପ୍ରକାରେ ସ୍ଥଗିତ କରନ୍ତି, ତେବେ ମଇ ଏବଂ ଜୁନ ମାସ ପାଇଁ ପାନୀୟ ଜଳ ଯୋଗାଣ ପାଇଁ ଉତ୍କଟ ସମସ୍ୟା ସୃଷ୍ଟି ହେବ ନାହିଁ। କିନ୍ତୁ ସତୀଗୁଡା ଡ୍ୟାମର କନିଷ୍ଠ ଯନ୍ତ୍ରୀ ଭଗବାନ ନାୟକ କହିବା ଅନୁସାରେ ଏହି ଜଳଭଣ୍ଡାରଟି କୃଷି କ୍ଷେତ୍ରକୁ ଜଳ ଯୋଗାଣ ପାଇଁ ଉଦ୍ଦିଷ୍ଟ। ପାନୀୟ ଜଳ କଥା ପରେ ଚିନ୍ତା କରାଯିବ। ପାନୀୟ ଜଳଯୋଗାଣ ପାଇଁ ସତୀଗୁଡା ଜଳଭଣ୍ଡାର ମୁଖ୍ୟ ଆଭିମୁଖ୍ୟ ନୁହେଁ ବୋଲି ପ୍ରକାଶ କରିଥିଲେ। ତେବେ ଏସବୁ ବିଭାଗୀୟ ସମସ୍ୟା ହୋଇ ପାରେ। କୃଷି ପାଇଁ ଜଳସେଚନର ଯେତିକି ଗୁରୁତ୍ୱପୂର୍ଣ୍ଣ, ପାନୀୟ ଜଳ ଯୋଗାଣ ପାଇଁ ଜଳ ମୂଲ୍ୟ କିଛି କମ୍ ନୁହେଁ। ଏଥି ପ୍ରତି ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ସାଧାରଣରେ ଦାବି ହୋଇଛି।

## ସିବିଏସଇ ଦଶମ ପରୀକ୍ଷାରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍ ):-ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ଦଶମଶ୍ରେଣୀ ପରୀକ୍ଷାରେ ୯୩ ଶତକଡା ରଖି କୃତିତ ଅର୍ଜନ କରିଥିବାରୁ ହନୁମାନ କ୍ଲବ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କଲ୍ୟାଣ ସିଂହପୁର ବ୍ଲକ ଏକ ପାହାଡ଼ ଘେରା ଦୃଗମ ଅଞ୍ଚଳ ହୋଇଥିବାରୁ ବିନା କୋଚିଂ ନେଇ ନିଜର ପରିଶ୍ରମ ବଳରେ ଗୌଡ଼ସାହି ନିବାସୀ ଶ୍ରୀ ଦାମଦର ସାହୁ ଓ ପ୍ରସାଦିନୀ ସାହୁଙ୍କ ପୁଅ ସୌରଭ ସାହୁ ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବାରୁ ଅଞ୍ଚଳରରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସୌରଭ ସାହୁଙ୍କ ବକ୍ତବ୍ୟ ନେବାରୁ ସେ କହିଛନ୍ତି ଯେ, ବାପା ମା' ଙ୍କ ସ୍ନେହବଳରେ ମୁଁ ପରିଶ୍ରମ କରି ଆଜି ନିଜ ବ୍ଲକର ଗୌରବ ରଖିବା ସହ ପିତା, ମାତା, ବିଦ୍ୟାଳୟ ଓ ଜିଲ୍ଲାର ମାନରଖି ଭବିଷ୍ୟତରେ ଉଚ୍ଚକୋଟିର ପରିଶ୍ରମ କରି ଗୋଟେ ଭଲ ଡାକ୍ତର ହୋଇ ଆମ ଅଞ୍ଚଳର ସେବା କରିବା ପାଇଁ ସେ ମନସ୍ତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜସେବୀ କୃଷ୍ଣ ସାମଲ, କ୍ଲବର ଉପ ସଭାପତି ଡୁବା ପାଢ଼ୀ, ବୁନା ପାଢ଼ୀ, କିରଣ କୁମାର ଏବଂ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ତିନି ଯୁବକ ମୃତ

ପଦ୍ମପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡ଼ା ଜିଲ୍ଲା ଗୁମୁଡ଼ା ଫାଣ୍ଡି ଅନ୍ତର୍ଗତ ବଂଶଧାରା ନଦୀ ବ୍ରିଜ ଉପରେ ବିଳମ୍ବିତ ରାତ୍ରି ସମୟରେ ଅଜଣା ଗାଡ଼ି ଧକ୍କାରେ ୩ ଯୁବକର ମୃତ୍ୟୁ ଘଟିଛି। ପଦ୍ମପୁର ମେଡ଼ିକାଲରେ ରହିଛି ଦୁଇଜନକ ମୃତଦେହ, ଗୁଣୁପୁର ମେଡ଼ିକାଲରେ ରହିଛି ଜଣକ ମୃତ ଦେହ। ପୋଲିସ ତଦନ୍ତ ଆରମ୍ଭ କରିଛି। ଯୁବକମାନେ କାରିଣୀ ଗ୍ରାମର ଠାକୁରାଣୀ ଯାତ୍ରା ଦେଖିବାକୁ ଯାଉଥିବାର ଖବର ମିଳିଛି। ମୃତକ ବାଳକ ମାନେ ହେଲେ ପଦ୍ମପୁର ବ୍ଲକ କଇଠପଦର ଗ୍ରାମର ବୁଲୁ ଶବର, ସୁବ୍ରତ ଶବର ଏବଂ ଜଗନ୍ନାଥପୁର ଗ୍ରାମର ବାଳକୃଷ୍ଣ ଆରକା। ତିନିଜଣ ଯୁବକ ବାଇକ ଯୋଗେ ଯାତ୍ରା ଦେଖିବାକୁ ଯିବ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଘଟଣାସ୍ଥଳରୁ ଜନକୁ ଉଦ୍ଧାର କରି ଗୁଣୁପୁର ମେଡ଼ିକାଲକୁ ଆଣିବା ପରେ ଚିକିସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପୋଲିସ କହୁଥିବା ବେଳେ ଅନ୍ୟ ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି।

## ଯୁବପିଢ଼ିଙ୍କୁ ମଞ୍ଚ ନାଟକ ପ୍ରତି ଆକର୍ଷିତ କରିବା ପାଇଁ ଅଭିନବ ପ୍ରୟାସ



ବାରିପଦା:(ଭାସ୍କର ନ୍ୟୁଜ୍) : ଆଜିର ଯୁବ ପୀଢ଼ି ରିଲ, ୱେବ ସିରିଜ, ଟିଭି ଓ ସିନେମାରେ ଅଭିନୟ କରି ଅଳ୍ପ ସମୟ ମଧ୍ୟରେ ଲୋକପ୍ରିୟତା ଓ ଟଙ୍କା ଉପାର୍ଜନ କରିବା ପାଇଁ ବ୍ୟତିବ୍ୟସ୍ତ। ମାତ୍ର ଏହା ସତ୍ୟ ଯେ ଥିଏଟରକୁ ଅଭିନୟର ଏନ୍ତୁଡ଼ିଶାଳ ବୋଲି କୁହାଯାଏ ଓ ବିଗତ କିଛି ମାସ ମଧ୍ୟରେ ବାରିପଦାର ସହିଦ ଭବନରେ ଅନେକ ନାଟକ ମଞ୍ଚସ୍ଥ ହୋଇଯାଇଛି। ତନ୍ମଧ୍ୟରୁ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ ପାଞ୍ଚାଳୀ ମଧ୍ୟ ମଞ୍ଚସ୍ଥ ହୋଇଥିଲା ଓ ଏହି ନାଟକରେ ବହୁ ନୂଆ ଅଭିନେତା / ଅଭିନେତ୍ରୀ ଅଭିନୟ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ସହ ନାଟକ ସହ ଜଡିତ ସମସ୍ତଙ୍କୁ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଷ୍ଠିତ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଡଃ କୁମରମଣି ନାୟକ ଯୁବ ପୀଢ଼ି ନାଟକ ପ୍ରତି ଆକୃଷ୍ଟ ହେଉଥିବାରୁ ସେ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଙ୍କ ହାତରେ ନାଟ୍ୟକାର ଇନ୍ଦୁଭୂଷଣ କାନୁନଗୋ, ନିର୍ଦ୍ଦେଶକ ଅଧ୍ୟାପକ ରାଜେଶ ଦାଶଙ୍କ ସମେତ ଆଦିତି ପ୍ରଧାନ, ସ୍ରିଷ୍ଟି ସାନଭି ପାତ୍ର, ରାଜେଶେନି ଜେନା, ଜ୍ୟୋତିର୍ମୟୀ ପଲେଇ, ହିମାଂଶୁ ସାହୁ, ଶୁଭମ ପ୍ରସାଦ, କ୍ରିଷ୍ଣା ମୋହନ ଦାସ, ଚିନ୍ମୟ ସେଜପଡା, ସୁଜୟ ମହାନ୍ତି, ଧର୍ମଜିତ ମହାପାତ୍ର, ଗୁହିରାମ ଜେନା, ରଣଜିତ ସାହୁ, ଜ୍ଞାନ ପଣ୍ଡା, ଗୋକୁଳ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ମହାନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରିଥିବା ଖୁସବୁ ଦାଶ, ଦର୍ଶନା ଭଞ୍ଜଦେଓ, ଦୀପଶିଖା ବିଦ୍ଧାଣି, ଦେବାନନ୍ଦ ପାତ୍ର ଓ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କୁନି ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ବିହ୍ୱଳ ହେଲେ ଦର୍ଶକ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍ ) : କଲିକତା ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିବା ବିଶ୍ୱସ୍ତରୀୟ ସାଂସ୍କୃତିକ ନୃତ୍ୟା ଉତ୍ସବ ୨୦୨୫(ଇଣ୍ଟର ନ୍ୟାସନାଲ କଲ୍‌ଚରାଲ୍ ଡ୍ୟାନ୍ସ ଫେଷ୍ଟିଭାଲ)ରେ ଗୁରୁ ଶ୍ରୀ ଓମିନିଶ ଦାସ ଏବଂ ତାଙ୍କ ଶିଷ୍ୟାଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟରେ ଭାବାନ୍ୱିତ ହେଲେ ଦର୍ଶକ। ଦେଶର କୋଣ ଅନୁକୋଣରୁ ବହୁତ ଗୁରୁ ଏବଂ ଶିଷ୍ୟ ମଧ୍ୟ ଏହି ଡାନ୍ସ ଫେଷ୍ଟିଭାଲରେ ଭାଗ ନେଇଥିଲେ। ଏହି ଡାନ୍ସ ଫେଷ୍ଟିଭାଲର ଶେଷ ପର୍ଯ୍ୟାୟରେ ଗୁରୁ ଓମିନିଶ୍ ଦାସ ଏବଂ ଶିଷ୍ୟା ମୌସୁମୀ ବିଶ୍ୱାଳଙ୍କୁ ଶ୍ରେଷ୍ଠ ଗୁରୁ ଶିଷ୍ୟା ଭାବେ ସମ୍ମାନିତ କରାଯାଇଥିଲା। ଏବଂ ଗୁରୁ ଓମିନିସ ଦାସଙ୍କୁ ଓଡିଶୀ ନୃତ୍ୟରେ ନିଜର ଦକ୍ଷତା ପାଇଁ କବି ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଓମିନିଶ୍ ଦାସ ଏବଂ ଶିଷ୍ୟା ମୌସୁମୀ ବିଶ୍ୱାଳ ଦର୍ଶକଙ୍କ ମନ ଏବଂ ଭଲପାଇବା ସାଉଁଟି ନେଇ ବଙ୍ଗଳା ମାଟିରେ ଓଡ଼ିଶା ମାଟିର ନାଁ ଏବଂ ଗୌରବ ବଢାଇଥିଲେ ।

## ନଟବରଙ୍କୁ ସାହିତ୍ୟ ସାଧକ ସମ୍ମାନ ସୂଚକ ଡକ୍ଟରେଟ ଉପାଧି



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସରସଦା ହାଇସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ, ସାରସ୍ୱତ ସାଧକ, କବି ନଟବର ରାଉଳଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ 'ଘଡିଆ ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ଆନ୍ଧ୍ରପ୍ରଦେଶ ପୁଟ୍ଟପର୍ତ୍ତି ଜଗଦମ୍ବା ଟେମ୍ପଲ କନଫରେନ୍ସ ହଲରେ ଗତ ରବିବାର ଅନୁଷ୍ଠିତ ଉତ୍ସବରେ ସାହିତ୍ୟ ସାଧନା, ସମାଜସେବା ଓ ଆଧାତ୍ମିକ ଚେତନାର ପ୍ରଚାର ଓ ପ୍ରସାର ପାଇଁ ଶ୍ରୀ ରାଉଳଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ ମିସ ଏଲିନା ମୁଖ୍ୟ ଅତିଥି, କେ.ସି ଆଚାରୀ ମୁଖ୍ୟବକ୍ତା ଓ କେ କ୍ରିଷ୍ଣାରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅସୁସ୍ଥତା ଯୋଗୁଁ ଉତ୍ସବକୁ ଯାଇ ପାରିନଥିବା ଶ୍ରୀ ରାଉଳଙ୍କ ପକ୍ଷରୁ ପୁତ୍ର ସରୋଜ କୁମାର ରାଉଳ ଉପାଧି ସୂଚକ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଶ୍ରୀ ରାଉଳ ସ୍ଥାନୀୟ ଅଞ୍ଚଳର ବହୁ ଆଧାତ୍ମିକ, ସଂସ୍କୃତିକ ଓ ନାଗରିକ ଅନୁଷ୍ଠାନ ସହ ଜଡିତ ହୋଇ ସମାଜସେବାରେ ବ୍ରତୀ ହୋଇଛନ୍ତି। 'ଡଙ୍ଗରାର ଡାକ', 'ଆଖି ଆଇନାରେ', 'କାହାଣୀ କାଲି ଓ ଆଜିର', 'ମନର ଦେବତା' ଆଦି ବହୁ ପୁସ୍ତକ ପ୍ରକାଶିତ ହୋଇଛି। ଏଥିପାଇଁ ବହୁ ଅନୁଷ୍ଠାନ ପକ୍ଷରୁ ଶ୍ରୀ ରାଉଳଙ୍କୁ ସମ୍ମାନିତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଶ୍ରୀ ରାଉଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

## ଗୋରୁ ବୋଝେଇ ପିକଅପ ଜବତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଠା ବଜାର ଦେଇ ପଶ୍ଚିମ ବଙ୍ଗକୁ ଗୋ ଚାଲାଣ ହେଉଥିବା ବେଳେ ମାଡ଼ିବସିଲେ ସ୍ଥାନୀୟ ଲୋକେ। ଗୋଟିଏ ପିକ୍‌ଅପ୍ ଭ୍ୟାନ (ଓଡି ୧୧ ଏ ଏଫ ୬୩୫୭) ରେ ପଶ୍ଚିମବଙ୍ଗକୁ ୭ଟି ଗୋରୁ ଚାଲାଣ ହେଉଥିବା ସମୟରେ ବିଶେଷସୂତ୍ରରୁ ଖବର ପାଇ ସ୍ଥାନୀୟ ଲୋକେ ଗାଡିଟିକୁ ଅଟକ ରଖି ଶୁଳିଆପଦା ଥାନାକୁ ଖବର ଦେଇଥିଲେ ଏଏସଆଇ ରସାନନ୍ଦ ମହାନ୍ତି ଓ ପୋଲିସ ଟିମ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡିକୁ ଜବତ କରିଛନ୍ତି। ଏନେଇ ଶୁଳିଆପଦା ଥାନାରେ କେସ ନମ୍ବର ୮୮/୨୫ରେ ମାମଲା ରୁଜୁ କରିବା ସହ ଗରୁ ଗୁଡିକୁ ଚାଷୀଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ। ତେବେ ଯେତେ ଗରୁ ଗାଡି ଜବତ କଲେ ମଧ୍ୟ ଗୋ ଚାଲାଣ ବନ୍ଦ ହେଉନାହିଁ। ଗୋ ମାଫିଆ କାହାର ଛାତ୍ରଛାୟାରେ ରହି ବେଧଡକ ଗୋଚାଲାଣ କରୁଛନ୍ତି ଗୋ ଚାଲାଣରେ କିଏ ସହଯୋଗ କରୁଛି ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ବାଲି ଚୋରା ଚାଲାଣ ବେଳେ ଧରିଲା ଖଣି ବିଭାଗ



ପଦ୍ମପୁର, (ଭାସ୍କର ନ୍ୟୁଜ୍ ) : ବୁଧୁବାର ପୂର୍ବାହ୍ନ ପ୍ରାୟ ୭.୩୦ ମିନିଟ୍ ସମୟରେ ଖଣି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁଡ଼ାରୀ ବଂଶଧାରା ଏକ ବନ୍ଦ ଥିବା ବାଲି ଘାଟରୁ ବାଲି ଚୋରା ଚାଲାଣ ବେଳେ ଏକ ବାଲି ବୋଝେଇ ଟିପରକୁ ଜବତ କରାଯାଇଛି। ଏହି ଟ୍ରିପର ନମ୍ବର ହେଲା ଓଡି୧୮ ଗ ୫୫୫୩। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ସେହି ବାଲି ଘାଟଟି ବନ୍ଦ ଥିବା ଜଣାପଡିଛି। ଏହି ଟିପର୍ ସହ,ଏକ ଜେଶିବି ଜବତ କରାଯାଇଛି। ଯେହେତୁ ଜେସିବି ଷ୍ଟାଟ ନହେଇଥିବା କାରଣରୁ ବାଲି ଘାଟରେ ସେହି ଜେସିବି ଥିବା ସୂଚନା ମିଳିଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଶିକ୍ଷକ ପ୍ରଶିକ୍ଷଣ ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସହର ଉପକଣ୍ଠ ନଇଗାଁ, ଡିମ୍ବୋ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ମଇ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ସିବିଏସ୍‌ଇ ପରିଚାଳିତ ଶିକ୍ଷକ ପ୍ରଶିକ୍ଷଣ ଶିବିର ସହ ଶିକ୍ଷଣ ଫଳାଫଳ ଶିକ୍ଷାନୀତି ସଂସ୍କାର ସଂପର୍କରେ ଶିକ୍ଷକ ମାନଙ୍କ ଦକ୍ଷତା ନିର୍ମାଣ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସିବିଏସ୍‌ଇ ଦ୍ୱାରା ନିଯୁକ୍ତ ପ୍ରଶିକ୍ଷକ ପଲ୍ଲବୀ ମହାପାତ୍ର,ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ ସ୍କୁଲ ଓ ଦିଲ୍ଲୀପ କୁମାର ମିଶ୍ର ସିବିଏସ୍‌ଇ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷାର ବିକାଶ ନିମନ୍ତେ ଶିକ୍ଷାର ମାନ ପରିବର୍ତ୍ତିତ ଶିକ୍ଷାନୀତି ସଂପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ୍ ଇଂ ଦେବବ୍ରତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଅଧକ୍ଷ ଡ଼ଃ ଦିବ୍ୟକିଶୋର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଇଂ ମୃତ୍ୟୁଞ୍ଜୟ ନାୟକ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ । ଉପସଭାପତି କିରନ ଭାରତୀ ଯୋଗଦେଇ ପ୍ରତିଦ୍ୱନ୍ଦିତା ମୂଳକ ଯୁଗରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିବଦତ୍ତ ଦାସ,ଇଂ ହିମାଳୟ ସାହୁ ଶିବିର ଆୟୋଜନ କରିଥିବାବେଳେ ଇଂରାଜୀ ଅଧାପିକା ପ୍ରତୀକ୍ଷା ପ୍ରିୟଦର୍ଶିନୀ ଶିବିର ପରିଚାଳନା କରିଥିଲେ । ଉପାଧକ୍ଷ ସଂଯୁକ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ଡକ୍ଟରେଟ ପଦବୀ ପାଇଲେ ଓକିଲ ମନୋରଞ୍ଜନ ମହାନ୍ତି



କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲା ଫୁଲବାଣୀ ଓକିଲ ସଂଘରେ କାର୍ଯ୍ୟରତ ଓକିଲ ମନୋରଞ୍ଜନ ମହାନ୍ତିଙ୍କୁ ମଙ୍ଗଳବାର ଭୁବନେଶ୍ୱରର ଜୟଦେବ ଭବନ ଠାରେ ୱାର୍ଲଡ଼୍ ଚାରିଟେବଲ ୱେଲଫେର ଫାଉଣ୍ଡେସନ ପକ୍ଷରୁ ଡକ୍ଟରେଟ ପଦବୀ ଭାବରେ ସଂମ୍ମାନୀତ କରାଯାଇଛି। ଏହି ପଦବୀ ହାସଲ କରିଥିବାରୁ ଫୁଲବାଣୀ ଓକିଲ ସଂଘରେ ଖୁସିର ଲହରୀ ଖେଳିବା ସହିତ ସଙ୍ଘ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି, ବରିଷ୍ଟ ଆଇନଜୀବୀ ବିଜୟ ମହାନ୍ତି, ଦେବବ୍ରତ ପ୍ରଧାନ, ମନୋଜ ପଟ୍ଟନାୟକ, ଜୟନ୍ତ ମହାନ୍ତି,ଦୁର୍ଗା ଶଙ୍କର ପଟ୍ଟନାୟକ, ସୁନୀଲ ବେହେରା, ବିରୁପାକ୍ଷ ପଣ୍ଡା, ପ୍ରଦୀପ୍ତ ରଞ୍ଜନ ନାୟକ, ଦୁଷ୍ମନ୍ତ କୁମାର ବେହେରା ପ୍ରମୁଖ ଓକିଲ ମନୋରଞ୍ଜନ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସଂମ୍ମାନୀତ କରିଛନ୍ତି। ଡକ୍ଟରେଟ ପଦବୀ ପାଇ ମନୋରଞ୍ଜନ ଭାରୀ ଖୁସି ଅନୁଭବ କରିଥିବାର ପ୍ରକାଶ କରିଛନ୍ତି। ଏହି ଖବର ପ୍ରସାର ପରେ ସାଙ୍ଗ ସାଥି ଓ ବନ୍ଧୁ ବାନ୍ଧବ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଡିଡାୟୀ ମ୍ୟୁଜିୟମ୍ ପ୍ରତିଷ୍ଠା ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ) : ଲୁପ୍ତ ପାଇବାକୁ ବସିଥିବା ଆଦିମ ଡିଡାୟୀ ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଙ୍କାର, ଅସ୍ତ୍ରଶସ୍ତ୍ର ଏବଂ କଳାସଂସ୍କୃତି ବଞ୍ଚାଇବା ସହ ବିଶ୍ୱ ଦରବାରରେ ଏହାର ପ୍ରଚାରପ୍ରସାର ପାଇଁ ଦାବି ହୋଇଛି। ନାକାମାମୁଡ଼ି ପଞ୍ଚାୟତ ଗଙ୍ଗାପଡ଼ାରେ ଡିଡ଼ାୟୀ ମ୍ୟୁଜିୟମ ପ୍ରତିଷ୍ଠା ଲାଗି ଯୁବଗୋଷ୍ଠୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସନ ହଳଧର ଶବରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ, ଜିଲ୍ଲାର କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତର ୨୦ଟି ଗାଁରେ ଆଦିମ ଡିଡ଼ାୟୀ ଜନଜାତି ବସବାସ କରୁଛନ୍ତି। ସବୁଠୁ ପୁରାତନ ଗାଁ ହେଉଛି ଗଙ୍ଗାପଡ଼ା । ଏଠାରେ ମ୍ୟୁଜିୟମ୍ କରାଗଲେ ସମୟକ୍ରମେ ଲୋପ ପାଇବାକୁ ବସିଥିବା କଳା ସଂସ୍କୃତିର ବିକାଶ ହୋଇପାରିବ। ଐତିହ୍ୟ, ଜୀବନଶୈଳୀ, ପାରମ୍ପରିକ କଳା, ଉପକରଣକୁ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିହେବ। ଅନୁସନ୍ଧାନକାରୀ, ଛାତ୍ର ଛାତ୍ରୀ ଏବଂ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ। ପର୍ଯ୍ୟଟନର ବିକାଶ, ସଚେତନତା ଦ୍ୱାରା ଅଞ୍ଚଳର ଉନ୍ନତି ହେବ । ଡିଡ଼ାୟୀ ସଂପ୍ରଦାୟ ଲୋକଙ୍କ ମଧ୍ୟରେ ସମ୍ମାନ ବୃଦ୍ଧି ପାଇବ। ଅର୍ଜୁନ ବଜ, ମନ ପଲାସି, ରବି ବିଷୋୟୀ, ଲାଚ୍ଛା ଚାଲାଣ, ଘାସି ବିଷୋୟୀ, ଆଙ୍ଗା ବିଷୋୟୀ, ଶଙ୍କା ମାଝୀ, ଆଙ୍ଗା ଚାଲାଣ ପ୍ରମୁଖଙ୍କ ସହ ଗାଁ ମୁଖିଆ ଏବଂ ଅନ୍ୟମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଦେବ ବିବାହ ପାଇଁ ନିର୍ବନ୍ଧ



ଢେଙ୍କାନାଳ,(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଭାଗିରଥୀସାଗର କୂଳରେ ଥିବା ବାବା ଆଖଣ୍ଡଳମଣୀଙ୍କର ଦେବ ବିବାହ ପାଇଁ ନିର୍ବନ୍ଧ ପର୍ବ ରୀତିନୀତିରେ ଅନୁଷ୍ଠିତ ହୋଇଛି। ପୂଜକ ରାଜକିଶୋର ମିଶ୍ର ପୂଜା ଅର୍ଚ୍ଚନା କରିଥିଲେ । ବର ପିତା ରୂପରେ ଶିବ କୁମାର ଅଗ୍ରୱାଲା ମାତା ନିଲମ୍ ଅଗ୍ରୱାଲା ଓ କନ୍ୟା ପିତା ସନ୍ତୋଷ କୁମାର ମହାନ୍ତି ମାତା ସତ୍ୟଭାମା ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମିଟିର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

## ସ୍ଥାୟୀ ପୌର ଅଧିକାରୀ ନିଯୁକ୍ତି ଦାବିରେ କାଉନସିଲରଙ୍କ ଧାରଣା



କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ମ୍ୟୁନିସିପାଲଟିରେ ସ୍ଥାୟୀ ପୌର ନିର୍ବାହୀ ଅଧିକାରୀ ନିଯୁକ୍ତି ଦାବିରେ ପୌର ଉପାଧ୍ୟକ୍ଷଙ୍କ ସହିତ ସମସ୍ତ କାଉନସିଲର ପୌର କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଓ ପୌରାଧ୍ୟକ୍ଷ ବୁଝାସୁଝା କରିବା ପରେ ଦୁଇ ଘଣ୍ଟା ପରେ ସମସ୍ତେ ଧାରଣାରୁ ଓହରି ଥିଲେ। ସୂଚନା ଅନୁଯାୟୀ, ମ୍ୟୁନିସିପାଲଟିର ସମସ୍ତ କାଉନସିଲର ଓ ପୌର ଉପାଧ୍ୟକ୍ଷ ନିର୍ଦ୍ଧାରିତ ସମୟରେ ପୌର କାର୍ଯ୍ୟାଳୟରେ ପଂହଚିଥିଲେ । ପରେ ସ୍ଥାୟୀ ପୌର ନିର୍ବାହୀ ଅଧିକାରୀଙ୍କ ନିଯୁକ୍ତି ଦାବିରେ କାର୍ଯ୍ୟାଳୟର ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। କିଛି ସମୟ ପରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ପଂହଚିଥିଲେ ହେଁ ତାଙ୍କୁ ଭିତରକୁ ଛାଡି ନଥିଲେ। ଦୁଇ ମାସରୁ ଉର୍ଦ୍ଧ୍ୱ ଦିନ ହେଲା ପୌର କାର୍ଯ୍ୟାଳୟରେ ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବି ଖାଲି ପଡିଛି। ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧୀକାରୀଙ୍କ ଆର୍ଥିକ କ୍ଷମତା ନଥିବାରୁ କାର୍ଯ୍ୟାଳୟର ଅନେକ ଆର୍ଥିକ କିମ୍ବା ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଥିବା କାଉନସିଲରମାନେ ଅଭିଯୋଗ କରିଥିଲେ। ବିଦ୍ୟୁତ, ପରିମଳ ଓ ଭତା ଆଦିରେ ବିଲ ପୈଠ କରିବାରେ ଅସୁବିଧା ହେଉଛି । ଏହାପରେ ବି ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିଯୁକ୍ତି ଦିଆଯାଉନଥିବା ବେଳେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କାଉନସିଲରମାନେ ଅଭିଯୋଗ କରିଥିଲେ । ବିଶେଷ କରି ୩ବର୍ଷ ମଧ୍ୟରେ ୧୨ ଜଣ ନିର୍ବାହୀ ଅଧିକାରୀ ବଦଳି ହୋଇଥିବାରୁ ସମସ୍ୟା ହେଉଥିବା କହିଥିଲେ । ଖବର ପାଇ ପୌର ନିର୍ବହୀ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓ ଦେବାଶିଷ ଗୌଡ ଓ ପୌରଧ୍ୟକ୍ଷ ଲଲାଟ ରନ ସେଠୀ ପଂହଚି ବୁଝାସୁଝା କରିବା ପରେ କାଉନସିଲରମାନେ ଧାରଣାରୁ ଉଠିଥିଲେ । ତୁରନ୍ତ ଉଚ୍ଚପଦସ୍ଥ ଅଧିକାରୀ ସମେତ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଶ୍ରୀ ଗୌଡ କହଛନ୍ତି ।

## ଜବରଦଖଲ ଉଚ୍ଛେଦ ପାଇଁ ଆରଡିସିଙ୍କ ଠାରେ ଅଭିଯୋଗ

### ଉଚ୍ଛେଦ ନ ହେଲେ ଅନଶନର ଧମକ ଦେଲେ ପଞ୍ଚାୟତବାସୀ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଗ୍ରାମ ପଞ୍ଚାୟତ ଉନ୍ନତି ନିମନ୍ତେ ଜବର ଦଖଲ କରିଥିବା ସ୍ଥାନକୁ ଉଚ୍ଛେଦ କରିବା ପାଇଁ ଅଭିଯୋଗ କଲେ ପଞ୍ଚାୟତ ଜନପ୍ରତିନିଧି ସମେତ ଗ୍ରାମବାସୀ। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ଗ୍ରାମ ପଞ୍ଚାୟତ ସ୍ଥିତ ବର୍ତ୍ତନା ଗାଜିଆଣୀ ପୋଖରୀ ଆଡ଼ି ପଞ୍ଚାୟତର ଉନ୍ନତି ସହିତ ପଞ୍ଚାୟତର ରକ୍ଷଣାବେକ୍ଷଣ ପାଇଁ ଉଦିଷ୍ଟ ଥିବା ବେଳେ କେତେକ ଅସାଧୁ ବ୍ୟକ୍ତି ଏହାକୁ ଜବରଦଖଲ କରି ନିଜ ଆୟତ୍ତରେ ରଖିଛନ୍ତି। ଯାହାକି ଗ୍ରାମ ପଞ୍ଚାୟତ ଉନ୍ନତି ପାଇଁ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ ଗୃହ ସହ ବିଭିନ୍ନ ଗୃହ ନିର୍ମାଣ ହେବାରେ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ଗ୍ରାମ ପଞ୍ଚାୟତ ପକ୍ଷରୁ ପ୍ରସାଶନକୁ ବାରମ୍ବାର ଜଣେଇ ଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ହୋଇନାହିଁ। ମୌଜା ବର୍ତ୍ତନା ସ୍ଥିତ ପୋଖରୀ ଆଡ଼ିଟି ପଞ୍ଚାୟତର ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ରହିଥିବା ବେଳେ ବର୍ତ୍ତନା ଗ୍ରାମର ରବିନ୍ଦ୍ର ସାମଲ, ରଞ୍ଜନ ବେହେରା, ଝାଡ଼େଶ୍ୱର ବେହେରା, ବିଦ୍ୟାଧର ବେହେରା, ଶ୍ରୀମନ୍ତ ବେହେରା, ଜୟନ୍ତ କୁମାର ସାମଲ, ଅମ୍ବିକା ସେଠୀ, ତ୍ରିଲୋଚନ ସେଠୀ ନବ କୁମାର ବେହେରା ଓ ଯୋଗେନ୍ଦ୍ର ସାମଲ ବେଆଇନ ଭାବେ ଜବରଦଖଲ କରିଥିବା ଆରଡିସିଙ୍କ ଠାରେ ଗ୍ରାମ ପଞ୍ଚାୟତ ପକ୍ଷରୁ ଅଭିଯୋଗ ହୋଇଛି। ଏହା ତୁରନ୍ତ ଉଚ୍ଛେଦ ହେଲେ ଗୋପବନ୍ଧୁ ବସଷ୍ଟାଣ୍ଡ ନିର୍ମାଣ, ଗ୍ରାମ ଶ୍ମଶାନ ଗୃହ(ସ୍ୱର୍ଗଦ୍ୱାର), ପଞ୍ଚାୟତ ବଜାର ଗୃହ(ମାର୍କେଟ କମ୍ପ୍ଲେକ୍ସ), କଲେଜ ସମ୍ମୁଖରେ ଏକ ବିଶ୍ରାମଗାର ଓ ପାନୀୟ ଜଳ ପ୍ରକଳ୍ପ, ଗ୍ରାମ୍ୟ ପାର୍କ, ଖେଳ ପଡ଼ିଆ ଏବଂ ଉକ୍ତ ସ୍ଥାନକୁ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ବର୍ତ୍ତନା ଗ୍ରାମର ରିଜଲ୍ୟୁସନ ଓ ଗ୍ରାମ ପଞ୍ଚାୟତ ରିଜଲ୍ୟୁସନ କରାଯାଇ ଗ୍ରାମ୍ୟ ବିକାଶ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା ବେଳେ ଅନୈତିକ ଭାବେ ସ୍ଥାନ ଗୁଡ଼ିକ ମାଡ଼ି ବସିଥିବା ଉପରୋକ୍ତ ଲୋକ ମାନଙ୍କ ସ୍ଥାନ ଗୁଡ଼ିକ ଉଚ୍ଛେଦ କରାଇ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରି ପଞ୍ଚାୟତକୁ ହସ୍ତାନ୍ତର କରାଇଲେ ଏକ ଆଦର୍ଶ ଗ୍ରାମ ପଞ୍ଚାୟତ ଗଢ଼ି ଉଠିବ ବୋଲି ଦରଖାସ୍ତରେ ଉଲ୍ଲେଖ କରାଯାଇଛି। ଅଭିଯୋଗ କରିବାର ଏକମାସ ମଧ୍ୟରେ ଉଚ୍ଛେଦ କରା ନ ଗଲେ ପଞ୍ଚାୟତ ତରଫରୁ ଆମରଣ ଅନଶନ କରାଯିବ ବୋଲି ଆରଡିସିଙ୍କୁ ଚେତାବନୀ ଦେଇଛନ୍ତି ବର୍ତ୍ତନା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମଧୁସ୍ମିତା ବେହେରା, ସମିତି ସଭ୍ୟ ତ୍ରିଲୋଚନ ଦାସ, ସମସ୍ତ ୱାର୍ଡ଼ ସଭ୍ୟ, ସଭ୍ୟାଙ୍କ ସହିତ ଶତାଧିକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି।




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଓଡିଶାର ପୁରାତନ ପାରଳା ପୌରପରିଷଦ ଅଧିନ ରେ ୧୬ ଗୋଟି ୱାର୍ଡ଼ ଅଛି । ସୂଚନାଯୋଗ୍ୟ ଯେ ୧୪ନଂ ୱାର୍ଡ଼ର ସଞ୍ଜୟ ଗାନ୍ଧି ବସ୍ତି ବାସିନ୍ଦାମାନେ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଛନ୍ତି । ବସ୍ତିକୁ ବିଦ୍ୟୁତ ସଂଯୋଗୀକରଣ ହୋଇପାରୁନାହିଁ । ରାସ୍ତା ନିର୍ମାଣ ହୋଇପାରୁନାହିଁ, ଶୌଚାଳୟ ବ୍ୟବସ୍ଥା ସହ ଆବାସ ଯୋଜନାରେ ଗୃହ ଯୋଗାଇ ଦେଲେ ଆମେ ଏହି ଅଞ୍ଚଳ ବସବାସ ସୁବିଧା ରେ କରିପାରିବୁ । ନଚେତ୍ ବେତଗୁଡା ଠାରେ ଥିବା ବିଜୁ ସ୍ମାଟ୍ ମଲୋନୀ ପଛପଟେ ଜାଗା ଦେବା ସହ ଭୂମିହୀନ ପ୍ରମାଣ ପତ୍ର ସହ ଆବାସ ଯୋଜନାରେ ସାମିଲ୍ କରିବେ । ତାହାହେଲେ ଆମ ଅଞ୍ଚଳବାସୀ ସେହି ଅଞ୍ଚଳରେ ବସବାସ କରିବେ ବୋଲି ବସ୍ତି ବାସିନ୍ଦାମାନେ କହିଛନ୍ତି । ଜିଲ୍ଲା ର ବସ୍ତିବାସିନ୍ଦା ଆବାହକ ସୁଜିତ ପ୍ରଧାନ , ଏଆଇଏଫ୍‌ବିର ଜିଲ୍ଲା ସଭାପତି ପି,ମୁରଲୀ କିଷା ସହଯୋଗରେ ସିମାଞ୍ଚଳ , କ୍ରିଷା ଆମ୍ମା , ପି,ରାମୁଲୁ ଓ ପଦ୍ମା ଭଳି ବସ୍ତିବାସିନ୍ଦାମାନେ ଆଜି ଠାରୁ ଆମର ଅନଶନରେ ବସିରହିଛନ୍ତି । ସରକାର ଏଥି ପ୍ରତି ଦୃଷ୍ଟି ନଦେଲେ ଅନଶନ ଜୋରଦାର୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବସ୍ତିବାସିନ୍ଦାମାନେ ।



# ‘ଲବଣ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ’

## ଖଣ୍ଡାସାହି ଛକରେ ଚିନ୍ତନ ସ୍ମାରକୀ ସମାରୋହ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ସତ୍ୟାଗ୍ରହ ସଂଗ୍ରାମ, ଗୋଟିଏ ନୂତନ କୌଶଳ ଓ ନୂତନ ପ୍ରେରଣାର ଉଦ୍ଦେଶ୍ୟ ନେଇ ଇଂରେଜ ସରକାରଙ୍କ ଅନ୍ୟାୟ ଓ ଯଥେଚ୍ଛା ପୂର୍ଣ୍ଣ ଦମନ ନୀତିର ଉତ୍ତର ଦେବା ପାଇଁ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହର ପରିକଳ୍ପନା। ଭାରତ ସ୍ୱାଧୀନତା ସଂଗ୍ରାମ ଅନ୍ୟତମ ପ୍ରମୁଖ ଘଟଣା ‘ଲବଣ ସତ୍ୟାଗ୍ରହ’ । ଏହା ପରାଧୀନ ଭାରତରେ ବ୍ରିଟିଶ ସରକାରଙ୍କ ଲବଣ ବ୍ୟବସାୟରେ ଏକ ଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଅହିଂସାପୂର୍ଣ୍ଣ ଆନ୍ଦୋଳନ ଥିଲା ବୋଲି ୯୫ତମ ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ସମାରୋହ ରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ନିକଟରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ଟ୍ରଷ୍ଟ ଆନୁକୂଲ୍ୟରେ ୯୫ତମ ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ସମାରୋହ ରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମୀୟ ପଟ୍ଟନାୟକ ଓ ଚିନ୍ତନ ସ୍ମାରକୀ ଟ୍ରଷ୍ଟ ଆବାହକ ସ୍ୱପ୍ନେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଲବଣ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି କହିଥିଲେ।ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜଗତସିଂହପୁର ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ତାଳଦା ସରପଞ୍ଚ ଦୀପକ ପରିଡା, ସମାଜସେବୀ ଦିବାକର ଛାଟୋଇ, ପ୍ରତାପ ପରିଡା, ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ ପ୍ରତାପ ରାଉତ । ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି – ଓଲଙ୍ଗର ନିକଟରେ୧୯୩୦ମସିହା ମେ ମାସ ୨୧ତାରିଖରେ ସଂଗଠିତ ହୋଇଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁହୁଡି ଲବଣ ସତ୍ୟାଗ୍ରହ ପୂର୍ବଦିନ ଅର୍ଥାତ ମେ ୨୦ତାରିଖ ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପସ୍ଥିତିରେ ଓଲଙ୍ଗର ଗ୍ରାମର ଭୁବନାନନ୍ଦ ସ୍ୱାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରି ସତ୍ୟାଗ୍ରହୀମାନେ ଏକ ଗୁପ୍ତ ମନ୍ତ୍ରଣା ଶିବିର ଆୟୋଜନ କରି ଲୁଣମରା ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲେ। ଜାତୀୟ ସଂହତିର ଏହି ସ୍ମୃତିକୁ ଉଜ୍ଜୀବିତ କରିବାକୁ ଓଲଙ୍ଗର ଖଣ୍ଡାସାହି ଛକରେ ଚିନ୍ତନ ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥିଙ୍କ ଦ୍ୱାରା ସ୍ମାରକୀ ସ୍ମୃତି ସ୍ତମ୍ଭ ଓ ଗାନ୍ଧୀ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାସହ ଅତିଥି ମାନେ ଲବଣ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ନିଜ ଅଭିଭାଷଣ ରେ ବକ୍ତବ୍ୟ ରଖିଥିଲେ। ଆବାହକ ସ୍ୱପ୍ନେଶ୍ୱର ସାହୁ ନିଜ ମନ୍ତବ୍ୟରେ କହିଥିଲେ ୧୯୮୮ ମସିହାରେ ପ୍ରତିଷ୍ଠା ହୋଇଥିବା ଉକ୍ତ ଅନୁଷ୍ଠାନ ଐତିହାସିକ ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇ ପରାଧୀନ ଭାରତର ସ୍ୱାଧୀନତାର ସ୍ୱାଦକୁ ସ୍ପର୍ଶ କରେଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଂଗ୍ରାମୀ ମାନଙ୍କ ଅମଳିନ କୃତି ଓ କୀର୍ତ୍ତିକୁ ଉଜ୍ଜୀବିତ ରଖିବାର ଲକ୍ଷ୍ୟ ରଖି କାର୍ଯ୍ୟଧାରା ପ୍ରୟାସ ଜାରୀରଖିଛୁ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ ହୋଇଥିଲା। ଶେଷରେ ଲବଣ ସତ୍ୟାଗ୍ରହ ଚିନ୍ତନ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ କେଦାରନାଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସମ୍ମାନୀୟ ଆଲୋଚକ ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଜେନା, ବିଶିଷ୍ଟ ଗବେଷକ ସଞ୍ଜୟ କୁମାର ବରାଳ ଲବଣ ସତ୍ୟାଗ୍ରହ ସମ୍ପର୍କରେ ଆଲୋଚନା ଚକ୍ର ମାଧ୍ୟମ ରେ ଉପସ୍ଥିତ ବ୍ୟକ୍ତିଙ୍କୁ ସୂଚାଇ ଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରସନ ସ୍ୱାଇଁ, ସମାଜସେବୀ ଜ୍ଞାନରଞ୍ଜନ ସାହୁ, ଶିକ୍ଷାବିତ୍ ତଥା କବିହୃଦାନନ୍ଦ ଶାସମଲ,ସୁନନ୍ଦା ରାଉତ, ନିରଦ ଚରଣ ମହାନ୍ତି, ପାର୍ଥ ସାରଥୀ ସାହୁ, ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମାରୋହରେ ବହୁ ଲବ୍ଧ ପ୍ରତିଷ୍ଠିତ ଗୁଣିଜନ, ସାହିତ୍ୟକ, ଶିକ୍ଷାବିତ୍ ପ୍ରମୁଖ ସାମିଲ ହୋଇଥିଲେ।

# ମହିଳା ଓ ଶିଶୁ କଲ୍ୟାଣ ଗୃହ କମିଟିର ସମୀକ୍ଷା ବୈଠକ



କୋରାପୁଟ, (ଭାସ୍କର ନ୍ୟୁଜ) ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଗୃହ କମିଟିର ୯ଜଣିଆ ଟିମ୍ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ସମୀକ୍ଷା ବୈଠକ କରିଛନ୍ତି । ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ମହିଳାଙ୍କ ସ୍ଥିତିରେ ଅଧିକ ଉନ୍ନତି ପରିଲକ୍ଷିତ ହୋଇ ନଥିବା କମିଟି ମୁଖ୍ୟ ବିଧାୟିକା ସୀମାରାଣୀ ନାୟକ ସୂଚନା ଦେଇଛନ୍ତି । ଏହି ୨ଜିଲ୍ଲାରେ ବାଳିକାଙ୍କ ଡ୍ରପ୍ ଆଉଟ୍ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ନେଇ ଅସନ୍ତୋଷ ପ୍ରକାଶ କରାଯାଇଛି । ଏହାକୁ ହ୍ରାସ କରାଯିବା ନେଇ ଦୃଷ୍ଟି ଦେବାକୁ ୨ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏହି ଟିମ୍ ଦୁଧାରୀ କଫି ବଗିଚା ବୁଲିବା ସହ ଦେଓମାଳିରେ ରାତ୍ରି ଯାପନ କରିଥିଲେ। ସୋମବାର କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ । ଅଙ୍ଗନବାଡି କେନ୍ଦ୍ର ମଧ୍ୟ ପରଦର୍ଶନ କରିଛନ୍ତି । ବୈଠକରେ ଜିଲ୍ଲାର ଶିଶୁ ଓ ମହିଳାମାନଙ୍କ ବିକାଶ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଆବାସିକା ସ୍କୁଲରେ ବାଳିକାମାନଙ୍କ ସୁରକ୍ଷା, ଅଙ୍ଗନବାଡି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଶିକ୍ଷା, ପୃଷ୍ଟିକର ଖାଦ୍ୟ ପ୍ରଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ବିଷୟରେ ଆଲୋଚନା କରିଥିଲେ । ବାଳିକାମାନେ ଅଧାରୁ ଶିକ୍ଷା ଛାଡୁଥିବାରୁ ଏହାକୁ ହ୍ରାସ କରାଯିବା, ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଉପରେ ହେଉଥିବା ବଳାତ୍କାର ରୋକିବା ଓ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ୨ଜିଲ୍ଲାର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାମାନେ ସୁଭଦ୍ରା ଯୋଜନା ଅର୍ଥ ପାଇବା ପରେ କିପରି ସ୍ୱାବଲମ୍ବୀ ହୋଇଛନ୍ତି ଓ ମିଳିତ ଭାବେ ଚାଷ କାର୍ଯ୍ୟ କରୁଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜିଲ୍ଲାରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟ ଉଲ୍ଲେଖନୀୟ ହୋଇଥିବାବେଳେ ମହିଳାମାନଙ୍କର ଉନ୍ନତି କ୍ଷେତ୍ରରେ ଜିଲ୍ଲା ପଛୁଆ ଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ଟିମ୍ ପରାମର୍ଶ ଦେଇଛି । ବୈଠକରେ ସମସ୍ତ ସଭ୍ୟ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲାପାଳ ଭି, କୀର୍ତ୍ତିଭାସନ, ଏସପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ମାଲକାନଗିରି ଜିଲ୍ଲାପାଳ, ଏସପି ଓ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ ଓ ସିଡିପିଓମାନେ ଉପସ୍ଥିତ ଥିଲେ ।

## ଉପୁଜୁଛି ଟ୍ରାଫିକ ସମସ୍ୟା

# ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ଆଦେଶ

କରଞ୍ଜିଆ(ଭାସ୍କର ନ୍ୟୁଜ୍): କରଞ୍ଜିଆ ରେ ମୟୁରଭଞ୍ଜ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଚାଲିଥିବା ବେଳେ କରଞ୍ଜିଆରେ ଲାଗିରହିଥିବା ପାଣି ସମସ୍ୟା , ଟ୍ରାଫିକ ସମସ୍ୟା ସହିତ ଅଘୋଷିତ ବିଦ୍ୟୁତ କାଟ ସମସ୍ୟା ସଂପର୍କରେ ଲଗାତାର ୪ଥର ଅଭିଯୋଗ ଶୁଣାଣି କେନ୍ଦ୍ରରେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲା କରଞ୍ଜିଆ ପ୍ରଗତି ମଞ୍ଚ। ଏହି ଅଭିଯୋଗର ଶୁଣାଣି କରି ଏକ ମାସ ମଧ୍ୟରେ ସମାଧାନ କରାଇବାକୁ ଗତ ମାସ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ତେବେ ସବୁ ପ୍ରକ୍ରିୟା ସରିଥିଲେ ମଧ ଉଚ୍ଛେଦ ପ୍ରକ୍ରିୟା ହୋଇନ ଥିବାରୁ ପୁଣି ସୋମବାର ଦିନ ଅଭିଯୋଗ ଶୁଣାଣି କେନ୍ଦ୍ରରେ ଅଭିଯୋଗ ହୋଇଥଲା। ଏହାର ଶୁଣାଣି କରି ଜବର ଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ସହରର ୱାନୱେ ବ୍ୟବସ୍ଥା ହେବ ବୋଲି ଆଦେଶ ଦେଇଥିଲେ ଜିଲ୍ଲାପାଳ ହେମକାନ୍ତ ସୟ। ତେବେ ଏହି ଆଦେଶ କେବେ କାର୍ଯ୍ୟକାରୀ ହେଇଛି ଦେଖିବାକୁ ବାକି ରହିଲା।



# ଶ୍ରମିକ, କୃଷକ ସଂଗଠନମାନଙ୍କ ସର୍ବଭାରତୀୟ ପ୍ରତିବାଦ ଦିବସ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଆହ୍ୱାନ,କୃଷକ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ସମର୍ଥନରେ ମଇ ୨୦ ତାରିଖ ଦେଶ ବ୍ୟାପୀ ଧର୍ମଘଟ ଡାକରାକୁ ଦେଶର ସାଂପ୍ରତିକ ପରିସ୍ଥିତିର ବିଚାରକୁ ନେଇ ଭାରତ ବନ୍ଦ ବଦଳରେ ଆଜି ସର୍ବଭାରତୀୟ ପ୍ରତିବାଦ ସଭା ପାଳିତ ହୋଇ ଯାଇଅଛି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇସିସିଟିୟୁର ଜିଲ୍ଲା ପ୍ରତିନିଧି ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଲ୍‌ପିଏଫ, ଟିୟୁସିସି., ୟୁଟିୟୁସି. ଏବଂ କର୍ମଚାରୀଙ୍କ ସ୍ୱାଧୀନ ଫେଡେରେସନ୍ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସଭାରେ ବକ୍ତା ହିସାବରେ କମଳା ସାହୁ, ସର୍ବଜ୍ଞ ସାହୁ, ପ୍ରଫୁଲ୍ଲ କୁମାର ନାୟକ, ଶାନ୍ତିପ୍ରିୟା ସାହୁ, କେଦାର ମଲ୍ଲିକ ଓ ସରୋଜ ଶତପଥୀ ତାଙ୍କର ବକ୍ତବ୍ୟ ରଖିଥିଲେ। ଉଲ୍ଲେଖଯୋଗ୍ୟ କି, ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ କରିବା, ସମସ୍ତ ଶ୍ରମିକଙ୍କ ମାସିକ ଦରମା ସର୍ବନିମ୍ନ ୨୬ହଜାର ଟଙ୍କା ଘୋଷଣା କରିବା, ସମାନ କାମକୁ ସମାନ ମଜୁରୀ ପ୍ରଦାନ କରିବା, ସର୍ବନିମ୍ନ ମାସିକ ପେନସନ୍ ୯ହଜାର ଟଙ୍କା, ବିଡ଼ି ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ସାମାଜିକ ସୁରକ୍ଷା ଯୋଗାଇବା, ପୁରୁଣା ପେନ୍‌ସନ୍ ନୀତି କାର୍ଯ୍ୟକାରୀ କରିବା, ଇପିଏଫ, ଇଏସ୍‌ଆଇ, ବୋନସ୍ ଓ ଗ୍ରାଚ୍ୟୁଇଟି କ୍ଷେତ୍ରରେ ଥିବା ସିଲିଂ ପ୍ରତ୍ୟାହାର କରିବା, ସମସ୍ତଙ୍କୁ ରେସନକାର୍ଡ ଯୋଗାଇବା, ପେଟ୍ରୋଲ ଡିଜେଲ ଉପରୁ ଏକସାଇଜ୍ ଡ୍ୟୁଟି ପ୍ରତ୍ୟାହାର କରିବା, ଫସଲର ଦର ପାଇଁ ସ୍ୱାମୀନାଥନ୍‌ଙ୍କ ସୁପାରିଶ କାର୍ଯ୍ୟକାରୀ କରିବା, ସରକାରୀ ସଂପତ୍ତିକୁ ବିକ୍ରି ବନ୍ଦ କରିବା, ବିଦ୍ୟୁତ୍ ବିଲ୍-୨୦୨୨କୁ ପ୍ରତ୍ୟାହାର କରି ବିଦ୍ୟୁତ୍‌ର ଘରୋଇକରଣ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, କାମ କରିବାର ଅଧିକାରକୁ ସମ୍ବିଧାନରେ ମୌଳିକ ଅଧିକାର କରିବା, ମନରେଗାରେ ଦୈନିକ ୬୦୦ଟଙ୍କା ମଜୁରୀରେ ୨୦୦ ଦିନର କାମ ଗ୍ୟାରେଣ୍ଟି କରିବା ସହ ଏହି ଯୋଜନାକୁ ସହରାଞ୍ଚଳରେ କାର୍ଯ୍ୟକାରୀ କରିବା, ନୂଆ ଶିକ୍ଷା ଆଇନ-୨୦୨୦କୁ ବାତିଲ କରିବା, ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଯୋଗାଇ ଦେବା, ଜଙ୍ଗଲ ସଂରକ୍ଷଣ ଆଇନ-୨୦୨୩କୁ ବାତିଲ କରି ଆଦିବାସୀ ଭୂମିହୀନ ଲୋକମାନଙ୍କୁ ଜମି ଦେବା ସୁନିଶ୍ଚିତ କରିବା, ସମ୍ବିଧାନର ମୌଳିକତା ଉପରେ ଆକ୍ରମଣ ବନ୍ଦ କରିବା, ଦେଶର ସଂଘୀୟ ବ୍ୟବସ୍ଥାର ସୁରକ୍ଷା ସହ ଧର୍ମୀୟ ଆଚରଣ କ୍ଷେତ୍ରରେ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖିବା, ୪୫ ଭିତରେ ୟୁନିୟନ ପିକରଣ କରାଇବା, ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ସହ ଅତି ଧନୀକ ଉପରେ ସଂପତିକର ବସାଇ ପରୋକ୍ଷ କରକୁ ହ୍ରାସ କରିବା ଇତ୍ୟାଦି ଦାବିରେ ଶ୍ରମିକ ସଂଗଠନମାନେ ସାଧାରଣ ଧର୍ମଘଟ ଡାକରା ଦେଇଛନ୍ତି ଏବଂ ସେହି ଧର୍ମଘଟକୁ କୃଷକ ସଂଗଠନ ସମେତ ଅନ୍ୟାନ୍ୟ ବହୁ ସ୍ୱାଧୀନ ଫେଡେରେସନ୍ ସମର୍ଥନ ଘୋଷଣା କରିଛନ୍ତି। ଶେଷରେ ସୁଜାତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ତାଳଚେର ବନ୍ଦ ଡାକରା




କଣିହାଁ, (ଭାସ୍କର ନ୍ୟୁଜ୍ ) : ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କୁ ଗିରଫ କରିବା, ଅପରାଧୀମାନଙ୍କୁ କଠୋରରୁ କଠୋର ଦଣ୍ଡ ଦେବା, ପରିବାରକୁ କ୍ଷତିପୂରଣ ଓ ସିବିଆଇ ତଦନ୍ତ ଦାବିରେ ତାଳଚେର ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ କଣିହାଁରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଓଡିଶା ରାଜ୍ୟ ସଂପାଦିକା ସରୋଜିନୀ ନାୟକ, କଣିହାଁ ଆଞ୍ଚଳିକ ସଭାନେତ୍ରୀ ପ୍ରଗତିବାଳା ନାୟକ, ସଂଗଠିକା ଜେମାମଣି ନାଏକ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନର ଅନୁଗୁଳ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଯୁଗ୍ମ ସମ୍ପାଦକ ଟୁନା ନାଏକ, ଏସୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର ପ୍ରଦାନ



ବାରିପଦା, (ଭାସ୍କର ନ୍ୟୁଜ୍) : ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ନୀରିହ ଲୋକ ଓ ଆତଙ୍କୀର ମୂଳପୋଛ ପାଇଁ ପାକିସ୍ଥାନ ସହ ଲଢ଼େଇକୁ ଗମ୍ଭୀର ଘଟଣା ଭାବେ ବିଚାରକରି ମେ ୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ଆସନ୍ତା ଜୁଲାଇ ୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ମାତ୍ର ଶ୍ରମିକ ଛଟେଇ, ସର୍ବନିମ୍ନ ମଜୁରୀ, ଶ୍ରମିକ, କର୍ମଚାରୀ, କୃଷକ, ସାଧାରଣ ମଣିଷମାରଣ ନୀତି ସରକାରଙ୍କର ଲାଗୁ ରହିଛି ।ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କୁ ୧୭ ଦଫା ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ, ମୟୁରଭଞ୍ଜ ପକ୍ଷରୁ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ୪ ଟି ଶ୍ରମକୋଡ୍ ବାତିଲ କରିବା, ଏମ୍‌ଏସ୍‌ପିକୁ ଆଇନ୍‌ଗତ ମାନ୍ୟତା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସ୍କିମ ୱାର୍କର ଯଥା ଆଶା, ଅଙ୍ଗନବାଡି, ପାଚିକା ସହାୟିକା ସମେତ ଶ୍ରମିକଙ୍କୁ ମାସିକ ୨୬ ହଜାର ଟଙ୍କା ମଜୁରୀ ଧାର୍ଯ୍ୟ କରିବା, ମାସିକ ୯ ହଜାର ଟଙ୍କା ସର୍ବନିମ୍ନ ପେନସନ ଲାଗୁ କରିବା, ରାଷ୍ଟ୍ରୀୟ ମୁଦ୍ରୀକରଣ ରଦ୍ଦ କରିବା, ଓପିଏସ୍ ଲାଗୁ କରିବା,ଠିକା ଶ୍ରମିକ ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା,୨୦୨୨ ଇଲେକ୍ଟ୍ରି ବିଲ୍ ଉଚ୍ଛେଦ,୨୦୨୩ ଜଙ୍ଗଲ ସଂରକ୍ଷଣ ଆଇନ୍‌ର ଉଚ୍ଛେଦ, ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନର କାମ ସହ ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ ଇତ୍ୟାଦି ଦାବି ଅନ୍ତର୍ଭୁକ୍ତ। ଦାବିପତ୍ର ପ୍ରଦାନରେ ଆଇଏନଟିୟୁସିର କୈଳାସ ମହାନ୍ତ, ଏଆଇଟିୟୁସି ପକ୍ଷରୁ ମଦନମୋହନ ଜେନା, କାହ୍ନୁଚରଣ ବେହେରା, ମହେଶ୍ୱର ବେହେରା, ସିଆଇଟିୟୁ ଜିଲ୍ଲା ସଭାପତି ସାଥୀ ରବି ଗୋସ୍ୱାମୀ, ଏଆଇୟୁଟିୟୁସିର ସାଥୀ ପିତାମ୍ବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି



ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ । ଏଥିପାଇଁ ଏକ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବା ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଏହି ବସ୍‌ଷ୍ଟାଣ୍ଡଟିକୁ ଡେରାବିଶ ବ୍ଲକର ପ୍ରମୁଖ ସ୍ଥଳ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ ଛତାଠାରେ ନିର୍ମାଣ କରିବାକୁ ଦାବି କରିଛନ୍ତି । ଆଜି ଏଥିପାଇଁ ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତାମାନେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଭେଟି ଛତା ଠାରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ । ସଂଘର କର୍ମକର୍ତ୍ତାମାନଙ୍କ ସୂଚନା ଅନୁଯାୟୀ ଡେରାବିଶ ବ୍ଲକର ଏକ ପ୍ରମୁଖ ସ୍ଥଳ ହେଉଛି ଚାଟରାଚକଡ଼ା ପଂଚାୟତର ଛତା ଅଂଚଳ । ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଏହି ପଞ୍ଚାୟତ ମଧ୍ୟ ଦେଇ ଯାଇଥିବା ବେଳେ ଏଠାରେ ବ୍ଲକର ପ୍ରମୁଖ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜ ରହିଛି । ଏହି ସ୍ଥାନରେ ଡେରାବିଶ ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ରହିଥିବା ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ସେମାନଙ୍କ ଜମିଜମା ସମସ୍ୟା ନିମନ୍ତେ ଏହି ସ୍ଥାନକୁ ଆସିଥାନ୍ତି । ଏଥିସହିତ ଏଠାରେ ଥିବା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡେରାବିଶ ବ୍ଲକ ସମେତ ନିକଟସ୍ଥ ଯାଜପୁର ଜିଲ୍ଲା ଅଞ୍ଚଳର ଲୋକମାନେ ମଧ୍ୟ ଏହି ସ୍ଥାନକୁ ଦୈନିକ ଚିକିତ୍ସା ପାଇଁ ଆସିଥାନ୍ତି । ଏହା ନିକଟରେ ଡେରାବିଶ ବ୍ଲକ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ର ମଧ୍ୟ ରହିଛି। ଏଥିସହିତ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ, ଡେରାବିଶ ମହିଳା ମହାବିଦ୍ୟାଳୟ, ଷ୍ଟେଟବ୍ୟାଙ୍କ ଆରସେଟି, ଛତା ବିଦ୍ୟୁତ୍ କେନ୍ଦ୍ର, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ଆରଡି କାର୍ଯ୍ୟାଳୟ, ବ୍ୟାଙ୍କ, ପୋଲିସ୍ ବିଟ୍ ହାଉସ୍ ସମେତ ଛତା ହାଟ ମଧ୍ୟ ରହିଛି । ଉପରୋକ୍ତ ସରକାରୀ କାର୍ଯ୍ୟାଳୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶିକ୍ଷାନୁଷ୍ଠାନକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଦୈନିକ ହଜାର ହାଜର ଜନସାଧାରଣ ଯିବା ଆସିବା କରିଥାନ୍ତି । ଫଳରେ ଏହି ଠାରେ ସରକାରୀ ବସ୍‌ଷ୍ଟାଣ୍ଡ କରାଗଲେ ସମଗ୍ର ଡେରାବିଶ ବ୍ଲକର ଜନସାଧାରଣ ଉପକୃତ ହେବା ସହିତ ଜିଲ୍ଲାବାସୀ ମଧ୍ୟ ଉପକୃତ ହୋଇପାରିବେ । ସୂଚନାଯୋଗ୍ୟ ଛତା ସ୍ଥିତ କେନ୍ଦ୍ରାପଡ଼ା ପଲିଟେକନିକ୍ କଲେଜ ନିକଟରେ ଏବଂ ଛତା ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ଏକର ଏକର ସରକାରୀ ଜମି ରହିଛି ଯାହାକି ଜାତୀୟ ରାଜପଥକୁ ଲଗି ରହିଛି । ଯେଉଁଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ବସ୍ ଯାତାୟତ ସୁରୁଖୁରୁରେ ମଧ୍ୟ ହୋଇପାରିବ ବୋଲି ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ତେବେ ଆଜି ଶ୍ରୀ ମିଶ୍ରଙ୍କ ସହିତ ସମ୍ପାଦକ କୃତିବାସ ଦାସ, ସଭ୍ୟ ମଦନ ମୋହନ ମହାନ୍ତି, ଅନନ୍ତ ଭୂୟାଁ, ଭରତ ସିଂ, ଗୋବିନ୍ଦ ବାରିକ, ଅକ୍ଷୟ ତ୍ରିପାଠୀ, ରବିନ୍ଦ୍ର ମହାରଣା ଓ ଶରତ ଚନ୍ଦ୍ର ମଲିକ ପ୍ରମୁଖ ସଂଘର କର୍ମକର୍ତ୍ତା ତହସିଲଦାରଙ୍କୁ ଭେଟି ଛତା ନିକଟରେ ଥିବା ଉପରୋକ୍ତ ସରକାରୀ ଜାଗାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ ।

# ରାଶିଫଳ


**ଗୁରୁବାର, ୨୨ ମଇ ୨୦୨୫**



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ।




**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢ଼ିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ।




**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।




**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): 'ଲୋଗୋଁ କା ମାଲ ଦରିଆ ମେ ଡାଲ' - ଏହି ଫକ୍ତିଟି କିଛି ଭୁଲ ନୁହେଁ, କାରଣ ଲୋକଙ୍କ ପଇସା ରୁ ସରକାର ଗଠନ ହୋଇଛି, ସେହି ସରକାରରେ ସମସ୍ତ ସରକାରୀ କର୍ମଚାରୀ ଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ସମସ୍ତେ ଜନସାଧାରଣଙ୍କ ପଇସାରୁ ଦରମା ପାଉଛନ୍ତି। କିନ୍ତୁ କିଛି ସ୍ୱାର୍ଥପରୀ କର୍ମଚାରୀ, ଜନ ପ୍ରତିନିଧିଙ୍କ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ। ଉମରକୋଟ ସହର ବିଭିନ୍ନ ପ୍ରମୁଖ ବ୍ୟବସାୟର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ଏଠାରେ ନାହିଁ ଅତି ୨୦୨୩ମସିହାରେ ନୂଆ ବସ ଷ୍ଟାଣ୍ଡରେ ତତ୍କାଳୀନ ସରକାର କିଛି ଉଠା ଦୋକାନୀଙ୍କ ପାଇଁ କିଛି ଭେଣ୍ଡିଙ୍ଗ ଜୋନ ନିର୍ମାଣ କରିଥିଲେ। ତାହା ଆଜି ପର୍ଯ୍ୟନ୍ତ ବନ୍ଦ ହୋଇ ପଡିଛି। କାହା ସ୍ୱାର୍ଥରେ ଦେଢ଼ ବର୍ଷ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ହଇରାଣ କରାଯାଉଛି। ଉଠାଦୋକାନୀ ରାସ୍ତା କଡରେ ଦୋକାନ ଖୋଲି ନିଜ ପରିବାରର ଭରଣପୋଷଣ କରୁଛନ୍ତି। କିନ୍ତୁ ଯଦି ୭ ରେ ମଧ୍ୟ ଏଭଳି କିଛି ଭେଣ୍ଡିଙ୍ଗ ଜୋନ ତିଆରି କରାଯାଇଛି ଏବଂ ତାହା କୌଣସି କାମରେ ଆସୁନାହିଁ, ଏବିଷୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଲୋକ କୁମାର ଅନୁଗୁଳିଆଙ୍କୁ ପଚାରିବାରୁ ଏବଂ ସାତ ଜଣିଆ କମିଟି ଗଠନ କରାଯାଇଛି ଏବଂ ଆଗାମୀ ଏକ ସପ୍ତାହ ମଧ୍ୟରେ କିଛି ଉଠା ଦୋକାନୀଙ୍କୁ ସେହି ଭେଣ୍ଡିଂ ଜୋନ ଦିଆଯିବ ବୋଲି କହିଛନ୍ତି, ସେପଟେ ସହରର ଅନେକ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ। କିନ୍ତୁ କିଛି ସ୍ଥାନର ସିସି କ୍ୟାମେରା ଘୁରି ପଡ଼ିଲାଣି ତ ଆଉ କିଛି ସ୍ଥାନରେ କାମ କରୁନି। ଯାହାଫଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଦିନକୁ ଦିନ ସହରରେ ଟ୍ରାଫିକ ମଧ୍ୟ ବଢ଼ିବାରେ ଲାଗିଛି। ଏହି ଟ୍ରାଫିକ ରେ ଦିନେ ପୁରୁଣା ଜିଲ୍ଲାପାଳ ୨୦୧୨ ୨୫ ମିନିଟ ପର୍ଯ୍ୟନ୍ତ ରହିଥିଲେ, କିଛି ବ୍ୟବସାୟୀ ନିଜ ଦୋକାନ ସାମ୍ନାରେ ଥିବା ଡ୍ରେନ ଉପରେ ପ୍ଲେଟ ପକାଇ ସାମାନ ରାସ୍ତା ଉପରେ ରଖିବା, ଟ୍ରକ ଗୁଡିକୁ ରାସ୍ତା ଉପରେ ରଖି ଲୋଡିଂ ଅନଲୋଡିଂ କରିବା, ପରିବା ବ୍ୟବସାୟୀ, ମାଛ ବ୍ୟବସାୟୀ ରାସ୍ତା ଉପରେ ପସରା ବସେଇ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ଏମାନଙ୍କ ସଫେଇ ସ୍ଥାନ ଦିଆଗଲେ ରାସ୍ତା ରେ ଗାଡି ମାନଙ୍କ ଜାମ ରହିବ ନାହିଁ ବୋଲି ଲୁଆଯାଇଛି। ଏବେ ଦେଖିବାକୁ ବାକି ରହିଲା କେବେ ପ୍ରଶାସନ ନିଦରୁ ଉଠି ଲୋକଙ୍କ ସମସ୍ୟା ଦୂର କରିବେ ?



# ସୁନ୍ଦରୀ ସୁପର ଗ୍ଲାମରରେ ତମ୍ମନା ରାନୀ ସିଂ ପ୍ରଥମ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଥିବା ଏସ ଏସ କନ୍ଭେନସନ୍ ଠାରେ ଚଳିତ ମାସ ୧୮ ତାରିଖରେ ଅବିଭକ୍ତ କୋରାପୁଟ ଜିଲ୍ଲାର ରାୟଗଡା, ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ପ୍ରତିଯୋଗୀଙ୍କୁ ନେଇ ଏକ ସୁନ୍ଦରୀ ସୁପର ଗ୍ଲାମର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବଚ୍ଛା ବଚ୍ଛା ୧୫ ଜଣଙ୍କୁ ମନୋନୀତ କରାଯାଇଥିଲା । ସେଥି ମଧ୍ୟରୁ ୧୦ ଜଣ ପ୍ରତିଯୋଗୀ ସ୍ଥାନ ପାଇଥିଲେ । ସେହି ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକର ପୂଜାରୀ ଗୁଡା ଗ୍ରାମର ସୁଶାନ୍ତ କୁମାର ସିଂଙ୍କ ଝିଅ ତମନ୍ନା ରାନୀ ସିଂ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତମନ୍ନାଙ୍କ ବାପା ସୁଶାନ୍ତ କୁମାର ସିଂ ମାଲକାନଗିରି ଜିଲ୍ଲାରେ ବନପାଳ ଭାବେ କାର୍ଯ୍ୟ କରୁଥିବାବେଳେ ମାଆ ରାଜେଶ୍ୱରୀ ସିଂ ଗୃହିଣୀ, ପରିବାରରେ ବଡ ଝିଅ ସନ୍ଧ୍ୟା ରାନୀ ସିଂ ସ୍ନାତକ କରୁଥିବାବେଳେ ସାନଭାଇ ବିଶାଲ ସିଂ ୮ମ ଶ୍ରେଣୀରେ ପଢୁଥିବାଥିବା ପ୍ରକାଶ କରିଛନ୍ତି । ଆଗକୁ ତମନ୍ନା ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରରେ ଭାଗ ନେବାକୁ ଇଚ୍ଛା ରଖିଛନ୍ତି ବୋଲି କହିଛନ୍ତି। ନବରଂଗପୁର ଜିଲ୍ଲା ପୂଜାରୀଗୁଡା ଭଳି ଏକ ପଲ୍ଲୀରୁ ଏଭଳି ଗ୍ଲାମର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଗୁଁ ପ୍ରତ୍ୟେକ ମହଲରୁ ତମ୍ମନା ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବା ସହ ଆଗାମୀ ଦିନରେ ତମନ୍ନାର ଉତ୍ତରୋତ୍ତର ମଙ୍ଗଳ କାମନା କରିଛନ୍ତି। ଏହି ଖବର ଶୁଣିବା ପରେ ପରିବାର ଏବଂ ଆତ୍ମୀୟଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି । ତେନ୍ତୁଳିଖୁଣ୍ଟି ବ୍ଲକର ବରିଷ୍ଠ ନେତା ନାରାୟଣ ପାତ୍ର ଏବଂ ବରିଷ୍ଠ ସମାଜ ସେବୀ କିଶୋର ଚନ୍ଦ୍ର ସିଂ ତମନ୍ନାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## କୁସ୍ତମୀ ବଳରାମ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମେରିରାୟ ନୀତି

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ତଦନ୍ତ ଆରମ୍ଭ

କୁଚିଣ୍ଡା(ଭାସ୍କର ନ୍ୟୁଜ): ସମ୍ବଲପୁର ଶିକ୍ଷା ଜିଲ୍ଲା ଅଧିକାରୀଙ୍କ ଅଧିନସ୍ଥ କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଗତ କୁସୁମୀ ବଳରାମ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କ ମେରି ରାୟ ନୀତି ଦୂର କୁଚିଣ୍ଡାରେ ରହି ଅନ୍ୟାୟଭିତ୍ତିରେ ଘର ଭଡା ଉଠାଇ ଚାଲିବା ସଂକ୍ରାନ୍ତରେ ପ୍ରାମାଣିକ ଫୋଟ ଓ ତଥ୍ୟଭିତ୍ତିରେ ଗ୍ରାମବାସୀ ପୂର୍ବରୁ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଉପଜିଲ୍ଲାପାଳ

### 'ଓଡ଼ିଶା ଭାସ୍କର'ର ପ୍ରଭାବ

ଇତ୍ୟାଦୀଙ୍କଠାରେ ଅଭିଯୋଗ କରିଥିଲେ। ତଦମତେ ସେତେବେଳର ଶିକ୍ଷା ଅଧିକାରୀ ତଦନ୍ତ କରିବା କଥା । କିନ୍ତୁନ କରି ଶିକ୍ଷୟିତ୍ରୀଙ୍କୁ ଘଣ୍ଟ ଘୋଡା ନୀତିରେ ବାଇପାସ କରିଦିଆଯାଇଥିଲା। ଏସଂକ୍ରାନ୍ତରେ ସେତେବେଳେ ଓଡ଼ିଶା ଭାସ୍କର ଖବରକାଗଜରେ ପ୍ରମାଣ ସହ ଖବର ପ୍ରକାଶ ପାଇଥିଲା ।ଖବର ପ୍ରକାଶ ପରେ ଧରାପଡ଼ିଛି। ଛାତ୍ରଛାତ୍ରୀଙ୍କୁ ଶ୍ରମିକ କାର୍ଯ୍ୟରେ ନିୟୋଜିତ କରିବା, ସ୍କୁଲ ପରିସରରେ ପୂର୍ବରୁ ଥିବା ମୂଲ୍ୟବାନ ଗଛମାନ ବେଆଇନ ଭାବେ କାଟି ବିକ୍ରୟ ଓ ଜାଳ କାଠ କରିବା।ଏହା ସହିତ ମିଥ୍ୟା ବିଲ୍ ଭାଉଚର କରି ଅର୍ଥ ଆତ୍ମସାତ କରିବା, ୧୦୦ ଓ ୪୦ଶଯ୍ୟା ବିଶିଷ୍ଟ ହଷ୍ଟେଲ ଥିବା ସତ୍ତ୍ୱେ ସେଠାରେ ନରହି ୨୦କିଲୋମିଟର



ଅଞ୍ଚଳରେ ତତ୍ପରତା ପ୍ରକାଶ ପାଇଥିଲା। ଉତ୍ତେଜିତ ଗ୍ରାମବାସୀ ପ୍ରଭାତ ମହାକୁଳ ଏବଂ ଗ୍ରାମବାସୀ ପଦକ୍ଷେପ ଗ୍ରହଣ ନହେବାରୁ ସମ୍ବଲପୁର ମୁଖ୍ୟମନ୍ତ୍ରୀଙ୍କ ଗ୍ରୀଭାନ୍ସରେ ପୁନର୍ବାର ଅଭିଯୋଗ କରିଥିଲେ। ତଦ୍‌ମତେ ମୁଖ୍ୟମନ୍ତ୍ରୀ ତା୧୬, ୦୫,୨୦୨୫, ଗ୍ରୀଭାନ୍ସ ଚିଠି ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ ଏସ୍‌ବିପି -ଏ-୧-୦୦୮/୨୫-୪୧୪୨ରେ ପ୍ରଧାନଶିକ୍ଷୟିତ୍ରୀ କୁସୁମୀ ଲିଲି ପୁନମ ସୋରେନଙ୍କ ବିରୁଦ୍ଧରେ ତଦନ୍ତ ୨୦,୫,୨୫ ମଙ୍ଗଳବାର ଦିନ ଧାର୍ଯ୍ୟ ହୋଇଥିଲା। ତଦମତେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜାଗର ପ୍ରଧାନ ଗ୍ରାମବାସୀ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉପସ୍ଥିତ ରହିବାକୁ ଚିଠି କରା ଯାଇଥିଲା। ଅଭିଯୋଗକାରୀଗଣ ଉପସ୍ଥିତ ରହି ସହଯୋଗ ମଧ୍ୟ କରିଥିବା ଏହି ସୂତ୍ରରୁ ଜଣାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ୨୦୨୦ରୁ ଆସି ଯୋଗଦାନ କରିବା ପରଠାରୁ ମହାଦୁର୍ନୀତି ଓ ମନୋପଲି ଚଳାଇ ଆସୁଛନ୍ତି । ଏହାର ସାକ୍ଷ୍ୟ ପ୍ରମାଣ ନେଇ ଅତିରିକ୍ତ ଜିଲ୍ଲା ଅଧିକାରୀ ଫେରିଛନ୍ତି।ଏହି ତଦନ୍ତରେ ତାଙ୍କ ଦପ୍ତରର ମୁଖ୍ୟ କିରାଣୀ ପ୍ରହଲ୍ଲାଦ ରୋହିଦାସ, କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଗିତାରାଣୀ ପ୍ରଧାନ ତଦନ୍ତରେ ସହଯୋଗ କରିଥିବା ଜଣାଯାଇଛି। + ଛାତ୍ରମାନଙ୍କୁ କୋଲି କାର୍ଯ୍ୟ ଅନ୍ଲୋଲୋଡ୍ କାର୍ଯ୍ୟରେ ଲଗାଯାଇଛି।

# ରିକ୍ଲାମେସନ୍ ରାଇଜିଂ କ୍ଲବ୍ ଦ୍ୱାରା ରକ୍ତଦାନ



ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଥିବା ଚଲାଣଗୁଡ଼ା ପଞ୍ଚାୟତ ଟିଟିବିରୀ ଗ୍ରାମର ଭୀମ ମାଡକାମିଙ୍କୁ ସିଭିଓର ଏନିମିୟା ଯୋଗୁ 'ଓ-ପଜିଟିଭ' ରକ୍ତର ଆବଶ୍ୟକତା ହୋଇଥିଲା । ପରିବାର ଲୋକେ ରକ୍ତ ଯୋଗାଡ ପାଇ ବିଭିନ୍ନ ସ୍ଥାନରେ ଯୋଗାଯୋଗ କରି ନିରାଶ ହେବା ପରେ ରିକ୍ଲାମେସନ୍ ରାଇଜିଂ କ୍ଲବ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ତେବେ ଏହି ଖବର ମୁଖ୍ୟ ଉପଦେଷ୍ଟା ରିକ୍ଲାମେସନ୍ ରାଇଜିଂ କ୍ଲବ ମାଲକାନଗିରି ଶ୍ରୀ ଲକ୍ଷ୍ମୀନାରାୟଣ ସେଠୀ ଜାଣିବା ପରେ ରିକ୍ଲାମେସନ୍ କଲୋନିର ମୋହନ ସିଂଘମଙ୍କୁ ତୁରନ୍ତ ଯୋଗାଯୋଗ କରିଥିଲେ। ମାନବିକତା ଦେଖାଇ ମୋହନ ସିଂଘମ ସହାୟତା ପାଇ ଆଗେଇ ଆସିଥିଲେ। ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରି ଭୀମ ମାଡକାମିଙ୍କ ଜୀବନ ବଞ୍ଚାଇଥିଲେ ।ତେବେ ତାଙ୍କର ଏଭଳି ମହତ୍ କାର୍ଯ୍ୟ ଯୋଗୁଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।ଏହି ଅବସରରେ ଅଧାପକ ମାଲକାନଗିରି ମହା ବିଦ୍ୟାଳୟ ଗୌତମ ନାୟକ, ସମ୍ପାଦକ ରିକ୍ଲାମେସନ୍ ରାଇଜିଂ କ.ରାହୁଲ, ଏକ୍ଜିକ୍ୟୁଟିଭ ବୋଡି ମେମ୍ବର ରିକ୍ଲାମେସନ୍ ରାଇଜିଂ କ୍ଲବ ସତ୍ୟଜିତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପରିଷଦର ଅଷ୍ଟମ ବୈଠକ




ନୂଆପଡ଼ା(ଭାସ୍କର ନ୍ୟୁଜ):ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦଭାବନା ସଭା ଗୃହରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଡଲି ମାଝୀଙ୍କ ସଭାପତିତ୍ୱରେ ଷଷ୍ଠତମ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ମାନୀୟା ଲୋକସଭା ସାଂସଦ ମାଳବିକା ଦେବୀ , ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଖରିଆର-ଅଜିଜ୍ ଖାନ୍, ବନଖଣ୍ଡ ଅଧିକାରୀ ବନ୍ୟଜନ୍ତୁ-ମହାଦେବ ବଡାଇକ,ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ୍ ଅଧକ୍ଷା ଯୋଗ ଦେଇଥିଲେ। ଗୃହକୁ ସ୍ୱାଗତ କରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଜିଲ୍ଲା ପରିଷଦ ଅଧକ୍ଷା ସମସ୍ତ ଜନ ପ୍ରତିନିଧି ତଥା ଅଧିକାରୀ ମାନଙ୍କୁ ସମ୍ବୋଧନ କରି ଜିଲ୍ଲାର ସର୍ବାଙ୍ଗିନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାପରେ ଗୋଟି ଗୋଟି କରି କୃଷି, ମତ୍ସ୍ୟ, ଯୋଗାଣ, ଜିଲ୍ଲା ମଂଗଳ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା,ପୂର୍ତ୍ତ, ଗ୍ରାମ ଉନ୍ନୟନ ଇତ୍ୟାଦି ସମସ୍ତ ବିଭାଗର ତ୍ରୟ ମାସିକ ପ୍ରଗତି ବିବରଣୀର ସମୀକ୍ଷା ହୋଇଥିଲା । ବିଗତ ବୈଠକରେ ସଦସ୍ୟ ମାନେ ଉତ୍ଥାପନ କରିଥିବା ସମସ୍ତ ଅଭିଯୋଗ ଉପରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ଉପରେ ଅଧିକାରୀମାନେ ନିଜ ନିଜ ମନ୍ତବ୍ୟ ରଖିଥିଲେ । ବିଗତ ଦିନରେ ହୋଇଥିବା ଅପୂର୍ଣ୍ଣ କାମ ସବୁ ଶୀଘ୍ର ସମାପନ କରିବା ଉପରେ ଉଭୟ ସାଂସଦ ଓ ବିଧାୟକ ଗୁରୁତ୍ୱ ଦେଇଥିଲେ। ସମସ୍ତ ଉନ୍ନତି ମୂଳକ କାମରେ ଏବଂ ବିଶେଷତଃ କୃଷି, ଉଦ୍ୟାନ କୃଷି ଇତ୍ୟାଦି ଯୋଜନାରେ ହିତାଧିକାରୀ ଚୟନ କରିବା ବେଳେ ଜନ ପ୍ରତିନିଧି ମାନଙ୍କୁ ସାମିଲ କରିବା ଉପରେ ଜିଲ୍ଲା ପରିଷଦ ସଦସ୍ୟ ମାନେ ଦାବୀ କରିଥିଲେ। ବୈଠକରେ ନିଷ୍ପତ୍ତି ନିଆଗଲା ଯେ ସବୁ ଷ୍ଟ୍ରିଟ ଲାଇଟକୁ ପଞ୍ଚାୟତ ମାନଙ୍କୁ ହସ୍ତାନ୍ତର କରାଯିବ । ସେମାନେ ବିଜୁଳି ଓ ପାଣି ବିଲ ସଂଗ୍ରହ କରିବେ । ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନାରେ ଏଥର ଲକ୍ଷ୍ୟ ୧୦୮ ହେକ୍ଟର ଥିବାରୁ ଠିକ୍ ସମୟରେ ଏହାକୁ ସାରିବା ପାଇଁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ବିନା ସୂଚନା ଫଳକରେ କୌଣସି ଉନ୍ନତିମୂଳକ କାମ ହେବନାହିଁ। ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପାଣିଗ୍ରାହୀ କହିଲେଯେ ସମସ୍ତ ଉନ୍ନୟନ ମୂଳକ କାମ ରେ ଜନ ପ୍ରତିନିଧି ମାନଙ୍କ ମତାମତ ନିଆଯାଉ। ଧାନମଣ୍ଡି ମାନଙ୍କରେ ଦଲାଲ ରାଜ ଏବଂ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ହେବ। ତିଖାଲି ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ ସହିତ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସେ ଦାବି କରିଥିଲେ। ସମ୍ମାନୀୟା ସାଂସଦ ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଓ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ପ୍ରତି ସହର ଗ୍ରାମର ସମସ୍ତ ବ୍ୟକ୍ତିଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ,ବିଦ୍ୟୁତ୍, ପରିମଳ ଭଳି ଅତ୍ୟାବଶ୍ୟକ ସେବା ସୁବିଧାରେ ଯୋଗାଇ ଦେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ କହିଲେଯେ ବିଭିନ୍ନ ପାରାମିଟରରେ ଆମ ଜିଲ୍ଲା ବେଶ୍ ଆଗରେ ଅଛି । ଜନ ପ୍ରତିନିଧି ଏବଂ ବିଭିନ୍ନ ବିଭାଗ ତଥା ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ହେଲେ ଆମେ ଆହୁରି ଆଗକୁ ବଢ଼ି ପାରିବା। ଆଜିର ଏହି ବୈଠକ ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ୍ ବିଭାଗ ଅଧିକାରୀ, ସମସ୍ତ ବିଡିଓ ଯୋଗ ଦେଇଥିଲେ ।

# ଜରାଜୀର୍ଣ୍ଣ ଅବସ୍ଥାରେ ରମାଇ ଟକିଜ୍




ବଲାଙ୍ଗୀର(ଭାସ୍କର ନ୍ୟୁଜ): ବଲାଙ୍ଗୀର ସହରର ହୃତ୍‌ପିଣ୍ଡ ହେଉଛି ଦୈନିକ ବଜାର ଅଞ୍ଚଳ ।ଏହି ଡେଲି ମାର୍କେଟକୁ ଲାଗି ରହିଛି ଓଡିଶା ସିନେ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରମାଇ ଟକିଜ। ୧୭ ଜାନୁଆରୀ ୧୯୫୩ ରେ ପ୍ରତିଷ୍ଠିତ ରମାଇ ଟକିଜ ସମଗ୍ର ଓଡିଶା ସିନେମା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବଡ଼ ପରଦା ପାଇଁ । ଦୀର୍ଘ ଛଅ ଦଶନ୍ଧି ଧରି ବଲାଙ୍ଗୀର ବାସୀଙ୍କର ମନୋରଞ୍ଜନଙ୍କର ଉତ୍ସ ସାଜିଥିବା ଓଡିଶାର ସର୍ବପୁରାତନ ସିନେମା ହଲମାନଙ୍କ ମଧ୍ୟରୁ ଅନ୍ୟତମ ରମାଇ ଟକିଜ ଆଜି ଅଲୋଡ଼ା। ଏକ ସ୍ମୃତି ସ୍ତମ୍ଭ ଭଳି ସହରର କେନ୍ଦ୍ରସ୍ଥଳରେ ଛିଡାହୋଇ ଖୋଜୁଛି ନିଜର ପୂର୍ବ ପରିଚୟ। କୋଭିଡ ପରେ ପୁରା ବଦଳି ଯାଇଛି ରମାଇର କଳେବର । ଆଉ ନିଜର ବଡ଼ ପରଦାରେ ଲୋକଙ୍କର ମନୋରଞ୍ଜନର ଉତ୍ସ ହୋଇ ରହି ନାହିଁ ରମାଇ ଟକିଜ । ଯେଉଁଠାରେ ଫିଲ୍ମ ଦେଖିବା ପାଇଁ ଦିନେ ହଜାର ହଜାର ଦର୍ଶକ ଅପେକ୍ଷା କରୁଥିଲେ ସେ ଗୌରବମୟ ସିନେମାହଲ ଆଜି ଭଗ୍ନସ୍ତୁପରେ ପରିଣତ ହେବାକୁ ଯାଉଛି। ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହି ଖୋଜୁଛି ତାର ପରିଚୟ । ଦର୍ଶକ ମଧ୍ୟ ତାଙ୍କର ପ୍ରିୟ ସିନେମା ହଲକୁ ଭୁଲି ପାରୁ ନାହାନ୍ତି । ବଲାଙ୍ଗୀର ତଥା ଆଖପାଖ ଅଂଚଳର ଲୋକେ ଆଜି ବି ଝୁରୁଛନ୍ତି ତାଙ୍କର ପ୍ରିୟ ଟକିଜକୁ । ସ୍ମୃତି ଗର୍ଭରେ ଲୀନ ହୋଇଯିବା ପୂର୍ବରୁ ପୁଣି ଥରେ ରମାଇ ଟକିଜ ଚାଲୁରହି ତାର ବଡ଼ ପରଦାରେ ସିନେମା ପ୍ରଦର୍ଶନ କରିବ ବୋଲି ଦର୍ଶକ ଆଶାବାଦୀ ଅଛନ୍ତି ।

# ବିଜେଡିର ନବନିଯୁକ୍ତ ରାଜ୍ୟ ଉପସଭାପତି ଓ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ଲହୁଣୀପଡା(ଭାସ୍କର ନ୍ୟୁଜ): ଲହୁଣୀପଡା ବ୍ଲକ ଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଲହୁଣୀପଡା ବିଜୁ ଜନତା ଦଳ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିଯୁକ୍ତ ରାଜ୍ୟ ଉପସଭାପତି ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠି ଜିଲ୍ଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡି , ରାଉରକେଲା ପୂର୍ବତନ ଉପସଭାପତି ଜ୍ୟୋତିପ୍ରକାଶ ମହାନ୍ତି, ବରିଷ୍ଠ ଆଇନଜୀବୀ ଶିବାଜି ପଣ୍ଡା,ଯୁବ ନେତା ବାଣେଶ୍ୱର ସାହୁ ,ଲହୁଣିପଡା ଲ୍ୟାମ୍ପ ସଭାପତି କିଶୋର ଚନ୍ଦ୍ର ନାୟକ, ଯୋଗ ଦେଇଥିବା ବେଳେ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ରଣଜିତ କିଷାନଙ୍କ ଅଧକ୍ଷତାରେ ଓ କୁମାର ଗୌତମ ବାରିକଙ୍କ ମଞ୍ଚ ପରିଚାଳନାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖୁଟୁଗାଁ ଲ୍ୟାମ୍ପ ସଭାପତି ଅଜୟ କୁମାର ନାୟକ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ପରେ ଅତିଥି ମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଲହୁଣୀପଡା ବ୍ଲକ ବିଜୁ ଜନତା ଦଳ ତରଫରୁ ରାଜ୍ୟ ଉପସଭାପତି ସାରଦା ପ୍ରସାଦ ନାୟକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠି ଏବଂ ଲହୁଣୀପଡା ବ୍ଲକ ଦଳୀୟ ନିର୍ବାଚନ




ଅଧିକାରୀ ସୁମିତ୍ର ଚାଟର୍ଜିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଦଳକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ କର୍ମୀ ଓ କର୍ମକର୍ତ୍ତାମାନେ ସ୍ୱାଭିମାନର ସହିତ କର୍ତ୍ତବ୍ୟ କରିବା ଉଚିତ୍ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ଲହୁଣୀପଡା ବ୍ଲକ କାର୍ଯ୍ୟକାରି ସଭାପତି ଗୁରୁଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନକୁଳ ମାହାନ୍ତ,ସାଧେଶ୍ୱରି ମାହାନ୍ତ,ମିନା ମାହାନ୍ତ, ସ୍ମୃତି ରେଖା ମାହାନ୍ତ, ବିଜୁ ଜନତା ଦଳରେ ଯୋଗ ଦେଇଥିବାରୁ ଅତିଥି ମାନେ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସହଯୋଗ ସଭାପତି ଉମେଶ ରାୟ,ପୂର୍ବତନ ଜିଲ୍ଲାପରିଷଦ ଲକ୍ଷ୍ମୀ କିଷାନ,ରାଜା ମୁଣ୍ଡା ସରପଞ୍ଚ ମାଳତୀ କିଷାନ,ଦର୍ଜି ସରପଞ୍ଚ ସିଙ୍ଗରାୟ ମୁଣ୍ଡା ,ରାଜା ମୁଣ୍ଡା ସମିତି ସଭ୍ୟ ଅଶୋକ ବେହେରା,ପୁରୁଣା ପାଣି ସମିତି ସଭ୍ୟ ସୁଶାନ୍ତ କୁମାର ମୁଣ୍ଡାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ହେମନ୍ତ ମାହାନ୍ତ,ଗଙ୍ଗା ମାହାନ୍ତ,ଦେବକାନ୍ତ ଜୟସ୍ୱାଲ,ଲକ୍ଷ୍ମୀଧର ମାହାନ୍ତ,ଇନ୍ଦିରା ବୋଡ଼ା, ଅହଲ୍ୟା ନାୟକ, କାନ୍ଦୁର କିଷାନ, ବୈକୁଣ୍ଠ ମାହାନ୍ତ, ଭୁବନାନନ୍ଦ କିଷାନ ହରିହର ମାହାନ୍ତ, ରାକେଶ ରାୟଙ୍କ ସମେତ ବିଜୁଜନତାଦଳର କର୍ମୀ ଓ କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପକ୍ଷୀ ପାଇଁ ଦିନଟିଏ : 'ପକ୍ଷୀ ତୁମେ ଫେରିଆସ'

ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍‌ର ଲର୍କା ପଞ୍ଚାୟତର ଖୋର୍ଲା ଗାଁ ରେ ସୋମବାର ବର୍ଦ୍ଧିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥି ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଖୋର୍ଲା ଗାଁରେ ପହଞ୍ଚିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ,ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନୁସୁୟା ବାଗ୍ ଦେବି, ଲର୍କା ସରପଞ୍ଚ ଜୟଶ୍ରୀ ପଟେଲ ଏବଂ ରୋକାଲ ସରପଞ୍ଚ ଠାକୁର ବାଗ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ଡି ଏଫ୍ ଓ ଙ୍କ ଉଦ୍ୟମରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ପକ୍ଷୀମାନଙ୍କ ପାଇଁ ଜଳ ଏବଂ ବସା ଯୋଗାଇ ଦିଆଯାଇଥିଲା । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ପକ୍ଷୀମାନେ ଧୀରେ ଧୀରେ ଆମ ମାନବ ଜୀବନ ସ୍ରୋତରୁ ଦୁରେଇ ଯାଉଛନ୍ତି । ସେମାନଙ୍କ ବିନା ଜୀବନ ନିରସ ହୋଇ ଯାଉଛି ।ଆମେ



ସେମାନଙ୍କ ପାଇଁ ଏମିତି ବ୍ୟବସ୍ଥା କରିବା ଯାହାଦ୍ୱାରା ସେମାନେ ଆକର୍ଷିତ ହୋଇ ପୁଣି ଥରେ ଆମ ପାଖକୁ ଫେରି ଆସିବେ। ସେମାନଙ୍କ ସୁମଧୁର କାକଳି ଏବଂ କିଚିରି ମିଚିରି ଶବ୍ଦରେ ପୁଣି ଥରେ ଆମ ପରିବେଶ ମଧୁମୟ ହୋଇ ଉଠିବ । ସେମାନଙ୍କୁ ଆକର୍ଷିତ କରିବା ପାଇଁ ଆମେ ଅଧିକରୁ ଅଧିକ ଗଛରେ ମାଟି ପାଣି ପାତ୍ର, କିଛି ପକ୍ଷୀ ଖାଦ୍ୟ ଏବଂ ଛୋଟ ଛୋଟ ବସା ଝୁଲାଇ ଦେବା। ଆମର ବ୍ୟବହାର ଏବଂ ଆଚରଣକୁ ନିରାପଦ ଭାବିଲେ ସେମାନେ ନିଶ୍ଚିତ ଭାବରେ ଆମ ପାଖକୁ ପୁଣି ଥରେ ଫେରି ଆସିବେ । ଏହାଦ୍ୱାରା ପରିବେଶ ସୁରକ୍ଷା ହେବା ସହିତ ଆମ ଜୀବନ ସଙ୍ଗୀତମୟ ହୋଇ ଉଠିବ। ଏହା କେବଳ ବନବିଭାଗ କାର୍ଯ୍ୟରେ ସୀମିତ ନରହି ସମସ୍ତେ ଏହାକୁ ଅନୁସରଣ କରନ୍ତୁ ।ଏହିଭଳି ଜନ ସଚେତନତା ନୂଆପଡ଼ାର ପ୍ରତି ପୁରପଲ୍ଲୀକୁ ବ୍ୟାପ୍ତ ହେଉ ।

# ଆୟୁଷ୍ମାନ ଆରୋଗ୍ୟ ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ କମ୍ପରା ଗ୍ରାମର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତେଜସ୍ୱୀତ୍ ପଟ୍ଟନାୟକ, ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ବିଭାଗର ଡ଼ା. ରମାକାନ୍ତ ନନ୍ଦ ଓ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସୁଜାତା ଭଞ୍ଜ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ଶିବିରରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ଯକ୍ଷ୍ମା, କୁଷ୍ଠ, ସିକେଲସେଲ, ଉଚ୍ଚ ରକ୍ତଚାପ, ମଧୁମେହ ଓ କର୍କଟ ରୋଗର ଲକ୍ଷଣ ବିଷୟରେ ବୁଝାଇବା ସହିତ ସଚେତନ କରାଇଥିଲେ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରିବା ଦ୍ୱାରା ଏହିପ୍ରକାର ରୋଗରୁ ମୁକ୍ତି ମିଳିପାରିବ ବୋଲି ପରାମର୍ଶ ଦେଇଥିଲେ।ଏହି ଶିବିରରେ ପ୍ରାୟ ୮୨ ଜଣ ରୋଗୀଙ୍କୁ ଚିକିତ୍ସା ସୁବିଧା ଦିଆଯାଇଥିଲା। ଏପରି ଆୟୁଷ୍ମାନ ଶିବିର ପ୍ରତି ମାସରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



# 'ଶିଶୁ ପାଇଁ ଦିନଟିଏ' ସଚେତନତା କାର୍ଯ୍ୟକ୍ରମ

ରାୟଗଡ(ଭାସ୍କର ନ୍ୟୁଜ): ରାୟଗଡ ଜିଲ୍ଲାରେ ବାଲ୍ୟବିବାହ ନିବାରଣ ନିମନ୍ତେ ଜିଲ୍ଲା-ପ୍ରଶାସନ ତରଫରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ବ୍ଲକରେ ଆୟୋଜନ ନିମନ୍ତେ ସ୍ଥିର କରାଯାଇଛି । ଅଳ୍ପ ବୟସରେ କିଶୋରୀ ବାଳିକାମାନେ ଭଲପାଇ ମାତୃତ୍ୱ ଲାଭ କରୁଛନ୍ତି ଓ କମ ବୟସରେ ବାହାଘର କରିଦେଉଥିବାର ଦେଖିବାକୁ ମିଳୁଛି। ସେଥିପାଇଁ ଜିଲ୍ଲାପ୍ରଶାସନର ସମାଜ କଲ୍ୟାଣ ଅନ୍ତର୍ଗତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଭିନବ ପଦକ୍ଷେପ ସଦୃଶ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୨୨/୦୫/୨୫ତାରିଖରୁ ରାୟଗଡ଼ ବ୍ଲକ, ପୌର ପରିଷଦ ଓ କୋଲନାରା ବ୍ଲକରେ ଅନୁଷ୍ଠିତ ହେବ । ସେହିପରି ଆସନ୍ତା ୨୩/୦୫/୨୫ରିଖରେ ଗୁଣୁପୁର ବ୍ଲକ, ଗୁଣୁପୁର ପୌର ପରିଷଦ ଓ ରାମନାଗୁଡ଼ା ବ୍ଲକରେ, ଆସନ୍ତା ତା ୨୬/୦୫/୨୫ରିଖରେ ମୁନିଗୁଡା, ବିଷମକଟକ ଓ ଚନ୍ଦ୍ରପୁର ବ୍ଲକ, ତା ୨୮/୦୫/୨୫ରିଖରେ ଗୁଡ଼ାରୀ ବ୍ଲକ ଗୁଡ଼ାରୀ ବିଜ୍ଞାପିତ ଅଂଚଳ ପରିଷଦ ଓ ପଦ୍ମପୁର ବ୍ଲକରେ ଏବଂ ତା ୩୦/୦୫/୨୫ କଲ୍ୟାଣ ସିଂପୁର ଏବଂ କାଶୀପୁର ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ମହାବିଦ୍ୟାଳୟର ଅଧକ୍ଷ, ଅଧକ୍ଷା,ଛାତ୍ରୀନିବାସର ମେଟ୍ରୋନ, ସମସ୍ତ ପଂଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟ କର୍ମୀ,ଜାତି କୂଳ ସମାଜ କର୍ମକର୍ତ୍ତା, ଧାର୍ମିକ ସଂଗଠନର କର୍ମକର୍ତ୍ତା, ପଂଚାୟତରାଜ ସଦସ୍ୟ, ଟେଣ୍ଟ ହାଉସ ମାଲିକ ଆଦିକୁ ସଚେତନତା କରାଯିବ।

# ଦୁର୍ଘଟଣାରେ ୩ ଯୁବକ ମୃତ

ଗୁଣୁପୁର(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଗୁମୁଡା ଫାଣ୍ଡି ଅନ୍ତର୍ଗତ ବଂଶଧାରା ନଦୀ ବ୍ରିଜ୍ ଉପରେ ବିଳମ୍ବିତ ରାତ୍ରି ସମୟରେ ଅଜଣା ଗାଡି ଧକ୍କାରେ ୩ ଯୁବକର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ପଦ୍ମପୁର ବ୍ଲକ ଅନ୍ତର୍ଗତ କଇଠପଦର ଗ୍ରାମର ବୁଲୁ ଶବର, ସୁବ୍ରତ ଶବର ଓ ଜଗନ୍ନାଥପୁର ଗ୍ରାମର ବାଳକୃଷ୍ଣ ଶବର ଏକ ବାଇକ ଯୋଗେ କାରିଣୀ ଗ୍ରାମରେ ଚାଲିଥିବା ଠାକୁରାଣୀ ଯାତ୍ରା ଦେଖିବାକୁ ଯାଉଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଏଥିରେ ବାଇକରେ ଚାଳକ ସମେତ ୨ଆରୋହି ରାସ୍ତାକଡକୁ ଛିଟିକି ପଡିଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଂଚି ବୁଲୁ ଶବର ଓ ସୁବ୍ରତ ଶବରକୁ ଗୁରୁତର ଅବସ୍ଥାରେ ପଦ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଯୁବକ ବାଲକୃଷନ୍ ଶବରକୁ ଦମକଳବାହିନୀ ଗୁରୁତର ଅବସ୍ଥାରେ ଗୁଣପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ବାଲକୃଷ୍ଣଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ପ୍ରକାଶ । ତିନିଜଣ ଯୁବକଙ୍କ ଏଭଳି ଅଭାବନୀୟ ମୃତ୍ୟୁ ଘଟଣାକୁ ନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ୩ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରଥ ମରାମତି ପାଇଁ କାଠ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ସହର ବୁଟୁପାଲିରେ ବିରାଜିତ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥ ମରାମତି ସକାଶେ ଆବଶ୍ୟକ କାଠ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି ମନ୍ଦିର ପରିଚାଳନା କମିଟି । ବୁଟୁପାଲି ଠାରେ ଶତାଧିକ ବର୍ଷ ହେଲା ରଥଯାତ୍ରା ଆୟୋଜିତ ହୋଇ ଆସୁଥିବା ବେଳେ ଦିନକୁ ଦିନ କାଠ ରଥଟି ବିପଦ ସଂକୁଳ ଅବସ୍ଥାରେ ରହିଛି । ରଥର ମରାମତି ପାଇଁ କାଠ ଅଭାବ ଓ କଟକଣା ହେତୁ ଆବଶ୍ୟକ କାଠ ଯୋଗାଇ ଦେବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦେବାକୁ ମନ୍ଦିର ପରିଚାଳନା କମିଟି ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀ ଭୀକାରୀ ଚରଣ ଝାଙ୍କରଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲା ।



ଆନନ୍ଦପୁର(ଭାସ୍କର ନ୍ୟୁଜ): 'ଅପରେସନ ସିନ୍ଦୂର ' ର ସଫଳତା ପରେ ଭାରତୀୟ ସେନା ର ପରାକ୍ରମ କୁ ସମ୍ମାନିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ବ୍ୟାପି ବିଭିନ୍ନ ନିର୍ବାଚନ ମଣ୍ଡଳୀ ରେ ପରାକ୍ରମ ଶୋଭାଯାତ୍ରା ସଫଳତା ପୂର୍ବକ ଅନୁଷ୍ଠିତ ହେଉଥିବା ବେଳେ ଘଷିପୁରା ନିର୍ବାଚନ ମଣ୍ଡଳୀ ରେ ଏହାର ବିପରୀତ ଦେଖିବାକୁ ମିଳିଛି । ଦଳ ର ନିର୍ଦ୍ଦେଶ ଅନୁସାରେ ଦଳ ମତ ନିର୍ବିଶେଷରେ ସବୁ ବର୍ଗ ର ଲୋକ ଙ୍କୁ ନେଇ ଏହା ପ୍ରତ୍ୟେକ ପଞ୍ଚାୟତ ରେ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଥିଲା, ପ୍ରାପ୍ତ ଖବର ଅନୁଯାଇ ଘଷିପୁରା ବ୍ଲକ ଅନ୍ତର୍ଗତ ୨୫ ଗୋଟି ପଞ୍ଚାୟତ ଓ ଧକୋଠା, କୋଳିମାଟି, ବୁଢ଼ୀକୁଦ ପଞ୍ଚାୟତ ମଧ୍ୟରୁ ମାତ୍ର ପାଞ୍ଚ ଗୋଟି ପଞ୍ଚାୟତ ରେ ଗତ ୨ ଦିନ ତଳେ ଏହି କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା । ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ ଙ୍କ ନେତୃତ୍ୱରେ ପରାକ୍ରମ ଶୋଭାଯାତ୍ରା ଟି ଆଜି ଦେଓଗାଁ ଠାରୁ ଆରମ୍ଭ କରି ଘଷିପୁରା ପର୍ଯ୍ୟନ୍ତ ପରିକ୍ରମା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ଏବଂ ଏଥି ପାଇଁ ଘଷିପୁରା ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତ ଓ ଧକୋଠା, କୋଳିମାଟି, ବୁଢ଼ୀକୁଦ ପଞ୍ଚାୟତ ର ଦଳୀୟ ସମର୍ଥକ ଙ୍କ ସହ, ବିଭିନ୍ନ ସାମାଜିକ ସଂଗଠନ ର ଲୋକ ମାନଙ୍କୁ ଏଥିରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିଲା । ପୂର୍ବତନ ବିଧାୟକ ପ୍ରାର୍ଥୀ ଶ୍ରୀ ରାଉତ ଙ୍କ ଦ୍ୱାରା ଏହି ଶୋଭାଯାତ୍ରା ଟି ଆୟୋଜିତ ହେଉଥିବା କଥା ଶୁଣି ଘଷିପୁରା ବ୍ଲକ ଓ ଧକୋଠା, କୋଳିମାଟି, ବୁଢ଼ୀକୁଦ ପଞ୍ଚାୟତ ର ଲୋକ ମାନେ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରି ନଥିଲେ, ଏକଥା ଜାଣିପାରି ଶ୍ରୀ ରାଉତ ନିଜ ନିର୍ବାଚନ ମଣ୍ଡଳୀ ଆନନ୍ଦପୁର ଅଧିନସ୍ଥ ପୁରୁଣିଆ, ବେଲବାହାଳି, ଆନନ୍ଦପୁର ମ୍ୟୁନିସିପାଲଟି ରୁ କିଛି ଲୋକ ଯୋଗାଡ କରି ନେଇ ଉକ୍ତ ପରାକ୍ରମ ଶୋଭାଯାତ୍ରା ଟି କୁ ସଫଳ କରିବା ପାଇଁ ଲାଗି ପଡ଼ିଥିଲେ ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ୨୭ ମାଓବାଦୀ...

୨୭ଜଣ ମୃତ୍ୟୁବରଣ କରିଥିଲେ। ଡିଆରଜି, ଏସଟିଏଫ ଏବଂ ସିଆରପିଏଫ ଯବାନ ମିଳିତଭାବେ ଏହି ଚଢାଉ କରିଥିଲେ। ତେବେ ଏହି ଏନକାଉଣ୍ଟରରେ ଦେଢକୋଟିର ଇନାମ ଥିବା କୁଖ୍ୟାତ ନକ୍ସଲ ନେତା ନମ୍ବଲା କେଶବରାଓ ଓରଫ ବାସବରାଜ ଓରଫ ଗଗନା ନିହତ ହୋଇଥିବା ସୂଚନା ଦିଆଯାଇଛି। ମୃତ ବାସବରାଜ ନକ୍ସଲ ସଂଗଠନ ସିପିଆଇ ମାଓବାଦୀର କେନ୍ଦ୍ରୀୟ କମିଟି ସାଧାରଣ ସଂପାଦକ ଦାୟିତ୍ୱରେ ରହିଥିଲେ। ୧୯୫୫ ମସିହାରେ ଆନ୍ଧ୍ରର ସିକାକୁଲମ ଜିଲ୍ଲାର ଜାମନାପେଟ ଗ୍ରାମରେ ଜନ୍ମଗ୍ରହଣ କରିଥିବା ବାସବରାଜ ଜଣେ ଇଞ୍ଜିନିୟରିଂ ସ୍ନାତକ ଥିଲେ। ୧୯୭୦ ଦଶକରେ ସେ ନକ୍ସଲ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହାପରେ ସେ ସଂଗଠନର ସଶସ୍ତ୍ର ଶାଖା ପିଏଲଜିର ନେତୃତ୍ୱ ନେଇଥିଲେ। ତାଙ୍କର ବିଶେଷତ୍ୱ ହେଲା ସେ ଗରିଲା ଯୁଦ୍ଧ ରଣନୀତି ଏବଂ ବିସ୍ଫୋରକ ଉପକରଣ ନିର୍ମାଣ ଓ ବ୍ୟବହାରରେ ମାହିର ରହିଥିଲା। ସୁରକ୍ଷାକର୍ମୀଙ୍କ ଏହି ସଫଳତାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସେମାନଙ୍କୁ ଭୁରିଭୁରି ପ୍ରଶଂସା କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦ ଲୋପ ପାଇବ ବୋଲି ଦୃଢୋକ୍ତି ବାଢିଛନ୍ତି।

## ଦିବ୍ୟାଙ୍ଗ ଓ...

ଦିବ୍ୟାଙ୍ଗ ଏଣିକି ମାସକୁ ୩୫୦୦ ଟଙ୍କା ଭତ୍ତା ପାଇବେ। ହିତାଧିକାରୀଙ୍କୁ ଜୁନ୍ ମାସରୁ ମିଳିବ ଏହି ଭତ୍ତା। ଏନେଇ ସମସ୍ତ ଡିଏସଏସଓଏସଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଜେପି ସରକାରର ଏହି ମହତ୍ୱାକାଂକ୍ଷୀ ଯୋଜନା ଦ୍ୱାରା ରାଜ୍ୟର ୪ ଲକ୍ଷ ୧୭ ହଜାର ୪୯୬ଜଣ ହିତାଧିକାରୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

## ଆଇଏସ୍ଆଇ...

୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ନିୟମିତ ଯୋଗାଯୋଗରେ ଥାଇ ସମ୍ବେଦନଶୀଳ ସୂଚନା ଆଦାନ ପ୍ରଦାନ କରୁଥିଲେ। ତାଙ୍କ ମୋବାଇଲ ଓ ଲାପ୍‌ଟପ୍‌ରୁ ମିଳିଥିବା ସୂଚନାରୁ ଏହା ସ୍ପଷ୍ଟ ହୋଇଛି। ତାଙ୍କର ହ୍ୱାଟ୍‌ସଆପ ଚାର୍ଟରୁ ଜଣାପଡ଼ିଛି ଯେ ସେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ଅଧିକାରୀ ଅଲ୍ଲୀ ହସନଙ୍କ ସହ ଯୋଗାଯୋଗରେ ଥିଲେ ଓ ତାଙ୍କୁ ବିବାହ ପାଇଁ କହିଥିଲେ। ଏପରିକି ପାକିସ୍ତାନରେ ବାହା ହେବାପାଇଁ ମଧ୍ୟ ଜ୍ୟୋତି ରାଜି ହୋଇଥିଲେ। ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଉତ୍ତେଜନା ଲାଗି ରହିଥିଲା, ସେତେବେଳେ ଜ୍ୟୋତି ଭାରତରେ ଥାଇ ସେଠାରେ କ'ଣ କରାଯାଉଥିଲା ତା'ର ସବୁ ସୂଚନା ପାକିସ୍ତାନକୁ ଦେଉଥିଲେ। କେଉଁଠି ସାଇରନ ବାଜିଲା, କେଉଁଠି ବ୍ଲାକଆଉଟ୍ ହେଲା ତା'ର ସବୁ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କୁ ପ୍ରଦାନ କରୁଥିଲେ। ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ଦୂତାବାସ ଅଧିକାରୀଙ୍କ ସହ କରିଥିବା ହ୍ୱାଟ୍‌ସଆପ୍ ଚାର୍ଟକୁ ମଧ୍ୟ ଜ୍ୟୋତି ଡିଲିଟ୍ କରି ଦେଇଥିବା ଫରେନସିକ୍ ଯାଞ୍ଚରୁ ଜଣାପଡ଼ିଛି। ପାକିସ୍ତାନୀ ଅଧିକାରୀଙ୍କ ପରାମର୍ଶରେ ସେ ଭାରତର ଜନଗହଳିପୂର୍ଣ୍ଣ ଓ ସମ୍ବେଦନଶୀଳ ଅଞ୍ଚଳର ଭିଡିଓ କରୁଥିଲେ। ପାକିସ୍ତାନୀ ଅଧିକାରୀଙ୍କଠାରୁ ତାଲିମ ମଧ୍ୟ ନେଉଥିଲେ। ନିଜ ଭିଡିଓ ମାଧ୍ୟମରେ ପାକିସ୍ତାନୀ ଏଜେଣ୍ଟଙ୍କୁ ତଥ୍ୟ ପ୍ରଦାନ କରୁଥିଲେ। ପାକିସ୍ତାନ ଓ ଚୀନ୍ ବୁଲିବା ପରେ ଜ୍ୟୋତି ବାଂଲାଦେଶ ଯିବା ପାଇଁ ଯୋଜନା କରିଥିଲେ। ବାଂଲାଦେଶ ଗସ୍ତପାଇଁ ଭିସା ଆବେଦନର ଫର୍ମ ଏନଆଇଏ ହାତରେ ଲାଗିଛି। ଯାହା ସ୍ପଷ୍ଟ କରୁଛି ଯେ ଜ୍ୟୋତି ପାକିସ୍ତାନ ଓ ଚୀନ ପରେ ବାଂଲାଦେଶ ବୁଲି ଯାଇଥାନ୍ତେ।

**AFFIDAVIT**

By virtue of an affidavit sworn before the Executive Magistrate, Darpan, Dhanmandal dated 09/04/2025, I Pramila Jena, Address/ village-Padmalavapur, Po-Sipura, Ps-Balichandrapur, Dist-Jajpur, Odisha, Pin-754205, declare that I have changed my name from Mamata Jena to Pramila Jena. Henceforth, She shall be known as Pramila Jena for all purposes.

**Sd/- Pramila Jena**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj dated 17.05.2025, I Sombari Soren, Address: At-Guhaldihi, Po-Suhagpur, Ps- Badasahi, Dist- Mayurbhanj, Odisha, Pin-757026, declare that I have changed my name from Sombari Tudu to Sombari Soren. Henceforth, I shall be known as Sombari Soren for all purposes.

**Sd/- Sombari Soren**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 01.05.2025, I Behuria Jagyanseni Jagan, At-Parimakundapur, Po-Barunadiha, Ps- Rajkanika, Dist.-Kendrapara, Odisha, Pin-754220, declare that I have changed my name from Jagyanseni Behuria to Behuria Jagyanseni Jagan. Henceforth I shall be known as Behuria Jagyanseni Jagan for all purposes.

**Sd/- Behuria Jagyanseni Jagan**

**AFFIDAVIT**

By virtue of an affidavit sworn before the Executive Magistrate, Athagarh dated 16.05.2025, I Shardhananda Samal, Village-Gobara, Po-Gobara, Ps-Gurudijhatia, Dist.-Cuttack, Odisha, Pin-754028, declare that I have changed my son's name from Ganesh Samal to Ganeswar Samal. Henceforth He shall be known as Ganeswar Samal for all purposes.

**Sd/- Shardhananda Samal**

**AFFIDAVIT**

By virtue of an affidavit sworn before the Executive Magistrate, Bhanjanagar, dated: 20.05.2025, I Susanta Kumar Sahu, Address: At-Kushapalli, Po-Kushapalli, Ps- Gangapur, Dist- Ganjam, Odisha, PIN-761125, declare that I have changed my son's name from Sohan Sahu to Gyanranjan Sahu. Henceforth, He shall be known as Gyanranjan Sahu for all purposes.

Sd/- Susanta Kumar Sahu

**AFFIDAVIT**

By virtue of an affidavit sworn before the Executive Magistrate, Berhampur, Ganjam dated 20.05.2025, I Narayan Karji, At-Maramaria, Po-Burutala, Dist.-Ganjam, Odisha, Pin-761005, declare that I have changed my Son's name from Brudha Karji to Budha Karjee. Henceforth, He shall be known as Budha Karjee for all purposes.

**Sd/- Narayan Karji**

**ମୁଥୁଟ୍ ପିନ୍‌କର୍ପ ଲିଃ**

**ନିଲାମ ତାରିଖ ପରିବର୍ତ୍ତନ**

ଆମେ ଆମର ସମସ୍ତ ଗ୍ରାହକଙ୍କୁ ଜଣାଇ ଦେଉଛୁ ଯେ, ପୂର୍ବ ବିଜ୍ଞପ୍ତି ଅନୁଯାୟୀ, ସୁନ୍ଦରଗଡ଼, ବୌଦ୍ଧ, କଳାହାଣ୍ଡି ଏବଂ ସୋନପୁର ଜିଲ୍ଲାର ପ୍ରସ୍ତାବିତ ନିଲାମ, ଯାହା 19.05.2025 ରେ ଶାଖାଗୁଡ଼ିକରେ ଅନୁଷ୍ଠିତ ହେବାକୁ ଥିଲା, କିଛି ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ ସ୍ଥଗିତ ରଖାଯାଇଛି। ସମାନ ନିଲାମ 28.05.2025 ରେ ସମାନ ସ୍ଥାନରେ କରାଯିବ।

ମୁଥୁଟ୍ ପିନ୍‌କର୍ପ ଲିଃ ନିମନ୍ତେ

**AFFIDAVIT**

By virtue of an affidavit sworn before the Executive Magistrate, Jagatsinghpur, dated: 22.04.2025, I, Kuntala Sethi, Address: At- CDA Sector-9, Plot No-3E/320, Po- Bidanasi, Ps- Markt Nagar, Dist- Cuttack, Odisha, PIN- 753014, declare that I have changed my name from Kunti Sethy to Kuntala Sethi. Henceforth, I shall be known as Kuntala Sethi for all purposes.

**Sd/- Kuntala Sethi**

**AFFIDAVIT**

By virtue of an affidavit sworn before the Executive Magistrate, Bhanjanagar, Ganjam dated 14.05.2025, I, Deepak Kumar Gouda, At-Barakolia, Po-Jhadabhumi, Ps-Jagannathprasad, Dist.-Ganjam, Odisha, Pin-761120 declare that I have changed my daughter's name from Lucky Gouda to Sonakhi Gouda. Henceforth, She shall be known as Sonakhi Gouda for all purposes.

**Sd/- Deepak Kumar Gouda**

**AFFIDAVIT**

By virtue of an affidavit sworn before the Executive Magistrate, Polasara, Ganjam dated 09.04.2025, I Prasana Nahak, Address: At-Khadal sahi, Po-Mandar, Ps- Polasara, Dist-Ganjam, Odisha, Pin-761117, declare that I have changed my son's name from Purna Nahak to Purna chandra Nahak. Henceforth, he shall be known as Purna Chandra Nahak for all purposes.

**Sd/- Prasana Nahak**

**OFFICE OF THE SUPERINTENDING ENGINEER**
**UPPER INDRAVATI RIGHT CANAL DIVISION NO.II**
**AT/PO.JUNAGARH, DIST.KALAHANDI**
**e-mail: eeuircd2@gmail.com**

A-205

*****

**QUOTATION CALL/TENDER CALL NOTICE NO.02/2025-26, Dt-15.05.2025.**
**FOR HIRING VEHICLE.**

Sealed quotations are invited from interested reputed travel agencies/tour operators or private individuals for providing **01 (One) nos.** of Diesel driven vehicle (TUV300/Bolero/Sumo Gold/Ertiga) for official use in the office of the

i. The Superintending Engineer, UI Right Canal Division-No.II, Junagarh and UI Right Canal Sub-Division No.I, Junagarh Dist- Kalahandi.

The Quotation booklets will be available in the office of the Superintending Engineer, UI Right Canal Division No.II, Junagarh, office of the S.D.O, UI Right Canal Sub-Division No-II, and UI Right Canal Sub-Division No-III, Bhawanipatna from **22.05.2025 to 30.05.2025** during office hourson payment of **Rs.100/-(Rupees one hundred)** only in shape of BC/DD from any nationalized bank, pledged in favour of the **Superintending Engineer, UI Right Canal Division-No.II, Junagarh**. The quotations shall be opened on **31.05.2025 at 11.00 AM** in the office of the undersigned.

Further details can be obtained from the Quotation booklets.

Sd/-Superintending Engineer
U.I.R.C.D.No. II, Junagarh

**OIPR 32016/11/0008/2526**

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**E/M LIGHT MACHINERY TUBE WELL & GATE DIVISION SAKRI, BILASPUR (C.G.)**
**e-Procurement Tender Notice**
eProcurement Portal: **https://eproc.cgstate.gov.in**
**(SECOND-CALL)**

**System Tender No.168694,168704 / NIT No.:02,03 /SAC/2025-26 Dated: 20.05.2025**
**Online Tenders are invited for the following works up to 06.06.2025 at 17.30 Hour**

| NIT No. | Tender System No | Name of work | Probable Amount |
|---|---|---|---|
| 02/SAC/ 25-26 Dt. 20.05.25 | 168694 | REPAIR & RENOVATION WORK OF GATES AND OTHER E/M PARTS INCLUDING PAINTING,LIGHTING ARRANGEMENT AT WORK PLASE OF KHONGSARA DIVERSION SCHEME IN BLOCK-KOTA,DISTT-BILASPUR. | 67.63 Lakhs |
| 03/SAC/ 25-26 Dt. 20.05.25 | 168704 | REPAIR & RENOVATION WORK OF GATES AND OTHER E/M PARTS INCLUDING PAINTING,LIGHTING ARRANGEMENT AT WORK PLASE OF MANIYARI BARRAGE SCHEME IN BLOCK-PATHRIYA ,DISTT-MUNGELI . | 110.89 Lakhs |

**(Probable Amount of Contract based on SOR 22.08.2022)**
The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 27.05.2025, at 17.31 Hours.(IST) onwards.

**NOTE :-** 1- All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2- It is mandatory for the tenderer to use the certificate issued for Pre Bid Qulification (Valid up to 30.09.2025) in the year 2024 in this tender.
3. For Prequalification Submit Necessary document as mentioned in Tender Form B Clause 2.1.1(S. No.4&5) & **ANNEXURE – I (P.Q. & Tender Form B Document )**

Sd/-Executive Engineer
E/M L.M.T.W. & Gate Division
Sakri, Bilaspur (C.G.)

G-252601038/7

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

III-03

****

ଘୋଷଣା

No RDM-LAA-BLS-0004-2023- 43237 R&DM, Dated: 07.12.2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରାମଚନ୍ଦ୍ରପୁର, ଥାନା- ବସ୍ତା ନଂ. ୨୧୮, ତହସିଲ- ବାଲେଶ୍ୱର, ଜିଲ୍ଲା- ବାଲେଶ୍ୱର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଞ୍ଜା ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୬୧୫ ତା. ୨୦.୦୨.୨୦୨୪ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ରାମଚନ୍ଦ୍ରପୁର, ଥାନା- ବସ୍ତା ନଂ. ୨୧୮, ତହସିଲ- ବାଲେଶ୍ୱର, ଜିଲ୍ଲା- ବାଲେଶ୍ୱର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବାଲେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରାମଚନ୍ଦ୍ରପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୬.୯୯୭୫ | ଏକର ୧.୨୨୭୫ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ବାଲେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୦.୦୫.୨୦୨୪।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୫୬/୨୦୨୨
ଏ୧.୨୨୭୫ ବି.କେ.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଞ୍ଜା ମାଇନର ନିମନ୍ତେ
ମୌଜା- ରାମଚନ୍ଦ୍ରପୁର, ଥାନା-ବସ୍ତା, ନଂ-୨୧୮, ତହସିଲ- ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୩ | ୩୪ | ୦.୮୯ | ୦.୦୨ | ଶାରଦ ଦୁଇ | ଶେଖ ତାଜୁଉଦ୍ଦିନ, ଶେଖ ସାଜୁଉଦ୍ଦିନ ପି: ଶେଖ କମିରୁଦ୍ଦିନ ଜା: ମୁସଲମାନ ବା: ନିଜଗାଁ |
| | ୨୯ | ୦.୦୭ | ୦.୦୧ | ଶାରଦ ଦୁଇ | |
| ୨୬ | ୧୪୨ | ୦.୦୨ | ୦.୦୨ | ଚକ ନଂ ୧୭ | ଦାମୋଦର ଜେନା, କଣ୍ଠୁରୀ ଜେନା, ଗଣ୍ଡେଇ ଜେନା ପି: ପଞ୍ଚୁ ଜେନା ଜା: ଖଣ୍ଡାୟତ ବା: ସୋମନାଥ ପୁର |
| ୩୦ | ୫୯ | ୦.୧୨ | ୦.୦୪ | ପତିତ | ମହମ୍ମଦ ଖାଁ ସଏଦ ବିଜେ ନିଜଗାଁ ମାରଫତ ବା:, ଶେଖ ପାଣ୍ଡୁ ପି: ଶେଖ ମାସୁମ ଜା: ମୁସଲମାନ ବା: ନିଜଗାଁ |
| ୩୫ | ୧୪୩ | ୨.୦୩ | ୦.୧୧ | ଚକ ନଂ ୧୮ | ଫକୀର ମହାନ୍ତି ପି:ପରମା ନନ୍ଦ ମହାନ୍ତି ଜା: ଖଣ୍ଡାୟତ ବା: ରାଇସୁଆଁ |
| ୩୮ | ୫୧ | ୦.୯୪ | ୦.୦୮ | ଘରବାରି | ଅହମ୍ମଦ ଖାଁ ସଏଦ ବିଜେ ନିଜଗାଁ ମାରଫତ ବା:, ସୟଦ ଫରିଜୁଦ୍ଦିନ ଅଲ୍ଲି, ସୟଦ ସରାଜୁଦ୍ଦିନ ଅଲ୍ଲି ପି: ସୟଦ ମହିଉଦ୍ଦିନ ଅଲ୍ଲି ଜା: ମୁସଲମାନ ବା: ନିଜଗାଁ |
| ୫୨ | ୨୮ | ୦.୨୦ | ୦.୧୦ | ଶାରଦ ଦୁଇ | ଶେଖ ମଇ ରୁଦ୍ଦିନ ପି:ଶେକ ନସି ରୁଦ୍ଦିନ ଜା: ମୁସଲମାନ ବା: ଶିଙ୍ଗାର ପୁର |
| ୬୧ | ୩୯ | ୦.୦୩୭୫ | ୦.୦୨୭୫ | ଘରବାରି | ସୟଦ ମହି ଉଦ୍ଦିନ ଅଲ୍ଲି, ସୟଦ ହଜି ମୁଦ୍ଦିନ ଅଲ୍ଲି, ସୟଦ ମନସୁର ଅଲ୍ଲି, ସୟଦ ହୋସେନ ଅଲ୍ଲି, ତରିକନ ବିବି ପି: ସୟଦ ଆହେମ୍ମଦ ଅଲ୍ଲି ଜା: ମୁସଲମାନ ବା: ନିଜଗାଁ |
| ୬୨ | ୨୭ | ୦.୫୦ | ୦.୧୨ | ଶାରଦ ଦୁଇ | ସୟଦ ମହି ଉଦ୍ଦିନ ଅଲ୍ଲି, ସୟଦ ହଜି ମୁଦ୍ଦିନ ଅଲ୍ଲି, ସୟଦ ମନସୁର ଅଲ୍ଲି, ସୟଦ ହୋସେନ ଅଲ୍ଲି, ତରିକନ ବିବି ପି: ସୟଦ ଆହେମ୍ମଦ ଅଲ୍ଲି ଜା: ମୁସଲମାନ ବା: ନିଜଗାଁ |
| | ୬୦ | ୦.୦୬ | ୦.୦୪ | ଶାରଦ ତିନି | |
| | ୨୫ | ୦.୩୯ | ୦.୦୩ | ଶାରଦ ତିନି | |
| | ୨୬ | ୦.୪୭ | ୦.୧୦ | ଘରବାରି | |
| | ୪୦ | ୦.୦୫ | ୦.୦୫ | ଘରବାରି | |
| | ୪୧ | ୦.୬୪ | ୦.୨୨ | ଘରବାରି | |
| | ୫୨ | ୦.୦୫ | ୦.୦୧ | ଘରବାରି | |
| | ୫୩ | ୦.୧୯ | ୦.୧୬ | ଘରବାରି | |
| | ୬୧ | ୦.୧୯ | ୦.୦୩ | ଘରବାରି | |
| ୮୧/୩୦ | ୬୩/୨୦୬ | ୦.୧୫ | ୦.୦୬ | ଘରବାରି | ସେଖ ଅବଦୁଲ ମହିଜିତ ସେଖ କବିର ପି:ସେଖ ଆହେମଦ ଜା: ମୁସଲମାନ ବା: ନିଜଗାଁ |
| ମୋଟ | ୧୮ ପ୍ଲଟକୁ | ଏ. ୬.୯୯୭୫ ବି.କେ. | ଏ. ୧.୨୨୭୫ ବି.କେ. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**OIPR 24001/14/0179/2526**

**PUBLIC NOTICE**

This NOTICE is hereby given that my client Mr. Sunil Kumar Pattanaik has lost his Link Deed in respect of Khata No- 446/773 , Plot no- 4906/ 5173, Mouza- Natada, Tahasil- Chhendipada, PS- Angul, Dist- Angul , Odisha- 759122 having Sale Deed no- 10011100828 on date- 04/02/ 2011 on the name of Gokula Behera and also a general diary for the same has been lodged with Angul Police Station , on 17.05.2025 and general diary Number- 24488001072500026. All Person/ Persons are hereby informed to put in their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidence from appearance of this notice. If the Sale deed is not found within 15 days , then the certified copy of the document obtained from the registry office will be considered as the original document.

**P. K Debata**
**Advocate**
**Angul Civil Court**
**Ph :-7008284102**

**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001**

C-363

'e' Procurement NOTICE. No. 1547 dtd: 20.05.2025
**Bid Identification No. BPM /02/2025-26**

The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **46 (Fourty Six) numbers**
2. Estimated Costs: **2.49 lakhs to 16.95 lakhs**
3. Period of completion: As per NIT
4. Date and time of availability of the bid documents in the portal: From **02.00 P.M. of 21.05.2025 to 04.00 PM of 30.05.2025**
5. Last Date/ Time for receipt of bids in the portal: **04.00 PM of 30.05.2025**
6. Bids will be opened on: **5.00 PM of Dt. 30.05.2025**
7. Name and address of the officer inviting bid: **Executive Officer, Bhawanipatna Municipality**

Sd/- Executive Officer
Bhawanipatna Municipality

**OIPR 13100/11/0013/2526**

**OFFICE OF THE PANCHAYAT SAMITI, GHASIPURA**
At/Po-Ghasipura, Dist.-Keonjhar, Odisha

i-111

BID ID NO.- TCN NO.02-GHASIPURA/2025-26
Tender Call Notice

The Block Development Officer, Ghasipura, Keonjhar on behalf of Governor of Odisha invites online percentage rate bid through e-procurement are invited from the interested civil contractors in single cover system for the projects as detailed in the Annexure-I to the Bid Notice under **Panchayat Samiti, Ghasipura, Keonjhar**. The eligible criteria and the details of the tender documents which can be downloaded from the website www.tendersorissa.gov.in. and only view from the website www.kendujhar.nic.in. Interested bidders fulfilling the eligibility criteria may submit their proposals in the above mentioned portal. The bid documents will be available in the above website from 22.05.2025 09.00 AM up-to 03.06.2025 01.00 PM. Proposal(s) complete in all respect should submit their application through online before 03.06.2025 up-to 01.00 PM. The Single cover will be opened on 04.06.2025 at 09.00 A.M & In case of any stipulation arise, the lottery will be held on Dt. 12.06.2025 10.00 AM. The undersigned reserves the rights to reject the bidders if any documents found incorrect/false at any stage of bidding

Sd/-
Block Development Officer,
Ghasipura Keonjhar

**OIPR 19093/11/0008/2526**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟି: https://oshb.org

CAD-487

ବିଜ୍ଞାପନ

ପତ୍ର ସଂଖ୍ୟା: ୮୫ — ତା:୧୩.୦୫.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ସ୍ୱ.ଡି.ରାଜେଶ୍ୱରୀ ଦେବୀ, ସ୍ୱାମୀ-ସ୍ୱ.ଡି.ଏନ. ରାଓ ଆଚାରୀ, ସା/ପୋ-ବକ୍ସିବଜାର, ଥାନା-ମଙ୍ଗଳା ବାଗ, ଜିଲ୍ଲା-କଟକ | ଘର ନଂ- ଏଲ.ଆଇ.ଜି-୯୦, (LIG-90), ବରମୁଣ୍ଡା, ୧ମ ପର୍ଯ୍ୟାୟ, ଭୁବନେଶ୍ୱର , ଜିଲ୍ଲା-ଖୋର୍ଦ୍ଧା | ୧.ପି.ମାହେଶ୍ୱରୀ(ବି.କନ୍ୟା) ୨.ଡି.ଚାର୍ଣ୍ଣି (କନ୍ୟା) ୩.ଡି.ଭାନୁମତୀ (ବି.କନ୍ୟା) ୪.ଡି.ଅନୁରାଧା (ବି.କନ୍ୟା) ୫.ଡି.ସାଇରାମ ଆଚାରୀ(ପୁତ୍ର) ୬.ନାଗମଣି ବେହେରା (ବି.କନ୍ୟା) |

ସ୍ୱା/-
ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OIPR 13030/11/0625/2526**

ZILLA SWASTHYA SAMITI, ANGUL
O/o- The CDM &PHO cum District Mission Director, Angul
**TENDER CALL NOTICE**

E-102

No: 1098 — Date: 20.05.2025

Sealed tenders are invited from reputed Agencies or Firms for **Supply of PRINTING & IEC/BCC MATERIALS** under **NHM, Angul**. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd/-
CDM & PHO cum DMD, Angul

**OIPR 10174/11/0002/2526**

**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER,**
**BARGARH (R&B) DIVISION, BARGARH**
E-mail – eepwdbgh@gmail.com Phone/Fax-06646–234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.03 OF 2025-26

B-145

No. 2467 ., Dated,19.05.2025

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Civil works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No of Road & Building work: – **02 Nos.**
3) Cost of Tender Paper: – **Rs.6,000/-& Rs.10,000/-**
4) Class of contractor:– **"D","C" & "B" Class Contractor**
5) Date & Time of available in web site & receipt of Bids: – **11:00 Hrs. of 23.05.2025 to 17:00Hrs. of 02.06.2025.**
6) Date of opening of Technical Bid: – **03.06.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

Sd/-Superintending Engineer,
Bargarh (R&B) Division

**OIPR 34039/11/0023/2526**



ନୂଆଦିଲ୍ଲୀ: ଗାଜାରେ ଆକ୍ରମଣ ବନ୍ଦ କରିବାକୁ ଅନ୍ତର୍ଜାତୀୟ ସ୍ତରରେ ଦାବି ହେଉଥିବାବେଳେ ଇସ୍ରାଏଲ ଚୁପ ହେଉନାହିଁ। ଗାଜାରେ ଇସ୍ରାଏଲ ପକ୍ଷରୁ ବାରମ୍ବାର ଆକ୍ରମଣ ଜାରି ରହିଛି। ମଙ୍ଗଳବାର ଇସ୍ରାଏଲ ଗାଜାରେ ଏୟାରଷ୍ଟ୍ରାଇକ କରିଛି। ଆକାଶମାର୍ଗରୁ ବୋମା ବର୍ଷଣ କରିବା ଫଳରେ ୫୫ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ ସମୟରେ ୨ଟି ବାସଗୃହ ଉପରେ ବୋମା ମାଡ଼ କରାଯାଇଛି। ଯେଉଁଥିରେ ଶିଶୁ ଓ ମହିଳାଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଆଉ ଏକ ସ୍କୁଲ ଉପରେ ବୋମା ବର୍ଷଣ କରାଯାଇଛି। ଏଠାରେ ବିସ୍ଥାପିତମାନେ ଆଶ୍ରୟ ନେଉଥିଲେ। ଏଠାରେ ପ୍ରାୟ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ଗତ ସୋମବାର ଇସ୍ରାଏଲ ପକ୍ଷରୁ ଦକ୍ଷିଣ ଗାଜାର ଖାନ ୟୁନିସ ସହର ଖାଲି କରିବାକୁ ସତର୍କ କରାଯାଇଥିଲା। ଇସ୍ରାଏଲ ପକ୍ଷରୁ ଏଠାରେ ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରାଯାଇପାରେ ବୋଲି କୁହାଯାଇଥିଲା।

## ପାଣି ନେଇ ପାକିସ୍ତାନରେ ହିଂସା

# ମନ୍ତ୍ରୀଙ୍କ ଘର ଜାଳିଦେଲେ ଲୋକେ



ଇସଲାମାବାଦ: ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ପାଣିକୁ ନେଇ ବ୍ୟାପକ ହିଂସା ଘଟିଛି। କିଛି ସପ୍ତାହ ଧରି ଚାଲିଥିବା ପାଣି ପାଇଁ ଏହି ବିବାଦ ଏବେ ଉଗ୍ର ରୂପ ନେଇଛି। ଦି ଡନ୍ ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ଦିନ ସିନ୍ଧ୍ ପ୍ରାନ୍ତୀୟ ଗୃହମନ୍ତ୍ରୀ ଜିଆ ଲାଞ୍ଜାରଙ୍କ ଗୃହ ଜିଲ୍ଲା ନୌସାହରୋ ଫିରୋଜର ମୋରୋ ସହରରେ ସଂଘର୍ଷ ସମୟରେ ଜଣେ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଥିଲା। ଏହା ସହିତ ସିନ୍ଧ୍ ପ୍ରଦେଶର ଗୃହମନ୍ତ୍ରୀଙ୍କ ଘରକୁ ପ୍ରଦର୍ଶନକାରୀମାନେ ପୋଡ଼ି ଦେଇଛନ୍ତି। ଡନ୍ କହିଛି ଯେ, ଏହି ହିଂସାରେ ଜଣେ ଡିଏସ୍‌ପିଙ୍କ ସମେତ ଅନ୍ୟ ଛଅ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏହା ବ୍ୟତୀତ ୧୨ରୁ ଅଧିକ ଲୋକ ଆହତ ହୋଇଥିବା ଡନ୍ ରିପୋର୍ଟ କରିଛି। ରାସ୍ତାରେ ଅନେକ ଯାନବାହନ ପୋଡ଼ା ଯାଇଛି ଏବଂ ଅରାଜକତାର ବାତାବରଣ ଦେଖାଦେଇଛି। ରିପୋର୍ଟ ଅନୁସାରେ, ମଙ୍ଗଳବାର ଦିନ ସିନ୍ଧୁ ନଦୀରେ ନୂତନ କେନାଲ ନିର୍ମାଣ ପ୍ରସ୍ତାବ ବିରୋଧରେ ସିନ୍ଧ୍ ସଭା ଦ୍ୱାରା ଆୟୋଜିତ ଏକ ପ୍ରତିବାଦକୁ ଘଉଡ଼ାଇବା ପାଇଁ ପୁଲିସ ଲାଠି ଚାଳନା ଆରମ୍ଭ କରିବା ପରେ ହିଂସା ଆରମ୍ଭ ହୋଇଥିଲା।

## ୧୦୩ ଅମୃତ ଷ୍ଟେସନର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୦୩ଟି ପୁନଃବିକଶିତ ରେଳ ଷ୍ଟେସନର ଉଦ୍‌ଘାଟନ କରିବେ, ଯାହା ଭାରତୀୟ ରେଳର ଆଧୁନିକୀକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି: ୨୨ ମଇ ଭାରତର ରେଳ ଭିତ୍ତିଭୂମି ପାଇଁ ଏକ ଐତିହାସିକ ଦିନ। ଅମୃତ ଷ୍ଟେସନଗୁଡ଼ିକ ସୁବିଧାଜନକ ହେବା ସହ ସଂଯୋଗୀକରଣକୁ ବୃଦ୍ଧି କରିବ ଏବଂ ଆମର ଗୌରବମୟ ସଂସ୍କୃତିର ପ୍ରତୀକ ହେବ।

## ‘ପ୍ରୋଜେକ୍ଟ ଲାୟନ’ ଅଧୀନରେ କରାଯାଇଥିବା ଉଦ୍ୟମର ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ‘ପ୍ରୋଜେକ୍ଟ ଲାୟନ’ ଅଧୀନରେ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହା ଗୁଜରାଟରେ ସିଂହମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ଏକ ଅନୁକୂଳ ପରିବେଶ ପ୍ରଦାନ କରୁଛି। ଏକ୍ସରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦର ପଟେଲଙ୍କ ଦ୍ୱାରା କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି-’ବହୁତ ଉତ୍ସାହିତ କରୁଥିବା ସୂଚନା ! ଏହା ଦେଖି ବହୁତ ଖୁସି ଲାଗୁଛି ଯେ, ‘ପ୍ରୋଜେକ୍ଟ ଲାୟନ’ ଅଧୀନରେ କରାଯାଇଥିବା ଉଦ୍ୟମ ଯୋଗୁଁ ଗୁଜରାଟରେ ସିଂହମାନଙ୍କୁ ଅନୁକୂଳ ପରିବେଶ ମିଳିବା ସହ ସେମାନଙ୍କର ସଂରକ୍ଷଣ ମଧ୍ୟ ସୁନିଶ୍ଚିତ ହୋଇଛି।

# ବାପାଙ୍କ ଜନ୍ମତିଥିରେ ଭାବପ୍ରବଣ ହେଲେ ରାହୁଲ



ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ପିତା ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥିରେ ତାଙ୍କୁ ସ୍ମରଣ କରିଛନ୍ତି। ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରାହୁଲ ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟ ଶେୟାର କରିଛନ୍ତି। ସେ ସୋସିଆଲ ମିଡିଆରେ ରାଜୀବ ଗାନ୍ଧୀଙ୍କ ସମାଧିର ଫଟୋ ମଧ୍ୟ ଶେୟାର କରିଛନ୍ତି। ରାହୁଲ ଏକ୍ସରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏଥିରେ ସେ ରାଜୀବ ଗାନ୍ଧୀଙ୍କ ସହିତ ଗୋଟିଏ ଫଟୋ ଏବଂ ତାଙ୍କର ସମାଧି ସ୍ଥଳର ଅନ୍ୟ ଏକ ଫଟୋ ଶେୟାର କରିଛନ୍ତି। ରାହୁଲ କ୍ୟାପସନରେ ଲେଖିଛନ୍ତି, ‘ପାପା, ତୁମର ସ୍ମୃତି ମୋତେ ପ୍ରତ୍ୟେକ ପଦକ୍ଷେପରେ ମାର୍ଗଦର୍ଶନ କରେ। ମୋର ସଂକଳ୍ପ ହେଉଛି ତୁମର ଅଧାଥିବା ସ୍ୱପ୍ନକୁ ସାକାର କରିବା – ଏବଂ ମୁଁ ନିଶ୍ଚିତ ଭାବରେ ସେଗୁଡ଼ିକୁ ପୂରଣ କରିବି।’ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ରାହୁଲ ଗାନ୍ଧୀଙ୍କ ସହିତ ରାଜୀବ ଗାନ୍ଧୀଙ୍କ ସ୍ମାରକୀ ବୀର ଭୂମିରେ ପହଞ୍ଚିଥିଲେ। ତାଙ୍କ ସହିତ ଦଳର ଅନ୍ୟ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ମଧ୍ୟ ମନେ ପକାଇଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଚୀନ୍‌ର ତ୍ରିପାକ୍ଷିକ ଆଲୋଚନା

# ଆଫଗାନିସ୍ତାନ ପର୍ଯ୍ୟନ୍ତ ବ୍ୟାପ୍ତ ହେବ ସିପିଇସି



ନୂଆଦିଲ୍ଲୀ: ଚୀନ ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଆଫଗାନିସ୍ତାନ ପର୍ଯ୍ୟନ୍ତ ବ୍ୟାପ୍ତ ହେବ। ଏଥିପାଇଁ ଆଫଗାନିସ୍ତାନ ସହମତି ଜଣାଇଛି। ପାକିସ୍ତାନ ଏବଂ ଆଫଗାନିସ୍ତାନ ସହିତ ଚୀନ ତ୍ରିପାକ୍ଷିକ ଆଲୋଚନା କରିଛି। ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ତଥା ବିଦେଶ ମନ୍ତ୍ରୀ ଇଶାକ ଦାର, ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବିଦେଶ ମନ୍ତ୍ରୀ ଅମିର ଖାନ ମୁତ୍ତାକୀ ଏ ନେଇ ମିଳିତ ଭାବେ ଘୋଷଣା କରିଛନ୍ତି। ଇଶାକ ଦାର ୩ ଦିନିଆ ବେଜିଂ ଗସ୍ତରେ ଅଛନ୍ତି। ଅପରେସନ ‘ସିନ୍ଦୂର’ ଦ୍ୱାରା ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବା ପରେ ପାକ୍ ବିଦେଶ ମନ୍ତ୍ରୀଙ୍କର ଏହା ପ୍ରଥମ ଚୀନ ଗସ୍ତ। ବୈଠକରେ ୩ ବିଦେଶ ମନ୍ତ୍ରୀ ଆଞ୍ଚଳିକ ସୁରକ୍ଷା ଏବଂ ଆର୍ଥିକ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ଲାଗି ତ୍ରିପାକ୍ଷିକ ସହଯୋଗ ମହତ୍ୱପୂର୍ଣ୍ଣ ବୋଲି କହିଛନ୍ତି।

# ପିଏମ୍ ଜନମନ ଆବାସ ହିତାଧିକାରୀଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ଛତିଶଗଡର ପାହାଡି ଇଲାକା ଭାବେ ପରିଚିତ କୋରବା ଗାଁରେ ପିଏମ୍ ଜନମନ ଆବାସ ହିତାଧିକାରୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କ ପରିବାରବର୍ଗ ପାରମ୍ପରିକ ରୀତିନୀତି ଅନୁଯାୟୀ ସରାଇ ଫୁଲମାଳାରେ ଶ୍ରୀ ସାଏଙ୍କୁ ସ୍ୱାଗତ ଜଣାଇଥିଲେ। ସୁଶାସନ ତିହାର ଅନ୍ତର୍ଗତ ବଳରାମପୁର-ରାମାନୁଜଗଜ ଜିଲ୍ଲାରେ ମୁଖ୍ୟାଳୟଠାରୁ ୭୦କିମି ଦୂର ପାହାଡି କୋରବା ଗାଁରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ହିତାଧିକାରୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ହିତାଧିକାରୀଙ୍କ ଘରଗୁଡିକ ପରିଦର୍ଶନ କରିବା ସହ ଏହାର ଗୁଣବତ୍ତା ଯାଞ୍ଚ କରିଥିଲେ। ମହିଳାମାନେ ସରାଇଫୁଲର ମାଳା ପିନ୍ଧାଇ ଆତ୍ମୀୟତାପୂର୍ଣ୍ଣ ଭାବବିନିମୟ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଏହି ଅଞ୍ଚଳର ଜୀବନଶୈଳୀ, ଦିନଚର୍ଯ୍ୟା, ସଂସ୍କୃତି ଓ ପରମ୍ପରା ଅତିବ ମହାନ। ଏହି ପାହାଡି ଗ୍ରାମକୁ ଆସି ସେ ବେଶ୍ ଖୁସି ଅନୁଭବ କରୁଛନ୍ତି। ଏହି ଅଞ୍ଚଳର ଲୋକମାନେ ପ୍ରଥମେ ଝାଟିମାଟି ଘରେ ରହୁଥିବା ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ପକ୍କାଘର ପାଇ ସେମାନେ ବହ ଖୁସି ଥିବା ଶ୍ରୀ ସାଏ କହିଥିଲେ। ଏହି ଅବସରରେ ହିତାଧିକାରୀମାନେ ସରଇ ପତ୍ରରେ ବନା ଯାଇଥିବା ଥାଳିରେ ବିଷ୍ଣୁଦେବଙ୍କୁ ବିଭିନ୍ନ ପ୍ରକାର ଫଳ ପରଶି ଥିଲେ। ଆମ୍ବ, ବେଲ ଓ ତରଭୁଜରେ ବିଷ୍ଣୁଦେବଙ୍କୁ ଅପ୍ୟାୟିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଧିବାସୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରକାର ଭେଟି ମଧ୍ୟ ଅର୍ପଣ କରିଥିଲେ। ଶ୍ରୀ ସାଏ ମଧ୍ୟ ସମ୍ମାନର ସହିତ ସେଗୁଡିକୁ ଆପଣାଇଥିଲେ।

## ଅଚ୍ୟୁତ ସାମନ୍ତଙ୍କ ନାମରେ ଆମେରିକାର ଗବେଷଣା ପ୍ରତିଷ୍ଠାନ



ନ୍ୟୁୟର୍କ: ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିର୍ଭସିଟିରେ ଶିକ୍ଷାବିତ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ନାମରେ ଏକ ଗବେଷଣା ପ୍ରତିଷ୍ଠାନ ନାମିତ କରାଯାଇଛି। ପ୍ରତିଷ୍ଠାନର ନାମ ରହିଛି ‘ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ କ୍ୟୁନି କ୍ରେଷ୍ଟ ଇନଷ୍ଟିଚ୍ୟୁଟ’ (ଏଏସଆଇଆଇସିସିଆଇ)। ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କରେ ମଙ୍ଗଳବାର ଆମେରିକାର ବହୁ ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି । କୌଣସି ଭାରତୀୟଙ୍କ ନାମରେ ଆମେରିକାରେ ଏଭଳି ଗବେଷଣା ପ୍ରତିଷ୍ଠାନ ନାମିତ ହେବା ଏହା ହେଉଛି ପ୍ରଥମ । ଏହି ଅବସରରେ ଅଚ୍ୟୁତ ସାମନ୍ତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ କର୍ତ୍ତୃପକ୍ଷଙ୍କୁ ନିଜର କୃତଜ୍ଞତା ଜଣାଇବା ସହ କହିଲେ, ଆମେରିକା ବିଶ୍ୱବିଦ୍ୟାଳୟ ତାଙ୍କର ଗବେଷଣା ପ୍ରତିଷ୍ଠାନକୁ ଜଣେ ଭାରତୀୟ ବିଶେଷ କରି ଜଣେ ଓଡ଼ିଆ ବ୍ୟକ୍ତିଙ୍କ ନାମ ଅନୁସାରେ ନାମିତ କରିଛି- ଏହା ଏକ ଅତ୍ୟନ୍ତ ସମ୍ମାନଜନକ ମୁହୂର୍ତ୍ତ। ଏହା ଯେକୌଣସି ଭାରତୀୟ, ବିଶେଷକରି ଓଡ଼ିଶା ତଥା କିଟ୍ ଓ କିସ୍ ପାଇଁ ମଧ୍ୟ ଏକ ଗର୍ବର ବିଷୟ। ଏହା ସହ ଶ୍ରୀ ସାମନ୍ତ ଏହି ସଫଳତାକୁ ଓଡ଼ିଶାର ଜନସାଧାରଣ ତଥା କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍‌ସିଆଲ୍ ମେଡ଼ାଲ୍ ପ୍ରଦାନ କରାଯାଇଥିଲା।

# ବାଣିଜ୍ୟ



ମୁମ୍ବାଇ: ବିଶ୍ୱସ୍ତରରେ ଷ୍ଟକ୍ କାରବାର ମାନ୍ଦା ରହିବା ପ୍ରଭାବରେ ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୮୭୩ ପଏଣ୍ଟ ହ୍ରାସ ପାଇ ୮୧,୧୮୬ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୨୬୨ ପଏଣ୍ଟ ହ୍ରାସ ସହ ୨୪,୬୮୩ ପଏଣ୍ଟରେ ବନ୍ଦ ହୋଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଆଇସିଆଇସିଆଇ ବ୍ୟାଙ୍କର ଷ୍ଟକ୍ ମୂଲ୍ୟ ହ୍ରାସ ପାଇଛି। ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନାକୁ ନେଇ କୌଣସି ନିର୍ଦ୍ଦିଷ୍ଟ ଚିତ୍ର ସାମ୍ନାକୁ ଆସିପାରୁ ନ ଥିବାରୁ ନିବେଶକମାନେ ସନ୍ଦୀହାନ ରହିଛନ୍ତି। କିଛି ନିବେଶକ ଲାଭ ପାଇବା ଆଶାରେ ସେୟାର ବିକ୍ରି କରୁଛନ୍ତି। ବିଶ୍ୱସ୍ତରରେ ଘଟିଥିବା କେତେକ ଘଟଣା ଷ୍ଟକ୍ କାରବାରକୁ ପ୍ରଭାବିତ କରିଛି। ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ଆମେରିକା ସରକାରଙ୍କ ରେଟିଂ ହ୍ରାସ କରାଯିବାର ନକାରାତ୍ମକ ପ୍ରଭାବ ବଜାର ଉପରେ ପଡ଼ିଛି। ବୈଦେଶିକ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ମଧ୍ୟ ସତର୍କତାର ସହ କାରବାର କରୁଛନ୍ତି। ସେମାନେ ଚଳିତ ମାସ ୧୯ରେ ୫୨୬ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଘରୋଇ ସଂସ୍ଥାଗତ ନିବେଶକମାନେ ମଧ୍ୟ ୨୮୩ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି।

## ନାଲ୍‌କୋର ଆର୍ଥିକ ଫଳାଫଳ ଇତିହାସରେ ସର୍ବବୃହତ ରେକର୍ଡ

# ଆର୍ଥିକ ବର୍ଷରେ ସର୍ବାଧିକ ୫,୩୨୫ କୋଟିର ନିଟ୍ ଲାଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍(ନାଲକୋ) ଆର୍ଥିକ ବର୍ଷ ୨୦୨୪-୨୫ ରେ ସର୍ବକାଳିନ ସର୍ବାଧିକ ନିଟ୍ ଲାଭ ଅର୍ଜନ କରିବାର ରେକର୍ଡ ହାସଲ କରିଛି । ଆଜିର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲକୋ ଆର୍ଥିକ ବର୍ଷ ୨୦୨୪-୨୫ ରେ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନିଟ୍ ଲାଭ କରି ଏକ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି । ନିଟ ଲାଭ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୫୮% ବୃଦ୍ଧି ପାଇଛି । ଏଥିସହ, ଆର୍ଥିକ ବର୍ଷ ୨୦୨୪-୨୫ରେ କମ୍ପାନୀ ସର୍ବକାଳିନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି । ଏଥିସହ, ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭରେ ୧୦୫% ଅଭିବୃଦ୍ଧି ଘଟି ସର୍ବକାଳିନ ସର୍ବାଧିକ ୨,୦୭୮ କୋଟି ଟଙ୍କା ହୋଇଥିବାବେଳେ ଆର୍ଥିକ ବର୍ଷ ୨୦୨୩-୨୪ର ଚତୁର୍ଥ ତ୍ରୈମାସରେ ନିଟ୍ ଲାଭ ୧୦୧୬ କୋଟି ଟଙ୍କା ଥିଲା । ସେହିପରି ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୫,୨୬୮ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ବିଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଏହି ପରିମାଣ ୩,୫୭୯ କୋଟି ଟଙ୍କା ଥିଲା । ଆଲୁମିନା ଓ ଆଲୁମିନିୟମ ଦରରେ ବୃଦ୍ଧି ତଥା କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ବିଭିନ୍ନ ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଦ୍ୱାରା ନାଲକୋ ଏହାର ସମସ୍ତ ବ୍ୟବସାୟିକ ୟୁନିଟରେ ତଥା ଲାଭ ଅର୍ଜନ କ୍ଷେତ୍ରରେ ଆଶାତୀତ ଅଭିବୃଦ୍ଧି ହାସଲ କରିଛି । ଏହି ଅବସରରେ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକରେ କମ୍ପାନୀର ଉଲ୍ଲେଖନୀୟ ପ୍ରଦର୍ଶନ କର୍ମଚାରୀଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ଅଟେ । ନାଲକୋ ଏହାର ଦୃଢ଼ ଆର୍ଥିକ ପ୍ରଦର୍ଶନ ଏବଂ ବ୍ୟବସାୟିକ ଅଭିବୃଦ୍ଧି ବଳରେ ଆଜିର ପ୍ରଭାବଶୀଳ ବଜାର ପରିବେଶରେ ପ୍ରତିଯୋଗିତାମୂଳକ ମୂଲ୍ୟ ବଜାୟ ରଖିବାରେ ସଫଳ ହୋଇପାରିଛି ।

## ଆମାଜନ ଡଟ୍ ଇନ୍ ପକ୍ଷରୁ ଏଲିଭେଟ୍ କାର୍ଯ୍ୟକ୍ରମ ଶୁଭାରମ୍ଭ

ମୁମ୍ବାଇ: ଆମାଜନ୍ ଡଟ୍ ଇନ୍ ପକ୍ଷରୁ ଏଲିଭେଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆମାଜନ ଇନଫ୍ଲୁଏନ୍ସର ପ୍ରୋଗ୍ରାମ୍ ସହ ଜଡ଼ିତ କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରାଯାଇଛି। କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ପ୍ରିମିୟମ୍ ସମାଧାନ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଉତ୍ସର୍ଗୀକୃତ ସହାୟତା ପ୍ରଦାନ କରି ସେମାନଙ୍କୁ ଆୟର ଶ୍ରେଷ୍ଠ ସୁଯୋଗ ପ୍ରଦାନ କରିବାକୁ ଏହାକୁ ପ୍ରସ୍ତୁତ କରାଯାଇଛି। ଏଲିଭେଟ୍ ପ୍ରୋଗ୍ରାମ ଜରିଆରେ ଯୋଗ୍ୟ କ୍ରିଏଟରମାନେ ଅନେକ ସ୍ୱତନ୍ତ୍ର ଲାଭ ପାଇପାରିବେ ଯାହା ଜରିଆରେ ସେମାନେ ନିଜ ଉପସ୍ଥିତିକୁ ବଢ଼ାଇବା ସହ ଆମାଜନ ଡଟ୍ ଇନରେ ଆୟ ମଧ୍ୟ ବଢ଼ାଇପାରିବେ। ସେହି ସୁବିଧାଗୁଡ଼ିକ ମଧ୍ୟରେ ରହିଛି ପ୍ରିମିୟମ ଆକାଉଣ୍ଟ୍ ସହାୟତା, ବର୍ଦ୍ଧିତ କମିସନ ସୁଯୋଗ, ଉଚ୍ଚ ମୂଲ୍ୟର ବ୍ରାଣ୍ଡ ସହଯୋଗିତା ସୁଯୋଗ ଓ ଆମାଜନ୍ ଲାଇଭରେ ଅଂଶଗ୍ରହଣ। କ୍ରିଏଟର ୟୁନିଭର୍ସିଟି ଜରିଆରେ ଏହି କାର୍ଯ୍ୟକ୍ରମରେ ନିୟମିତ ଦକ୍ଷତା ବୃଦ୍ଧିର ସୁଯୋଗ ପ୍ରଦାନ କରାଯିବ। କ୍ରିଏଟରମାନେ ଯେଭଳି ନିଜର କଣ୍ଟେଣ୍ଟ ରଣନୀତିକୁ ଶାଣିତ କରିପାରିବେ, ଡିଜିଟାଲ ଧାରାରେ ଆଗରେ ରହିପାରିବେ ଏବଂ ସ୍ଥାୟିତ୍ୱକୁ ବ୍ୟାପକ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଆମାଜନର ଭାରତ ଓ ଉଦୀୟମାନ ବଜାର ପାଇଁ ସପିଙ୍ଗ ଅଭିଯାନର ନିର୍ଦ୍ଦେଶକ ଜାହିଦ ଖାନ କହିଛନ୍ତି ଯେ, ଇନଫ୍ଲୁଏନସର ଗୋଷ୍ଠୀକୁ ଆମେ ବେଶ୍ ଗୁରୁତ୍ୱ ଦେଉଛୁ ଏବଂ ଆମ ପ୍ଲାଟଫର୍ମରେ ଆଗକୁ ବଢ଼ିବା ଲାଗି ଦରକାର ଟୁଲ୍ ଓ ସହାୟତା ପ୍ରଦାନ କରି କ୍ରିଏଟରମାନଙ୍କୁ ଶସକ୍ତ କରିବା ଲାଗି ଆମର ରହିଥିବା ବ୍ୟାପକ ମିସନ ଦିଗରେ ଏଲିଭେଟ ପ୍ରୋଗ୍ରାମ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ବେଦାନ୍ତ ଆଲୁମିନିୟମର ସଙ୍ଗମ ଜଳବିଭାଜିକା ପ୍ରକଳ୍ପ

# ୨୨ହଜାର ଲୋକଙ୍କୁ ଜଳ ସୁରକ୍ଷା ପ୍ରଦାନ କରିବ



ଭବାନୀପାଟଣା(ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଜଳ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି, ଯାହା ପୂର୍ବରୁ ମରୁଡ଼ି ଏବଂ ଦୁର୍ଭିକ୍ଷ ଦ୍ୱାରା ପୀଡିତ ଥିଲା। ପ୍ରଯୁକ୍ତିବିଦ୍ୟା-ସମର୍ଥିତ ପଦକ୍ଷେପ ଏବଂ ଏକ ସହଭାଗୀ ପଦ୍ଧତି ବ୍ୟବହାର କରି, ବେଦାନ୍ତର ‘ସଙ୍ଗମ ଜଳବିଭାଜିକା ପ୍ରକଳ୍ପ’ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଆଖପାଖର ୪୧ଟି ଗ୍ରାମରେ ସ୍ଥାୟୀ ଜଳ ବ୍ୟବସ୍ଥା ସହିତ ପାନୀୟ ଏବଂ କୃଷି ଉଭୟ ପାଇଁ ବର୍ଷସାରା ଜଳ ଉପଲବ୍ଧତା ସୁନିଶ୍ଚିତ କରୁଛି। ସଙ୍ଗମ ଜଳବିଭାଜିକା ପ୍ରକଳ୍ପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ୩୫୦୦ ଏକରରୁ ଅଧିକ ଚାଷ ଜମିକୁ ଜଳସେଚନ ପାଇଁ ଜଳ ଯୋଗାଉଛି, ଜଳ ସଂରକ୍ଷଣ କ୍ଷମତା ଏବଂ ଭୂତଳ ଜଳ ରିଚାର୍ଜ ହାରକୁ ବୃଦ୍ଧି କରୁଛି। ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ, ଏହି ପଦକ୍ଷେପ ପ୍ରତିବର୍ଷ ୨୨,୦୦୦ ରୁ ଅଧିକ ଲୋକଙ୍କୁ ସିଧାସଳଖ ଲାଭ ଦେବ। ଏହି ପଦକ୍ଷେପର ବ୍ୟାପକ ସଫଳତା ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, କଳାହାଣ୍ଡିରେ ଆମେ ଯେଉଁ ପରିବର୍ତ୍ତନ ଦେଖୁଛୁ ତାହା ସହଭାଗୀତା ଏବଂ ନବସୃଜନର ଶକ୍ତିର ପ୍ରମାଣ। ସଙ୍ଗମ ଜଳବିଭାଜିକା ପ୍ରକଳ୍ପ ଏବଂ ଆମର ସମନ୍ୱିତ ବିକାଶ ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ କେବଳ ଜଳ ସୁରକ୍ଷା ଏବଂ କୃଷି ଉତ୍ପାଦକତାକୁ ବୃଦ୍ଧି କରିନାହିଁ ବରଂ ହଜାର ହଜାର ଗ୍ରାମୀଣ ପରିବାରକୁ ସ୍ଥାୟୀ ଜୀବିକା ସହିତ ସଶକ୍ତ କରିଛି। କଳାହାଣ୍ଡିର ଲୋକଙ୍କ ପାଇଁ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ସମୃଦ୍ଧିକୁ ଆଗେଇ ନେବା ପାଇଁ ଆମେ ପ୍ରଯୁକ୍ତିବିଦ୍ୟା, ଗୋଷ୍ଠି ସହଭାଗିତା ଏବଂ ରଣନୈତିକ ମଞ୍ଚକୁ ଉପଯୋଗ କରିବାକୁ ପ୍ରତିବଦ୍ଧ। ବଳଭଦ୍ରପୁରର ଜଣେ ଆଖୁ ଚାଷୀ କୃଷ୍ଣ ଚରଣ ମାଳି କହିଛନ୍ତି, ସଙ୍ଗମ ପ୍ରକଳ୍ପ ଏବଂ ବେଦାନ୍ତର ସମର୍ଥନ ପାଇଁ ଧନ୍ୟବାଦ, ଆମର ଆଖୁ ଉତ୍ପାଦନ ୨୫% ବୃଦ୍ଧି ପାଇଛି, ଯାହା ଆମେ ଥରେ ଅନୁଭବ କରିଥିଲୁ ଯେ ଏହା ଆମ ପାଖରେ ପହଞ୍ଚିବାର ବାହାରେ ଥିଲା।

## ଭି ପକ୍ଷରୁ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍‌ରେ ଉନ୍ନତି

ମୁମ୍ବାଇ: ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଏକ ରିପୋର୍ଟ ଅନୁସାରେ ୨୦୨୪ ଜାନୁଆରିରୁ ନଭେମ୍ବର ମଧ୍ୟରେ ୬୪.୫ ନିୟୁତ ଲୋକ ବିଦେଶ ଭ୍ରମଣ କରିଥିଲେ ଯାହା ୨୦୨୩ର ସେହି ସମୟ ତୁଳନାରେ ୧୧.୪ ପ୍ରତିଶତ ଅଧିକ ଥିଲା। ଗ୍ରୀଷ୍ମ ଋତୁରେ ଅଧିକରୁ ଅଧିକ ଲୋକ ବିଦେଶ ଭ୍ରମଣ କରିବାକୁ ଚାହୁଁଥିବାରୁ ସେମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଅଗ୍ରଣୀ ଟେଲିକମ୍ ଅପରେଟର ଭି ପକ୍ଷରୁ ଅଧିକ ସୁବିଧାସୁଯୋଗ ଥିବା ତିନିଟି ଅନ୍ତର୍ଜାତୀୟ ରୋମିଂ ପୋଷ୍ଟପେଡ୍ ପ୍ଲାନ୍‌ରେ ଉନ୍ନତି କରାଯାଇଛି। ଗୀଷ୍ମକାଳୀନ ଛୁଟିକୁ ଦୃଷ୍ଟିରେ ରଖି ପ୍ୟାକ୍‌ଗୁଡ଼ିକରେ ଉନ୍ନତି ଅଣାଯାଇଛି। ଭି ପକ୍ଷରୁ ଉନ୍ନତ କରାଯାଇଥିବା ତିନି ସଂଶୋଧିତ ପୋଷ୍ଟପେଡ୍ ଅନ୍ତର୍ଜାତୀୟ ରୋମିଂ ପ୍ଲାନ୍‌ରେ ଡବଲ୍ ଡାଟା, ଅସୀମିତ ଇନକମିଂ କଲ୍ ଓ ଆହୁରି ବହୁତ ପ୍ରକାର ସୁବିଧାସୁଯୋଗ ରହିଛି ଯାହା ଅଳ୍ପ ସମୟ ଭ୍ରମଣ କରିବାକୁ ଯାଉଥିବା କିମ୍ବା ଲମ୍ବା ସମୟ ରହିବାକୁ ଯାଉଥିବା ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବ। ଭି ପକ୍ଷରୁ ୬୯୯, ୨୯୯୯ ଓ ୩୯୯୯ ଟଙ୍କିଆ ପ୍ଲାନ୍ ଘୋଷଣା କରାଯାଇଛି । ଯାହାର ଅବଧି ଯଥାକ୍ରମେ ୧ ଦିନ, ୧୦ ଦିନ ଓ ୩୦ ଦିନ ରହିଛି। ସବୁ ପ୍ଲାନ୍‌ରେ ଇନକମିଂ ମାଗଣା ଥିବା ବେଳେ ନିର୍ଦ୍ଦିଷ୍ଟ ଭଏସ୍ କଲ୍ ଓ ଏସ୍‌ଏମ୍‌ଏସ୍ ସୁବିଧା ପ୍ରଦାନ କରାଯାଇଛି।

# ବ୍ରାଭିଆ ୨-୨ ଟେଲିଭିଜନ ସିରିଜର ଶୁଭାରମ୍ଭ



ନୂଆଦିଲ୍ଲୀ: ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ ୨-୨ ସିରିଜ୍ ଉନ୍ମୋଚନ କରାଯାଇଛି । ଯେଉଁଥିରେ ୪କେ ଅଲଟ୍ରା ଏଚଡି ଏଲ୍‌ଇଡି ଡିସପ୍ଲେ ପ୍ରଯୁକ୍ତି ରହିଛି ଯାହା ନିଜ ଟିଭିକୁ ଅପଡେଟ କରିବାକୁ ଚାହୁଁଥିବା ଗ୍ରାହକଙ୍କୁ ଉନ୍ନତ ମନୋରନ ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଗୁଗୁଲ ଟିଭି ସହ ସମନ୍ୱିତ ଥିବା ଏହି ଟିଭିରେ ବିଭିନ୍ନ ପ୍ରକାର ଆପ, ଷ୍ଟ୍ରିମିଂ ସେବା ଓ ଲାଇଭ ଟିଭି ଚ୍ୟାନେଲ ହାସଲ କରିବାର ସୁବିଧା ରହିଛି। ନୂଆ ସିରିଜ୍ ୪୩, ୫୦, ୫୫, ୬୫ ଓ ୭୫ ଇଞ୍ଚ ସ୍କ୍ରିନ ଆକାରରେ ଉପଲବ୍ଧ ହୋଇଛି। ଏଥିରେ ଏକ୍ସ୧ ପିକ୍ଚର୍ ପ୍ରୋସେସର ରହିଛି ଯାହା ଉନ୍ନତ ଆଲଗୋରିଦମକୁ ବ୍ୟବହାର କରି କୋଳାହଳ କମ୍ କରୁଥିବା ବେଳେ ସ୍କ୍ରିନର ବିବରଣୀରେ ଉନ୍ନତି ଆଣୁଛି। ସ୍ୱଷ୍ଟ ୪କେ ସିଗ୍ନାଲ ପାଇଁ ସବୁ କିଛି ୪କେ ରିଜଲ୍ୟୁସନରେ ଦେଖିବା ଭଳି ମନେ ହେବ ଯେଉଁଥିରେ ଲାଇଭ କଲର ପ୍ରଯୁକ୍ତି ରହିଛି। ନୂଆ ବ୍ରାଭିଆ ସିରିଜ ୨-୨ ୪କେ ଟିଭିରେ ରହିଛି ୪କେ ଏକ୍ସ-ରିଅଲିଟି ପ୍ରୋ ଯାହା ୨କେ କିମ୍ବା ଫୁଲ ଏଚଡି ଭିଡିଓଗୁଡ଼ିକୁ ଏହାର ସ୍ୱତନ୍ତ୍ର ୪କେ ଡାଟାବେସ ବ୍ୟବହାର କରି ୪କେ ରିଜଲ୍ୟୁସନ ନିକଟତର କରିପାରୁଛି। ଏହି ଟିଭିକୁ ଏଭଳି ଭାବେ ଡିଜାଇନ କରାଯାଇଛି, ଯାହା ଆଧୁନିକ ରହଣୀକୁ ବେଶ ଖାପଖାଇବ। ଏହାର ଅତି ପତଳା ବେଜେଲ ଯୋଗୁଁ ଡିସପ୍ଲେ ଆକାର ଅଧିକ ରହୁଛି। ବର୍ତ୍ତମାନ ଜାରି ରହିଥିବା ଅଫରରେ ଗ୍ରାହକମାନେ ବ୍ରାଭିଆ ୨-୨ ସିରିଜ ଟିଭି କିଣିଲେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ପାଇପାରିବେ ଏବଂ ୪୩ ଇଂଚ ଉପରେ ୧୮୪୯ ଟଙ୍କା, ୫୫, ୬୫ ଓ ୭୫ ସେମିରେ ୨୯୯୫ ଟଙ୍କାରୁ ଆରମ୍ଭ ହେଉଥିବା ସହଜ ଇଏମଆଇ ବିକଳ୍ପ ରହିଛି। ଏହାର କେ-୪୩ଏସ୨୫ଏମ୨ ମଡେଲର ଦାମ୍ ୫୦,୯୯୦ ଟଙ୍କା ଥିବା ବେଳେ କେ-୫୫ଏସ୨୫ଏମ୨ ଦାମ ୭୫,୯୯୦ ଟଙ୍କା, କେ-୬୫ଏସ୨୫ଏମ୨ ଦାମ ୯୭,୯୯୦ ଟଙ୍କା ଓ କେ-୭୫ଏସ୨୫ଏମ୨ ଦାମ ୧,୪୫,୯୯୦ ଟଙ୍କାରୁ ଆରମ୍ଭ ହୋଇଛି।

# ଏଚ୍‌ଏମ୍‌ଏସ୍‌ଆଇର ଅଲ ନ୍ୟୁ ଏକ୍ସ-ଏଡ଼ିଭିର ଶୁଭାରମ୍ଭ



ଗୁରୁଗ୍ରାମ: ପ୍ରିମିୟମ ଦୁଇଚକିଆ ଯାନର ସ୍ଥାନରେ ଏକ କଠିନ ପଦକ୍ଷେପ ସ୍ୱରୂପ ହୋଣ୍ଡା ମୋଟସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ବୁଧବାର ଏହାର ଅଲ ନ୍ୟୁ ଏକ୍ସ-ଏଡ଼ିଭିର ଶୁଭାରମ୍ଭ କରିଛି। ଏକ ଦୁଃସାହସିକ ମୋଟୋରସାଇକେଲର ମହକତାର ଅତ୍ୟନ୍ତ କଠିନ ଧାରାକୁ ବଜାୟୀ ରଖି ସାଧାରଣ ଭାବରେ ଏକ ମାକ୍ସି-ସ୍କୁଟରକୁ ନେଇ ଏକ୍ସ-ଏଡ଼ିଭ ନିଜର ଏକ ଯଥେଷ୍ଟ ଉନ୍ନତମାନର ଚତୁରୀକୁ ବଜାୟୀ ରଖିଛି। ଏକ୍ସ-ଏଡ଼ିଭି ପାଇଁ ବୁକିଙ୍ଗ ବର୍ତ୍ତମାନ ହୋଣ୍ଡାର ବିଗ୍‌ୱିଙ୍ଗ ବିକ୍ରେତାମାନଙ୍କ ଜରିଆରେ ସମଗ୍ର ଭାରତରେ ଖୋଲିଥିବା ବେଳେ ଗ୍ରାହକମାନଙ୍କୁ ଏହାର ବିତରଣ ଜୁନ ୨୦୨୫ରୁ ଆରମ୍ଭ ହେବ। ଏହି ଅଲ ନ୍ୟୁ ହୋଣ୍ଡା ଏକ୍ସ-ଏଡ଼ିଭିର ମୂଲ୍ୟ ୧୧.୯୦ ଲକ୍ଷ ରଖାଯାଇଥିବା ବେଳେ ଏହା ଏକ୍ସ-ଶୋ ରୁମ ଗୁରୁଗ୍ରାମ (ହରିୟାଣା) ରହିଛି। ଏହି ଶୁଭାରମ୍ଭର ଘୋଷଣା ଅବସରରେ ମତବ୍ୟକ୍ତ କରି ସୁଟୁସୁମୁ ଓଟାନୀ, ପରିଚାଳନା ନିର୍ଦ୍ଦେଶକ ସଭାପତି ଓ ସିଇଓ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, ହୋଣ୍ଡାରେ ଆମେ ନିରବଚ୍ଛିନ୍ନ ଭାବବେର ଏହାର ସୁଯୋଗର ଆହ୍ୱାନକୁ ଗ୍ରହଣ କରି ମୋଟୋରସାଇକେଲର ଏହି ଅଭିଜ୍ଞତାକୁ ପୁନଃ ସଂଜ୍ଞାକରଣ କରିଛୁ। ଏହି ନୂତନ ଶୁଭାରମ୍ଭ ଉପରେ ମନ୍ତବ୍ୟ ରଖି ଯୋଗେଶ ମାଥୁର, ନିର୍ଦ୍ଦେଶକ, ସେଲସ୍ ଆଣ୍ଡ ମାର୍କେଟିଙ୍ଗ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, ଏକ୍ସ-ଏଡ଼ିଭିର ଶୁଭାରମ୍ଭ ଆମର ଏହି ବିଗ୍‌ୱିଙ୍ଗ ଯାତ୍ରା ପଥରେ ଅନ୍ୟ ଏକ ମାଇଲଖୁଣ୍ଟ ସ୍ଥାପନ କରିବା ସହିତ ଆମର ବର୍ଦ୍ଧିତ ପ୍ରିମିୟମ ମୋଟୋରସାଇକେଲ ପୋର୍ଟଫୋଲିଓକୁ ଏହା ଆହୁରି ଆଗକୁ ନେଇପାରିବ। ଏହି ଅଲ ନ୍ୟୁ ହୋଣ୍ଡା ଏକ୍ସ-ଏଡ଼ିଭିର ମୂଲ୍ୟ ୧୧.୯୦ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ, ଗୁରୁଗ୍ରାମ ହରିୟାଣା) ରହିଛି।



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ଯୋଗାସନ ଓ ଖେଳ ସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଯୋଗାସନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୋଗ ସଂଘର ଯୁଗ୍ମ ସମ୍ପାଦକ ଓଁ ଆଲୋକ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦୁଝର ଯୋଗ ସଂଘର କିପରି ଉତ୍ତୋରର ଉନ୍ନତି ହେବ ଉକ୍ତ ବିଷୟପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିଯୋଗତାରେ କିପରି ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଯୋଗସଂଘର ଉପସଭାପତି ସଙ୍ଗୀତା ସାହୁ ବିଚାରକ ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗୀମାନଙ୍କ ସଠିକ୍ ବିଚାର କରି ଉଚିତ ସ୍ଥାନ ଦେବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ। ଏଥିରେ ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀତାରେ ବିଚାରକ ଭାବେ ଅଙ୍କିତା ମିଶ୍ର,ଲିପସିତା ଜେନା,ସୁଶ୍ରୀ ସଂଗୀତା ସାହୁ ଓ ଆଲୋକ କୁମାର ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟ କରିଥିବା ପ୍ରତିଯୋଗୀ ମାନଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗନେବା ପାଇଁ ଚୟନ କରାଯାଇଥିଲା। ପ୍ରତିଯୋଗୀତାରେ କନିଷ୍ଠ ବାଳକ ବର୍ଗରେ ସୌହାଦ୍ୟ ଦାସ ପ୍ରଥମ, ଆୟୁଷ୍ମାନ ଗୁରୁ ଦ୍ୱିତୀୟ, ମୋହନ ବାରିକ୍ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବାଳିକା ବର୍ଗରେ ବନିତା ଦାସ ପ୍ରଥମ, ଦିବ୍ୟାଶାଂ ପରିଡା ଦ୍ୱିତୀୟ, ଅନ୍ୱେଷା ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବର୍ଗରେ ଶୁଭଶ୍ରୀ ପଢିଆରୀ ପ୍ରଥମ,ଜୟସ୍ମିତା ଜେନା ଦ୍ୱିତୀୟ, ଇପସିତା ଜେନା ଏବଂ ଶୁଭସ୍ମିତା ପଢିଆରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱର୍ଣ୍ଣ ପଦକ, ରୌପ୍ୟ ପଦକ ଏବଂ ତାମ୍ର ପଦକ ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସଭାପତି ଓ ସମ୍ପାଦକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧନାରେ ପ୍ରତିଯୋଗୀତା ସମ୍ପନ୍ନ ହୋଇଥିଲା। ଶେଷରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକ ଲିପସିତା ଜେନା ସମସ୍ତ ଅତିଥି, ବିଚାରକ ଓ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬୩ତମ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

# ମୁମ୍ବାଇ ଇଣ୍ଡିଆନ୍ସ ୫୯ରନ୍‌ରେ ବିଜୟୀ



ମୁମ୍ବାଇ: ଆଇପିଏଲ ୨୦୨୫ର ୬୩ତମ ମ୍ୟାଚ୍ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ମୁମ୍ବାଇ ୫୯ରନ୍‌ରେ ଜିତି ନେଇଛି। ଏହି ମ୍ୟାଚରେ ଦିଲ୍ଲୀ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ୪୩ଟି ବଲ୍ ଖେଳି ସର୍ବାଧିକ ୭୩ ରନ୍ କରିଥିଲେ। ମୁମ୍ବାଇର ବୋଲରମାନେ ଦିଲ୍ଲୀକୁ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ଦେଇ ନଥିଲେ ଏବଂ ୧୨୧ ରନ୍‌ରେ ଅଲଆଉଟ୍ କରିଥିଲେ। ଏହି ବିଜୟ ସହିତ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଚତୁର୍ଥ ଦଳ ହୋଇଛି ଏବଂ ଆଇପିଏଲର ୧୮ତମ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସର ଯାତ୍ରା ଶେଷ ହୋଇଛି। ଫଳରେ ଦିଲ୍ଲୀର ଆଶା ଏବେ ନିରାଶ ହୋଇଛି। ବର୍ତ୍ତମାନ ସମସ୍ତ ଦଳ ପାଖରେ ୧ରୁ ୨ ଟି ମ୍ୟାଚ୍ ବାକି ଅଛି। ଏବେ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକ ଶୀର୍ଷ ସ୍ଥାନ ପାଇଁ ଚେଷ୍ଟା କରିବେ। ୧୮୧ ରନର ଟାର୍ଗେଟର ଜବାବରେ ଦିଲ୍ଲୀର ବ୍ୟାଟିଂ ଆରମ୍ଭ ବହୁତ ଖରାପ ହୋଇଥିଲା। ଦ୍ୱିତୀୟ ଓଭରରେ ହିଁ ଦୀପକ ଚହର ଅଧିନାୟକ ଫାଫ ଡୁପ୍ଲେସିସ୍‌ଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ। ଡୁପ୍ଲେସିସ୍‌ଙ୍କ ବ୍ୟାଟରୁ ମାତ୍ର ୬ ରନ୍? ଆସିଥିଲା। ଏହା ପରେ ତୃତୀୟ ଓଭରରେ ଟ୍ରେଣ୍ଟ ବୋଲ୍ଟ ମଧ୍ୟ କେଏଲ ରାହୁଲଙ୍କୁ ଆଉଟ୍ କରିଥିଲେ। ତା'ପରେ ଅଭିଷେକ ପୋରେଲ ମଧ୍ୟ ଭଲ ପ୍ରଦର୍ଶନ କରିପାରିନଥିଲେ ଏବଂ ତାଙ୍କୁ ୱିଲ୍ ଜ୍ୟାକ୍ସ ଆଉଟ୍ କରିଥିଲେ। ଏହା ପରେ ସାଣ୍ଟନର ବିପ୍ରଜଙ୍କୁ ଆଉଟ୍ କରିଥିଲେ ଏବଂ ୧୦ମ ଓଭରରେ, ଦିଲ୍ଲୀକୁ ୫ମ ଝଟକା ଲାଗିଥିଲା ଯେତେବେଳେ ଷ୍ଟବ୍ସଙ୍କୁ ବୁମରାହ ଆଉଟ୍ କରିଥିଲେ। ଏହା ପରେ, ସମୀର ରିଜଭି ଏବଂ ଆଶୁତୋଷଙ୍କ ମଧ୍ୟରେ ଏକ ଭଲ ଭାଗୀଦାରି ସୃଷ୍ଟି ହେଉଥିଲା କିନ୍ତୁ ୧୫ତମ ଓଭରରେ ସାଣ୍ଟନର ତାଙ୍କୁ ମଧ୍ୟ ଆଉଟ୍ କରିଥିଲେ। ସମୀରଙ୍କ ବ୍ୟାଟରୁ ୩୯ ରନ ଆସିଥିଲା। ସାଣ୍ଟନର ଆଶୁତୋଷଙ୍କୁ ଆଉଟ୍ କରି ମୁମ୍ବାଇର ଦାବିକୁ ମଜବୁତ କରିଥିଲେ। ଏହା ପରେ ବୁମରାହ ୧୬ତମ ଓଭରରେ ମାଧବଙ୍କୁ ମଧ୍ୟ ଆଉଟ୍ କରି ଦିଲ୍ଲୀକୁ ୮ମ ଝଟକା ଦେଇଥିଲେ। ଏହା ପରେ, ୧୮ତମ ଓଭରରେ, କର୍ଣ୍ଣ ଶର୍ମା ଦିଲ୍ଲୀକୁ ୯ମ ଝଟକା ଦେଇଥିଲେ ଏବଂ କୁଲଦୀପଙ୍କୁ ଆଉଟ୍ କରିଥିଲେ। କୁଲଦୀପଙ୍କ ବ୍ୟାଟରୁ ମାତ୍ର ୭ ରନ୍ ଆସିଥିଲା।

## ନିରାଶ କଲେ ଦାମୀ ଖେଳାଳି



ଲକ୍ଷ୍ନୌ: ଆଇପିଏଲ ୨୦୨୫ ମେଗା ନିଲାମରେ ରିଷଭ ପନ୍ତ ସବୁଠାରୁ ଦାମୀ ଖେଳାଳି ହୋଇଥିଲେ। ଲକ୍ଷ୍ନୌ ସୁପର ଜ୍ୟାଂଟସ ତାଙ୍କୁ ୨୭ କୋଟି ଟଙ୍କାରେ ଟିମରେ ନେଇଥିଲା । ତେବେ ପନ୍ତ ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନ କରି ଉଭୟ ପ୍ରଶଂସକ ଓ ଫ୍ରାଂଚାଇଜରଙ୍କୁ ନିରାଶ କରିଛନ୍ତି । ପନ୍ତ ୧୧ ଇନିଂସରେ ୧୨ ଆଭରେଜରେ ୧୩୫ ରନ କରିଛନ୍ତି । ଲକ୍ଷ୍ନୌ ପ୍ଲେ ଅଫ ଦୌଡ଼ରୁ ବାଦ ପଡିବା ପରେ ଏବେ ପନ୍ତଙ୍କ ଉପରେ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପନ୍ତ ଏଥର ୦, ୧୫, ୨, ୨, ୨୧, ୬୩, ୩, ୦, ୪, ୧୮ ଓ ୭ ରନ କରିଛନ୍ତି । କେବଳ ଗୋଟିଏ ଅର୍ଦ୍ଧଶତକ ସେ ମାରିଛନ୍ତି । ଗୋଟିଏ ଆଇପିଏଲ ସିଜନରେ ପନ୍ତଙ୍କ ଏହା ସର୍ବନିମ୍ନ ସ୍କୋର । ଏହା ପୂର୍ବରୁ ୨୦୧୬ରେ ସେ ୧୦ ମ୍ୟାଚରୁ ୧୯୮ ରନ କରିଥିଲେ ।

## ଧୋନୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲେ ବୈଭବ




ଜୟପୁର: ରାଜସ୍ଥାନ ରୟାଲ୍ସର ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ମହେନ୍ଦ୍ର ସିଂହ ଧୋନୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇ ଆଇପିଏଲ୍ ୨୦୨୫ ସିଜିନ ଶେଷ କରିଥିଲେ। ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ରାଜସ୍ଥାନ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ମୁହାଁମୁହିଁ ହୋଇଥିଲେ। ଏହା ଚଳିତ ସିଜିନରେ ରାଜସ୍ଥାନର ଶେଷ ମ୍ୟାଚ ଥିଲା ଏବଂ ୧୪ ବର୍ଷୀୟ ବୈଭବ ଏହି ମ୍ୟାଚ୍‌ରେ ମଧ୍ୟ ନିଜର ଛାପ ଛାଡ଼ିବାରେ ସଫଳ ହୋଇଥିଲେ। ମ୍ୟାଚ ପରେ ଧୋନୀ ଏବଂ ବୈଭବ ପରସ୍ପରକୁ ଭେଟିଥିଲେ। ପରେ ବୈଭବ ମାହିଙ୍କ ପାଦ ଛୁଇଁଥିଲେ। ଧୋନୀତାଙ୍କୁ ଅଟକାଉଥିବାର ଦେଖାଯାଇଥିଲା। ବୈଭବ ଆଇପିଏଲରେ ଖେଳିଥିବା ସବୁଠାରୁ ଯୁବ ଖେଳାଳି ଏବଂ ସେ ତାଙ୍କର ପ୍ରଥମ ସିଜିନରେ ଚର୍ଚ୍ଚାରେ ଥିଲେ। ବୈଭବ ଏହି ସିଜିନରେ ୭ଟି ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ ଏବଂ ୨୦୬.୫୬ ଷ୍ଟ୍ରାଇକ ରେଟ ଏବଂ ୩୬ ଆଭରେଜରେ ୨୫୨ ରନ କରିଥିଲେ। ମେଗା ନିଲାମରେ ରାଜସ୍ଥାନ ବୈଭବଙ୍କୁ କିଣିଥିଲା ଏବଂ ବ୍ୟାଟସମ୍ୟାନ ଦଳର ଆଶା ପୂରଣ କରିଥିଲେ। ତଥାପି, ରାଜସ୍ଥାନ ଦଳ ପ୍ଲେଅଫରେ ପ୍ରବେଶ କରିପାରି ନ ଥିଲା ଏବଂ ଏହାର ଯାତ୍ରା ଗ୍ରୁପ ପର୍ଯ୍ୟାୟରେ ହିଁ ଶେଷ ହୋଇଯାଇଥିଲା। ବୈଭବ ଏବଂ ସଞ୍ଜୁ ସାମସନଙ୍କ ମଧ୍ୟରେ ୯୦+ ରନର ଭାଗୀଦାରି ବଳରେ, ରାଜସ୍ଥାନ ରୟାଲ୍ସ ଚେନ୍ନାଇ ସୁପର କିଙ୍ଗସକୁ ୬ ଉଇକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଟସ ହାରି ପ୍ରଥମେ ବ୍ୟାଟିଂ କରିବା ପରେ, ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୮୭ ରନ କରିଥିଲା। ଜବାବରେ, ରାଜସ୍ଥାନ ୧୭.୧ ଓଭରରେ ଚାରି ଉଇକେଟ ହରାଇ ୧୮୮ ରନ କରିଥିଲା ଏବଂ ଟୁର୍ନାମେଣ୍ଟର ଚତୁର୍ଥ ବିଜୟ ହାସଲ କରିଥିଲା।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଟିମ୍-ଇ ବିଜୟୀ



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନର ଖେଳରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଇ, ଟିମ-ବିକୁ ୪୬ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଟିମ- ଇ ୨୦ ଓଭରରେ ୪ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଚନ୍ଦନ କୁମାର ସିଂ ୫୪ ଓ ଅଭିଷେକ ଶର୍ମା ୪୧ ରନ କରିଥିବା ବେଳେ ବିପକ୍ଷ ଦଳର ସତ୍ୟମ ପାତ୍ର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଟିମ - ବି ୨୦ ଓଭରରେ ୮ ଉଇକେଟ ହରାଇ ୮୬ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଆୟୁଷ ଗିରି ୩୮ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଚନ୍ଦନ ସିଂ ଓ ଅଭିଷେକ ଶର୍ମା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୨୩ ନଂ ୱାର୍ଡ କାଉନସିଲର ଅନନ୍ତ ଦାସ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ଆସନ୍ତା କାଲି ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ -ଏ ଏବଂ ଟିମ-ବି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି।

## ଆଇପିଏଲରେ ଧୋନୀଙ୍କ ଅଲୋଡା ରେକର୍ଡ
## ହାରିଲେ ସର୍ବାଧିକ ମ୍ୟାଚ

ଚେନ୍ନାଇ: ଆଇପିଏଲ ଶ୍ରେଷ୍ଠ ଅଧିନାୟକ ଭାବେ ମହେନ୍ଦ୍ର ସିଂ ଧୋନୀଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ତାଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗସ ୫ ଥର ଟାଇଟଲ ହାସଲ କରିଛି। ତେବେ ଏହା ସତ୍ତ୍ୱେ ଧୋନୀଙ୍କ ନାମରେ ଏକ ଅଲୋଡା ରେକର୍ଡ ମଧ୍ୟ ରହିଛି। ସେ ଆଇପିଏଲ ଇତିହାସରେ ସର୍ବାଧିକ ମ୍ୟାଚ ମଧ୍ୟ ହାରିଛନ୍ତି । ଧୋନୀ ୨୩୪ ମ୍ୟାଚରେ ନେତୃତ୍ୱ ନେଇଥିବା ବେଳେ ୯୭ ଥର ଦଳ ପରାଜିତ ହୋଇଛି। ଦ୍ୱିତୀୟ ସ୍ଥାନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରର ବିରାଟ କୋହଲି ରହିଛନ୍ତି । କୋହଲିଙ୍କ ନେତୃତ୍ୱରେ ଆରସିବି ୧୪୩ ମ୍ୟାଚ ଖେଳିଥିବା ବେଳେ ୭୦ ଥର ପରାଜିତ ହୋଇଛି । ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତ। ତାଙ୍କ ନେତୃତ୍ୱରେ ମୁମ୍ବାଇ ୬୭ ଥର ପରାଜିତ ହୋଇଛି । ୪ର୍ଥ ଓ ୫ମ ସ୍ଥାନରେ ଗୌତମ ଗମ୍ଭୀର ଓ ଡେଭିଡ ୱାର୍ଣ୍ଣର ରହିଛନ୍ତି । ଗମ୍ଭୀର ୧୨୯ ମ୍ୟାଚରେ ନେତୃତ୍ୱ ନେଇଛନ୍ତି । ଏଥିରେ ୫୭ ପରାଜୟ ରହିଛି । ସେହିପରି ୱାର୍ଣ୍ଣର ୮୩ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କ ଦଳ ୪୧ରେ ପରାଜିତ ହୋଇଛି ।


कार्यपालक अभियंता का कार्यालय
राष्ट्रीय उच्च पथ प्रमंडल,
पथ निर्माण विभाग, देवघर, झारखण्ड

ई–प्रोक्योरमेंट सूचना

ई–निविदा प्रसंग संख्या :– NH/Deoghar/JHR/F2/06/2025-26
दिनांक : 20.05.2025

| | | |
|---|---|---|
| 1 | कार्य का नाम | Ordinary Repair in Km 170(P), Km 171(P) & Km 172(P) of NH-114A under NH Division Deoghar for the Sharawani Mela 2025-26. |
| 2 | प्राक्कलित राशि (लाख में) | 164.00 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 26.05.2025 (10.30 बजे पूर्वाह्न) |
| 5 | निविदा प्राप्ति की अंतिम तिथि एवं समय | 02.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 02.06.2025 (12.30 बजे अपराह्न) |
| 7 | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, राष्ट्रीय उच्च पथ प्रमण्डल, देवघर। |
| 8 | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9 | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट : http://Jharkhandtenders.gov.in पर देखें ।
ह0/–
कार्यपालक अभियंता
राष्ट्रीय उच्च पथ प्रमंडल,देवघर
PR 353153 Deoghar(25-26).D



कार्यालय वनमण्डलाधिकारी (सा.)
मनेन्द्रगढ़ वनमण्डल, मनेन्द्रगढ़ (छ.ग.)

नीलाम विज्ञापन

सामान्य सूचनार्थ प्रकाशित किया जाता है, कि मनेन्द्रगढ़ वनमण्डल के अधीनस्थ काष्ठागार जनकपुर में उपलब्ध नया पुराना ईमारती काष्ठ एवं नया जलाऊ काष्ठ का दर्शित तिथि व समय में ई-ऑक्सन द्वारा निवर्तन किया जाना है, इच्छुक व्यापारी ई-ऑक्सन में अवश्य भाग लेवे। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमण्डल कार्यालय अथवा काष्ठागार जनकपुर से प्राप्त कर सकते है ।

डिपो का नाम - काष्ठागार जनकपुर
नीलाम दिनांक - 30-05-2025
नीलाम समय - प्रातः 09:00 बजे से प्रारम्भ

| क्र. | प्रजाति | नये अविक्रित काष्ठ | | पुराने अविक्रित काष्ठ | | | |
|---|---|---|---|---|---|---|---|
| | | लट्ठा | बल्ली | लट्ठा | | बल्ली | |
| | | नग | घ.मी. | नग | घ.मी. | नग | घ.मी. |
| 1 | 2 | 3 | 4 | 5 | 6 | 7 | 8 |
| 1 | सागौन | 0.000 | 0 | 9940 | 742.830 | 9846 | 173.982 |
| 2 | साल | 150.000 | 50 | 5444 | 522.247 | 576 | 16.814 |
| 3 | हल्दू | 0.000 | 0 | 3 | 0.399 | 0 | 0.000 |
| 4 | साजा | 0.000 | 0 | 67 | 7.296 | 41 | 1.039 |
| 5 | बीजा | 0.000 | 0 | 4 | 0.337 | 4 | 0.205 |
| | योग - | 150.000 | 50 | 15458 | 1273.109 | 10467 | 192.040 |
| | मिश्रित जलाऊ | 450 चट्टा नया | | 510 चट्टा पुराना | | | |
| | योग - | 450 चट्टा नया | | 510 चट्टा पुराना | | | |

टीप :-
1. क्रेता को ई-ऑक्सन के पूर्व MSTC E-commerce पोर्टल में रजिस्ट्रेशन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है, सफल बोलीदार को एक सप्ताह के भीतर 15 प्रतिशत E. M.D. की राशि जमा करना अनिवार्य है
3. लॉट की थप्पी एवं फोटो MSTC E-commerce पोर्टल में अपने आई.डी से लॉगईन करके देख सकते है।

वनमण्डलाधिकारी
मनेन्द्रगढ़ वनमण्डल, मनेन्द्रगढ़
G-252601013/7


## ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଫାଇନାଲ୍‌ରେ ଜାଭିଆର୍



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜିର ତୃତୀୟ ଦିବସର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ ପର୍ଯ୍ୟାୟର ଅନ୍ତିମ ଖେଳରେ ନିର୍ମଳା କନଭେଣ୍ଟ ସ୍କୁଲ ବିପକ୍ଷରେ ରବୀନ୍ଦ୍ର ବିଦ୍ୟା ନିକେତନ ୬ ଉଇକେଟରେ ବିଜୟୀ ହୋଇଥିଲେ ମଧ୍ୟ ଏହା ଫଳ ଶୂନ୍ୟ ହୋଇଯାଇଛି। ଏହି ମ୍ୟାଚ ପରେ ଗ୍ରୁପ ଏ ରେ ସ୍ଥାନିତ ୩ଟି ଦଳର ପଏଣ୍ଟ ସମାନ ହୋଇଯିବାରୁ ସବୁ ଦଳର ନେଟ ରନ ରେଟ ଦେଖା ଯାଇଥିଲା। ଏଥିରେ ସେଣ୍ଟ ଜାଭିଆର ହାଇସ୍କୁଲ ୧.୨୬୯ ଉନ୍ନତ ମାନର ରନ ରେଟ ସଂଗ୍ରହ କରିଥିବାରୁ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନିତ ହୋଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଖେଳରେ ରବୀନ୍ଦ୍ର ବିଦ୍ୟା ନିକେତନ ଟସରେ ଜିଣି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ମଳା କନଭେଣ୍ଟ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୨୦.୧ ଓଭରରେ ୧୧୩ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଏକ ମାତ୍ର ସଫଳ ବ୍ୟାଟ୍ସମ୍ୟାନ ଭାବେ ସ୍ୱୟଂ ସାମନ୍ତରାୟ ୩୨ଟି ବଲର ସମ୍ମୁଖୀନ ହୋଇ ୭ଟି ଚୌକା ସହାୟତାରେ ୩୯ ରନ ସଂଗ୍ରହ କରିଥିବା ବେଳେ ପ୍ରତିପକ୍ଷ ଦଳର ସୌମ୍ୟ ରଞ୍ଜନ ସାହୁ, ଆୟୁଷ୍ମାନ ମିଶ୍ର ଏବଂ କମଲେଶ୍ୱର ନାୟକ ପ୍ରତ୍ୟେକ ୨୦ ରନ ଲେଖାଏଁ ଦେଇ ଦୁଇଟି କରି ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ରବୀନ୍ଦ୍ର ବିଦ୍ୟା ନିକେତନ ୧୪.୪ ଓଭର ବ୍ୟାଟିଂ କରି ଜିତିବା ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲେ। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ସାହୁ ୨୦ଟି ବଲର ସମ୍ମୁଖୀନ ହୋଇ ୮ଟି ଚୌକା ସହାୟତାରେ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ବେଳେ ଓମ ପ୍ରକାଶ ସାହୁ ୧୯ଟି ବଲର ସମ୍ମୁଖୀନ ହୋଇ ୪ଟି ଚୌକା ସହାୟତାରେ ୨୭ ରନ ସଂଗ୍ରହ କରିଥିଲେ। ଆଜି ଖେଳରେ ଦ୍ରୁତ ୪୦ ରନ ସଂଗ୍ରହ କରିବା ସହ ଦୁଇଟି ଉଇକେଟ ହାସଲ କରିଥିବା ରବୀନ୍ଦ୍ରର ସୌମ୍ୟ ରଞ୍ଜନ ସାହୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ବିଶ୍ୱମ୍ଭର ମହାକୁଡ଼, ଯଶୋବନ୍ତ ମହାପାତ୍ର ( ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।


OFFICE OF THE EXECUTIVE ENGINEER.
MINOR IRRIGATION DIVISION, RANCHI

e-Procurement Tender Notice Two Envelope System
Tender Reference No:- WRD/MID/01 BD(SLI)/2025-26
Letter no- Date-

| | | |
|---|---|---|
| 1 | Name of Work: | Construction of Silagai Lift Irrigation Scheme (Solar Pannel System) at Village-Silagain, Block- Chanho, District- Ranchi. |
| 2 | Estimated Cost (Rs.) | Rs. 1,26,36,400.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,26,500.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in(As per SOP Issued by Information Technology & e- Governance Department,Govt of Jharkhand vide letter no 120 Dated 03.10.2023) |
| 7 | Date of Publicationof Tender on website (http://jharkhandtenders.gov.in) | Date: 12.06.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:18.06.2025 Time: 5.00 PM |
| 9 | Submission of Tender Fee and EMD | Start Date:-12.06.2025 Time:- 2.00 PM<br>Last Date:- 18.06.2025 Time:- 5.00 PM |
| 10 | Technical Bid Opening Date | Date: 19 .06 .202 5 Time: 2.00 PM |
| 11 | Officer Inviting Bids | Executive Engineer Minor Irrigation Division, Ranchi |
| 12 | Contact No. of Procurement Officer e-mail of Procurement Officer | 0651- 3512781/Email ID - eemidran - cemr - jhr@nic.in |
| 13 | Help line No. of Procurement Cell | 0651- 3512781 |

Note:-
➢BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empaneled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢Only e-Tender will be accepted.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Ranchi
PR 353106 (Minor Irrigation)25-26*D


## ଟି୨୦ରେ ଧୋନୀଙ୍କ ୩୫୦ ଛକା

ନୂଆଦିଲ୍ଲୀ: ଚଳିତ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସର ମହେନ୍ଦ୍ର ସିଂ ଧୋନୀ ନିଜ ନାମରେ ଆଉ ଏକ କୀର୍ତିମାନ ଯୋଡିଛନ୍ତି । ସେ ଟି୨୦ କ୍ରିକେଟରେ ୩୫୦ ଛକା ପୂରଣ କରିଛନ୍ତି । ଏଥିସହ ସେ ୪ର୍ଥ ଭାରତୀୟ ଭାବେ ଏହି ସଫଳତା ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ରୋହିତ ଶର୍ମା, ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବ ୩୫୦ରୁ ଊର୍ଦ୍ଧ୍ୱ ଛକା ମାରିଛନ୍ତି । ରୋହିତ ସର୍ବାଧିକ ୫୪୨ ଛକା ମାରି ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ କୋହଲି ୪୩୪ ଛକା ସହ ଦ୍ୱିତୀୟ ଓ ସୂର୍ଯ୍ୟକୁମାର ୩୬୮ ଛକା ମାରି ତୃତୀୟରେ ରହିଛନ୍ତି । ସଞ୍ଜୁ ସାମସନ ୩୪୮ ଛକା ମାରି ଧୋନୀଙ୍କ ପଛକୁ ୫ମ ସ୍ଥାନରେ ରହିଛନ୍ତି ।


कार्यपालक अभियंता का कार्यालय
राष्ट्रीय उच्च पथ प्रमंडल,
पथ निर्माण विभाग, देवघर, झारखण्ड

ई–प्रोक्योरमेंट सूचना

ई–निविदा प्रसंग संख्या :– NH/Deoghar/JHR/F2/07/2025-26
दिनांक : 20.05.2025

| | | |
|---|---|---|
| 1 | कार्य का नाम | Ordinary Repair in Km 173(P), Km 174(P) & Km 176(P) of NH-114A under NH Division Deoghar for the Sharawani Mela 2025-26. |
| 2 | प्राक्कलित राशि (लाख में) | 170.00 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 26.05.2025 (10.30 बजे पूर्वाह्न) |
| 5 | निविदा प्राप्ति की अंतिम तिथि एवं समय | 02.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 02.06.2025 (12.30 बजे अपराह्न) |
| 7 | निविदा आमंत्रित करने वाले पदाधिकारी का पदनाम | कार्यपालक अभिंयता का कार्यालय, राष्ट्रीय उच्च पथ प्रमण्डल, देवघर। |
| 8 | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9 | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट : http://Jharkhandtenders.gov.in पर देखें ।
ह0/–
कार्यपालक अभियंता
राश्ट्रीय उच्च पथ प्रमंडल,
देवघर।
PR 353154 (Deoghar) 25-26 (D)



कार्यपालक अभियंता का कार्यालय
राष्ट्रीय उच्च पथ प्रमंडल,
पथ निर्माण विभाग,देवघर,झारखण्ड

ई–प्रोक्योरमेंट सूचना

ई–निविदा प्रसंग संख्या :– NH/Deoghar/JHR/F2/03/2025-26
दिनांक : 20.05.2025

| | | |
|---|---|---|
| 1 | कार्य का नाम | Construction of RCC drain at Km 161.00 to Km 162.00 both side (1600m) of NH-333 for the Sharawani Mela for the year 2025-26. |
| 2 | प्राक्कलित राशि (लाख में) | 150.00 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 26.05.2025 (10.30 बजे पूर्वाह्न) |
| 5 | निविदा प्राप्ति की अंतिम तिथि एवं समय | 02.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 02.06.2025 (12.30 बजे अपराह्न) |
| 7 | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, राष्ट्रीय उच्च पथ प्रमण्डल, देवघर। |
| 8 | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9 | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट : http://Jharkhandtenders.gov.in पर देखें ।
ह0/–
कार्यपालक अभियंता
राष्ट्रीय उच्च पथ प्रमंडल,देवघर
PR 353142 Deoghar(25-26).D



OFFICE OF THE ELECTRICAL EXECUTIVE ENGINEER ELECTRIC WROKS DIVISION, RANCHI
Energy Department, Govt of Jharkhand.
Short Notice Inviting e-quotation
Notice No-Energy/EWD/Ranchi/15/25-26

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for rate of items/materials annexed as Annexure-1 for Construction Works from Reputed Manufacturer/ authorized dealers/ Suppliers and other stakeholders authorized for respective items having valid GSTIN of materials. The rates conforming to specifications for inclusion in the Schedule of Rates for Government of Jharkhand to be used in different construction/ infrastructure works and repair works shall be submitted online in the website Https://Jharkhandtenders.gov.in. Details of material and its Specifications are available on the above e-tender portal. The quotationer may download the documents from the website and quote their rate of materials online from 27/05/2025 at 11:00 hrs. to 05/06/2025 at 14:00 hrs. The quotation will be opened on 06/06/2025 at 14:00 Hours.
The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

Electrical Executive Engineer
Electric Works Division,
Ranchi.
PR 353131 Energy(25-26)D



ଖରାଦିନେ ଶରୀରକୁ ସୁସ୍ଥ ରହିବାକୁ ହେଲେ ସୁସ୍ଥ ଖାଦ୍ୟ ଖାଇବା ଦରକାର। ପ୍ରଥମତଃ ପ୍ରଚୁର ପାଣି ପିଅନ୍ତୁ, ନଡ଼ିଆ ପାଣି, ତରଭୂଜ ଆଦି ପାଣି ଥିବା ଫଳ ଖାଆନ୍ତୁ। ଏଥିରେ ପ୍ରଚୁର ପରିମାଣରେ ପୋଟାସିୟମ୍ ଥିବାରୁ ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏହାଦ୍ୱାରା ଶରୀରରୁ ଜଳୀୟ ଅଂଶ କମେ ନାହିଁ। ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଖରା ଦିନରେ ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଖରା ଦିନରେ ପାଚନ ଶକ୍ତି ପ୍ରଭାବିତ ହେଉଥିବାରୁ ଗରମ ଖାଦ୍ୟ, ଫ୍ରିଜରୁ ବାହାରୁଥିବା ଥଣ୍ଡା ଖାଦ୍ୟ, ଗରିଷ୍ଠ ଖାଦ୍ୟ ଓ ଆମିଷ ଖାଦ୍ୟ ଠାରୁ ଦୂରେଇ ରହିବା ଭଲ। ସବୁଠାରୁ ଭଲ ସୁଷମ ଖାଦ୍ୟ ଖାଇବା ଓ ତଟକା ପନିପରିବା ସହ ଫଳ ଖାଇବା। ଋତୁଜାତୀୟ ଫଳ ଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ। ପାଣିକୁ ବିଶୋଧିତ କରି ଥଣ୍ଡା ହେବା ପାଇଁ ମାଟି ପାତ୍ରରେ ରଖି ପିଇବା ସବୁଠାରୁ ଭଲ। ପ୍ରାୟତଃ ଏସି ରୁମରେ ଶୋଇବା ଅନେକଙ୍କୁ ଭଲ ଲାଗିଥାଏ ତେବେ ଏଥିରୁ ଦୂରେଇ ରହିବା ଅନେକ ଦୃଷ୍ଟିରୁ ଭଲ ଅଭ୍ୟାସ।





## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ

କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି, ଯାହା ମଧ୍ୟ ଶରୀର ପାଇଁ ଉପକାରୀ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତି ପାଇଁ ବେଶ୍



ଉପକାରୀ ସାବ୍ୟସ୍ତ ହୋଇଥାଏ। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା, ଏହା ଆମ ଆଖି ଉପରେ ଗଭୀର ପ୍ରଭାବ ପକାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା ଦେଇଥାଏ ଓ ଆଖିକୁ ପରିଷ୍କାର ଦେଖାଯାଇଥାଏ। ଏହା ଅନ୍ଧାରକଣା ସମସ୍ୟାରୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲରେ ରହିଛି ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ଥାଏ, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ।

## ବିବାହ କରିବେ ବିଶାଲ-ଧନଶିକା



ତାମିଲ ଅଭିନେତା ବିଶାଲ ଶେଷରେ ନିଜ ଜୀବନସାଥୀକୁ ନେଇ ବଡ଼ ଖୁଲାସା କରିଛନ୍ତି। ସେ ଅଭିନେତ୍ରୀ ସାଇ ଧନଶିକାଙ୍କୁ ବିବାହ କରିବାକୁ ଯାଉଛନ୍ତି। ବହୁ ବର୍ଷ ଧରି ବିଶାଲ କାହାକୁ ବିବାହ କରିବେ ତାହା ଜାଣିବା ପାଇଁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଏବେ ଏହାର ଅନ୍ତ ଘଟିଛି। ବିଶାଲଙ୍କ ଘରେ ବାଜିବ ସାହାନାଇ। ହାତକୁ ଦି'ହାତ ହେବେ ଅଭିନେତା। ଗତ କିଛି ଦିନ ଧରି ବିଶାଲ ଏବଂ ସାଇ ଧନଶିକାଙ୍କ ବିବାହକୁ ନେଇ ଗୁଜବ ଚାଲିଥିଲା। ବର୍ତ୍ତମାନ ଏହି କପଲ ଏହି ଖବର ଉପରେ ମୋହର ଲଗାଇ ସମ୍ପର୍କ ନିଶ୍ଚିତ କରିଛନ୍ତି। ଉଭୟ ନିଜ ପ୍ରେମ କାହାଣୀ ସହ ବିବାହ ତାରିଖ ମଧ୍ୟ ପ୍ରକାଶ କରିଛନ୍ତି। ସେମାନେ ୨୯ ଅଗଷ୍ଟ ୨୦୨୫ ରେ ବିବାହ କରିବାକୁ ଯାଉଛନ୍ତି। ବିଶାଲଙ୍କ ଜନ୍ମଦିନରେ ବିଶାଲ ସାଇଙ୍କୁ ସାତ ଜନ୍ମର ସାଥୀ କରିବେ। ଯେବେଠାରୁ ବିଶାଲ ଏବଂ ସାଇ ଧନଶିକାଙ୍କ ବିବାହ ଖବର ଆସିଛି, ସେବେଠାରୁ ସେମାନଙ୍କ ମଧ୍ୟରେ ବୟସର ପାର୍ଥକ୍ୟ ମଧ୍ୟ ଆଲୋଚନାର ବିଷୟ ହୋଇଛି। ବିଶାଲଙ୍କ ବୟସ ୪୭ ବର୍ଷ ଏବଂ ସେ ତାଙ୍କ ଜନ୍ମଦିନରେ ୪୮ ବର୍ଷରେ ପଦାର୍ପଣ କରିବେ। ଧନଶିକାଙ୍କ ଜନ୍ମ ୨୦ ନଭେମ୍ବର ୧୯୮୯ରେ ହୋଇଥିଲା। ତାଙ୍କର ବୟସ ୩୫ ବର୍ଷ। ସେମାନଙ୍କ ବୟସ ମଧ୍ୟରେ ପ୍ରାୟ ୧୨ ବର୍ଷର ପାର୍ଥକ୍ୟ ଅଛି। ସାଇ ଧନଶିକା ତେଲୁଗୁ ଇଣ୍ଡଷ୍ଟ୍ରିର ଜଣେ ଲୋକପ୍ରିୟ ଅଭିନେତ୍ରୀ। ରିପୋର୍ଟ ଅନୁଯାୟୀ, ସେ ୧୬ ବର୍ଷ ବୟସରେ ୨୦୦୬ ମସିହାରେ 'ଥିରୁଡି' ଚଳଚ୍ଚିତ୍ର ସହିତ ତାଙ୍କର ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ଏହା ପରେ, ସେ ପେରାନମାଇ (୨୦୦୯), ମାଞ୍ଜା ଭେଲୁ (୨୦୧୦), ଏବଂ ନିଲ ଗଭାନି ସେଲାଥେ (୨୦୧୦) ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ରଜନୀକାନ୍ତଙ୍କ 'କବାଲି' (୨୦୧୬) ରେ ତାଙ୍କ ଅଭିନୟ ଦ୍ୱାରା ସେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥିଲେ। ଏହି ଫିଲ୍ମରେ ସେ ରଜନୀକାନ୍ତଙ୍କ ଝିଅ ଭୂମିକାରେ ଦେଖାଦେଇଥିଲେ। ତାମିଲ ଚଳଚ୍ଚିତ୍ର ବ୍ୟତୀତ, ସେ କିଛି ତେଲୁଗୁ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି।

## ଭାରତର ସବୁଠୁ ଶକ୍ତିଶାଳୀ ଗାଁ



ଦକ୍ଷିଣ ଦିଲ୍ଲୀ ଉପକଣ୍ଠସ୍ଥିତ ଛତ୍ରପୁର ଅଞ୍ଚଳରେ ଥିବା ଅସୋଲା-ଫତେହପୁର ବେରି ଗ୍ରାମକୁ ଭାରତର ସବୁଠାରୁ ଶକ୍ତିଶାଳୀ ଗ୍ରାମ କୁହାଯାଇଥାଏ। ଦେଶର ରାଷ୍ଟ୍ରୀୟ ରାଜଧାନୀରେ ଥିବା ନାଇଟ୍ କ୍ଲବ୍‌ଗୁଡ଼ିକରେ କାର୍ଯ୍ୟରତ ବାଉନ୍ସରଙ୍କ ଏକ ବଡ଼ ଅଂଶ ଏହି ଗ୍ରାମରୁ ଆସିଥାଏ। ତେଣୁ ଏହି ଗ୍ରାମକୁ ବାଉନ୍ସରଙ୍କ ହବ୍ ଭାବେ ମଧ୍ୟ କୁହାଯାଇଥାଏ। ସ୍ଥାନୀୟ ମଲ୍ଲଯୋଦ୍ଧା ବିଜୟ ତନ୍‌ୱର ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଦଳରେ ସ୍ଥାନ ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପରେ ସେ ଜଣେ ବାଉନ୍ସର ଭାବେ ନିଜ ଜୀବିକା ନିର୍ବାହ କରିଥିଲେ। ତାଙ୍କ ସଫଳତା ଅସୋଲା-ଫତେହପୁର ବେରି ଗାଁର ଅନ୍ୟ ଲୋକଙ୍କୁ ପ୍ରେରଣା ଦେଇଥିଲା। ସେମାନେ ମଧ୍ୟ ବାଉନ୍ସର ଭାବେ କାର୍ଯ୍ୟ କରି ନିଜ ଶାରୀରିକ ଶକ୍ତିକୁ ଜୀବିକାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ। ଜାତୀୟ ଗଣମାଧ୍ୟମକୁ ବିଜୟ କହିଛନ୍ତି, ସେ ଅସୋଲା-ଫତେହପୁର ବେରି ଗ୍ରାମରୁ ପ୍ରଥମ ବାଉନ୍ସର ଥିଲେ। ପରେ ଗାଁର ଅନ୍ୟ ଯୁବକମାନେ ମଧ୍ୟ ତାଙ୍କ ପଥ ଅନୁସରଣ କରିବା ଆରମ୍ଭ କରିଥିଲେ। ଏବେ ଗାଁର ୩୦୦ରୁ ଅଧିକ ମଲ୍ଲଯୋଦ୍ଧା ଦିଲ୍ଲୀର ବିଭିନ୍ନ କ୍ଲବ୍ ଏବଂ ବାର୍‌ଗୁଡ଼ିକରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ହିଁ ଧନ, ସ୍ୱାସ୍ଥ୍ୟ ହିଁ ଧନ। ଏହି ଉକ୍ତି ଗାଁର ମୂଳମନ୍ତ୍ର ଭାବେ ପରିଣତ ହୋଇଛି। ଗ୍ରାମର ଯୁବପିଢ଼ି ବ୍ୟାୟାମ ଏବଂ କସରତ କରି କେବଳ ସୁସ୍ଥ ରହୁନାହାନ୍ତି ବରଂ ସେମାନେ ବାଉନ୍ସର ଭାବେ କାର୍ଯ୍ୟ କରି ଭଲ ଅର୍ଥ ମଧ୍ୟ ରୋଜଗାର କରୁଛନ୍ତି। ଫଳରେ ଅସୋଲା-ଫତେହପୁର ଗ୍ରାମରେ ଅନେକ ପରିବାରର ଆର୍ଥିକ ଅବସ୍ଥା ଧୀରେ ଧୀରେ ସୁଧୁରୁଥିବା ବିଜୟ କହିଛନ୍ତି। ଏହି ଗ୍ରାମର ଯୁବକମାନେ ସ୍ଥାନୀୟ ଆଖଡ଼ାରେ କଠୋର ତାଲିମ ନେଇଥାନ୍ତି, ଯେଉଁଠାରେ ସେମାନେ ପ୍ରତିଦିନ ଅନେକ ଶହ ପୁସ୍-ଅପ୍, ସିଟ୍-ଅପ୍ ଏବଂ କୁସ୍ତି ଅଭ୍ୟାସ କରନ୍ତି। ପିଢ଼ି ପରେ ପିଢ଼ି ଧରି ଏଠାରେ ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଚାଲିଆସୁଥିବା ଶୃଙ୍ଖଳିତ ଜୀବନଶୈଳୀ ଅସୋଲା-ଫତେହପୁର ବେରି ଗ୍ରାମକୁ ଦେଶର ଶକ୍ତିଶାଳୀ ଗ୍ରାମ ଭାବେ ପରିଚୟ ଦେଇଛି। ଗାଁରେ ମଦ୍ୟପାନ ଏବଂ ତମାଖୁ ସେବନ ଉପରେ ବାରଣ ରହିଛି। ସେହିପରି ଗାଁର ଯୁବପିଢ଼ିମାନେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଗ୍ରହଣ କରିବା ସହ ନିଜ ନିଜର ଶାରୀରିକ ତାଲିମ ପାଇଁ ଅନେକ ଘଣ୍ଟା ସମୟ ଦେଇଥାନ୍ତି।




## 'ହେରା ଫେରୀ ୩'ରୁ ବିଦାୟ ନେଲେ ବାବୁ ରାଓ

'ହେରା ଫେରୀ ୩'ଫିଲ୍ମକୁ ନେଇ ମୁହଁ ଖୋଲିଲେ ବଲିଉଡର ଚର୍ଚ୍ଚିତ ପୁରୁଣା କମେଡି ଆକ୍ଟର ପରେଶ ରାଓ୍ୱଲ। ପରେଶ ରାଓ୍ୱଲଙ୍କୁ ଫିଲ୍ମରେ କାମ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ପରେ ବାବୁ ରାଓଙ୍କ ଫ୍ୟାନ୍ସଙ୍କ ମନ ମଉଳି ଯାଇଛି। ରିପୋର୍ଟ ଅନୁଯାୟୀ, ପରେଶ ରାଓ୍ୱଲ 'ହେରା ଫେରୀ ୩'ଫିଲ୍ମରୁ ବାହାରିଥିବା କଥା ଚର୍ଚ୍ଚା ହୋଇଥିଲା। ପରେ ତାଙ୍କୁ ପଚାରିବାରୁ ସେ ମଧ୍ୟ ଏହାକୁ ସମ୍ମତି ଦେଇଥିଲେ। ଏହି ମାମଲାରେ ତାଙ୍କର ସ୍ପଷ୍ଟୀକରଣ ଦେଇଛନ୍ତି। ଅନ୍ୟପଟେ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ତାଙ୍କୁ ଏହି ଫିଲ୍ମରୁ କେହି ବାହାର କରି ନାହାଁନ୍ତି, ବରଂ ସେ ନିଜ ଇଚ୍ଛାରେ ଫିଲ୍ମ ଛାଡିଛନ୍ତି। ଏହି ଫିଲ୍ମ ପାଇଁ କୌଣସି ମତଭେଦ ମଧ୍ୟ ହୋଇନାହିଁ। ଡାଇରେକ୍ଟରଙ୍କ ପ୍ରତି ତାଙ୍କର ସମ୍ମାନ, ଭଲପାଇବା ଏବଂ ବିଶ୍ୱାସ ମଧ୍ୟ ରହିଛି। ଏପଟେ ଶ୍ୟାମ ଏବଂ ବାବୁ ରାଓଙ୍କ ବିନା ଏହି ଫିଲ୍ମଟି ଅସମ୍ପୂର୍ଣ୍ଣ ବୋଲି ଅଭିନେତା ସୁନୀଲ ସେଟ୍ଟୀ ଏକ ଇଣ୍ଟରଭ୍ୟୁରେ କହିଥିଲେ। ଏହି ଚରିତ୍ରଗୁଡିକୁ ଯଦି ଫିଲ୍ମରୁ ହଟାଇ ଦିଆଯାଏ ତେବେ ଏହାକୁ କେହି ପସନ୍ଦ କରିବେ ନାହିଁ। ହେରା ଫେରୀ ଫିଲ୍ମ ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ତେଣୁ ବର୍ତ୍ତମାନ ଫ୍ୟାନ୍ସ ଉତ୍ସାହର ସହିତ ଏହାର ୩ୟ ଭାଗକୁ ଅପେକ୍ଷା କରି ରହିଛନ୍ତି। ପରେଶ ରାଓ୍ୱଲଙ୍କ ଫିଲ୍ମରୁ ବିଦାୟ ପ୍ରଶଂସକମାନଙ୍କୁ ଆଘାତ କରିବ।



## 'ଅପରେସନ୍ ଖୁକରୀ' ଉପରେ ନିର୍ମାଣ ହେବ ଫିଲ୍ମ
## ସେନା ଭୂମିକାରେ ନଜର ଆସିବେ ରଣଦୀପ

ବଲିଉଡର ଦମ୍‌ଦାର ଅଭିନେତା ରଣଦୀପ ହୁଡା। ପୁଣି ଥରେ ବଡ଼ ପରଦାରେ ଧମାକା କରିବାକୁ ପ୍ରସ୍ତୁତ। ସୁପରହିଟ୍ ଫିଲ୍ମ 'ଜାଟ'ର ସଫଳତା ପରେ, ଏବେ ରଣଦୀପ ତାଙ୍କର ପରବର୍ତ୍ତୀ ଫିଲ୍ମରେ ଭାରତୀୟ ସେନାର ସବୁଠାରୁ ସାହସିକ କାହାଣୀ ନେଇ ଫେରୁଛନ୍ତି। ଅଭିନେତା ଆଗାମୀ ଫିଲ୍ମର ନାମ 'ଅପରେସନ୍ ଖୁକରୀ' ଆନୁଷ୍ଠାନିକ ଚଳଚ୍ଚିତ୍ର ଅଧିକାର ଅଧିଗ୍ରହଣ କରିଛନ୍ତି। ଯାହା ଏକ ବାସ୍ତବ ଜୀବନର ଯୁଦ୍ଧ ନାଟକ। ରଣଦୀପ ହୁଡା 'ଅପରେସନ୍ ଖୁକରୀ' ନାମକ ଏକ ସାମରିକ ନାଟକରେ ନଜର ଆସିବେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରଣଦୀପ ହୁଡା ମେଜର ଜେନେରାଲ ରାଜପାଲ ପୁନିଆ ଏବଂ ଦାମିନୀ ପୁନିଆଙ୍କ 'ଅପରେସନ ଖୁକରୀ: ଦ ଅନଟୋଲ୍ଡ ଷ୍ଟୋରୀ ଅଫ୍ ଦ ଇଣ୍ଡିଆନ ଆର୍ମିସ ବ୍ରେଭେଷ୍ଟ ପିସକିପିଂ ମିଶନ ଆବ୍ରୋଡ'ର ଆନୁଷ୍ଠାନିକ ଚଳଚ୍ଚିତ୍ର ଅଧିକାର ହାସଲ କରିଛନ୍ତି। ଏହା ଏକ ଯୁଦ୍ଧ ଫିଲ୍ମ ଯାହା ବିଦେଶ ମାଟିରେ ଭାରତୀୟ ସେନାର ସବୁଠାରୁ ସାହସିକ ଅପରେସନ ମଧ୍ୟରୁ ଗୋଟିଏର କାହାଣୀ ବର୍ଣ୍ଣନା କରେ। ୨୦୦୦ ମସିହାରେ ନିର୍ମିତ 'ଅପରେସନ୍ ଖୁକରୀ' ପଶ୍ଚିମ ଆଫ୍ରିକାର ସିଏରା ଲିଓନରେ ବିଦ୍ରୋହୀମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ୨୩୩ଜଣ ଭାରତୀୟ ସୈନିକଙ୍କ ସତ୍ୟ କାହାଣୀ ଉପରେ ଆଧାରିତ। ଭାରତୀୟ ସୈନିକମାନେ ଖାଦ୍ୟ, ପାଣି କିମ୍ବା ବ୍ୟାକଅପ୍ ବିନା ଶତ୍ରୁ ଦେଶରେ ୭୫ଦିନ ଧରି ଫସି ରହିଥିଲେ। ଏହି ମିଶନକୁ ଭାରତୀୟ ସେନା ଦ୍ୱାରା କରାଯାଇଥିବା ସବୁଠାରୁ ବିପଦପୂର୍ଣ୍ଣ ଏବଂ ଦୁଃସାହସିକ ଅଭିଯାନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ କନେକେଶ୍ୱର ପୀଠରେ କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ସାମ୍ମାନିତ ଅତିଥି କୃଷ୍ଣପ୍ରସାଦ ପଂଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ଡରେଇ, ସିଆଳ ପଂଚାୟତ ସରପଞ୍ଚ ରବି ନାରାୟଣ ମାଝୀ, ସମିତି ସଭ୍ୟ ଭୀମସେନ ସେଠି, କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତୀର୍ଥପଦଶଗତ ଆଇତ ପ୍ରମୁଖ ଉପସ୍ଥିତ ଥିଲେ। ସିଆଳ ଗ୍ରାମବାସୀଙ୍କ ବହୁଦିନର ଦାବି ଥିଲା ଯେ ଗ୍ରାମର ଆରାଧ୍ୟ ଦେବଙ୍କ ପୀଠରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଗଲେ ପଂଚାୟତ ବାସୀଙ୍କ ସମସ୍ତ ବିବାହ, ବ୍ରତ ଇତ୍ୟାଦି କରିବା ପାଇଁ ଜନସାଧାରଣ ସୁବିଧା ପାଇପାରିବେ। ପୂର୍ବରୁ ବିଧାୟିକା ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଳନ ହୋଇଥିବାରୁ ଗ୍ରାମବାସୀଙ୍କ ମନରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ଗ୍ରାମ୍ୟ କମିଟି ସଭାପତି କିଶୋର ଚନ୍ଦ୍ର ପଣ୍ଡା ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ ଓ ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ସିସିଟିଭିରେ କଏଦ ବାଇକ ଚୋରିର ଦୃଶ୍ୟ

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ନୂତନ ବସ ଷ୍ଟାଣ୍ଡ ଠାରେ ଜଣେ ଅଜଣା ବ୍ୟକ୍ତି ଚାଲାକି କରି ଜଣେ ଯୁବକର ମୂଲ୍ୟବାନ ବାଇକ୍ ଚୋରିକରି ନେଇଯାଇଛି। ତେବେ ଅଜଣା ବ୍ୟକ୍ତିର ଫୋଟ ସିସିଟିଭି କ୍ୟାମେରାରେ କଇଦ ହୋଇଛି। ଏ ନେଇ ଡାବୁଗାଁ ଥାନାରେ ଯୁବକ ଜଣକ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାଇ ଗତ ତା ୧୮/୦୫ ରିଖ ସୋମବାର ଦିନ ନିକଟ ବରଦେଇ ଗ୍ରାମର ସାଗର ହରିଜନ (୧୮) ନିଜ ସାଙ୍ଗ ସହ ଏକ ବାଇକ୍ ନମ୍ବର (ଓଡି ୨୪ ଏଫ ୭୪୯୦) ଯୋଗେ ଡାବୁଗାଁ'କୁ କୌଣସି କାର୍ଯ୍ୟରେ ଆସିଥିଲେ। ଡାବୁଗାଁ ନୂତନ ବସ ଷ୍ଟାଣ୍ଡ ପାଖରେ ବାଇକ ରଖି ଦୁଇ ସାଙ୍ଗ କଥା ହେଉଥିବା ସମୟରେ ହଠାତ୍ ଜଣେ ଅଜଣା ବ୍ୟକ୍ତି ସାଗର ପାଖ କୁ ଆସି ଜଣେ ଚିହ୍ନାଲୋକ ପରି କଥା ହୋଇଥିଲା। ପ୍ରଥମେ ସାଗରକୁ ଏକ ଫୋନକଲ କରିବି ବୋଲି ଫୋନ ମାଗିଥିଲା। ସାଗରକୁ ବାଇକ ଧୀରେ ଚଳାଇବାକୁ ପରାମର୍ଶ ଦେଇଥିଲା। ଜଣେ ଉତ୍ତମ ଭଦ୍ରବ୍ୟକ୍ତି ପରି କଥାବାର୍ତ୍ତା କରିବା ପରେ ମୁଁ ଏହି ଦୈନିକ ବଜାର ପାଖକୁ ଯିବି ମୋର ଏକ ଜରୁରୀ କାର୍ଯ୍ୟ ଅଛି ବୋଲି କହିବା ସହ ମୁଁ ତୁରନ୍ତ ଫେରି ଆସିବି କହିଥିଲା। ଅଜଣା ବ୍ୟକ୍ତି ଜଣକ ଜଣେ ଭଦ୍ର ବ୍ୟେକ୍ତି ପରି କଥାବାର୍ତ୍ତା ହୋଇଥିବାରୁ ବିଶ୍ୱାସ କରି ଅଜଣା ବ୍ୟକ୍ତିକୁ ସାଗର ତା ବାଇକ୍ ଚାବି ଧରାଇ ଦେଇଥିଲା। ଅଜଣା ବ୍ୟକ୍ତି ଜଣକ ମୂଲ୍ୟବାନ ଏକ୍ସଟ୍ରିମ ବାଇକ୍ ଧରି ସେଠାରୁ ଚାଲି ଯାଇଥିଲା। ବହୁ ସମୟ ଧରି ଅପେକ୍ଷା କରିବା ପରେ ମଧ୍ୟ ବାଇକ ନେଇଥିବା ଅଜଣା ବ୍ୟକ୍ତି ନଫେରିବାରୁ ସାଗର ଠକାମିରେ ପଡ଼ିଥିବା ସନ୍ଦେହ କରିଥିଲା। ତୁରନ୍ତ ସାଗର ତା ବାପା ଜଗନ୍ଦ୍ରେ ହରିଜନକୁ ଏ ବିଷୟରେ କହିଥିଲା। ବାପା ଡାବୁଗାଁ ବସ ଷ୍ଟାଣ୍ଡ ପାଖରେ ଆସି ପୁଅ ସହ ସେଠାରେ ଥିବା ସିସିଟିଭିରେ ଅଜଣା ବ୍ୟକ୍ତିକୁ ଚିହ୍ନଟ କରିଥିଲେ। ଶେଷରେ ଠକାମିର ଶିକାର ହୋଇ ବାଇକ୍ ଚୋରି ହୋଇଥିବା ନେଇ ଡାବୁଗାଁ ଥାନାରେ ସାଗର ଏତଲା ଦେଇଥିଲା। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

# ବନ୍ଦ ଟିଟାନିୟମ ପ୍ଲାଣ୍ଟ୍ ପୁନଃ କାର୍ଯ୍ୟକ୍ଷମ ଦାବିରେ ଧାରଣା



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟରେ ଥିବା ସରାଫ ଏଜେନସି ପ୍ରାଇଭେଟ ଲିମିଟେଡ୍‌ର ଟିଟାନିୟମ କମ୍ପାନୀ ନଭେମ୍ବର ୫ ତାରିଖରୁ ବନ୍ଦ ରହିଛି। ଏ ନେଇ କାର୍ଯ୍ୟରତ ୧୯୭ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ନୋଟିସ କରାଯାଇ ଅସ୍ଥାୟୀ ଭାବେ ଛଟେଇ କରାଯାଇଛି। ଟିଟାନିୟମ ପ୍ଲାଣ୍ଟ କୁ ପୁନଃ କାର୍ଯ୍ୟକ୍ଷମ କରିବା, ସମସଙ୍କୁ ନିଯୁକ୍ତି, ଅଧା ବଦଳରେ ପୁରା ଦରମା ଦାବୀ ନେଇ ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଟିଟାନିୟମ ଏମ୍ପଲୋଇଜ ଓ ୱାର୍କର୍ସ ୟୁନିଅନ ପକ୍ଷରୁ ବୁଧବାର ଠାରୁ ଧାରଣା ଦିଆଯାଇଛି। ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲିବ ବୋଲି ୟୁନିଅନ ପକ୍ଷରୁ କୁହାଯାଇଛି। ଦୀର୍ଘବର୍ଷ ଧରି କମ୍ପାନୀ କ୍ଷତିରେ ଚାଲୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ନଭେମ୍ବର ୫ ତାରିଖରୁ ପ୍ଲାଣ୍ଟକୁ ବନ୍ଦ କରିବା ସହ ସମସ୍ତ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ଛଟେଇ କରି ରଖିଛନ୍ତି। ଅର୍ଡର ମିଳିବା ପରେ ଓ ପରିସ୍ଥିତି ସୁଧୁରିବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ଚେଷ୍ଟା କରୁଥିବା ଯାହାକି ୨୦୨୫ମାର୍ଚ୍ଚକୁ ଆଶା କରାଯାଉ ଥିବା ଉକ୍ତ ନୋଟିସରେ ଦର୍ଶାଯାଇଥିଲା। ତେବେ ଏହି ଅବଧି ପୂରଣ ସହ ୨ ମାସ ବିତିଯାଇଥିଲେ ହେଁ ପ୍ଲାଣ୍ଟ ପୁନଃ କାର୍ଯ୍ୟକ୍ଷମ ହୋଇନି ବାରମ୍ବାର ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନି। ଏହି ଧାରଣାରେ ୟୁନିୟନ ସଭାପତି ଆର.ଦଣ୍ଡପାଣି ରେଡ଼ି, ସମ୍ପାଦକ ଶଙ୍କର ବେହେରା, କୋଷାଧ୍ୟକ୍ଷ ଏସ.କମରାଜୁ ରେଡ଼ି, ଉପସଭାପତି ଦିଲ୍ଲୀପ ପ୍ରଧାନ , ସହ ସମ୍ପାଦକ ରବୀନ୍ଦ୍ର ସାହୁ,ଦୟାନିଧି ସାହୁ, ଟି ବାବୁ ରାଓ, ଲକ୍ଷ୍ମୀ ବେହେରା ଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ରାଜେଶ ଶର୍ମା, ଏଚ ଆର ମେନେଜର ଭାଗିରଥି ହୋତା, ଏଚ ଆର ଗୋପାଳକ୍ରୀଷ୍ଣ ରାଓ ପ୍ରମୁଖ ଧାରଣା ସ୍ଥଳକୁ ଆସି ଆଲୋଚନା କରିଥିଲେ ହେଁ ଦାବି ପୂରଣ ନେଇ କୌଣସି ବିଧିବଦ୍ଧ ପ୍ରତିଶୃତି ଦେଇପାରି ନଥିଲେ, ଫଳରେ ଧାରଣା ଜାରି ରହିଥିଲା, ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଚମା ଖଣ୍ଡି ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ପୋଲିସ ଫୋର୍ସ ସହ ସେଠାରେ ପରିସ୍ଥିତି ପ୍ରତି ନଜର ରଖିଥିଲେ।

# ଆଈର ତଣ୍ଟି ଚିପି ହତ୍ୟାକଲା ନାତି

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ଥାନା ସାନତ୍ରିବିଡା ଗ୍ରାମରେ ଟଙ୍କା ନଦେବାରୁ ଆଇ ଗୁରୁବାରି ବିଶ୍ୱାଳ (୭୫)କୁ ଏକ ଜଙ୍ଗଲ ଭିତରେ ତଣ୍ଟି ଚିପି ହତ୍ୟା କରିଛି ନାତି ବାପୁଜୀ ବିଶ୍ୱାଳ (୨୪)। କଣିହାଁ ପୁଲିସ ଏଥିନେଇ ଏକ ହତ୍ୟା ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ହତ୍ୟାକାରୀ ନାତିକୁ ଗିରଫ କରି ତଦନ୍ତ ଚଳାଇଛି। ପୁଲିସ ସୁତ୍ରରୁ ପ୍ରକାଶ ଯେ, ସାନତ୍ରିବିଡା ଗ୍ରାମର ସ୍ୱର୍ଗତଃ ଶମ୍ଭୁ ବିଶ୍ୱାଳ ର ସ୍ତ୍ରୀ ଗୁରୁବାରି ବିଶ୍ୱାଳ ବୁଧବାର ଦିନ ସକାଳେ ଗ୍ରାମରେ ଥିବା ଜନସେବା କେନ୍ଦ୍ରକୁ ନିଜର ଆଧାର କାର୍ଡ ଲିଙ୍କ କରିବା ପାଇଁ ଆସିଥିଲେ। ସେଠାରେ ତାର ନାତି ବାପୁଜୀ ବିଶ୍ୱାଳ (ପୁଅର ପୁଅ) ତାକୁ ଘରକୁ ଆସ ଯିବା କହି ବାଇକରେ ବସାଇ ଘରକୁ ନ ଆଣି ଛେଳିଆ ଜଙ୍ଗଲକୁ ନେଇଯାଇଥିଲା। ସେଠାରେ ଆଇକୁ ଟଙ୍କା ମାଗିଥିଲା ଓ ନ ମିଳିବାରୁ ବାପୁଜୀ ଆଇର ତଣ୍ଟି ଚିପି ହତ୍ୟା କରିଥିଲା। ପରେ ଏ ସଂକ୍ରାନ୍ତରେ ତାର ଭାଇକୁ ଫୋନକରି ଆଇକୁ ମାରି ଦେଇଥିବା କଥା ଜଣାଇ ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ପରେ ତାକୁ ଗିରଫ କରିଛି।

## କୁକୁଡ଼ା ବଝେଇ ଗାଡ଼ି ସହ ବାଇକ ଧକ୍କା ଜଣେ ମୃତ, ୨ ଗୁରୁତର

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୁକୁଡ଼ା ବଝେଇ ଗାଡ଼ି ସହ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାଇ ବନ୍ଧୁଗାଁ ବ୍ଲକ ପେଦାୱାଲଡ଼ା ପଞ୍ଚାୟତ ଜାଗୁଗୁଡା ଗାଁର ୩ ଜଣ ଲୋକ ଆନ୍ଧ୍ରପ୍ରଦେଶର ରାଙ୍ଗୁଲୁଗୁଡା ଗାଁ'କୁ ଏକ ବିବାହ ଭୋଜି ଖାଇବାକୁ ବାଇକରେ ଯାଇଥିଲେ। ଭୋଜି ଖାଇବା ପରେ ନିଜ ଘରକୁ ଫେରିବା ସମୟରେ ରାଙ୍ଗୁଲୁଗୁଡା ଓ ରାଇକନା ନିକଟରେ ଥିବା ମୁଖ୍ୟ ରାସ୍ତା ଛକରେ ବହୁ ଦ୍ରୁତଗତିରେ ଆସୁଥିବା କୁକୁଡ଼ା ବୋଝେଇ ଗାଡ଼ି ବାଇକକୁ ଧକ୍କା ହୋଇଥିଲା। ଫଳରେ ଜାଗୁଗୁଡା ଗ୍ରାମର ନାରୁ କାଡ୍ରାକା ୩୫ ବର୍ଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲକୁ ନେଉଥିବାବେଳେ ମୃତ୍ୟୁ ହୋଇଯାଇଛି। ସେହିପରି ଅନ୍ୟ ଦୁଇଜଣ ଆର୍ଜୁ କାଡ୍ରାକା ୩୦ବର୍ଷ ଓ ଅନନ୍ତ କାଡ୍ରାକା ୧୮ ବର୍ଷ ମଧ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ଦୁଇଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପାର୍ବତୀପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଖବର ଜାଣିବା ପରେ ସ୍ଥାନୀୟ ସରପଞ୍ଚ ଶେଖର କଣ୍ଡାଗରି ଓ ନାରାୟଣ ଜାନି ଘଟଣା ସ୍ଥଳରେ ପହଞ୍ଚି ଆହତ ଲୋକଙ୍କୁ ନେଇ ମେଡିକାଲରେ ଭର୍ତ୍ତି କରିଛନ୍ତି।

## ବେପାରୀଙ୍କୁ ଲୁଟ ଘଟଣା, ୨ ଗିରଫ, ୭କେଜି ରୁପା ଜବତ

ବାଲୁଗାଁ, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ବାଲୁଗାଁ ଥାନା ନିମିକ୍ଷେତା ଛକରେ ରୂପା ବେପାରୀଙ୍କୁ ଗୁଳି ଫୁଟାଇ ରୂପା ଅଳଙ୍କାର ଲୁଟ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୭ କେଜି ରୂପା, ୨ ଟା ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ଆସ୍କା ଅଞ୍ଚଳର ଏ.ରବି (୩୫) ଓ ମହେଶ ପ୍ରଧାନ (୨୨)। ଅନ୍ୟ ୩ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସପି ସାଗରିକା ନାଥ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ବାଲୁଗାଁ ଥାନା ଅନ୍ତର୍ଗତ ଉମାକାନ୍ତପୁର ଗ୍ରାମର ପ୍ରହ୍ଲାଦ ନାୟକ ବାଲୁଗାଁ ଏବଂ ଗଞ୍ଜାମ ଖଲିକୋଟ ଅଞ୍ଚଳରେ ଘରକୁ ଘର ବୁଲି ରୂପା ବେପାର କରନ୍ତି। ଗତ ୯ ତାରିଖ ଦିନ ସେ ବାଇକରେ ରୂପା ଅଳଙ୍କାର ଧରି ଖଲିକୋଟ ଯାଉଥିଲେ। ନିମିକ୍ଷେତା ଛକରେ ୫ଜଣ ଦୁର୍ବୃତ୍ତ ୨ ରାଉଣ୍ଡ ଗୁଳି ଫୁଟାଇ ତାଙ୍କ ଠାରୁ ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ପ୍ରହ୍ଲାଦ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ବାଲୁଗାଁ ଏସଡିପିଓ, ଥାନା ଅଧିକାରୀ ଏବଂ ସ୍ପେଶାଲ ସ୍କାର୍ଡ ନେଇ ଗଠିତ ଟିମ ଗଞ୍ଜାମ ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଆସ୍କା ଅଞ୍ଚଳରୁ ଧରିଥିଲେ।

## ଦୁର୍ବୃତ୍ତ କାଟିଲେ ଗ୍ରାମ୍ୟ ଜଙ୍ଗଲରୁ ଗଛ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସୃଷ୍ଟି କରାଯାଇଥିବା ଗ୍ରାମ୍ୟ ଜଙ୍ଗଲକୁ ଦୁର୍ବୃତ୍ତମାନେ କାଟି ଦେଇଛନ୍ତି। ଏହେଉଛି ବୌଦ୍ଧ ବ୍ଲକ। ଖୁଣ୍ଟବନ୍ଧ ପଂଚାୟତ ଅନ୍ତର୍ଗତ ମଧୁପୁର ଗାଁର ଗ୍ରାମ୍ୟ ଜଙ୍ଗଲର ଦୃଶ୍ୟ। ସୂଚନାଯୋଗ୍ୟ ଯେ ପ୍ରାୟ ୨୫/୩୦ ବର୍ଷ ତଳେ ଗ୍ରାମ ବାସୀଙ୍କ ପକ୍ଷରୁ ମଧୁପୁର ବନ୍ଧ ଚାରି ପଟେ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା। ଏହାର ରକ୍ଷଣବେକ୍ଷଣ ଗ୍ରାମ ବାସୀ କରିଆସୁଥିଲେ। ହେଲେ ଦୁଇ ତିନ ଦିନ ହେଲା ଏହି ଗଛ ଗୁଡିକ ଦିନବେଳେ କାଟୁ ଥିଲେ ମଧ୍ୟ ବନ ବିଭାଗ ନଜରରେ ନପଡିବା ପରିତାପର ବିଷୟ। ଏନେଇ ପରିବେଶବିତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ମଧୁପୁର ବନ୍ଧ ହୁଡାରେ ଥିବା ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଗଛ କୁ ୨୦ ବର୍ଷ ହେଲା ଜଗି ଆସୁଛନ୍ତି। ଏହି ଗଛଗୁଡ଼ିକ ବଡ଼ ହେବା ପର୍ଯ୍ୟନ୍ତ ଗ୍ରାମବାସୀ ଦେଖାରେଖା କରୁଥିଲେ। ଯିଏ ଗଛ କାଟୁଥିଲା ତାକୁ ଗ୍ରାମବାସୀ ଜରିମାନା ବୁହାଉଥିଲେ। ତେବେ ବର୍ତ୍ତମାନ ଗଛ କାଟୁଥିବା ଗ୍ରାମବାସୀ ଦେଖୁଥିଲେ ମଧ୍ୟ କିଛି କହୁନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଲୁଣିଗାଁ ଜଙ୍ଗଲରୁ ମୃତଦେହ ଉଦ୍ଧାର ଘଟଣା
# ମା ଓ ପୁଅଙ୍କୁ ଗିରଫ ପରେ କୋର୍ଟ ଚାଲାଣ

ନିଆଳି, (ଭାସ୍କର ନ୍ୟୁଜ୍): ପ୍ରେମ ବ୍ୟାପାରକୁ ନେଇ ପ୍ରେମିକା ପରିବାର ପକ୍ଷରୁ ମାନସିକ ନିର୍ଯାତନା ଯୋଗୁଁ ଯୁବକ ଭାରସାମ୍ୟ ହରାଇ ମଦ ଓ ପରେ ବିଷ ପିଇ ଆତ୍ମହତ୍ୟା କରିବା ନେଇ ଗତ ମାର୍ଚ୍ଚ ମାସରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଯୁବକଙ୍କ ମୃତ୍ୟୁ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିଲେ। ବ୍ୟବଚ୍ଛଦ ରିପୋର୍ଟ ଆସିବା ପରେ ସତ ସାମ୍ନାକୁ ଆସିବା ସହିତ ପ୍ରେମିକାଙ୍କ ଭାଇ ଓ ମା'ଙ୍କୁ ନିଆଳି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ମିଳିଛି। ନିଆଳି ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ନିଆଳି ଥାନା ସୁନ୍ଦରଦା ଗ୍ରାମର ଶ୍ରୀଧର ଦାସଙ୍କ ଝିଅଙ୍କ ସହିତ ପୋଦନା ଗ୍ରାମର ଦାମଦର ସେନାପତିଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଝିଅ ଘର ବିବାହ ପାଇଁ ରାଜି ଥିଲେ। ଦାମଦର ପ୍ରେମିକା ଘରକୁ ବାରମ୍ବାର ଯାଏ। କୌଣସି କାରଣରୁ ହଠାତ୍ ପ୍ରେମିକା ଘର ଲୋକେ ଦାମଦରକୁ ବିରୋଧ କରିବା ସହିତ ଝିଅକୁ ନଭେଟିବା ପାଇଁ ତାଗିଦ୍ କରିଥିଲେ ଏବଂ ପ୍ରେମିକା ମଧ୍ୟ ଦାମଦରଙ୍କ ରୋଜଗାର ନଥିବା ଯୋଗୁଁ ଦୂରେଇ ଯାଇଥିଲେ। ଫେବୃଆରୀ ମାସରେ ପ୍ରେମିକା ଘରର ପରିବାର ଲୋକେ ଦାମଦରଙ୍କୁ ମାନସିକ ନିର୍ଯ୍ୟାତନା ଦେଇଥିଲେ ବୋଲି ତଦନ୍ତ ଜାଣିବାକୁ ପାଇଥିଲେ। ଦାମଦର ନିଖୋଜ ନେଇ ପରିବାର ଲୋକେ ଫେବୃଆରୀ ମାସ ୨୫ ତାରିଖ ଦିନ ନିଆଳି ଥାନାରେ ଏତଲା ଦେବା ପରେ ନିଆଳି ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। କିନ୍ତୁ ମାର୍ଚ୍ଚ ମାସ ୪ ତାରିଖ ଦିନ ଦାମଦରଙ୍କ ମୃତ୍ୟୁ ଦେହ ଲୁଣି ଗାଁ ଜଙ୍ଗଲ ନିକଟରୁ ଠାବ ହେବା ପରେ ନିଆଳି ପୋଲିସ ଏବଂ ସାଇଣ୍ଟିଫିକ ଟିମ ମୃତ୍ୟୁ ଦେହ ନିକଟରୁ ବିଭିନ୍ନ ସାମ୍ପଲ ସଂଗ୍ରହ କରିଥିଲେ। ମୃତ୍ୟୁ ଦେହକୁ ନିଆଳି ପୋଲିସ ପକ୍ଷରୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡ଼ିକାଲ ପଠା ଯାଇଥିଲା। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା। ମୃତ୍ୟୁ ଦାମଦରଙ୍କ ପରିବାର ପକ୍ଷରୁ ଏ ନେଇ ହତ୍ୟା ଅଭିଯୋଗ ଆଣିଥିଲେ ପ୍ରେମିକା ପରିବାରଙ୍କ ବିରୁଦ୍ଧରେ। ଏବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ ସାମ୍ନାକୁ ଆସିଛି। ଦାମୋଦର ପ୍ରେମିକା ଘର ଲୋକଙ୍କର ନିର୍ଯ୍ୟାତନା ଯୋଗୁଁ ମଦ ଓ ବିଷ ପାନ କରି ଆତ୍ମାହତ୍ୟା କରିଛନ୍ତି ବୋଲି ସ୍ପଷ୍ଟ ହୋଇଛି ଏବଂ ଶରୀରରେ କୌଣସି କ୍ଷତବିକ୍ଷତ ଚିହ୍ନ ନଥିବା ଜଣାପଡ଼ିଛି। ସେହିପରି ନିଆଳି ଆଇଆଇସି ବିଜୟ କୁମାର ମଲ୍ଲିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି ପ୍ରେମ ବ୍ୟାପାରକୁ ନେଇ ପ୍ରେମିକା ପରିବାର ଲୋକଙ୍କ ନିର୍ଯ୍ୟାତନା ସହିନପାରି ଆତ୍ମହତ୍ୟା କରିଛନ୍ତି ଦାମଦର। ଏହି ଘଟଣାରେ ପ୍ରେମିକାଙ୍କ ମା' ନିର୍ମଳା ଦାସ ଓ ଭାଇ ରାମକୃଷ୍ଣ ଦାସ ଓରଫ ଚନ୍ଦୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# ସାଇକୃପା କଲେଜରେ ୮ ପରୀକ୍ଷାର୍ଥୀ ୯୦%ରୁ ଉର୍ଦ୍ଧ୍ୱ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳର କୁଞ୍ଜକାନ୍ତ ସ୍ଥିତ ସାଇକୃପା +୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟର ଫଳାଫଳ ଶତ ପ୍ରତିଶତ ରହିଛି। ପ୍ରଥମ ଶ୍ରେଣୀରେ ୧୦୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୩ ଜଣ ଉତ୍ତୀର୍ଣ୍ଣ ହେଇଛନ୍ତି ଏବଂ ୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଇ୧ ଗ୍ରେଡ଼ରେ ରହିଛନ୍ତି। ୨୭ ଜଣ ୫୦୦ରୁ ଉର୍ଦ୍ଧ ନମ୍ବର ରଖିଛନ୍ତି। ସବୁଠାରୁ ଉଲେଖ ଯୋଗ୍ୟ ଏହି ଯେ ଦଶମ ପରୀକ୍ଷାରେ ୬୩% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଭୁବନ ବ୍ଲକ ମହୁଲପାଳ ଗ୍ରାମର ମୁକେଶ ଓଝା ଯୁକ୍ତ ୨ରେ ୯୧% ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ହିନ୍ଦୋଳ ବ୍ଲକର ବାବନ୍ଧ ଗ୍ରାମର ଶୁଭଶ୍ରୀ ବିଶ୍ୱାଳ ସର୍ବାଧିକ ନମ୍ବର ୯୫.୧୭ % ପ୍ରତିଶତ ନମ୍ବର ରଖି କଲେଜର ଶ୍ରେଷ୍ଠ ଛାତ୍ରୀ ଭାବେ ବିବେଚିତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଗନ୍ଦିଆ ସଂଥସରା ଗ୍ରାମର ପ୍ରିୟଙ୍କା ବିଶ୍ୱାଳ ୯୪% ପ୍ରତିଶତ ନମ୍ବର, ଭୁବନ ବ୍ଲକ ର ମୁରୁଗକ୍ଷ ଗ୍ରାମର ପଦ୍ମିନୀ ମହାରଣା ୯୨% ପ୍ରତିଶତ ନମ୍ବର, ଆଠଗଡ ଅଚଳକୋଟର ଅମୃତାଂଶୁ ରାଉତ ୯୨% ପ୍ରତିଶତ ନମ୍ବର, ପରଜଙ୍ଗ କୁଟୁରିଆର ଆକାଶ ସାହୁ ୯୧% ପ୍ରତିଶତ ନମ୍ବର ଓ ଅଂଶୁମାନ ସାହୁ ୯୦% ପ୍ରତିଶତ ନମ୍ବର ଏବଂ ଢେଙ୍କାନାଳ ବନସିଂଗର ଶୁଭମ ହାତୀ ସାହୁ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ପ୍ରକାଶ ଥାଉକି ଦଶମ ଶ୍ରେଣୀରେ କୌଣସି ପିଲା ୯୦% ନରଖି ମଧ୍ୟ ଯୁକ୍ତ ୨ରେ ୮ଜଣ ୯୦%ରୁ ଉର୍ଦ୍ଧ୍ୱ ରଖିଛନ୍ତି। ସାଇକୃପା କଲେଜର ଚେୟାରମ୍ୟାନ ଅର୍ଣ୍ଣଦା କୁମାର ମହାନ୍ତି ଓ ଅଧକ୍ଷ ଡ଼. ତୁଷାର କୁମାର ମହାନ୍ତି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାଙ୍ଗିଲା ନବ ନିର୍ମିତ ସେତୁ, ତଦନ୍ତ ଦାବି



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଛତା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଏକ ନବ ନିର୍ମିତ ସେତୁ ଭାଙ୍ଗିପଡିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଫଳରେ ଏହି ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ଦେଇ ୯ନମ୍ବର କେନାଲ ପ୍ରବାହିତ ହେଉଛି। ଏହି କେନାଲର ରକ୍ଷଣା ବେକ୍ଷଣ ଦାୟୀତ୍ୱ କେନ୍ଦ୍ରାପଡା ଜିଲ୍ଲା ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ରହିଛି। ତେବେ ଏହି କେନାଲର କଟରପଡା ଗ୍ରାମପଂଚାୟତ ମୁରଦାବାଦ ନିକଟରେ ମାତ୍ର ୨ମାସ ତଳେ ଏକ ସେତୁ ନିର୍ମାଣ କରାଯାଇଥିଲା। ଏହି ସେତୁ ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘରରେ ରଖାଯାଇଥିଲା। ତେବେ ଅଟକଳ ଅନୁଯାଇ ଏହି ସେତୁ ନିର୍ମାଣ କରାଯାଇନଥିବାର ଅଭିଯୋଗ ହୋଇଛି। ସେତୁ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନିର୍ମାଣର ମାତ୍ର ୨ମାସ ମଧ୍ୟରେ ଏହି ସେତୁଟିର ବହୁ ଅଂଶ ଭାଙ୍ଗି ଯାଇଥିବାର ଦେଖିବାକୁ ମିଳିଛି। ତେବେ ଏଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏସମ୍ପର୍କରେ ଆମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ଅପସାରଣ ପାଇଁ ବିଡ଼ିଓଙ୍କୁ ଘେରିଲେ ପଞ୍ଚାୟତବାସୀ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଙ୍କ ପଂଚାୟତରୁ ଅପସାରଣ ପାଇଁ ଆଜି ପଂଚାୟତର ପ୍ରତିନିଧିଙ୍କ ସମେତ ଶତାଧିକ ଜନସାଧାରଣ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ। ତୁରନ୍ତ ଏହି ଅଧିକାରୀଙ୍କୁ ତାଙ୍କ ପଂଚାୟତରୁ ତୁରନ୍ତ ଅପସାରଣ କରାନଗଲେ ସେମାନେ ଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକ କାର୍ଯ୍ୟାଳୟ ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ପଂଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ହରିଅଙ୍କ ପଂଚାୟତରେ ୨୦୨୪ ମସିହା ଡିସେମ୍ବର ମାସରୁ ଜଣେ ପଂଚାୟତ କାର୍ଯ୍ୟନିର୍ବାହୀ ସୂଚାରୁ ରୂପେ କାର୍ଯ୍ୟ କରିଆସୁଥିବା ବେଳେ ଗତ ୦୭.୦୩.୨୦୨୫ ରିଖରେ ଡେରାବିଶ ବ୍ଲକ ତରଫରୁ ଦୁଲାସିସ ଗୁପ୍ତାଙ୍କୁ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରିଛନ୍ତି। ତେବେ ପଂଚାୟତର ସରପଂଚ କନକଲତା ପ୍ରଧାନ, ପୂର୍ବତନ ସରପଂଚ ସୁଖଦାନନ୍ଦ ପ୍ରଧାନ, ନାଏବ ସରପଂଚ ସର୍ବେଶ୍ୱର ସ୍ୱାଇଁ, ୱାର୍ଡ଼ସଭ୍ୟ ରଘୁନାଥ ସାହୁ, ଶିବ ପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ କୁମାର ବଳ, ପ୍ରଫୁଲ୍ଲ କୁମାର ଜେନା, ରମେଶ ଚନ୍ଦ୍ର ବରାଳ, ଜୟନ୍ତ ସ୍ୱାଇଁ, ଅଭୟ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ ଶତାଧିକ ପଂଚାୟତବାସୀ ଆଜି ବ୍ଲକ କାର୍ଯ୍ୟାଳୟରେ ପହଂଚି ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିସହିତ ଗୁପ୍ତା ହରିଅଙ୍କ ପଂଚାୟତରେ ପୂର୍ବରୁ ତା ୧୬.୧୧.୨୦୧୬ ରିଖ ଠାରୁ ତା ୧୭. ୦୪. ୨୦୨୩ ରିଖ ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଧରି କାର୍ଯ୍ୟ କରିଥିଲେ। ତେବେ ତାଙ୍କ କାର୍ଯ୍ୟ ଅବଧି ସମୟରେ ଗୁପ୍ତା ପ୍ରତ୍ୟେକ ୱାର୍ଡ଼ରେ ଦଲାଲମାନଙ୍କୁ ରଖି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଆଦିରେ ଗରିବ ଶ୍ରେଣୀୟ ଲୋକମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥରାଶି ଆଦାୟ କରି ଅସାଧୁ ଲୋକମାନଙ୍କ ସାଥିରେ ମିଶି ଗ୍ରାମପଂଚାୟତ କାର୍ଯ୍ୟାଳୟରେ ମାଦକ ଦ୍ରବ୍ୟର ଆସର ମଧ୍ୟ ବସାନ୍ତି ବୋଲି ପଂଚାୟତର ଲୋକମାନେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହିତ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଗୁପ୍ତା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଇଦେବା ପାଇଁ ଉତ୍କୋଚ ଆକାରରେ ନେଇଥିବା ଅର୍ଥରାଶି ଫେରସ୍ତ କରାଇବା ପାଇଁ ଗ୍ରାମବାସୀଙ୍କ ଦ୍ୱାରା ଅଭିଯୋଗ ଆଧାରରେ ସେତେବେଳେ ତାଙ୍କୁ ଗ୍ରାମପଂଚାୟତରୁ ଅପସାରଣ କରାଯାଇଥିଲା ବୋଲି ପଂଚାୟତବାସୀ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବିଡ଼ିଓ ନମିତା ବାରିକଙ୍କୁ ପଚାରିବାରୁ ସେ ନିଜେ କିଛି କରିପାରିବେ ନାହିଁ, ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଅବଗତ କରିବା ପରେ ଜିଲ୍ଲାପାଳ ଯାହା ପଦକ୍ଷେପ ନେବେବୋଲି ପ୍ରକାଶ କରିଥିଲେ। ତେବେ ପଂଚାୟତବାସୀମାନେ ତାଙ୍କ ଅଭିଯୋଗ ପତ୍ର ବିଡ଼ିଓଙ୍କୁ ସମେତ ପିଡ଼ିଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାଯାଇଛି। ଏଥିସହିତ ଯଦି ପଂଚାୟତବାସୀଙ୍କ ଦାବି ତୁରନ୍ତ ପୁରଣ କରାନଯାଏ ତେବେ ସେମାନେ ଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରିବେ ବୋଲି ପ୍ରକାଶ କରିଛନ୍ତି।

# କୁଣ୍ଡାଖିଆ ଜୋଡରେ କଲଭର୍ଟ ନିର୍ମାଣ ପାଇଁ ଦାବି

ଆଳି, (ଭାସ୍କର ନ୍ୟୁଜ୍): ଚାଷ ଜମିରୁ ଜଳ ନିଷ୍କାସନ ପାଇଁ କୁଣ୍ଡାଖିଆ ଆଡ଼ିରେ କଲଭର୍ଟ ନିର୍ମାଣ ଦାବି କଲେ ଅରେହିକଣା ଓ ବଡ଼ାମ୍ବିଳା ଗ୍ରାମପଞ୍ଚାୟତର ଶତାଧିକ ଚାଷୀ। ଚାଷୀଙ୍କ ଆପତ୍ତି ଅନୁସାରେ ସେମାନଙ୍କ ଚାଷ ଜମିକୁ ଯିବାପାଇଁ ଏକମାତ୍ର ଗମନା ଗମନ ରାସ୍ତା, ଯାହା କୁଣ୍ଡାଖିଆ ଜୋର ମଧ୍ୟ ଦେଇ ଯାଇଛି। ସେହି ରାସ୍ତାକୁ ପ୍ରତିବର୍ଷ ଚାଷୀମାନେ ନିଜନିଜ ମଧ୍ୟରେ ଟଙ୍କା ଆଦାୟ କରି ରାସ୍ତା ନିର୍ମାଣ କରୁଥିଲେ ମଧ୍ୟ ଉକ୍ତ ରାସ୍ତା ମଧ୍ୟରେ ଥିବା ଜୋର ବନ୍ଧ ବହୁ ପୁରାତନ ହୋଇଥିବାରୁ ବର୍ଷାଜଳ ଓ ବ୍ରାହ୍ମଣୀ ନଦୀ ଜଳ ସ୍ରୋତରେ ତାହା ନଷ୍ଟ ହୋଇଯାଉଛି। ଯାହାଫଳରେ ଅପର ପାର୍ଶ୍ୱରେ ଥିବା ଶହଶହ ଏକର ଚାଷ ଜମିକୁ ଜୋଡ଼ ଅତିକ୍ରମ କରିଯାଇ ହେଉନାହିଁ। ନା ଚାଷ ଜମି ପାଖକୁ ଟ୍ରାକ୍ଟର ଯାଇ ପାରୁଛି ନା ଚାଷୀ ଯାତାୟାତ କରି ପାରୁଛନ୍ତି। ଆଗକୁ ଖରିପ ଚାଷ ଆସୁଥିବାରୁ ଚାଷୀ କେମିତି ଚାଷ ଜମିରେ ପହଂଚିବ ଚାଷ କାର୍ଯ୍ୟ ଆରମ୍ଭ କରିବା ତାହା ନେଇ ଚିନ୍ତାରେ ଶତାଧିକ ଚାଷୀ। ଯଦି କୁଣ୍ଡାଖିଆ ଆଡ଼ିରେ ଚାଷ ପୂର୍ବରୁ କଲଭର୍ଟ ନିର୍ମାଣ ସହିତ ଆଡି ବନ୍ଧ ନିର୍ମାଣ ନ କରାଯାଏ ତାହାହେଲେ ପ୍ରତିବର୍ଷ ପରି ଏ ବର୍ଷ ଚାଷୀର ଚାଷ ଉଜୁଡି ଯିବା ସହିତ ତାର ଜୀବନ ଓ ଜୀବିକା ହରେଇ ବସିବ। ଚାଷୀ ଚାଷକରି ତାର ପରିବାର ପ୍ରତିପୋଷଣ କରୁଥିବା ବେଳେ ଯଦି ପ୍ରଶାସନ ତରଫରୁ କୁଣ୍ଡାଖିଆ ଆଡ଼ି ଓ କଲଭର୍ଟ ନିର୍ମାଣ ନ ହୁଏ ତାହହେଲେ ଆମ୍ଭମାନଙ୍କର ଏକମାତ୍ର କୃଷିଜାତ ଆୟର ଉପାୟ ନଷ୍ଟ ହୋଇଯିବ ବୋଲି ଗୋଲେଖ ବିହାରୀ ଦାସ, ସୁଶାନ୍ତ କୁମାର ପଣ୍ଡାଙ୍କ ସହ ଶତାଧିକ ଚାଷୀମାନେ ଦାବି କରିଛନ୍ତି। ଯାହାଫଳରେ ଶହଶହ ଚାଷୀମାନଙ୍କର ପିଲାଙ୍କ ପାଠପଢା, ଘର ଖର୍ଚ୍ଚ, ଔଷଧ, ଭଲମନ୍ଦଠୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ କେଉଁଠୁ ଆସିବ ବୋଲି ଚାଷୀ କୂଳ ଚିନ୍ତାରେ ଅଛନ୍ତି। ଗ୍ରାମର ଚାଷୀଙ୍କ ଅଭିଯୋଗ କ୍ରମେ ଦୀର୍ଘ ୫୦ବର୍ଷ ହେବ ଆମେ ପ୍ରଶାସନଠୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କ ପାଖରେ ଗୁହାରି କରି ଥକି ପଡିଲୁଣି। ବର୍ଷ ପରେ ବର୍ଷ ବିତି ଯାଇଥିଲେ ବି କେବଳ ନିର୍ବାଚିତ ପ୍ରତିନିଧି ଭୋଟ ସମୟରେ କରିଦେବୁ କହି ଭୋଟ ହାତେଇଥାନ୍ତି। ଯେହେତୁ ଏ ନାଳ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଛି। ଏହି ନାଳ ଉପରେ କୁଣ୍ଡାଖିଆ ଆଡ଼ି ଓ କଲଭର୍ଟ ନିର୍ମାଣ ହେଲେ ଦୁଇ ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ସେମାନେ କହିଛନ୍ତି। କାରଣ ନାଳ ଅପରପାର୍ଶ୍ୱରେ ରହିଛି ହଜାର ହଜାର ହେକ୍ଟର ଚାଷ ଜମି। ଏପଟେ ଚାଷୀର ଚାଷକୁ ଆଗକୁ ନେବା ପାଇଁ ସରକାର ପ୍ରୋତ୍ସାହନ ସ୍ୱରୂପ ଚାଷ କାର୍ଯ୍ୟ ପାଇଁ ରିହାତିରେ ଯନ୍ତ୍ରାଂଶ ଯୋଗାଉ ଥିବା ବେଳେ ଯିବା ପାଇଁ ଆଡ଼ିରାସ୍ତା ଓ କଲଭର୍ଟ ନଥିବାରୁ ଜଳ ନିଷ୍କାସନ, ଜଳ ସେଚନ, ଗମନାଗମନ ସହ ଯନ୍ତ୍ରାଂଶ ଗୁଡିକ ଚାଷଜମି ପର୍ଯ୍ୟନ୍ତ ପହଁଚି ପାରୁନି। ଏ ନେଇ ଆଜି ଶତାଧିକ ଚାଷୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଠାଇଛନ୍ତି।

## ଦୁଇ ଅନାଥଙ୍କୁ ସହାୟତାର ହାତ ବଢାଇଲେ ଶିବାୟ ଯୋଧା ଫାଉଣ୍ଡେସନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ସତରେ ଦୁଃଖ କ'ଣ ଏମିତି ବି ଆସେ। ଆଜି ଅସହାୟ,ବେସାହାରା ହୋଇ ପଡିଛନ୍ତି ଦୁଇ ନାବାଳକ। ମୁଣ୍ଡ ଉପରୁ ଉଠିଯାଇଛି ବାପା ମାଆର ସ୍ନେହ ଶ୍ରଦ୍ଧା ଓ ଆଶିର୍ବାଦ। ପରିବାର କହିଲେ ସୃଷ୍ଟିଧର ସିଂ, ଧର୍ମ ପତ୍ନୀ ସିମା ସିଂ ଓ ଦୁଇପୁଅ। ପ୍ରଥମେ ଆଠବର୍ଷ ପୂର୍ବେ ବାପା ସୃଷ୍ଟିଧରଙ୍କ ହୃଦଘାତରେ ଜୀବନ ଚାଲିଗଲା। ତଥାପି ମାଆ ସିମା ସିଂ ଦୁଇପୁଅକୁ ବଡ଼ ମଣିଷ କରିବା ପ୍ରୟାସରେ ନିଜେ କାମଧନ୍ଦା କରି ବେଶ ହସଖୁସିରେ ପରିବାର ଚଳାଇଥିଲେ। ହଠାତ୍ ଯେମିତି ଏ ପରିବାରକୁ ଦୁଃଖର କଳା ବାଦଲର ଛାଇ ଘୋଟିଆସିଲା। ମାଆ ଶ୍ରମିକ ଭାବରେ କାର୍ଯ୍ୟ କରୁକରୁ ହୃଦଘାତରେ ଜୀବନ ଚାଲିଗଲା। ଏବେ ବଡପୁଅ ଅନୁପ ସିଂ ଓ ସାନପୁଅ ସନୁପ ସିଂ ବାପା,ମାଆ ଛେଉଣ୍ଡ ହୋଇଯାଇଛନ୍ତି। ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିର ଘଟଣା। ଏ ହୃଦୟ ବିଦାରକ ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଦୀର୍ଘ ତିନିସହ କିଲୋମିଟର ଦୂର ଢେଙ୍କାନାଳ ଜିଲ୍ଲାର ଶିବାୟ ଯୋଧା ଫାଉଣ୍ଡେସନ ପକ୍ଷରୁ ଦୁଇ ଅନାଥ ନାବାଳକଙ୍କୁ ସହାୟତାର ହାତ ବଢାଇଛନ୍ତି। ବୁଧବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଶିବାୟ ଯୋଧା ଫାଉଣ୍ଡେସନର ସଭାପତି ବିଶ୍ୱରଞ୍ଜନ ସାହୁ, ସମ୍ପାଦକ ଦିପ୍ତିରଞ୍ଜନ ବେହେରା, କୋଷାଧକ୍ଷ ଆଲୋକ ଦାସ, ସଦସ୍ୟ କୃଷ୍ଣଚନ୍ଦ୍ର ସିଂ, ବିକ୍ରମ ଝାଟି ପ୍ରମୁଖ ଦୁଇ ଅନାଥ ନାବାଳକ ଅନୁପ ସିଂ ଓ ସନୁପ ସିଂଙ୍କ ଘରେ ପହଞ୍ଚି ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ବହୁ ଦୂରରୁ ଆସି ସହାୟତା ପ୍ରଦାନ କରିଥିବା ହେତୁ ଅଞ୍ଚଳବସୀ ସଂଗଠନକୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

# 'ଆଇନ୍ ସମ୍ବନ୍ଧରେ ଅନଭିଜ୍ଞଙ୍କୁ ସେବା ଯୋଗାଇବା ଆଇନଜୀବୀଙ୍କ ଧର୍ମ'

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆମ ଦେଶ ଓ ରାଜ୍ୟର ଅନେକ ନିରାଶ୍ରୟ ଅଛନ୍ତି, ଯେଉଁମାନେ ଆଇନ ସମ୍ବନ୍ଧରେ ଅନଭିଜ୍ଞ। ସେମାନଙ୍କୁ ସଚେତନ କରିବା ସହ ସେବା ଯୋଗାଇଦେବା ଆଇନ ଜୀବୀଙ୍କ କର୍ତ୍ତବ୍ୟ। ମଙ୍ଗଳବାର ମାଲକାନଗିରି ଜିଲା ଜଜ୍ କୋର୍ଟରେ ଅନୁଷ୍ଠିତ ସେମିନାରରେ ଉଚ୍ଚ ନ୍ୟାୟାଳୟ ବିଚାରପତି ଶଶୀକାନ୍ତ ମିଶ୍ର ଆଇନଜୀବୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ଜିଲା ବାର୍ ଆସୋସିଏସନର ଶତାଧୁକ ଆଇନଜୀବୀ ମାଲାକନଗିରି ସଦର ମହକୁମା ପ୍ରବେଶ ଦ୍ୱାର ଭୈରବ ମନ୍ଦିର ଠାରେ ବିଚାରପତି ଶଶୀକାନ୍ତ ମିଶ୍ର ଓ ଶିବ ଶଙ୍କର ମିଶ୍ରଙ୍କୁ ସ୍ୱାଗତ କରିବା ପାଇଁ ଡିଡାୟୀ, କୋୟା ନୃତ୍ୟ ସହ ପୁଷ୍ପଗୁଚ୍ଛ ଦେଇ ଜିଲା ଦୌରାଜଜ୍ କୋର୍ଟ ସମ୍ମିଳନୀ କକ୍ଷକୁ ନେଇଥିଲେ। ସେମିନାରରେ ମାଲକାନଗିରି ବାର୍ ଆସୋସିଏସନ ସଭାପତି ପ୍ରୀତପଲ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ବିଚାରପତିଙ୍କ ସହ ଜିଲାଜଜ୍ ପ୍ରସନ୍ନ କୁମାର ପଣ୍ଡା, ରାଜ୍ୟ ବାର୍ ଆସୋସିଏସନ ଅଧକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟ ବାର୍ କାଉନସିଲ ସଭ୍ୟ ବିଭୁପ୍ରସାଦ ତ୍ରିପାଠୀ ଓ ପି.ରମେଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ୧୦୦ରୁ ଉର୍ଦ୍ଧ୍ୱ ଆଇନଜୀବୀଙ୍କୁ ସେମିନାର ଉଦ୍ଦେଶ୍ୟ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ବାର୍ ଆସୋସିଏସନ ସଦସ୍ୟ ରବୀନ୍ଦ୍ର ମାଢ଼ି, ଅଶୋକ ପଟ୍ଟନାୟକ, ଗୋବିନ୍ଦ ପାତ୍ର ଓ ବିଜୟ ମହାନ୍ତି ଓ ବରିଷ୍ଠ ଆଇନଜୀବୀ ମତବ୍ୟକ୍ତ କରିଥିଲେ। ବିଚାରପତି ଶଶୀକାନ୍ତ ମିଶ୍ର ଓ ଶିବ ଶଙ୍କର ମିଶ୍ର ସାଧାରଣ, ଅନଭିଜ୍ଞ, ଗରିବ ଶ୍ରେଣୀର ଜନସାଧାରଣ କିପରି ବିନା ମୂଲ୍ୟରେ ନ୍ୟାୟାଳୟରେ ସେମାନଙ୍କ ସମସ୍ୟାର ସମାଧାନ କରିପାରିବେ ସେ ସମ୍ବନ୍ଧରେ ଯେଉଁ ଯେଉଁ ପନ୍ଥା ଅବଲମ୍ବନ କରାଯାଇଛି ସେ ବିଷୟରେ ସୂଚନା ଦେଇଥିଲେ। ସ୍ୱର୍ଗତ ଗୋପବନ୍ଧୁ ଦାସ ନିଜ ଜୀବନକୁ ଉତ୍ସର୍ଗ କରି ବିଭିନ୍ନ ବିପଦ ସମୟରେ ଗରିବ ଅସହାୟଙ୍କୁ କିପରି ସାହାଯ୍ୟ କରୁଥିଲେ ସେ ବିଷୟରେ କହିଥିଲେ।

# ଜଳଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ସମ୍ମୁଖରେ ସଂଘ କର୍ମକର୍ତ୍ତାଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା ୨ୟ ଦିନରେ ପହଂଚିଛି। ହୁତ୍‌ହୁତିଆ ଗୁଳୁଗୁଳି ପ୍ରଚଣ୍ଡ ଖରାରେ ରେ ବଡ଼ ବାବୁ ମାନଙ୍କ ଜିଦ୍ ଖୋର ମନୋଭାବ ଯୋଗୁଁ ଗଣଧାରଣା ଲମ୍ବୁଛି।ଏହି ଗୁଳୁଗୁଳି ରେ କାର୍ଯ୍ୟାଳୟ ତରଫରୁ ପିଇବାକୁ ପାଣି ବନ୍ଦ, ଲାଇନ କାଟିଲେ ତା ସଙ୍ଗେ ତମ୍ବୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ସଂଘର କର୍ମ କର୍ତ୍ତା ତରଫରୁ ପ୍ରକାଶ । କରାଯାଇଥିବା ଅନ୍ୟାୟ ବଦଳି, ଆଦେଶ ବାତିଲ୍ ଓ କର୍ମଚାରୀ ସମସ୍ୟା ସମାଧାନରେ ଖଣ୍ଡ କର୍ତ୍ତୃପକ୍ଷଙ୍କର ଅସହଯୋଗ ପ୍ରତିବାଦରେ ୨୦ ଏବଂ ୨୧ତାରିଖରେ ଗ୍ରାମ୍ୟ ଜଳଯୋଗାଣ ଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁଅଛି। ସଂଘ କର୍ମକର୍ତ୍ତାଙ୍କ ଅନ୍ୟାୟ ବଦଳି ପ୍ରତ୍ୟାହାର ସବୁ ବର୍ଗର କର୍ମଚାରୀଙ୍କୁ ପ୍ରତ୍ୟେକ ମାସ ୫ ତାରିଖ ମଧ୍ୟରେ ବେତନ ପ୍ରଦାନ, ଇ.ପି.ଏଫ୍.ଅର୍ଥ ପ୍ରତ୍ୟେକ ମାସରେ ଜମା କରାଇବା ଏଚ.ଆର. କର୍ମଚାରୀଙ୍କ ବର୍ଦ୍ଧିତ ବକେୟା ଭିଡିଏ ପ୍ରଦାନ କରିବା, ମୃତ କର୍ମଚାରୀଙ୍କ ଉତରାଧିକାଙ୍କୁ ଅନୁକମ୍ପା ନିଯୁକ୍ତି ଆଦି ସମସ୍ୟା ସମାଧାନରେ ଖଣ୍ଡ କର୍ତ୍ତୃପକ୍ଷଙ୍କର ଉଦାସୀନତା ବିରୁଦ୍ଧରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ, ଯାଜପୁର ଜିଲ୍ଲା ପକ୍ଷରୁ ଚଣ୍ଡିଖୋଲ ସ୍ଥିତ ଗ୍ରାମ୍ୟଜଳଯୋଗାଣ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଅଛି ବୋଲି ଖଣ୍ଡ ସଂପାଦକ ଶ୍ରୀ ଧନେଶ୍ୱର ବାରିକ ଠାରୁ ପ୍ରକାଶ। ଉକ୍ତ ଗଣଧାରଣାରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ରାଜ୍ୟ କର୍ମକର୍ତ୍ତା ସୁଧାଂଶୁ ରାୟ, ସୁଧୁର ପାଣିଗ୍ରହୀ ଓ ଯାଜପୁର ଜିଲ୍ଲା ଉପଦେଷ୍ଟା ଭିକାରୀ ଚରଣ ଜେନା, ପୂର୍ବତନ ଖଣ୍ଡ ସଂପାଦକ ଲକ୍ଷ୍ମୀଧର ଜେନା, ଜିଲ୍ଲା ସଭାପତି ବିଜୟ କୁମାର ବାରିକ, ଉପଖଣ୍ଡ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ନନ୍ଦ, ଦୁଃଖବନ୍ଧୁ ପୁହାଣ, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଜିଲ୍ଲାର ଦଶଗୋଟି ଶାଖା ସଂଘର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଗଣଧାରଣା କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଂକଳ୍ପବଧ ହୋଇଛନ୍ତି। ଅଧକ୍ଷଣ ଯନ୍ତ୍ରୀଙ୍କ ଅସହଯୋଗ ଓ କୌଣସି ଆଲୋଚନା କରିବା ପାଇଁ ନଡାକିବାରୁଏହି ଗଣଧାରଣା ୩ୟ ଦିବସକୁ ଚାଲୁ ରହିବ।

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ): ତ୍ୟାଗ ଓ ନ୍ୟାୟର ମହାନାୟକ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏକ ରକ୍ତଦାନ ଶିବିର କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ପୂର୍ବତନ ମନ୍ତ୍ରୀ ତଥା ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧାର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ମହିଳା କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାୟକ, ... ବିଧାୟକ ପ୍ରାର୍ଥୀ ନିର୍ମଳ ନାୟକ, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶୁଭମ ରାଜ, କଂଗ୍ରେସ ନେତା ... ଗୋଲୋକଶଙ୍କର ମଲ୍ଲିକ, ଶଙ୍କର୍ଷଣ ନାୟକ, କବିତା ସେଠୀ ପ୍ରମୁଖ ସହଯୋଗ କରିଥିଲେ।



# ଜଳୁନି ଏଲ୍ଇଡି ଲାଇଟ୍

## ଜାତୀୟ ରାଜପଥ ଘନ ଅନ୍ଧାର, ପ୍ରଶାସନର ନିଘା ନାହିଁ



ବୋଲଗଡ(ଭାସ୍କର ନ୍ୟୁଜ):ଖୋର୍ଦ୍ଧା-ବଲାଙ୍ଗୀର ୫୭ ଜାତୀୟ ରାଜପଥର ବାଘମାରୀ ବଜାରରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଠିକାଦାରୀ ସଂସ୍ଥାକୁ ଆଲୋକୀକରଣ କରିବା ପାଇଁ ଖୁଣ୍ଟ ପୋତି ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି।ଏହା ଦୁଇ ବର୍ଷରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ ଏଲ୍ଇଡି ଲାଇଟ ଲାଗିପାରି ନ ଥିବାରୁ ଘନ ଅନ୍ଧକାର ରାଜୁତି କରୁଛି। ତେବେ ରାସ୍ତାରେ ପ୍ରତ୍ୟେକ ଦିନ ରାଜପଥ ଉପରେ ଛୋଟ ବଡ ଦୁର୍ଘଟଣା ସାଙ୍ଗକୁ ଚୋରୀ,ଡକାୟତି,ରାହାଜାନୀ ଓ ଛିନତାଇ ସହ ଅସାମାଜିକ କାର୍ଯ୍ୟକଳାପ ପାଇଁ ଖୋରାକ ଯୋଗାଇବାରେ ଲାଗିଛି। ଏପରିକି ରାସ୍ତାରେ ଖୁଣ୍ଟଗୁଡ଼ିକ କମ ଗଭୀରତାରେ ପୋତା ହୋଇଥିବା ଯୋଗୁଁ ବର୍ଷା ଓ ପବନରେ ଦୁଇରୁ ତିନୋଟି ଉପୁଡ଼ି ପଡ଼ିଥିବାର ଅଭିଯୋଗକାରୀ ମାନେ ଦର୍ଶାଇଛନ୍ତି । ଅନ୍ୟ ପକ୍ଷରେ ରାସ୍ତାର ଆଲୋକୀକରଣ ପାଇଁ ବ୍ୟବହୃତ ହୋଇଥିବା କେବୁଲ ଲାଇନ ମଧ ଉପରକୁ ସମସ୍ତଙ୍କ ଦୃଷ୍ଟି ଗୋଚର ହେଉଛି।ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲଘୁ ଓ ଭାରିଯାନ,ଯାତ୍ରୀବାହୀ ବସ ଓ ପଥଚାରୀମାନେ ଯାତାୟାତ କରିଥାନ୍ତି। ଏଥିରେ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କ ତଦାରଖ ଅଭାବରୁ ଏଭଳି କାର୍ଯ୍ୟ ହୋଇଛି ବୋଲି ସମାଜସେବୀ ଆଲୋକ କୁମାର ପଣ୍ଡା, ମଧୁସୂଦନ ସୁବୁଦ୍ଧି, କୟୁମ ଖାଁ, ସାମ୍ବାଦିକ ଗଣେଶ୍ୱର ମହାପାତ୍ର ଓ ବିଜୟ କେତନ ପଣ୍ଡାଙ୍କ ସମେତ ଅଞ୍ଚଳବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଆଲୋକୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତକୁ ନେଇ ସମାଜସେବୀ ସନ୍ତୋଷ କୁମାର ପଣ୍ଡା ଲୋକ ଅଦାଲତର ଆଶ୍ରୟ ନେଇଥିଲେ। ତେବେ ଏହି ଅଭିଯୋଗକୁ ଲୋକଅଦାଲତ ଗୁରୁତ୍ୱର ସହ ବିଚାର କରି ବିଭାଗୀୟ ଅଧିକାରୀଙ୍କୁ ନୋଟିସ ମାଧମରେ ଆସନ୍ତା ମାସ ୨୫ ତାରିଖରେ ହାଜିର ହେବା ପାଇଁ ନିର୍ଦ୍ଦେଶ କରିଛନ୍ତି।ଏତଦ ବ୍ୟତୀତ ବେଗୁନିଆ ବଜାରରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଛଅ ମାସରୁ ଉର୍ଦ୍ଧ୍ୱ ହେବ ରାତ୍ରରେ ଏଲଇଡି ଲାଇଟ ଜଳୁ ନ ଥିବାରୁ ଘନ ଅନ୍ଧାର ମଧ ରାଜୁତି କରିବାରେ ଲାଗିଛି ।

# ଉପମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ



ଗୋପ(ଭାସ୍କର ନ୍ୟୁଜ): ଗୋପ ମୁଖ୍ୟ କେନାଲ ନିକଟ ତଥା ଗୋପ ହାପିକେନାଲ ଠାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୧.୧୨କୋଟି ଟଙ୍କା ବିନିମୟରେ ଜଳସମ୍ପଦ ବିଭାଗ ର ସହାୟତା ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର ଯୋଜନା ଥିଲା । ଅଭାବନୀୟ ଘଟଣାକ୍ରମେ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଉକ୍ତ ଶିଳାନ୍ୟାସର ଫଳକକୁ ଭାଙ୍ଗି ଦେଇଥିବା ସକାଳୁ ଜଣାପଡିଥିଲା। ଯାହାକୁ ନେଇ ବିଜେପି କର୍ମୀ ମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା। ଯୁବକମାନେ ଭିଡିରେ ଉକ୍ତ ଫଳକକୁ ସାନି ନିର୍ମାଣ କରାଯିବା ସହିତ ମଙ୍ଗଳବାର ଅପରାହ୍ଣ ୩ଟାରେ ଉକ୍ତ ସ୍ଥାନରେ ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଗୋପ ରେ ବିରୋଧି ଦଳ ନିଷ୍କ୍ରିୟ ଥିବା ବେଳେ ଏପରି କାର୍ଯ୍ୟ କଲା କିଏ। ଏହା ଗୋଷ୍ଠି କନ୍ଦଳକୁ ସୂଚାଉଛି ନା ବିରୋଧିଙ୍କ ସକ୍ରିୟତା ସାଧାରଣ ଭାବେ ଶାସକ ଦଳକୁ ସମୀକ୍ଷା କିମ୍ବା ସମାଲୋଚନା କାର୍ଯ୍ୟ ବିରୋଧି ଦଳର ମାତ୍ର ଏପରି ଘୃଣିତ କାର୍ଯ୍ୟ କଲା କିଏ । ଏ ନେଇ କୌଣସି ଅଭିଯୋଗ ମଧ୍ୟ ଗୋପ ଥାନାରେ ଦିଆଯାଇନାହିଁ। ନିର୍ବାଚନ ପରେ ନିମାପଡା-ଗୋପରେ ଦେଖାଦେଉଥିବା ଗୋଷ୍ଠୀ କନ୍ଦଳ ଏବେ ଖୋଲାଖୋଲି ଚାଲିଲା କି ? ଏପରି ଅନେକ ପ୍ରଶ୍ନ ଏବେ ଗୋପର ସାଧାରଣ ନାଗରିକମାନଙ୍କ ମନରେ ଉଙ୍କିମାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଫଳକର କାହିଁକି ସୁରକ୍ଷା ଦିଗରେ ଧ୍ୟାନ ଦିଆଗଲା ନାହିଁ । ଗୋପ ପୋଲିସ ନିକଟରେ ଏ ନେଇ ଆଗୁଆ କୌଣସି ଗୁଇନ୍ଦା ସୂଚନା ନଥିଲା କି । ଯାହାର ଫଳସ୍ୱରୂପ ଏପରି ଏକ ଅଘଟଣ ଘଟିଗଲା । ଫେଲ୍ ମାରିଗଲା ଗୁଇନ୍ଦା ବିଭାଗ । ଏ ନେଇ ଗୋପ ଥାନାଧିକାରୀ ପ୍ରଶାନ୍ତ ପଡିହାରୀ କହିଛନ୍ତି ଯେ ଆମେ ଫଳକ ଭାଙ୍ଗିବା ଖବର ପାଇ ଉକ୍ତ ସ୍ଥାନକୁ ଯାଇଥିଲୁ ଏବଂ ଅଦ୍ୟାବଧି ଫଳକ ଭାଙ୍ଗିବା ନେଇ କୌଣସି ଅଭିଯୋଗ ଆମ ପାଖରେ ହୋଇନାହିଁ ।

# ଡିଡାୟୀ ମ୍ୟୁଜିୟମ୍ ପ୍ରତିଷ୍ଠା ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ମାଲକାନଗିରି, (ଭାସ୍କର ନ୍ୟୁଜ): ଲୁପ୍ତ ପାଇବାକୁ ବସିଥିବା ଆଦିମ ଡିଡାୟୀ ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଙ୍କାର, ଅସ୍ତ୍ରଶସ୍ତ୍ର ଏବଂ କଳାସଂସ୍କୃତି ବଞ୍ଚାଇବା ସହ ବିଶ୍ୱ ଦରବାରରେ ଏହାର ପ୍ରଚାରପ୍ରସାର ପାଇଁ ଦାବି ହୋଇଛି। ନାକାମାମୁଡ଼ି ପଞ୍ଚାୟତ ଗଙ୍ଗାପଡ଼ାରେ ଡିଡ଼ାୟୀ ମ୍ୟୁଜିୟମ ପ୍ରତିଷ୍ଠା ଲାଗି ଯୁବଗୋଷ୍ଠୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସନ ହଳଧର ଶବରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜିଲ୍ଲାର କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତର ୨୦ଟି ଗାଁରେ ଆଦିମ ଡିଡ଼ାୟୀ ଜନଜାତି ବସବାସ କରୁଛନ୍ତି । ସବୁଠୁ ପୁରାତନ ଗାଁ ହେଉଛି ଗଙ୍ଗାପଡ଼ା । ଏଠାରେ ମ୍ୟୁଜିୟମ୍ କରାଗଲେ ସମୟକ୍ରମେ ଲୋପ ପାଇବାକୁ ବସିଥିବା କଳାସଂସ୍କୃତିର ବିକାଶ ହୋଇପାରିବ। ଐତିହ୍ୟ, ଜୀବନଶୈଳୀ, ପାରମ୍ପରିକ କଳା, ଉପକରଣକୁ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିହେବ। ଅନୁସନ୍ଧାନକାରୀ, ଛାତ୍ର ଛାତ୍ରୀ ଏବଂ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ। ପର୍ଯ୍ୟଟନର ବିକାଶ, ସଚେତନତା ଦ୍ୱାରା ଅଞ୍ଚଳର ଉନ୍ନତି ହେବ । ଡିଡ଼ାୟୀ ସଂପ୍ରଦାୟ ଲୋକଙ୍କ ମଧ୍ୟରେ ସମ୍ମାନ ବୃଦ୍ଧି ପାଇବ । ଅର୍ଜୁନ ବଜ, ମନ ପଲାସି, ରବି ବିଷୋୟୀ, ଲାଛା ଚାଲାଣ, ଘାସି ବିଷୋୟୀ, ଆଙ୍ଗା ବିଷୋୟୀ, ଶଙ୍କା ମାଝୀ, ଆଙ୍ଗା ଚାଲାଣ ପ୍ରମୁଖଙ୍କ ସହ ଗାଁ ମୁଖିଆ ଏବଂ ଅନ୍ୟମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବଡମନ୍ଦାରୁଣୀ ସାର୍ବଜନୀନ ଚନ୍ଦନଯାତ୍ରା ଉଦ୍‌ଯାପିତ



ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଭୋଗରାଇ ବ୍ଲକ ନହରା ପଞ୍ଚାୟତର ବଡମନ୍ଦାରୁଣୀ ସାର୍ବଜନୀନ ଚନ୍ଦନ ଉତ୍ସବ ଗତ ୧୦ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି।୧୦ ତାରିଖରେ ଅଧିବାସ,୧୧ ତାରିଖରେ ଗାୟତ୍ରୀ ଯଜ୍ଞ ସହ ବିଗ୍ରହ ପ୍ରତିଷ୍ଠା ଓ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା।୧୨ ତାରିଖରେ ପୋଖରୀ ହୁଡ଼ା ପରିକ୍ରମା ସହ ମେଳି କାର୍ଯ୍ୟକ୍ରମ ଓ ବହୁ ପ୍ରତିକ୍ଷିତ ବାରୁଦ ବିସ୍ଫୋରଣ ଅନୁଷ୍ଠିତ ହୋଇଥିଲା।୧୩ ତାରିଖରେ ମେଲୋଡି,୧୪,୧୫ ଓ ୧୬ ତାରିଖରେ ନାଟ୍ୟାନୁଷ୍ଠାନ ଓ ୧୭ ତାରିଖରେ ଖୋର୍ଦ୍ଧାର ନୃତ୍ୟାୟନା ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ଭଦ୍ରକ ମୋଗଲ ତାମସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।୧୬ ତାରିଖରେ ନାଟ୍ୟାଭିନୟ ସମୟରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବିନ୍ଦ୍ର ନାଥ ପ୍ରଧାନ ମେଳା ସମ୍ପର୍କରେ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ।ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ମେଳା କମିଟିର ସଭାପତି ଗଙ୍ଗା ନାରାୟଣ ପରିଡା ଉପସ୍ଥିତ ଥିଲେ।ମୀନା ବଜାରର ମଜା ସାଙ୍ଗକୁ ଉଜ୍ଜଳ ଆଲୋକମାଳା,ଚନ୍ଦନ ପୋଖରୀ ର ନିଆରା ସାଜସଜ୍ଜା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିନେଇଥିଲା।୮ ଦିନ ବ୍ୟାପୀ ଏହି ଚନ୍ଦନ ମହୋତ୍ସବରେ ୫୦ ହଜାର ପାଖାପାଖି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଆସ୍କା ସାଂସଦଙ୍କ ପୁରୁଷୋତ୍ତମପୁର ଥାନା ପରିଦର୍ଶନ

ପୁରୁଷୋତ୍ତମପୁର(ଭାସ୍କର ନ୍ୟୁଜ):ଆସ୍କା ସାଂସଦ ଅନିତା ଶୁଭ ଦର୍ଶିନୀ ପଟ୍ଟନାୟକ ଅଚାନକ ଥାନା ପରିଦର୍ଶନ କରି ଆଇନ ଶୃଙ୍ଖଳା ଉପରେ ପରଖ କରୁଥିବା ନେଇ ସମସ୍ତ ଜନ ସାଧାରଣଙ୍କ ପ୍ରଶଂସାର ପାତ୍ର ପାଲଟିଥିବା ନେଇ ସବୁତ୍ର ଚର୍ଚ୍ଚା ଜୋର ଧରିଛି । ସାଂସଦ ଅନିତା ପଟ୍ଟନାୟକ ପୁରୁଷୋତ୍ତମପୁର ଥାନାକୁ ଅଚାନକ ପରିଦର୍ଶନରେ ଆସିଥିଲେ । ଥାନାକୁ ଆସିଥିବା ଅଭିଯୋଗକାରୀଙ୍କ ନିକଟକୁ ଯାଇ ଥାନା କୁ କେଉଁ କାମରେ ଆସିଥିବା ପଚାରି ବୁଝିଥିଲେ। ସମସ୍ତଙ୍କ ଅଭିଯୋଗ ଶୁଣିବା ପରେ ଥାନା ଅଧିକାରୀ ରାଜେଶ କୁମାର ନାୟକ ଓ ଏସଡିପିଓ ଡ଼. ଦୀପକ କୁମାର ମିଶ୍ରଙ୍କ ସହ ମିଶି ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଅନୁଧ୍ୟାନ କରିଥିଲେ । ଶାନ୍ତି ଶୃଙ୍ଖଳାକୁ ଅଧିକ ଗୁରୁତ୍ୱ ଦେବା, ଅସାମାଜିକ ବ୍ୟକ୍ତି ଉପରେ କଡା ନଜର ରଖିବା, ବେଆଇନ ଖୋଲା ମଦ ବିକ୍ରି କୁ ରୋକିବା, ମନ୍ଦିର ନିକଟରେ ଓ ଜନସାଧାରଣ ବସ୍ତି ନିକଟରେ ଦେଶି



ବିଦେଶୀ ମଦ ଦୋକାନକୁ ତୁରନ୍ତ ବନ୍ଦ କରି ଜନତାକୁ ସୁରକ୍ଷା ଦେବା ଉପରେ ଆଲୋଚନା କରିଥିଲେ । ସାଂସଦଙ୍କ ସହ ବରିଷ୍ଠ ବିଜେପି ନେତା ତଥା ଘୁମୁସର ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ସାଂସଦଙ୍କ କ୍ଷେତ୍ର ସଂଯୋଜକ ଯଜ୍ଞ ନାରାୟଣ ଦାସ, ବିଜେପି ଯୁବ ଓ ସକ୍ରିୟ ଦକ୍ଷ ସଙ୍ଗଠକ ସୀତାରାମ ପାଣିଗ୍ରାହୀ, କବିସୂର୍ଯ୍ୟନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ସେଠୀ, ଏନ୍.ଏସି କାଉନସିଲର ଭାସ୍କର ବେହେରା, କେ ପ୍ରମୋଦ କୁମାର ଆଚାରୀ, ବିଜେପି ନଗର ସମ୍ପାଦକ ଟୁକୁନା ବେହେରା, କାଉନସିଲର ପ୍ରତିନିଧି ବିଶ୍ୱଭୂଷଣ ମହାପାତ୍ର, ପୂର୍ବତନ ବିଜେପି ନଗର ସଭାପତି କୃଷ୍ଣ ଚନ୍ଦ୍ର ନାୟକ, ଛାତ୍ର ସଂଗଠକ କି.ଲିଙ୍ଗରାଜ ଆଚାରୀ, ରାଧା କୃଷ୍ଣ ବେହେରା, ସଂଜୟ ନାୟକ, ମହିନ ବେହେରା ପ୍ରମୁଖ ବିଜେପି କର୍ମୀ ଉପସ୍ଥିତ ଥିଲେ। ସାଂସଦଙ୍କ ପୁରୁଷୋତ୍ତମପୁର ଗସ୍ତ ଶୁଣି ବଜାରର ବଣିକ ସଂଘ, ଯୁବ ଓ ଛାତ୍ର ବିଜେପି କର୍ମୀ ପ୍ରମୁଖଙ୍କ ସହ, ଶହ ଶହ ଜନସାଧାରଣ ସାଂସଦଙ୍କୁ ମିଶି ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ଆଣିଥିଲେ ।

# ଦୁର୍ଘଟଣାରେ ଜଣେ ମୃତ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିଡିରି ଗ୍ରାମ ନିକଟରେ ରାତି ପ୍ରାୟ ୧୦ ଟା ସମୟରେ ୫୩ନଂ ଜାତୀୟ ରାଜପଥ ଉପରେ ଅଜଣା ଗାଡ଼ି ଧକ୍କାରେ ଜନୈକ ମୃତ୍ୟୁ ବରଣ କରିଥିବା ଜଣାପଡିଛି ।ସୂଚନା ମୁତାବକ ପରଜଙ୍ଗ ଅଞ୍ଚଳରେ ବିଭିନ୍ନ ଅଞ୍ଚଳରୁ ମୁଣ୍ଡା ସମ୍ପ୍ରଦାୟର ଲୋକମାନେ ଆସି ବିଭିନ୍ନ ସ୍ଥାନରେ ମଜୁରୀ କରି ଚଳୁଥିବା ବେଳେ ପିଡିରି ଗ୍ରାମରେ ଦୀର୍ଘ ଦିନ ଧରି ଚକ୍ରା ମୁଣ୍ଡା ନାମକ ବ୍ୟକ୍ତି ରହିଥିଲେ ।ସେ ରାତିରେ ରାସ୍ତା ପାରିହେଉଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିବା ବେଳେ ଚକ୍ରା ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

# ନିମ୍ନମାନର ପୋଲ କାର୍ଯ୍ୟକୁ ନେଇ ଜନଅସନ୍ତୋଷ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଭାଲୁମୁଣ୍ଡା ଛକ ଠାରୁ ଜହ୍ନପଡା, ଡମୋଳ ହୋଇ ସରାଙ୍ଗ ୫୩ନଂ ଜାତୀୟ ରାଜପଥ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ କନ୍ଦରସିଂହା ଶାଖା କେନାଲ ଉପରେ ନିର୍ମାଣ ଧୀନ ଥିବା ପୋଲ କାର୍ଯ୍ୟ ଅତି ନିମ୍ନମାନର ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଥିବା ଜଣାପଡିଛି । ନିର୍ମାଣଧୀନ ପୋଲ କାର୍ଯ୍ୟରେ ନିମ୍ନ ମାନର ଉପକରଣ ବ୍ୟବହାର ହେଉଥିବାରୁ କନ୍ଦରସିଂହାର ବାସିନ୍ଦା ଆସି ଅଭିଯୋଗ କରିଥିଲେ ।ଏପରିକି କୌଣସି ବିଭାଗୀୟ କର୍ମଚାରୀ ନଥାଇ ପୋଲ କାର୍ଯ୍ୟ କରିଚାଲିଛନ୍ତି ।ଏପରି ନିମ୍ନମାନର କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ଯଦି ନସୁଧାରିବେ କିମ୍ବା କାର୍ଯ୍ୟ କରି ଚାଲିବେ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ପ୍ରତିବାଦ ସ୍ୱରୂପ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଆମ୍ବ ତୋଟାରେ ବୃଦ୍ଧାଙ୍କୁ ଦଳି ମାରିଲା ଦନ୍ତା। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା କପିଳାସ ର ଆମ୍ବନାଳି ଗାଁ ନିକଟରେ। ଭାମା ସାହୁ ନାମକ ଜଣେ ବୃଦ୍ଧା ଗାଁ ମୁଣ୍ଡ ଆମ୍ବତୋଟାକୁ ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିଲେ। ହେଲେ ତୋଟା ଭିତରେ ଲୁଚି ରହିଥିବା ଦନ୍ତା ହାତୀ ବିଷୟରେ ଅବଗତ ନଥିଲେ ବୃଦ୍ଧା। ହଠାତ୍ ଦନ୍ତା ତା ଶୁଣ୍ଢରେ ବୃଦ୍ଧାଙ୍କୁ କଚାଡ଼ି ଦେଇ ତାଙ୍କ ମୁଣ୍ଡକୁ ଦଳିଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଛି।

# ପୋଲିସ ପକ୍ଷରୁ ଗାଡି ଚେକିଂ କଡ଼ାକଡ଼ି

ଆଳି, (ଭାସ୍କର ନ୍ୟୁଜ୍): ଆଳି ପୋଲିସ ତରଫରୁ ମଙ୍ଗଳବାର ସନ୍ଧ୍ୟା ସମୟରେ କଟକ ଚାନ୍ଦବାଲି ରାସ୍ତାର ସଂଲଗ୍ନ ଭୂଇଁପୁର ଛକଠାରେ ଗାଡି ଚେକିଙ୍ଗ କଡାକଡି ହେଉଥିବା ନଜରକୁ ଆସିଛି। ଏହି ଧରପଗଡ ଅଭିଯାନରେ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହାନକୁ ପୋଲିସ ଯାଞ୍ଚ କରୁଛି । ଏଥି ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ, ହେଲମେଟ ଚେକିଂ, ଦ୍ରୁତଗତିରେ ଗାଡି ଚାଳନା, ଅଙ୍କାବଙ୍କା ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ଜନସାଧାରଣଙ୍କୁ ସଚେତନ କରି ଆବଶ୍ୟକସ୍ଥଳେ ଅମାନିଆ ମଟର ଚାଳକଙ୍କ ଠାରୁ ଗାଡି ଜବତ କରି ଚାଲାଣ କଟାଯାଉଛି। ଆଜି ଆଳି ପୋଲିସର ଏହିଭଳି କାର୍ଯ୍ୟକ୍ରମକୁ ଆଳି ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିବା ବେଳେ ସମସ୍ତେ ସଚେତନ ହେଲେ ଦୁର୍ଘଟଣା ର ହାର କମିବ ବୋଲି ମତ ପ୍ରକାଶ ପାଇଛି ।

# ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜଳେଶ୍ୱର କଂଗ୍ରେସ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ସ୍ଥାନୀୟ ପୁରୁଣା କୋର୍ଟ ନିକଟରେ ପାଳନ କରାଗଲା।ଉକ୍ତ କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ରାଜୀବ କୁମାର ପରିଡା, ଗିରିଜା ଶଙ୍କର ଦାସ, ସୁଦାମ ଚରଣ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ଏସ.କେ. ଫରିଦ ଅହମଦ ଏବଂ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବିଇଡି ନାମଲେଖା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ମାଲକାନାଗିରି (ଭାସ୍କର ନ୍ୟୁଜ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀ ମାନେ ବିଇଡି ଶିକ୍ଷା ପାଇଁ ବାହାର ଜିଲ୍ଲା ଏବଂ ରାଜ୍ୟ ବାହାରକୁ ଯାଉଛନ୍ତି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁଭବ କରି ୨୦୧୮ ମସିହାରେ ଜିଲ୍ଲାରେ ବିଇଡି କଲେଜ କରିଥିଲେ । କିନ୍ତୁ ୨୦୧୮ ଠାରୁ ଆଜି ପର୍ଯ୍ୟନ୍ତ ନାମଲେଖାଇ ପାରୁ ନାହାଁନ୍ତି ଛାତ୍ର ଛାତ୍ରୀ। ଯାହା ଫଳରେ ଜିଲ୍ଲାର ଆଦିବାସୀ ଯୁବକ ଯୁବତୀ ମାନେ ବାହାର ଜିଲ୍ଲା ତଥା ରାଜ୍ୟ ବାହାର ଉପରେ ନିର୍ଭର କରୁଛନ୍ତି । ଜିଲ୍ଲାର ମାଥ୍ ?ଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ କରାପାଲ୍ଲି ଗ୍ରାମର ଶିକ୍ଷାବିତ୍ ସଦାଶିବ ନାୟକ ଗତକାଲି ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ବିଇଡି ମହା ମହାବିଦ୍ୟାଳୟରେ ତୁରନ୍ତ ନାମ ଲେଖା ଚାଲୁ କରିବା ପାଇଁ ଅଭିଯୋଗ କରିଛନ୍ତି । ଆଦିବାସୀ ଯୁବକ ସଦାଶିବଙ୍କ ଅଭିଯୋଗ ପାଇବା ପରେ ଖୁବ ଶୀଘ୍ର ନାମ ଲେଖା ନେଇ ପ୍ରତିଶୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଏପରି ଖବର ଜାଣିବା ପରେ ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ବିଡିଓ ଭାବେ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଶୁଳିଆପଦ(ଭାସ୍କର ନ୍ୟୁଜ୍): ଶୁଳିଆପଦା ବିଡିଓ ଭାବେ ଅନୁପମା ଘୋଷ ୯.୧୦.୨୩ ରେ ଯୋଗଦାନ କରିଥିଲେ ।ତେବେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ମହଲରେ ସେ ବିବାଦୀୟ ହୋଇ ଯାଇଥିଲେ। ଶେଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ,ଓଡିଶା ସରକାରଙ୍କ ଚିଠି ସଂଖ୍ୟା ୧୨୯୨୪ ଅନୁସାରେ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି ।ତାଙ୍କ ସ୍ଥାନରେ ରାଇଗଡ, ନବରଙ୍ଗପୁର ବିଡିଓ ଲକ୍ଷ୍ମୀ ସାଗର ମାଝୀଙ୍କର ନୂତନ ବିଡିଓ ଭାବେ ଶୁଳିଆପଦା ବ୍ଲକ୍‌କୁ ବଦଳି ହୋଇଛି ।ଶ୍ରୀଯୁକ୍ତ ମାଝୀ ଶୁଳିଆପଦା ବ୍ଲକରେ ଯୋଗଦାନ କରିବା ପର୍ଯ୍ୟନ୍ତ ଶୁଳିଆପଦା ତହସିଲଦାର୍ ନାରାୟନ୍ ହେମ୍ବ୍ରମ ଦାୟିତ୍ୱ ତୁଲାଇବେ। ଜିଲ୍ଲା ପରିଷଦ ମୟୂରଭଞ୍ଜ ର ଚିଠି ସଂଖ୍ୟା ୩୭୭୩ ଅନୁସାରେ ଶ୍ରୀଯୁକ୍ତ ହେମ୍ବ୍ରମ ଆଜି ଶୁଳିଆପଦା ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ଗ୍ରାମର ସଫଳ କୃଷକ ତଥା ବରିଷ୍ଠ ନାଗରିକ ଗୁରୁଚରଣ ପ୍ରଧାନଙ୍କ ମୃତ୍ୟୁରେ ସମଗ୍ର ପଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ନପୂର୍ଣ୍ଣା ସେବା ପରିଷଦର ସଭାପତି ତଥା ସମାଜସେବୀ ନଳିନୀକାନ୍ତ ସ୍ୱାଇଁଙ୍କ ଦ୍ୱାରା ସ୍ମୃତିସଭା ଓ ଭଜନ ସମାରୋହ କରାଯାଇଛି । ଅନୁଷ୍ଠାନର ବିଶିଷ୍ଟ କଳାକାର ଭୋଳାନାଥ ମଲ୍ଲିକ ଅଲେଖ ଚନ୍ଦ୍ର ଜେନା ସୁମନ୍ତ ସେନାପତି ସଂଯୁକ୍ତା ନାୟକ ବିଶ୍ୱରଂଜନ ରାଉତ ରାଜା ମନୋଜ ମଲ୍ଲିକ ରୂପାଲି ସ୍ୱାଇଁ ନମିତା ମଲ୍ଲିକ ଶ୍ୟାମସୁନ୍ଦର ଅଞ୍ଚଳକୁ ଆଧ୍ୟାତ୍ମିକମୟ କରିଥିଲେ ସ୍ମୃତିସଭାରେ ବିଶିଷ୍ଟ ସମାଜସେବୀ ତଥା ଦିଲ୍ଲୀହାଉସ କେଶ ଜଗନ୍ନାଥ ମନ୍ଦିର କମିଟର ପ୍ରାକ୍ତନ ସଭାପତି ବର୍ତ୍ତମାନର ଉପଦେଷ୍ଟା ଜୟରାମ ସାମଲ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ପ୍ରାକ୍ତନ ଅଧକ୍ଷା ଗୀତା ରାଣୀ ସେଠୀ ରାଜ୍ୟ ବିଜେପି କାର୍ଯ୍ୟକାରୀଣି ସଭ୍ୟ ଯୁବନେତା ଲଳିତ ବେହେରା ବାଛରା ସମିତି ସଭ୍ୟା ସୁମିତ୍ରା ସାହୁ ପ୍ରାକ୍ତନ ସରପଞ୍ଚ ସମିର ପ୍ରଧାନ ସମାଜସେବୀ କାହ୍ନୁଚରଣ ସାମଲ ଶିକ୍ଷାବିତ ସଞ୍ଜୟ ସାହୁ ଆଳି ମେଡ଼ିକାଲର ଡଃ ଇନ୍ଦ୍ରଭାନୁ ପ୍ରଧାନ ଚନ୍ଦ୍ରଭାନୁ ପ୍ରଧାନ ଯୁବନେତା ମିଟୁ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକ୍ତନ ସରପଞ୍ଚ ସମିର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅପରେସନ ସିନ୍ଦୂରର ସଫଳତା ନେଇ ପରାକ୍ରମ ଶୋଭାଯାତ୍ରା




କୁଜଙ୍ଗ(ଭାସ୍କର ନ୍ୟୁଜ୍): ଭାରତୀୟ ସେନାର ଅପରେସନ ସିନ୍ଦୂର ସଫଳତା ନେଇ କୁଜଙ୍ଗ ପଞ୍ଚାୟତ ପକ୍ଷରୁ ସରପଞ୍ଚ ବନ୍ଦିତା ଦାସଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିପକ ପ୍ରସାଦ ସ୍ୱାଇଁ,ତହସିଲଦାର ସ୍ୱରୂପ ନନ୍ଦନ ବେହେରା,ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲିପ କୁମାର ବେହେରା,ଜିଲ୍ଲା ବିଜେପି ସମ୍ପାଦକ ତପନ କୁମାର ତ୍ରିପାଠୀ,ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ,ବାଗୋଇ ସରପଞ୍ଚ ପ୍ରଭାଞ୍ଜଳୀ ସେଠୀ,ମଲ୍ଲାସାହି ସରପଞ୍ଚ ଧୃବ ଚରଣ ନାୟକ,କୁଜଙ୍ଗ ପଞ୍ଚାୟତର ସମିତି ସଭ୍ୟା ସସ୍ମିତା ନାୟକ,ମଣ୍ଡଳ ସଭାପତି ରଞ୍ଜନ ବାରିକ,ବିଜେପି ଯୁବନେତା ରାଜେନ୍ଦ୍ର ନାରାୟଣ ଦାସ,ଦୁଷ୍କନ୍ତ ନାଥ ଶର୍ମା ଓ ଅକ୍ଷୟ ଦାସ ପ୍ରମୁଖ ଯୋଗଦେଇ ଭାରତୀୟ ସେନାର ଅସୀମ ଉଦ୍ୟମ ସାହସ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନତା କରିଥିଲେ ।ଏହି ପରାକ୍ରମ ଶୋଭାଯାତ୍ରା କୁଜଙ୍ଗ କଲ୍ୟାଣ ମଣ୍ଡପରୁ ବାହାରି ଜଗନ୍ନାଥପୁର, ବଳରାମପୁର ଓ କୁଜଙ୍ଗ ବଜାର ପରିକ୍ରମା କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଚିରଞ୍ଜିବ ନାୟକ,ପ୍ରଭାସ ରଞ୍ଜନ ଦାସ,ଗିରିଧାରୀ ନାଥ,ମନୋରଞ୍ଜନ ସ୍ୱାଇଁ,ସାରଙ୍ଗ ଧର ବେହେରା,କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ ଓ ପ୍ରତାପ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପଞ୍ଚାୟତର ସମସ୍ତ ଏମବିକେ,ସିଆରପି,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଜେପି କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ପରାକ୍ରମ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଶାହା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ୍ ଅନ୍ତର୍ଗତ କରାତଳି ଗ୍ରାମରେ ଶାହା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ୫ଶହ ଗୁଆଚାରା ରୋପଣ କରାଯାଇଛି । ଶାହା ଚାରିଟେବୁଲ୍ ଟ୍ରଷ୍ଟ ବୋର୍ଡର ମୁଖ୍ୟ ପୁରୋଧା ଜୀବନ ଶାହା ବାବା ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ 'ବୃକ୍ଷ ହିଁ ଆମ ଜୀବନ' ବୋଲି ଜନ ସଚେତନତା ସୃଷ୍ଟି କରାଯାଇଛି । ସର୍ବଶ୍ରୀ ଏ. ଟଙ୍କଧର ରେଡ୍ଡୀ, ଘନଶ୍ୟାମ ମୁଦୁଲି, ରାଜେନ୍ଦ୍ର ନାହକ, କାହ୍ନୁ ଚରଣ ବେହେରା, ସଞ୍ଜୀବ ରେଡ୍ଡୀ, ଏସ୍. ନାଗାରାଓ ରେଡ୍ଡୀ, ଚନ୍ଦ୍ର ଶେଖର ଆଚାର୍ଯ୍ୟ, ଭି. ଜଗା ରାଓ ରେଡ୍ଡୀ, ଲକ୍ଷ୍ମୀ ନାରାୟଣ ରେଡ୍ଡୀଙ୍କ ସମେତ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏହି ମହତ୍ତ୍ୱପୂର୍ଣ୍ଣ ଜନହିତକର କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରି ଜଳଦାନ କରିଛନ୍ତି । ସେମାନେ ଦୈନିକ ବୃକ୍ଷର ସଯତ୍ନ କରିବା ସାଂଗକୁ ଦୈନିକ ଜଳଦାନ କରିବାକୁ ଶପଥ ଗ୍ରହଣ କରିଛନ୍ତି ।




# ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀଙ୍କ ତୈଳ ଚିତ୍ରରେ ଓ ସ୍ଥାନୀୟ ଚର୍ଚ୍ଚିକା ବଜାର ସ୍ଥିତ ରାଜୀବ ଗାନ୍ଧୀ ଶିଶୁ ଉଦ୍ୟାନ ଠାରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ରାଜୀବ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ଜ୍ଞାନ ରଞ୍ଜନ ପୃଷ୍ଟି,ଉମେଶ ସ୍ୱାଇଁ, ଧ୍ୱନୀକାନ୍ତ ମହାରଣା, ସୌମ୍ୟ ରଂଜନ ମହାନ୍ତି, ସୁକାନ୍ତ ମହାପାତ୍ର,ସେଖ୍ ହେଦାୟତ ଅଲ୍ଲୀ, ହିଫଜୁଲ୍ ରହେମାନ, ବସନ୍ତ ଭୋଇ,ଅଜୟ ମହାପାତ୍ର, ପଞ୍ଚାନନ ପାଇଲ, ରମେଶ ବିଶ୍ୱାଳ, ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗଦେଇ ଭାରତରତ୍ନ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।






# ପାର୍କ କାର୍ଯ୍ୟକ୍ଷମ ପାଇଁ ସାଧାରଣରେ ଦାବି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନସ୍ଥ ତହସିର ଗ୍ରାମ ପଞ୍ଚାୟତର ନୂଆପଡା କୁର୍ଲୁପଡା ଗ୍ରାମ ନିକଟସ୍ଥ ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘ ଦିନ ଧରି ପଡିରହିଥିବା ଏମ୍ଏସ୍ଏମ୍ଇ ପାର୍କ କାର୍ଯ୍ୟକ୍ଷମ କରିବାକୁ କେସିଙ୍ଗାବାସୀ ଦାବି ଉଠାଇଛନ୍ତି। କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ନିର୍ମାଣ କରିବା ପାଇଁ ବିଜେଡି ଶାସନ ସମୟରେ ୧୨ କୋଟି ବ୍ୟୟ ଅଟକଳରେ ଏହି ପାର୍କ ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଏ ମଧ୍ୟରେ ୫ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ତୁରନ୍ତ ତାହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ କୁର୍ଲୁପଡା ଗ୍ରାମବାସୀ କେସିଙ୍ଗା ବ୍ଲକ ପରିସରରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୧୯ ତାରିଖ ସୋମବାର ଅଭିଯୋଗ କରିବା ସହ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୯୮୩ ମସିହାରେ କୁର୍ଲୁପଡା ଓ ନୂଆପଡା କୁର୍ଲୁପଡା ଗ୍ରାମର ୧୫୦ଜଣ ଚାଷୀଙ୍କ ଠାରୁ ୧୮୦ ଏକର ଜମି ଜୟପୁରସ୍ଥିତ ସେବା ପେପର ମିଲ କରିବା ପାଇଁ ଇଡକୋ ଜରିଆରେ ଜମି ଅଧିଗ୍ରହଣ କରିଥିଲା। ଗତ ୧୯୮୪ ମସିହାରେ

## ଅର୍ଦ୍ଧନିର୍ମିତ ଅବସ୍ଥାରେ କେସିଙ୍ଗାର ଏମ୍ଏସ୍ଏମ୍ଇ ପାର୍କ

ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଜମି ବିକିଥିବା ଚାଷୀଙ୍କୁ ସେବା ପେପର ମିଲ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଆଜି ହେବ କାଲି ହେବ ବୋଲି ଆଜକୁ ୪୧ ବର୍ଷ ବିତିଯାଇଥିଲେ ମଧ୍ୟ ପେପର ମିଲ ତ ଦୂରର କଥା ସାମାନ୍ୟ ଉଦ୍ୟୋଗଟିଏ ମଧ୍ୟ ହୋଇପାରିଲା ନାହିଁ। ସେବା ପେପର ମିଲର ମାଲିକ ଗତ ୧୯୯୪-୯୫ ମସିହାରେ ଗୁପ୍ତ ଭାବେ ଇଡ୍କୋ ସଂସ୍ଥାକୁ ଏହି ଜମି ବିକ୍ରି କରିଦେଲା। ଚାଷୀମାନେ କୌଣସି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନ ହେବାରୁ ନିଜ ନିଜର ଜମି ଫେରି ପାଇବା ପାଇଁ ଇଡ୍କୋ ନାମରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଚାଷୀଙ୍କୁ ଏକର ପ୍ରତି ମାତ୍ର ୧୫ ହଜାର ଟଙ୍କା ହିସାବରେ ଅର୍ଥ ଦିଆଯାଇଥିଲା। କିନ୍ତୁ ଗତ ୨୦୨୦-୨୧, ୨୨ -୨୩ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଉକ୍ତ ଜମି ଉପରେ ଏକ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ନିର୍ମାଣ କରିବା ପାଇଁ ପ୍ରଥମେ ଜମିର ଚତୁଃପାର୍ଶ୍ୱରେ ବାଡ଼ା ବାବଦକୁ ୨ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରି ବାଡ଼ା ନିର୍ମାଣ କରାଇଥିଲେ। ଉକ୍ତ ଜମି ପରିସରରେ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ପାର୍କ ନିର୍ମାଣ କରିବା ପାଇଁ ପିଚୁରାସ୍ତା, ଡ୍ରେନ ନିର୍ମାଣ ମଧ୍ୟ କରାଯାଇଛି। ତତ୍କାଳୀନ ରାଜ୍ୟ ସରକାରଙ୍କ ଉଦ୍ୟୋଗ ମନ୍ତ୍ରୀ କଳାହାଣ୍ଡି ଜିଲ୍ଲା ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ଖୋଦ୍ ବିଭାଗୀୟ ମନ୍ତ୍ରୀ ଥାଇ ସୁଦ୍ଧା କିଛି ସୁଫଳ ମିଳିଲା ନାହିଁ। ସମୟକ୍ରମେ ବିଜେଡିର ଶାସନ ଚାଲିଯାଇଛି। ମାତ୍ର ଉକ୍ତ ଉଦ୍ୟୋଗ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିଲେ ମଧ୍ୟ ନୂତନ ସରକାର ଏଥି ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏବେ ମଧ୍ୟ କୁର୍ଲୁପଡା ଗ୍ରାମର ୧୫୦ ଜଣ ଚାଷୀ ଜମି ହରାଇ ଆଜିକୁ ୪୧ବର୍ଷ ବିତିଯାଇଥିଲେ ମଧ୍ୟ ଚାତକ ପକ୍ଷୀ ପରି ଅନାଇ ବସିଛନ୍ତି କେବେ କାରଖାନା ବସିବ ଓ ତାଙ୍କ ପିଲାମାନେ ଚାକିରୀ ପାଇବେ। ଏହି ୧୮୦ ଏକର ଜମିରୁ ଗତ ୨୦୦୭-୦୮ ମସିହାରେ କେସିଙ୍ଗା ଏନଏସି ପକ୍ଷରୁ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ୧୨ ଏକର ଜମି ମଧ୍ୟ ଦିଆଯାଇଛି। ବର୍ତ୍ତମାନ ନୂତନ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଉଦ୍ୟୋଗକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ପଲ୍ଲୀସଭା ଓ ଜିଲାପାଳଙ୍କ ଅଭିଯୋଗ ଶିବିରରେ ଅଭିଯୋଗ କରିଛନ୍ତି।

# ଓଏସ୍ଆର୍ଟିସିର ନିୟମିତ ବସ୍ ଚଳାଚଳ ପାଇଁ ଦାବି



କୋକସରା, (ଭାସ୍କର ନ୍ୟୁଜ୍ ) : ଭବାନୀପାଟଣା ସହରରୁ ମାଲକାନଗିରି ଜିଲ୍ଲା ମୋଟୁକୁ ଯାଉଥିବା ଓଏସ୍ଆରଟିସି ବସ କିଛିଦିନ ହେବ କୌଣସି କାରଣ ବଶତଃ ନିୟମିତ ଚାଲୁ ନାହିଁ। ପ୍ରତିଦିନ ବଦଳରେ ଏହି ବସ ଦିନେ ଆସିଲେ ଆର ଦିନକୁ ଆସୁନାହିଁ। ଯାହା ଫଳରେ ଏହି ବସ ଅପେକ୍ଷାରେ ଥିବା ଯାତ୍ରୀ, ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଭବାନୀପାଟଣା ସହରରୁ ସକାଳୁ ବାହାରୁ ଥିବାବେଳେ ଜୁନାଗଡ଼ ଦେଇ ଜାତୀୟ ରାଜପଥରେ କୋକସରା ବ୍ଲକର ମୋଟେର, କୁସୁମଖୁଣ୍ଟି, ଚିଲିଗୁଡା, କୋକସରା, କାଉଡୋଳା, ଆମପାଣି ଦେଇ ନବରଙ୍ଗପୁର ଜିଲ୍ଲାର ଦୈଦଲପୁର, ପାପଡାହାଣ୍ଡି, ନବରଙ୍ଗପୁର ଦେଇ ମାଲକାନଗିରି ଜିଲ୍ଲା ମୋଟୁକୁ ଯାଉଛି। ତେବେ ଦିନ ପରେ ଦିନ ବିତି ଚାଲିଥିବା ବେଳେ ବସ ଯାତ୍ରୀ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ପ୍ରତିଦିନ ବସ ଚଳାଚଳ ହେଉ ନଥିବା କାରଣରୁ ଏହି ବସକୁ ଅପେକ୍ଷା କରି ଲୋକେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଜିଲ୍ଲା ସଦର ମହକୁମାଠାରୁ ବିଭିନ୍ନ ସରକାରୀ, ବେସରକାରୀ କର୍ମଚାରୀ ଏହି ବସ ଉପରେ ନିର୍ଭର କରନ୍ତି। ଗ୍ରୀଷ୍ମ ଋତୁ ଯୋଗୁଁ ସଠିକ ସମୟରେ ଅଫିସ କାର୍ଯ୍ୟାଳୟକୁ ମଧ୍ୟ ଆସିପାରୁ ନଥିବାରୁ ଯାତ୍ରୀ ମାନେ ମଧ୍ୟ ହଇରାଣ ହରକତ ହେଉଥିବା ଦେଖାଯାଇଛି। ତେଣୁ କୋକସରା ବ୍ଲକର ଶତାଧିକ ଯାତ୍ରୀ ଏହି ବସ ନିୟମିତ ଭାବେ ଚାଲିବା ପାଇଁ ଦାବି କରିଛନ୍ତି। ଏନେଇ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗକୁ ପଚାରିବାରୁ ଏ ବିଷୟରେ ଆଲୋଚନା କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଓଏସ୍ଆରଟିସି ବିଭାଗର ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରି ନାହିଁ।

## ସରିଲା ଭୈରବ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# ଲଡୁଗାଁକୁ ହରାଇ ପାଣିଗାଁ ଚାମ୍ପିଅନ୍



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର ସିଉନୀଠାରେ ମା' ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା ଭୈରବ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଲଡୁଗାଁ ଦଳକୁ ହରାଇ ପାଣିଗାଁ ଦଳ ଚାମ୍ପିଅନ୍ ହୋଇଛି। ଲଡୁଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା। ୧୨୨ ରନ୍ ର ବିଜୟ ଲକ୍ଷ ନେଇ ପାଣିଗାଁ ଦଳ ପଡିଆକୁ ଓହ୍ଲାଇଥିବା ବେଳେ ୧୧.୫ ଓଭରରେ ୯ ଉଇକେଟ ବିନିମୟରେ ମ୍ୟାଚ ବିଜେତା ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଆମ୍ପିଆର ଭାବରେ କୁମୁଦ ଚନ୍ଦ୍ର ବେହେରା ଓ ସୁଶାନ୍ତ ସେଠୀ ଖେଳ ପରିଚାଳନା କରିଥିଲେ। ରମେଶ ବାରିକ ଓ ତୁଳସୀରାମ ବାଗ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସିଉନୀ ପ୍ରଧାନ ଶିକ୍ଷକ ଗିରୀଶ ଚନ୍ଦ୍ର ସରାବୁ ମୁଖ୍ୟବକ୍ତା, ପରମେଶ୍ୱର ଧ.ମାଝୀ, ହିମାଚଳ ପୁଝାରୀ, କ୍ଷୀରୋଦ ନାଏକ, ସୁମନ୍ତ କୁମାର ପଣ୍ଡା, ସୁଧୀର ଧ.ମାଝୀ, କୁମୁଦ ଚନ୍ଦ୍ର ସେଠୀ, ସୁନୀଲ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ମଞ୍ଚକୁ ଶିକ୍ଷକ ଇଶ୍ୱରୀ ପ୍ରସାଦ ଅଗସ୍ତି ପରିଚାଳନା କରିଥିବାବେଳେ ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ କମିଟିର କାର୍ତ୍ତିକ ଧ.ମାଝୀ, ଜିତେନ୍ଦ୍ର ନାଏକ, ଅଭିନାଶ ପଣ୍ଡା, ଖଗେଶ୍ୱର ନାଏକ, ସୁମିତ ବେହେରା, ସମୀର ବେହେରା, ଦିପକ ମାଝୀ, ମଣ୍ଟୁ ନାଏକ, ରାହୁଲ ମାଝୀ, ଗଣେଶ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦର୍ପଣ ସାଗର ବଞ୍ଚାଇବା ପାଇଁ ଆଗ୍ନେୟ ଶପଥ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜା ରାଜୁଡା ଅମଳରୁ ଭବାନୀପାଟଣା ସହର ଓ ତାହାର ସମୀପବର୍ତ୍ତୀ ଅଞ୍ଚଳରେ ଥିବା ବହୁ ବିରାଟକାୟ ଜଳାଶୟ ମଧ୍ୟରୁ ଦର୍ପଣ ସାଗର ହେଉଛି ଅନ୍ୟତମ। ଏହା ଜନସାଧାରଣଙ୍କ ପାଇଁ ଏକ ପ୍ରମୁଖ ଜଳ ଉତ୍ସ। ଏହା ଉପରେ ଆଖପାଖ ଅଞ୍ଚଳର ୧୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ବହୁ ପୂର୍ବରୁ କଳାହାଣ୍ଡି ରାଜାଙ୍କ ଦ୍ୱାରା ନିର୍ମିତ ଏହି ଜଳାଶୟ ଭବାନୀପାଟଣାର ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ମାତ୍ର ତାହା ଆଜି ବିଲୁପ୍ତ ହେବାକୁ ବସିଛି। ଏହାର ଶଯ୍ୟାକୁ ଜମି ମାଫିଆମାନେ କବଳିତ କରି ସାରିଲେଣି। ପୂର୍ବରୁ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନକୁ ଏହି ଜଳାଶୟକୁ ସୁରକ୍ଷା ଦେବା ପାଇଁ ନିବେଦନ କରିଥିଲେ। ମାତ୍ର ତାହାର ସୁଫଳ ଏପର୍ଯ୍ୟନ୍ତ ମିଳି ପାରିନାହିଁ। ତେଣୁ ଆଜି ବାଧ୍ୟ ହୋଇ ଶହ ଶହ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ଶ୍ରମଦାନ କରି କଟା ଯାଇଥିବା ଏହି ଜଳାଶୟର ହୁଡ଼ାକୁ ମାଟି ପକାଇ ବନ୍ଦ କରିଥିଲେ। ଦର୍ପଣ ସାଗର ସୁରକ୍ଷା ସଂଗ୍ରାମ ସମିତି, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ, ଜନ୍ମମାଟି ସୁରକ୍ଷା ପରିଷଦ ଆନୁକୁଲ୍ୟରେ ସ୍ଥାନୀୟ ବାସିନ୍ଦା ଓ ଏହି ସବୁ ସଂଗଠନର କର୍ମୀ ମାନେ ୨୦ ତାରିଖ ମଙ୍ଗଳବାର ସକାଳୁ ସେଠାରେ ସମବେତ ହୋଇ ଶ୍ରମଦାନ କରିଥିଲେ। ଏଥିରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ତଥା ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲ୍ଲା ଆବାହକ ଜ୍ୟୋତ୍ସ୍ନା ବରର୍ତ୍ତି, ବେନୁ ଦୁର୍ଗା, ମନ୍ଦାକିନୀ ବାଣୁଆ, ଦର୍ପଣ ସାଗର ସୁରକ୍ଷା ସଂଗ୍ରାମ ସମିତିର ସଭାପତି ସନ୍ତୋଷ ଧଙ୍ଗଡା ମାଝୀ, ଜନ୍ମମାଟି ସୁରକ୍ଷା ସଂଗ୍ରାମସମିତିର ସଭାପତି ବିଜୟ ସାହୁ ଓ ଆବାହକ ଗିରିଧାରୀ ପାତ୍ର, ସୁରେଶ ମାଝୀ, ପ୍ରଦୀପ ନାୟକ, ଯୋଗେଶ୍ୱରୀ ଧଙ୍ଗଡା ମାଝି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ମଙ୍ଗଳବାର ଅପରାହ୍ନରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏହି ଜଳାଶୟ ସମେତ ସହରର ଅନ୍ୟାନ୍ୟ ଜଳାଶୟ ଗୁଡ଼ିକର ସୁରକ୍ଷା ନିମନ୍ତେ ଦାବି ଜଣାଇଥିଲେ।

# ବଢୁଛି ମଶା-ମାଛିଙ୍କ ପ୍ରାଦୁର୍ଭାବ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ଅଞ୍ଚଳରେ ମଶା ମାଛିର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହୋଇଗଲେ ମଶା ମାଛି ପ୍ରକୋପରେ ଲୋକେ ଅତିଷ୍ଠ ହୋଇପଡୁଥିବା ଅଭିଯୋଗ ହୋଇଛି। ବିଶେଷ ଭାବେ ଗ୍ରୀଷ୍ମପ୍ରବାହ ତଥା ଗୁଳିଗୁଳି ଦାଉରୁ ଲୋକେ ରକ୍ଷା ପାଇବାକୁ ଘର ଦାଣ୍ଡ କିମ୍ବା ରାସ୍ତା, ଛକ ଆଦି ସ୍ଥାନରେ ବସିଥାନ୍ତି। ଏପରିକି ଅନେକ ଲୋକ ଘର ବାହାରେ ଶୋଇ ପଡିଥିବା ଦେଖାଯାଏ। ହେଲେ ଚଳିତବର୍ଷ ମଶାଙ୍କ ପ୍ରାଦୁର୍ଭାବ ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ସରକାର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ତଥା ସୁସ୍ଥ ପରିବେଶ ସହ ସୁସ୍ଥ ଜୀବନ ଯାପନ ନେଇ ସ୍ୱଚ୍ଛ ଭାରତ ମିଶନ ଯୋଜନା କରିଛନ୍ତି। ହେଲେ ଯୋଜନା ଗୁଡିକ କେବଳ କାଗଜ କଲମ ଭିତରେ ସୀମିତ ରହିଥିବା ଚର୍ଚ୍ଚା ହେଉଛି। ଏହି ଯୋଜନା ମାଧ୍ୟରେ ନାଳ ନର୍ଦ୍ଦମା, ରାସ୍ତା ଘାଟ ସଫା ସୁତୁରା କରିବା ବ୍ୟବସ୍ଥା ଥିଲେ ହିଁ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ଆଡୁଆଲ ନୀତି ଯୋଗୁଁ ବାଟ ବଣା ସାଜିଛି। ଏହି ମଶା ମାଛି କାମୁଡିବା ଯୋଗୁଁ ଦେହ କୁଣ୍ଡେଇ ହେଉଥିବା ଓ ବିଭିନ୍ନ ଚର୍ମ ରୋଗ ତଥା ମାଲେରିଆ ଭଳି ରୋଗରେ ଶିକାର ସାଜୁଥିବା ଅଭିଯୋଗ ହୋଇଛି। ଧର୍ମଗଡ ଏନ୍ଏସି ଅଧିନ ଅନେକ ୱାର୍ଡରେ ନିର୍ମାଣ ହୋଇଥିବା ଡ୍ରେନ ଗୁଡିକ ମରାମତି ଅଭାବ ସାଙ୍ଗକୁ ଆଣ୍ଠୁଏ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଯାହା ଜମି ରହିଥିବା ପାଣିରେ ମଶା ମାଛିଙ୍କ ବଂଶ ବିସ୍ତାର ହେବାରେ ସହାୟତା ହେଉଛି। ଏନ୍ଏସି ପକ୍ଷରୁ ବ୍ଲିଚିଂ ପାଉଡର ନାଳ ନର୍ଦ୍ଦମାରେ ନିୟନ୍ତ୍ରଣ ଔଷଧ ସିଞ୍ଚନ କରାଗଲେ ହୁଏତ ମଶା ମାଛିଙ୍କ ପ୍ରକୋପରୁ ମୁକୁଳି ହୁଅନ୍ତା ବୋଲି ଅନେକ ୱାର୍ଡବାସୀ ପ୍ରକାଶ କରନ୍ତି। ୱାର୍ଡ ନଂ-୧ ଭୀମଖୋଜ ପଡା ଡ୍ରେନରେ ତମାମ ବର୍ଷସାରା ପାଣି ଜମି ରହିଥିବା ଜଣାପଡ଼ିଛି। ଦୀର୍ଘଦିନରୁ ସଫେଇ ହୋଇ ନ ଥିବା ଓ ନାଳ ମଧ୍ୟରେ ପଚାସଢା ପାଣି ଜମି ଥିବା ଯୋଗୁଁ ପ୍ରବଳ ମଶାମାଛି ବଂଶବିସ୍ତାର କରିଥିବା କୁହାଯାଏ। ହେଲେ ସବୁ ଦେଖି ପ୍ରଶାସନ ଚୁପ ରହିବା ନୀତିକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଉଛି। ଏନ୍ଏସି ପକ୍ଷରୁ ମଶାମାଛିର ପ୍ରକୋପରୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଅଧା ରାସ୍ତାରେ ଯୁବତୀକୁ ଛାଡ଼ି ଯୁବକ ଫେରାର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ବିବାହର ପ୍ରଲୋଭନ ଦେଖାଇ ଯୁବକ ଜଣକ ୧୫ଦିନ ନିଜ ପାଖରେ ରଖି ଶେଷରେ ରାସ୍ତାରେ ଛାଡି ଯୁବତୀକୁ ଫେରାର ମାରିବା ଭଳି ଘଟଣା ସାମ୍ନାକୁ ଆସିଛି। ସୂଚନା ମତେ ଧର୍ମଗଡ଼ ଥାନା ଅନ୍ତର୍ଗତ ପର୍ଲା ପଞ୍ଚାୟତ-ସେମେଲା ଗ୍ରାମରେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଗ୍ରାମର ଜ୍ୟୋତିଷ ସାହୁ (ଗୌର) (୨୫)ନାମକ ଯୁବକ ସେହି ଗାଁର (୧୯)ବର୍ଷୀୟ ଯୁବତୀଙ୍କ ସହ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କରେ ରହି ଆସୁଥିଲା। ତେବେ ପରସ୍ପର ମଧ୍ୟରେ ଏହି ପ୍ରେମକୁ ବିବାହ ବନ୍ଧନ ଭିତରେ ବାନ୍ଧିବାକୁ ଦୁହେଁ ନିଷ୍ପତି ନେଇଥିଲେ। ତେବେ ଭିନ୍ନ ଭିନ୍ନ ଜାତିର ହୋଇଥିବା ଯୋଗୁଁ ଦୁହିଁଙ୍କୁ ସମାଜ ସ୍ୱୀକୃତି ନ ଦେବା ଭୟରେ ଗତ ୭ତାରିଖ ଦିନ ଯୁବତୀକୁ ଧରି ଜ୍ୟୋତିଷ ଭଗେଇ ନେଇଥିଲା। ଯୁବତୀଙ୍କ ପରିବାର ବହୁ ଖୋଜାଖୋଜି କରିଥିଲେ ବି ଉଭୟଙ୍କ ସନ୍ଧାନ ନ ପାଇ ଶେଷରେ ୮ତାରିଖ ଦିନ ଧର୍ମଗଡ ଥାନାରେ ଅଭିଯୋଗ କରିଥିଲେ। ତେବେ ନିଖୋଜର ୧୪ଦିନ ପରେ ଯୁବତୀକୁ ଧରି ଯୁବକ ନିଜ ଗାଁକୁ ଆସିବାକୁ କହିଥିଲା। ହେଲେ ମଙ୍ଗଳବାର ରାତି ଆସିବା ବାଟରେ ଛତିଶଗଡ଼-ସାଗୁନଭାଣି ମୁଖ୍ୟ ରାସ୍ତାରେ ଯୁବତୀଙ୍କୁ ଛାଡି ଫେରାର ହୋଇଯାଇଥିଲେ। ବହୁ ସମୟ ଧରି ଯୁବତୀ ଜଣକ ଯୁବକକୁ ଅପେକ୍ଷା କରି ରହିଥିଲା। ଶେଷରେ ଯୁବକ ନ ଆସିବାରୁ ଯୁବତୀ ଜଣକ ବୁଧବାର ଦିନ ଧର୍ମଗଡ ଥାନାରେ ଅଭିଯୋଗ କରିଛି। ଯୁବତୀଙ୍କ ବୟାନ ଅନୁଯାୟୀ ୧୨ତାରିଖ ଦିନ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ଏକ ଶିବ ମନ୍ଦିରରେ ଉଭୟେ ବିବାହ କରିଥିବା ଧର୍ମଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାହଟସ କହିଛନ୍ତି।

# ବେହେରାପୋଲକୁ ବ୍ଲାକସ୍ପଟ ଘୋଷଣା ଦାବି



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ନିକଟସ୍ଥ ବେହେରାପୋଲ। ଏହି ପୋଲ ଓ ବୁଲାଣି ଏବେ ପାଲଟିଛି ମରଣଯନ୍ତା। ପ୍ରତିଦିନ ଏହି ପୋଲରେ ଘଟୁଛି ଦୁର୍ଘଟଣା। ବ୍ୟାପକ ଧନଜୀବନ ବି ହାନୀ ହେଉଛି। ଏମିତି କେଉଁଦିନ ନାହିଁ, ଯେଉଁଦିନ ଏହି ପୋଲରେ ଦୁର୍ଘଟଣା ଘଟିନାହିଁ। ତେବେ ଦୀର୍ଘବର୍ଷ ହେଲା ଏହି ବିପଜ୍ଜନକ ଧାରା ଜାରି ରହିଥିବାବେଳେ ସତେ ଯେମିତି କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ନିକଟରେ ଏହାର ଖବର ନାହିଁ। ଏହି ରାସ୍ତା ଓ ପୋଲ ନିର୍ମାଣରେ ଡିଜାଇନିଂ ତ୍ରୁଟି ଥିବା ତଥା ହଠାତ ବୁଲାଣି ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏପରିକି ଏହି ତ୍ରୁଟି ସୁଧାରିବା, ବୁଲାଣି ରାସ୍ତାକୁ ସିଧା କରିବା, ବେହେରା ପୋଲ ଉଭୟ ପାର୍ଶ୍ୱରେ ସ୍ପିଡ଼ବ୍ରେକର ସ୍ଥାପନ କରିବା, ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ସତର୍କ ସୂଚନା ଦେବା, ବ୍ଲାକସ୍ପଟ ଭାବେ ଘୋଷଣା କରିବା ନେଇ ଦୀର୍ଘଦିନ ହେଲା ଦାବି ହେଉଥିବାବେଳେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପୂର୍ତ୍ତ ବିଭାଗ ଏଥିପ୍ରତି କୌଣସି ଠୋସ ପଦକ୍ଷେପ ନେଇନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଟ୍ରକ, ଟ୍ରଲର ଆଦି ଭାରୀଯାନଗୁଡିକ ପ୍ରତି ମୁହୂର୍ତ୍ତରେ ବିପଜ୍ଜନକ ସ୍ଥିତିର ସାମ୍ନା କରୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଦୁର୍ଘଟଣା ସଂଖ୍ୟା ବଢିଚାଲିଥିବାବେଳେ ଏଥିପ୍ରତି କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।


# ଉଦ୍‌ଘାଟନ ହୋଇପାରୁନି ଆର୍ଆଇ କାର୍ଯ୍ୟାଳୟ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ କିର୍କାକାନି ସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏକ ଅସ୍ଥାୟୀ ଭାବେ ସରକାରୀ ବିଦ୍ୟାଳୟରେ ଦୀର୍ଘଦିନରୁ ଚାଲି ଆସୁଛି। ଏହାକୁ ନଜରରେ ରଖି ଗତ ୨ବର୍ଷ ତଳେ ସରକାରୀ ଅର୍ଥରୁ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇ ସାରିଛି। ନିର୍ମାଣ ଶେଷ ହେବାପରେ ଠିକାଦାର ବିଭାଗକୁ ହସ୍ତାନ୍ତର କରିସାରିଛି। ହେଲେ ନିର୍ମାଣ ର ୨ବର୍ଷ ବିତିଯାଇଥିଲେ ହିଁ ଉଦଘାଟନ ହୋଇ ପାରି ନ ଥିବା ନେଇ ଏବେ ଅଞ୍ଚଳରେ ସମାଲୋଚନା ଜୋର ଧରିଛି। ଅସ୍ଥାୟୀ କାର୍ଯ୍ୟାଳୟ ରେ ସାଧାରଣ ଭାବେ ଲୋକେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ନଜର ରହିଛି। ଏପରିକି କାର୍ଯ୍ୟାଳୟ ନିଯୁକ୍ତି କର୍ମଚାରୀ ମଧ୍ୟ ନାହିଁ ନଥିବା ଅସୁବିଧା ଭିତରେ କାମ କରୁଥିବା ଦେଖାଯାଏ। ହେଲେ ଅସନ୍ତୁଳତା ଭିତରେ କର୍ମଚାରୀ କାମ କରୁଥିବା ଅନ୍ୟପଟେ ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତର ନ ହେବା ଘଟଣା - ସାଧାରଣ ଭାବେ ଆଲୋଚନା ହେଉଛି। ସରକାର ବଦଳିବା ସହିତ ଅନେକ ସରକାରୀ କାର୍ଯ୍ୟାଳୟର ରଙ୍ଗ ବଦଳିଛି। ଏ ଦୃଷ୍ଟିରୁ ନିର୍ମାଣ କାର୍ଯ୍ୟାଳୟଟି ପୂର୍ବ ସରକାରୀ ରଙ୍ଗ ରହିଥିବା ଏଯାଏଁ ବଦଳି ନ ଥିବା ମୁଖ୍ୟ କାରଣ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏନେଇ ଧର୍ମଗଡ ତହସିଲଦାର ସଞ୍ଜୟ କୁମାର ସାମନ୍ତରାଙ୍କୁ ପଚାରିବାରୁ କିର୍କାକାନି ରାଜସ୍ୱ ନିରକ୍ଷକଙ୍କୁ ୭ଦିନ ମଧ୍ୟରେ ନୂତନ କାର୍ଯ୍ୟାଳୟରେ ସ୍ଥାନାନ୍ତର ହେବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି।

# ରାଶିଫଳ

ଗୁରୁବାର, ୨୨ ମଇ ୨୦୨୫



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ।




**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ।




**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।



**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯